# ମୃଗତୃଷ୍ଣା

ଶ୍ରୀ କୃଷ୍ଣ ପ୍ରସାଦ ମିଶ୍ର, ଏମ୍. ଏ., ଏଲ୍.ଏଲ୍. ବି.

୦
୨୨୮

[illegible]

ପ୍ରକାଶକ—
ଶ୍ରୀ ଅନନ୍ତ ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର, କଟକ—୨

ପ୍ରଥମ ମୁଦ୍ରଣ
୧୯୫୮

ମୁଦ୍ରାକର—
ପ୍ରସାଦ ପ୍ରେସ,
କଟକ—୨

ମୂଲ୍ୟ ଟ ୩ ୲
( ତିନ ଟଙ୍କା )

# ଭୂମିକା

ପ୍ରତ୍ୟେକ ପରିଣତି କେତେଗୁଡ଼ିଏ କାରଣ ଯୋଗୁ ସମ୍ଭବ ହୋଇଥାଏ । ମୃଗତୃଷ୍ଣା ଏକ ପରିଣତି । ସମସ୍ତଙ୍କ ପାଇଁ ସଂସାର ମୃଗତୃଷ୍ଣା ନୁହେଁ । ମାନବର ଆନ୍ତରିକ ବାସନା, ପରିସ୍ଥିତି, କର୍ମଫଳ, ଅନୁଚିତ ଉଦ୍ୟମ ଓ ତ୍ରୁଟିପୂର୍ଣ୍ଣ ଚରିତ୍ର ସବୁ ମିଶି ମୃଗତୃଷ୍ଣା ସୃଷ୍ଟି କରନ୍ତି । ବାସ୍ତବ ବୋଲି ପ୍ରତୀତ ଦେଉଥିବା ବସ୍ତୁ ଯେତେବେଳେ 'କିଛିନୁହେଁ'ରେ ପରିଣତ ହୁଏ, ସେତେବେଳେ ମୁଣ୍ଡ ଉପରେ ଦୁଃଖର ଆକାଶ ଛିଡ଼ିପଡ଼େ, ହୃଦୟ ଶତଧା ବିଦୀର୍ଣ୍ଣ ହୋଇ ଯିବା ପରି ମନେ ହୁଏ ।

ସଂସାରର ଏହି ସ୍ୱରୂପକୁ 'ମୃଗତୃଷ୍ଣା' ଉପନ୍ୟାସରେ ଚିତ୍ରଣ କରାଯାଇଛି । ଘଟଣା, କଥୋପକଥନ, ଚରିତ୍ର ସବୁ କାଳ୍ପନିକ । କଥାରେ ବାସ୍ତବତା ଆଣିବାପାଇଁ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ପୃଷ୍ଠଭୂମିକା ରୂପେ ନିଆଯାଇଛି ।

ମୋ ଉପରେ ବହୁ ଆଶା ରଖିଥିବା ମୋର ପରମପୂଜ୍ୟ ବାପା ଶ୍ରୀଯୁକ୍ତ କପିଳ ମିଶ୍ର ଉପନ୍ୟାସ ଅସମ୍ପୂର୍ଣ୍ଣ ଥିବାବେଳେ ହଠାତ୍ ବୈକୁଣ୍ଠବାସୀ ହୋଇଗଲେ । ସବୁବେଳେ ଶ୍ରୀରାମ, ଶ୍ରୀକୃଷ୍ଣଙ୍କ ଉପାଖ୍ୟାନ ପଢୁଥିବା ବାପା ମୋ ଲିପିକାରିଁ ଦେଖିବାପାଇଁ 'ମୃଗତୃଷ୍ଣା' ଉପନ୍ୟାସ ହେଲେ ମଧ୍ୟ, ତାକୁ ପଢ଼ିବେ ବୋଲି ଆନନ୍ଦରେ ରାଜି ହୋଇଥିଲେ । ତାଙ୍କର ପୁଣ୍ୟ ସ୍ମୃତି ଓ ଆଶୀର୍ବାଦ ମୋତେ ଅନ୍ଧକାରରୁ ଆଲୋକକୁ ନେଉ ।

**ତାଙ୍କର ଉଦ୍ଦେଶ୍ୟରେ 'ମୃଗତୃଷ୍ଣା' ଉତ୍ସର୍ଗୀତ ହେଲା ।**

ବିଜୟାଦଶମୀ
ତା ୨୧-୧୦-୮

ଶ୍ରୀ କୃଷ୍ଣ ପ୍ରସାଦ ମିଶ୍ର

## ଲଜ୍‌ପତ୍ ହଷ୍ଟେଲ କୋଉଠା କି ?

ଦିନ ଦୁଇଟା ହେବ । ଜୁଲାଇ ଦଶ ତାରିଖ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ବି. ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କେତେଜଣ ଓଡ଼ିଆ ଯୁବକ ବନାରସ୍ ଆସିଥାନ୍ତି ଏମ୍. ଏ. ପଢ଼ିବା ପାଇଁ । ଦୂନ୍ ଏକସ୍‌ପ୍ରେସ୍‌ରୁ ଦିନ ଗୋଟାକ ବେଳେ ବନାରସ୍ କ୍ୟାଣ୍ଟନମେଣ୍ଟରେ ଓହ୍ଲାଇ ବହୁ ଉତ୍ସାହ, ଆଶା, ଅଭିଳାଷ ନେଇ ସେମାନେ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରାଙ୍ଗଣରେ ପହଞ୍ଚିବା ପରେ ଲଜ୍‌ପତ୍ ହଷ୍ଟେଲ ଖୋଜି ପାଇବା ସେମାନଙ୍କ ପକ୍ଷେ ସମସ୍ୟା ହୋଇଉଠିଲା ।

ଲଜ୍‌ପତ୍ ହଷ୍ଟେଲ କେଉଁଠି କି ? ସେମାନେ ବ୍ରୋଚା, ରାଧାକ୍ରିଷ୍ଣନ୍, ଗୁର୍ଟୁ, ରାଜପୁତାନା ସବୁ ହଷ୍ଟେଲଠି ପଚାରି ପଚାରି ନୟାନ୍ତ ହୋଇସାରିଲେଣି । ଠିକ୍‌କରି କେହି କହି ପାରୁ ନଥାନ୍ତି । ବିଶ୍ୱବିଦ୍ୟାଳୟର ଯୁବକ କେହି ମିଳିଗଲେ ହଷ୍ଟେଲ ଠିକଣା ମିଳିଯାଇଥାନ୍ତା । ରିକ୍‌ସାବାଲା ନୂଆ ହେଲୁ ସେ ବି କହି ପାରୁନି ।

ଉତ୍ତରଭାରତର ଖରା, ଭୀଷଣଗରମସତ୍ତ୍ୱେ ଝାଳ କି ବୋହିବା ସେମାନେ ନୂଆକରି ଅନୁଭବ କରୁଥାନ୍ତି । ଟ୍ରେନ୍‌ର କୋଇଲାଗୁଣ୍ଡ, ଦୀର୍ଘ ତେରଘଣ୍ଟାର ଉପବାସ, ରାତିଜାଗରଣ, ଉକଣ୍ଠା ସବୁ ମିଶି ଛ'ଶ ମାଇଲ ଧରି ରହି ଆସିଥିବା ଉଗ୍ର ଉତ୍ସାହକୁ ମଧ୍ୟ

ଅଣ୍ଡା କରିଦେଉଥାଏ । ଅନେକ ତ କାଶୀ ଆସି ଭୁଲ କଲେ ବୋଲି ଭାବୁଥାନ୍ତି । ରେଭେନ୍‌ସା କଲେଜରେ ପଢ଼ିଥିଲେ ଭଲ ହୋଇଥାନ୍ତା ପରା ! ଆଗ ପଛ ହୋଇ ଛ'ଟି ସାଇକେଲ ରିକ୍‌ସାରେ ଛ ଜଣ ଯୁବକ, ଏକା କଲେଜରୁ ଆସିଥାନ୍ତି । ପ୍ରାଙ୍ଗଣ ରାସ୍ତାରେ ରିକ୍‌ସାଗୁଡ଼ିକ ଧୀରେ ଧୀରେ ଯାଉଥାଏ । ବୁଲି ବୁଲି ରିକ୍‌ସାବାଲା ବି ପରିଶ୍ରାନ୍ତ ।

ଆଗ ରିକ୍‌ସାରୁ ସୁଶାନ୍ତ ହଠାତ୍ ଅଟକାଇ ହାଇବ୍ଲଲ୍ ପିଛି ବୁଲି ଯାଉଥିବା ଦୁଇଜଣ ଯୁବତୀଙ୍କୁ ପଚାରିଲେ—ଲଜ୍‌ପତ୍ ହଷ୍ଟେଲ କେଉଁଠା କହି ପାରିବେ କି ?

ରାସ୍ତା କଡ଼େ କଡ଼େ ସଘନ ସହକାର ଧାଡ଼ି—ଫଳଭାରରେ ସମୃଦ୍ଧ ଓ ସୁନ୍ଦର ଦିଶୁଥାନ୍ତି । ରାସ୍ତାର ଦକ୍ଷିଣ ଦିଗକୁ ରାସ୍ତାକୁ ଲାଗି ବିସ୍ତୃତ ଖେଳପଡ଼ିଆ, ଉତ୍ତରକୁ କିଛି ଦୂର ଛାଡ଼ି ହଷ୍ଟେଲଗୁଡ଼ିକ । ଭବ୍ୟ, ବିଶାଳ···ଭାରତୀୟ ଶିଳ୍ପକଳାନୁଯାୟୀ ନିର୍ମିତହୋଇ ଗମ୍ଭୀର୍ୟ୍ୟାନ୍ ଦିଶୁଥାନ୍ତି ହଷ୍ଟେଲସମୂହ; ବାରଣ୍ଡାରେ ଜନ-ପ୍ରାଣୀ ଦେଖାଯାଉ ନ ଥିଲେ, କୌଣସି ସ୍ୱରଶବ୍ଦ ଆସୁ ନ ଥିଲା । ଯେପରି ନିବିଡ଼ ନିକାଞ୍ଚନତା ସମଗ୍ର ବିଶ୍ୱବିଦ୍ୟାଳୟକୁ ଗ୍ରାସକରିଛି । ଛାତ୍ରମାନେ ଆସି ନଥାନ୍ତି । ସିଙ୍ଗଲ୍ ସିଟ୍ ପାଇବେ ବୋଲି ଆଶା କରି କିଛିଦିନ ଆଗରୁ ଓଡ଼ିଶାରୁ ଏଇ କେତୋଟି ଛାତ୍ର ଆସି ଯାଇଥାନ୍ତି । ହୃଦୟରେ କାମନା ଥାଏ—ସିଙ୍ଗଲ୍ ସିଟ୍ ପାଇବେ, ଭଲକରି ପଢ଼ିବେ, ଓଡ଼ିଶାର ନାଁ ରଖିବେ !

ଲଜ୍‌ପତ୍ ହଷ୍ଟେଲ ? ଯୁବତୀ ଦୁଇଜଣଙ୍କ ମଧ୍ୟରୁ ଜଣେ ଆଶ୍ଚର୍ଯ୍ୟ ହୋଇ ସୁଶାନ୍ତଙ୍କୁ ପଚାରିଲେ । ଲଜ୍‌ପତ୍ ହଷ୍ଟେଲ ଖୋଜୁଛନ୍ତି ? ଆପଣ ତ ପଛରେ ଛାଡ଼ି ଆସିଲେ । ଫେରିଯାନ୍ତୁ

ରାସ୍ତା ମୋଡ଼ ପାଖରେ ଯେଉଁ ବଡ଼ କୋଠାଟା ଅଛି, ବୃତ୍ତାକାର ଫାଟେରା, ଗେଟ୍ ପାଖରେ ଦରଓ୍ବାନ୍, ସେଇଟାଇ ଲଜ୍‌ପତ୍ ହଷ୍ଟେଲ ।

ବହୁତ ଧନ୍ୟବାଦ ! ଏ ରିକ୍ସା, ପଛକୁ ବୁଲ, ରାସ୍ତା ମୋଡ଼ ପାଖରେ ହଷ୍ଟେଲକୁ ଛୁଡ଼ ଆସିଲେଣି ।

• ରିକ୍ସାଗୁଡ଼ିକ ହଷ୍ଟେଲ ଆଡ଼କୁ ଯାଉଥିବାବେଳେ ପିଛ ରିକ୍ସାରୁ ଧୂମକେତୁ ପାଟିକଲା—ସୁଶାନ୍ତ ! ବିଶ୍ୱବିଦ୍ୟାଳୟ ମନ୍ଦ ଜାଗା ନୁହେଁ । ଜୀବନଟା ଦୁଇବର୍ଷ ବେଶ୍ କଟିବ ଜଣାପଡ଼ୁଛି । ଶୁଭାରମ୍ଭ ! ପ୍ରଥମ ଦିନଇ ବିଶ୍ୱବିଦ୍ୟାଳୟରେ ଗୋଡ଼ ଦେଇ ଦେଇ ଉର୍ବଶୀ ଓ ମେନକା ଦୁହିଁଙ୍କ ଦର୍ଶନ···ଓଡ଼ିଶା ଛୁଡ଼ ଆସି ଜୀବନ ସାର୍ଥକ ହେଲା ।

ମଝି ରିକ୍ସାରୁ ମୀନକେତନ ପ୍ରତିବାଦ କଲା—ଉର୍ବଶୀ ଓ ଓ ମେନକା ନୁହନ୍ତି ଧୂମ, ଆଗ୍ରା ଗାର୍ଡନର ଓ ଗ୍ରେସ୍‌କେଲି ।

ପ୍ରିୟମ୍ବଦ ମୀନକେତନ କଥାରେ ଗମ୍ଭୀର ହୋଇଗଲା—ସେ ସବୁ ଏଠି ଚଳିବନି । ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଛାତ୍ରମାନଙ୍କର ଚରିତ୍ର ପ୍ରତି ଗୁରୁତ୍ୱ ଦିଆହୁଏ ।

ରାସ୍ତା ପାଖର ମୋଡ଼ ଉପରେ—

ଫାଟକ ମେଲା ଥିଲା । କିଛି ଦୂରରେ ଦରଓ୍ବାନଟି ଅନ୍ୟ ଜଣେ ଲୋକ ସହ କଥାବାର୍ତ୍ତାରେ ବ୍ୟସ୍ତ । ଫାଟକଠୁ ଅଳ୍ପ ଦୂରରେ ଗୋଟିଏ ଘରଟିଏ । ଘର ଭିତରେ ଦୁଇଜଣ ଛାତ୍ରୀଙ୍କ ସହ କେତେଜଣ ଯୁବକଗୁଡ଼ି ଆଳାପମଗ୍ନ ଥିଲେ । ରିକ୍ସାଗୁଡ଼ିକ ଦରଓ୍ବାନକୁ କଟାଇ ଦ୍ରୁତବେଗରେ ଫାଟକ ଦେଇ କୋଠାର

ହତା ଭିତରକୁ ପ୍ରବେଶ କଲା । ଦରଓ୍ୱାନ ରିକ୍‌ସାଗୁଡ଼ିକୁ ଅଭ୍ୟାସ ଯୋଗୁଁ ବାଟଦେବା ସଙ୍ଗେ ସଙ୍ଗେ ରିକ୍‌ସାରେ ବସିଥିବା ଛାତ୍ରମାନଙ୍କୁ ସଲାମ୍ ମଧ୍ୟ ଠୁକିଲା । ରିକ୍‌ସାଗୁଡ଼ିକ ଭିତରକୁ ଯାଉଛି, ଦରଓ୍ୱାନ ନିଜର ଭୁଲ ବୁଝି ପାରିଲା ।

ବାବୁଜୀ ! ବାବୁଜୀ ! ! ଓ ରିକ୍‌ସା ରୋକୋ, ୟେ ଲେଡିଜ୍ ହଷ୍ଟେଲ ହୈ ।

ରିକ୍‌ସାଗୁଡ଼ିକ ବିଲ୍‌ଡିଂର ପୋର୍ଟିକୋ ପାଖକୁ ଯାଇ ସାରିଥିଲେ । ହଷ୍ଟେଲ ଆଗରେ ଘାସର ଲନ୍...ଦାଡ଼େ ଦାଡ଼େ ଫୁଲଗଛ ।

ରିକ୍‌ସା ଲାଗିବା ସଙ୍ଗେ ସଙ୍ଗେ ଦଶ ବାର ଜଣ ଝିଅ ବାନ୍ଧବୀମାନଙ୍କୁ ଦୀର୍ଘ ଗ୍ରୀଷ୍ମାବକାଶ ପରେ ଦେଖିବା ପାଇଁ ରୁଣ୍ଡ ହୋଇଗଲେ । ଧୂମକେତୁ ରିକ୍‌ସା ରହିବା ସଙ୍ଗେ ସଙ୍ଗେ ଓହ୍ଲାଇ ପଡ଼ି ପାହାଚ ଚଢ଼ି ଉପରକୁ ଯିବାର ଉପକ୍ରମ କରିବାବେଳେ ପଛରୁ ଦରଓ୍ୱାନର ତୀବ୍ର ସ୍ୱର ଶୁଣାଗଲା—

ବାବୁ, ରୋକୋ, ୟେ ଲେଡିଜ୍ ହଷ୍ଟେଲ ହୈ ।

ଏତେଜଣ ଯୁବକ ଛାତ୍ରଙ୍କୁ ହଷ୍ଟେଲ ଭିତରେ ଦେଖି ପ୍ରଥମେ ଟି ଛାତ୍ରୀଗୁଡ଼ିକ ଅପ୍ରତିଭ ହୋଇଗଲେ; କିନ୍ତୁ ପରେ ଘଟଣା କଣ ବୁଝିପାରି ଓ ଦରଓ୍ୱାନର ଦୟନୀୟ ହାବଭାବ ଦେଖି ସେମାନେ ହସିବାରେ ଲାଗିଗଲେ । ଜଣେ କେହି ତାର ସଙ୍ଗିନୀକୁ ଉଚ୍ଚସ୍ୱରରେ କହିଲା—ବାନ୍ଧବୀମାନଙ୍କୁ ପାଛୋଟି ଆଣ, ଆଲୋ ସୁଶୀଳା କମନ୍‌ରୁମ ସଫା ହୋଇଛି ତ—

ଏବେ ଆଗରୁ ଆସିବା ସତ୍ତ୍ୱେ ହଷ୍ଟେଲରେ ସିଙ୍ଗଲ୍ ସିଟ୍ ମିଳିବା କଷ୍ଟ ହେଲା । ଓ୍ୟାର୍ଡେନଙ୍କୁ କହି ଅସ୍ଥାୟୀଭାବେ ସେମାନେ ଉପର ମହଲାରେ ତିନୋଟି ଘରରେ ରହିଲେ । ଫିସ୍ ଦାଖଲ ପରେ ଘର ନିର୍ଧାର୍ଯ୍ୟ ହେବ । ସମସ୍ତଙ୍କର ଡବଲ ସିଟ୍ ପାଇବାରେ ବିଶେଷ ସମ୍ଭାବନା ଥାଏ । ସମସ୍ତେ ଯେଝା କାମରେ ଦଉଡ଼ାଦଉଡ଼ି କରୁଥାନ୍ତି । ଏକା ଧୂମକେତୁ ସୁଶାନ୍ତ ରହିବା ଘରେ ଶୋଇ ଶୋଇ ସିଗାରେଟ୍ ମୁଣ୍ଡାରେ ଘର ଭର୍ତ୍ତି କରୁଥାଏ । ବନାରସକୁ ଆସିବା ଦିନଠୁ ସେ ଚିନ୍ତିତ ରହୁଥିଲା; ତାର ସ୍ୱଭାବସୁଲଭ ଚପଳତା ତା'ଠି ନ ଦେଖି କେହି କାରଣ ପଚାରିଲେ 'ଘର ମନେ ପଡ଼ୁଛି' କହି ସେ କଥାକୁ ବାଁରେଇ ଦେଉଥାଏ । ଡବଲସିଟେଡ୍ ରୁମ୍ ମିଳିବା ନିଶ୍ଚିନ୍ତ ଥିଲା, ତେଣୁ ସେ ହଷ୍ଟେଲ୍‌ରେ ଜାଗା ପାଇବା ବିଷୟରେ ଚିନ୍ତିତ ନ ଥିଲା । ଆଉ ତାର ସିଙ୍ଗଲ୍ ସିଟ୍ ପ୍ରୟୋଜନ ମଧ୍ୟ ନ ଥିଲା । ତିନିଟା ବାଜିଲେ ମ୍ୟାଟିନି ସୋ ଯାଇ, ରାତି ନଅଟା ଦଶଟାରେ ହଷ୍ଟେଲକୁ ଫେରିବା ତାର ଦୈନନ୍ଦିନ କାର୍ଯ୍ୟ ଥିଲା । ବାକି ସମୟରେ ଫିଲମ୍ ଇଣ୍ଡିଆ ଓଲଟାଇବା ବା ଭାବିବାରେ ସେ ସମୟ କଟାଇ ଦେଉଥିଲା । ସୁଶାନ୍ତ ତା. ଦାୟିତ୍ୱହୀନ ମନୋଭାବ ଓ କାର୍ଯ୍ୟକଳାପ ଦେଖି ମନେ ମନେ ବିରକ୍ତ ହେଉଥାଏ; କିନ୍ତୁ ବନ୍ଧୁ ବୋଲି କିଛି କହି ବି ପାରୁ ନ ଥାଏ । ବ୍ୟକ୍ତିଗତ କାରଣ ଯୋଗୁ ଧୂମକେତୁ ଚିନ୍ତିତ ରହୁଛି ଭାବି ବରଂ ସେ ବେଳେ ବେଳେ ତାକୁ ସାନ୍ତ୍ୱନା ଓ ଉତ୍ସାହ ଦେଉଥାଏ ।

ଧୂମକେତୁ କଲ୍ଲେସ୍ୱାଚନ୍ଦ୍ରମନ୍ଦିରରେ 'ସାହାଜହାଁ' ଦେଖିବା ପାଇଁ ମ୍ୟାଟିନି ସୋ ଯାଇଥାଏ । ସାଢ଼େ ପାଞ୍ଚଟା ଅନେକ ବେଳୁ ବାଜସାରିଛି । ସୁଶାନ୍ତ ବହି ପଢ଼ା ବନ୍ଦ କରି ସିଙ୍ଗଲ୍ ସିଟ୍ ପାଇଁ ଓ୍ୱାର୍ଡ଼େନଙ୍କ ପାଖକୁ ଯାଇ ଶେଷଚେଷ୍ଟା କରିବ ବୋଲି ଠିକ୍ କଲା । ଦରଖାସ୍ତ ଦେଇ, କରିମା ସହିତ କଥାବାର୍ତ୍ତା ହୋଇ କିଛି ଫଳ ନ ହେବାରୁ ସେ ବ୍ୟକ୍ତିଗତ ସାକ୍ଷାତରେ କିଛି ହୋଇଯାଇ ପାରେ ଭାବି ଜଲ୍ଦି ଜଲ୍ଦି ଲୁଗା ବଦଳାଇ, ଘରେ ଚାବି ପକାଇ ଓ୍ୱାର୍ଡ଼େନଙ୍କ ପାଖକୁ ବାହାରିଲା । ପ୍ରିୟମ୍ବଦ ଦର୍ଶନ ପ୍ରସ୍‌ପେକ୍ଟସ୍‌ଟା ଓ୍ୱାର୍ଡ଼େନ ସାହେବଙ୍କଠୁ ଆଣିବା ପାଇଁ ମଧ୍ୟ ଅନୁରୋଧ କରିଥିଲା ।

ଦର୍ଶନବିଭାଗର ଅଧ୍ୟାପକ ଜୟଶଙ୍କର ଭରଦ୍ୱାଜ ଲଜ୍‌ପତ୍ ହଷ୍ଟେଲ୍ 'ବି' ଓ୍ୱାର୍ଡ଼ର ଓ୍ୱାର୍ଡ଼େନ ଥିଲେ । ଲଜ୍‌ପତ୍ ହଷ୍ଟେଲ୍‌ର ଉପରେ ଓ୍ୱାର୍ଡ଼େନମାନଙ୍କ ପାଇଁ ରହିବା ଘର । ପ୍ରତ୍ୟେକ ଓ୍ୱାର୍ଡ଼ର ଉପର ଫ୍ଲୋରରେ ସେହି ଓ୍ୱାର୍ଡ଼ର ଓ୍ୱାର୍ଡ଼େନଙ୍କ ପାଇଁ ଘର ନିର୍ଦ୍ଦିଷ୍ଟ କରାଯାଇଥିଲା । ପାଞ୍ଚୋଟି ବଖରା । ତାହା ସମ୍ମୁଖରେ ପ୍ରାୟ ପନ୍ଦର ଫୁଟ କ୍ଷେତ୍ରଫଳ ନେଇ ଆୟତନ । ଆୟତନର ଗୋଟିଏ କୋଣଠି ତଳୁ ଆସିଥିବା ପାହାଚ ସରିଥିଲା । ସୁଶାନ୍ତ ଉପରେ ପହଞ୍ଚି ଦେଖେ ତିନୋଟି ବେତଚଉକି ମଝିରେ ବେତର ଟେବୁଲଟିଏ ପଡ଼ିଛି । ମଝି ଚେୟାରରେ ଜୟଶଙ୍କର ଭରଦ୍ୱାଜ, ତାଙ୍କର ଦୁଇକଡ଼ରେ ଦୁଇଜଣ ଯୁବତୀ; ସୁଶାନ୍ତ ଅଧ୍ୟାପକଙ୍କୁ ପ୍ରଣାମ କଲା । ଯୁବତୀ ଦୁଇଜଣଙ୍କୁ ଆଗରୁ କେଉଁଠି ଦେଖିଥିବା ପରି ତା'ର ମନେ ହେଲା ।

ସୁଶାନ୍ତକୁ ଦେଖି ଭରଦ୍ୱାଜ କଥା ବନ୍ଦ କରି ଚାହିଁଲେ ।

କୁଆଡ଼େ ସୁଶାନ୍ତ ଜୀ ?

ଯୁବତୀ ଦୁଇଜଣଙ୍କ ମଧ୍ୟରୁ ଜଣେ ସୁଶାନ୍ତକୁ ଦେଖି ଅଧ୍ୟାପକଙ୍କ କଡ଼ରୁ ଉଠି ଅପର ଯୁବତୀଙ୍କ ପାଖରେ ଯାଇ ବସିଲେ।

ଏଇମିତି ବୁଲି ଆସିଥିଲି, ଫିଲୋସଫିର ପ୍ରସ୍‌ପେକ୍ଟସ ଦରକାର ଥିଲା । ଫାଷ୍ଟ ପାର୍ଟରେ କଣ ସବୁ ପେପରସ୍ ଅଛି ?

ତୁମେ ଇଂରାଜିରେ ଏମ୍. ଏ. ପଢ଼ିବ ବୋଲି କହୁଥିଲ !

ଯୁବତୀ ଦୁଇଜଣ ଚୁପାକଣ୍ଠରେ କଥା ଆରମ୍ଭ କରି ଦେଇଥାଆନ୍ତି ।

ସେପରି କିଛି ଠିକ୍ ତ କରି ନଥିଲି । ଦର୍ଶନ ଓ ଇଂରାଜି ଦୁଇ ଡିପାର୍ଟମେଣ୍ଟକୁ ଦରଖାସ୍ତ ଦେଇଛି । ବି. ଏ. ରେ ଫିଲୋସଫି ମଧ୍ୟ ଥିଲା ।

ଆଚ୍ଛା ! ଆରେ ତୁମେ ଠିଆହୋଇ ରହିଲ ଯେ ! ପାଣ୍ଡେ ଆଉ ଗୋଟିଏ ଚେୟାର ।

ଭିତରୁ ଓ୍ୱାର୍ଡ ବୟ ପାଣ୍ଡେ ଚେୟାରଟିଏ ଧରି ଆସିଲା ବସ । ଇଂରାଜିରେ କେତେ ପରସେଣ୍ଟେଜ୍ ମାର୍କ ରଖିଥିଲ ?

ସିକ୍‌ସଟି ଟୁ ।

ଫିଲୋସଫିରେ ?

ସେଭେଣ୍ଟି ।

ବାଃ ! ତୁମେ ତା'ହେଲେ ତୁମ ବିଶ୍ୱବିଦ୍ୟାଳୟର ଜଣେ ଭଲ ଛାତ୍ର ହୋଇଥିବ । ତୁମ ବାପା କଣ କରନ୍ତି ?

କର୍ମକର୍ମାଣି । ଜମିବାଡ଼ି ମଧ୍ୟ ଅଛି । ତାର ହାନିଲାଭ ବୁଝନ୍ତି ।

ସୁଶାନ୍ତର କଥାରେ ଯୁବତୀ ଦୁଇଜଣଙ୍କ ଆଗ୍ରହ ବଢ଼ିଥିଲା । ସେମାନେ ଆଳାପ ବନ୍ଦକରି ସୁଶାନ୍ତ କଥା ଶୁଣୁଥିଲେ । କର୍ମକର୍ମା

ପ୍ରଫେସର୍ କଥା ଶୁଣି ଦୁହେଁ ମୁରୁକ ମୁରୁକ ହସିଲେ । ସୁଶାନ୍ତ ସେମାନଙ୍କୁ ଚାହିଁଦେଇ ପୁଣି ଅଧ୍ୟାପକଙ୍କ ଆଡ଼କୁ ଦୃଷ୍ଟି ଦେଲା ।

ତୁମେ ତା'ହେଲେ ବର୍ଣ୍ଣରେ ବ୍ରାହ୍ମଣ । ଆଚ୍ଛା, ତୁମକୁ ଏମାନଙ୍କ ସହ ପରିଚୟ କରାଇଦିଏ । ମିସ୍ ଜ୍ୟୋତ୍ସ୍ନା, ମୋର ସାନ ଝିଅ, ଇଂରାଜି ଫିଫ୍ଥଇଏରର ଛାତ୍ରୀ । ମିସ୍ ସ୍ମିତା, ମୋ ଝିଅର ବନ୍ଧୁ, ସହପାଠିନୀ, ରାଜନୀତି ଫାଷ୍ଟପାର୍ଟର ଛାତ୍ରୀ । ସୁଶାନ୍ତ ଦୁହିଁଙ୍କୁ ହସି ହସି ନମସ୍କାର କଲା ।

ମୁଁ ଆପଣମାନଙ୍କ ପରିଚୟ ପାଇ ଭାରି ଖୁସି ହେଲି ।

ଆମେମାନେ ମଧ୍ୟ ।

ଜ୍ୟୋତ୍ସ୍ନା ! ଗଲୁ ମା, ମୋ ଟେବୁଲ ଉପରୁ ଫିଲୋସଫି ପ୍ରସ୍‌ପେକ୍ଟସ୍‌ଟା ଆଣିବୁ ।

ଜ୍ୟୋତ୍ସ୍ନା ଉଠିଗଲା, ତାଙ୍କ ପରେ ପରେ ସ୍ମିତା ମଧ୍ୟ । ଅଧ୍ୟାପକ ଲାଇଫ୍ ଜର୍ନାଲ ଉଠାଇ ପଢ଼ିବାକୁ ଲାଗିଲେ ।

ପ୍ରାୟ ତିନି ମିନିଟ ପରେ ଜ୍ୟୋତ୍ସ୍ନା ଫେରିଆସିଲା—ବାବୁଜୀ, ପାଇଲୁନି । ପାଇଲୁନି ? ଭଲ କରି ଖୋଜିଲେ ସିନା ହେବ । ମୁଁ ତା'ହେଲେ ଯାଏଁ—ତୁମେ ଦି'ଜଣ ବସ ।

ଆପଣ ଓଡ଼ିଶାରୁ ଆସିଛନ୍ତି ? ଅଧ୍ୟାପକ ଚାଲିଯିବା ପରେ ସ୍ମିତା ଦେଖି ଚେୟାରରେ ବସୁ ବସୁ ପଚାରିଲେ ।

ହଁ ।

କୋଣାର୍କ ମନ୍ଦିର ଓଡ଼ିଶାରେ ନା ?

ସୁଶାନ୍ତ ହସିଲା, ହଁ ।

ଆପଣ ପଢ଼ିବା ପାଇଁ ଏତେଦୂର ଆସିଛନ୍ତି । ସେଠି କଣ ବିଶ୍ୱବିଦ୍ୟାଳୟ ନାହିଁ ?

ସେଠୁ ମୁଁ ବି. ଏ. ଅନର୍ସ ପାସ କରିଛି, ଇଂରାଜି ବି. ଏ. ଅନର୍ସରେ ତିରିଶି ଜଣ ଛାତ୍ର ଥିଲୁ । ଦୁଇ ଜଣ ମାତ୍ର ବନାରସ୍ ଆସିଛୁ । ଆଉ ଅଠେଇଶ ଜଣ ସେଠି ଏମ୍. ଏ. ପଢ଼ିବା ପାଇଁ ରହିଗଲେ । ଉତ୍କଳବିଶ୍ୱବିଦ୍ୟାଳୟ ସେମାନଙ୍କୁ ଏମ୍. ଏ. ସାର୍ଟିଫିକେଟ ଦବ ।

ଓଃ !

ଆପଣ ଇଂରାଜିରୁ ଦର୍ଶନକୁ ବଦଳାଇବାକୁ କାହିଁକି ଠିକ୍ କଲେ ? ଜ୍ୟୋସ୍ନା ପଚାରିଲେ ।

ସେପରି କିଛି ଠିକ୍ କରିନି ତ !

ତା'ହେଲେ ପ୍ରସ୍‌ପେକ୍ଟସ୍ କଣ ଦରକାର ?

ମୋର ଜଣେ ବନ୍ଧୁ ଦର୍ଶନ ପଢ଼ିବା ପାଇଁ ଆସିଛି । ତା'ର ପ୍ରସ୍‌ପେକ୍ଟସ୍ ଦରକାର ଥିଲା । ମୋର ମଧ୍ୟ ଦେଖିବାକୁ ଇଚ୍ଛା ଅଛି । ଭଲ ଲାଗିଲେ ଦର୍ଶନକୁ ଚାଲିଯାଇ ପାରେ ।

ଆପଣଙ୍କ ଭଳି ଛାତ୍ର ଇଂରାଜି ଡିପାର୍ଟମେଣ୍ଟକୁ ଆସିବା ଉଚିତ ।

ବିମାତା ଜୋସ୍ନା ମୁହଁକୁ ଚାହିଁଲେ । ଏଇ ସମୟରେ ଅଧ୍ୟାପକ ସାହେବଙ୍କୁ ପ୍ରସ୍‌ପେକ୍ଟସ୍ ଧରି ଆସିବା ଦେଖି ତାଙ୍କର କଥା ବନ୍ଦ ହୋଇଗଲା । ସୁଶାନ୍ତ ଉଠି ଠିଆହେଲା ।

କେଉଁଠି ଥିଲା ବାବୁଜୀ, ଆମେ ଏତେ ଖୋଜି ପାଇଲୁ ।

ସେଇ ସାନ ଆଲମିରା ଉପରେ ଥିଲା ।

ସାର୍, ତୁମ ଆଲଟମେଣ୍ଟ କଥା କଣ ହେଲା ? ସିଙ୍ଗଲ୍ ସିଟ୍ ପାଇଁ ମୁଁ ରେଜିଷ୍ଟ୍ରାର ସାହେବଙ୍କୁ ମଧ୍ୟ କହିଥିଲି ।

ରେଜିଷ୍ଟ୍ରାର ମୋତେ କହିଛନ୍ତି, ତୁମେ କିଛି ଭାବନ, ସବୁ ଠିକ୍ ହୋଇଯିବ ।

ତାଙ୍କୁ ନମସ୍କାର କରି ସୁଶାନ୍ତ ଫେରିଲା ।

ବଙ୍ଗାଳୀପଡ଼ାରେ ବାର ହୋଇପଡ଼ୁଥିବା ବିଶାଳ କୋଠିଟିଏ । କୋଠି ବାହାରେ ଘାସର ବିସ୍ତୃତ ଲନ୍ । ଗୋଟିଏ କଡ଼କୁ ଫୁଲବଗିଚା, ଗୃଶକଡ଼ରେ ପାଚେରୀ । ମଲ୍ଲୀଫୁଲ ଗନ୍ଧରେ ଚତୁର୍ଦ୍ଦିଗ ମହକି ଉଠୁଥାଏ । ବଗିଚାପାଖ କାନ୍ଥକୁ ଆଉଜି ବିମଳା ଗୁଣୁଗୁଣୁ ହେଉଥିଲେ । କିନ୍ତୁ କିଛି ସମୟ ପରେ ପାଖରେ ପଡ଼ିଥିବା ଆର୍ମଚେୟାରରେ କୁଶବାକାନ୍ତଙ୍କର ଉପନ୍ୟାସଟିଏ ପଢ଼ି ବସିଲେ । ସବୁଦିନ ପାଞ୍ଚଟା ବେଳେ ସ୍ଲେଟ କାନ୍ଥକୁ ଲାଗି ଆର୍ମଚେୟାରରେ ବସି ବହି ପଢ଼ିବା ତାଙ୍କର ଅଭ୍ୟାସ ଥିଲା । ଦିନେ ଦିନେ ଅବଶ୍ୟ କୌଣସି ବାନ୍ଧବୀଙ୍କ ଘରକୁ ନିମନ୍ତ୍ରିତ ହେଲେ ବା ସିନେମା ଗଲେ ସେଥିରେ ବାଧା ପଡ଼ୁଥିଲା କିନ୍ତୁ ଆଜି ସେପରି କିଛି ନିମନ୍ତ୍ରଣ ବା ସିନେମା ପ୍ରୋଗ୍ରାମ ନଥିଲା, ସେ ନିଶ୍ଚିନ୍ତ ହୋଇ ପଢ଼ୁଥିଲେ । ଉପନ୍ୟାସରେ ଲେଖକ ହିମାଳୟର ଦୃଶ୍ୟରାଜି ଚିତ୍ରଣ କରୁଥାନ୍ତି । ସୁଦୂର ହିମାଳୟ···ଅଜାଣତରେ ବିମଳାଙ୍କ ମନ ଜନ୍ମଭୂମି ନେପାଳ ଆଡ଼କୁ ଚାଲିଗଲା ।

କାଠମାଣ୍ଡୁ ଟାଉନର ଜନସ୍ଟନ୍ ଷ୍ଟ୍ରିଟ୍‌ରେ ତାଙ୍କର ଭବ୍ୟ କୋଠା । କେତେ ଦୁଃଖପୂର୍ଣ୍ଣ ସ୍ମୃତି ସେଇ ଘରକୁ ଘେରି ଛନ୍ଦା ହୋଇଛନ୍ତି । ସାରା ପରିବାର ପାଇଁ ଦୁଃଖଦ ସ୍ମୃତି—ମମିଙ୍କର ଅପରେଶନ, ତା’ପରେ ବୋନ୍ ଟି. ବି.···ଦୁଇ ଭାଇଙ୍କର ଅକାଳ-

ମୃତ୍ୟୁ···ଆଜି କେତେ କଣ···ବିମାତା ମନରେ ଉଠୁଥିବା ସ୍ମୃତିକୁ ଦବାଇ ଦେଲେ । ସେଥିପାଇଁ ତାଙ୍କ ପରିବାରରୁ କେହିହେଲେ ନେପାଳକୁ ଯାଇ ସେ କୋଠିରେ ରହିବାକୁ କେବେ ଇଚ୍ଛା କରନ୍ତିନ । ସେ କୋଠି ଭଡ଼ା ଲାଗିଛି । ରାମନାଥବାବୁ ବନାରସରେ ଆସି ରହିଛନ୍ତି । ବନାରସ୍ ଓ ପ୍ରୟାଗ ଉଭୟ ସହରରେ ତାଙ୍କର ଓକିଲାତିରେ ଭଲ ରୋଜଗାର ।

ସେଇ ଅଶୁଭ କୋଠିରେ ବ୍ରାହ୍ମଣଘର ବୋଲି ବିମାତାଙ୍କୁ ଦଶବର୍ଷ ବେଳେ ତାଙ୍କର ବିବାହ କରି ଦିଆଯାଇଥିଲା—ବୈଶାଖ ଚତୁର୍ଦ୍ଦଶୀର ଗୋଧୂଳିଲଗ୍ନରେ ଜନ୍‌ଷ୍ଟନ୍ ଷ୍ଟ୍ରିଟ୍ ଆତସବାଜିରେ ଥରିଉଠିଲା । ବନ୍ଧୁବାନ୍ଧବଙ୍କ ଗହଳରେ ଘର ଫାଟି ପଡ଼ୁଥାଏ । ସତରବର୍ଷର ଜଣେ ସୁରୂପ କିଶୋର କୋଠି ଫାଟକ ପାଖରେ ମଟରରୁ ଓହ୍ଲାଇବାମାତ୍ରେ ଦୁଇଜଣ ବ୍ରାହ୍ମଣ ମନ୍ତ୍ରପାଠ କରି ତାଙ୍କୁ ଅଭ୍ୟର୍ଥନା କରିବାରେ ଲାଗିଗଲେ । ଆଈ ସେତେବେଳେ ଝରକା ଆଡ଼କୁ ନେଇ କିଶୋରକୁ ଦେଖାଇ ଦେଖାଇ ବିମାତାଙ୍କୁ କହିଥିଲେ—ଦେଖିଥା ଲୋ, ମନେ ରଖିଥିବୁ ତୋ ଆଈ ଦେଖାଇ-ଥିଲା ବୋଲି—ଏଇ ତୋର ବର । ସେତେବେଳେ ବିମାତା ବରଙ୍କର ଗୋଡ଼ ଜଣେ କେହି ଢାଳିଦେଇ ଧୋଇ ଗାମୁଛାରେ ପୋଛୁଥାନ୍ତି । ବିମାତା ଆଈଙ୍କ ପଛଆଡ଼କୁ ଲାଜରେ ଲୁଚି ଯାଇଥିଲେ ।

ହାତଗଣ୍ଠି ପଡ଼ିବାବେଳେ ତାଙ୍କ ହାତକୁ ଜୋରରେ ଜାବୁଡ଼ି ଧରିବା, ସପ୍ତପଦୀବେଳେ ବାରମ୍ବାର ଅଙ୍ଗସ୍ପର୍ଶ, ସଭରେ ହାତକୁ ଟାଣିଆଣି ଶଙ୍ଖା ପିନ୍ଧାଇ ଦେବାବେଳେ ସ୍ମିତହାସ୍ୟ···ସବୁ ସେତେ ବୁଝୁଥିଲେ ଓ ମନେ ରଖିଥିଲେ । ସ୍ତ୍ରୀମାନଙ୍କର ସାଂସାରିକ ବୁଦ୍ଧି

ଅଳ୍ପବେଳକୁହିଁ ପରିପକ୍ୱ ହୋଇଯାଇଥାଏ । ସେମାନେ ଆଉ କିଛି ବୁଝନ୍ତୁ ନ ବୁଝନ୍ତୁ ଭଲ ପାଇବା କଥାକୁ ବୁଝିବାରେ ସେମାନଙ୍କୁ ଡେରି ଲାଗେନା । କିନ୍ତୁ ସବୁ ସୁଖସ୍ୱପ୍ନ ହଠାତ୍ ବାଲିରେ ତୋଳା କୋଠା ପରି ଭାଙ୍ଗିପଡ଼ିଲା । ଶ୍ୱଶୁରଘରର ଦୁଇମାସ ନ ପୂରୁଣୁ ହଠାତ୍ ଦିନେ ଟେଲିଗ୍ରାମ୍ ଆସିଲା—ବିମାତାସ୍ୱାମୀଙ୍କର ମଟର ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ସବୁ ମରିମାରି ଯାଇ ବିମାତା ରାମନାଥ ବାବୁଙ୍କର ଏକମାତ୍ର ସନ୍ତାନ ଥିଲା, ଶେଷରେ ସେ ହେଲା ବିଧବା ! ଏଲାହାବାଦ ହାଇକୋର୍ଟର ଆଡ଼ଭୋକେଟ୍ ରାମନାଥବାବୁ ଭାଗ୍ୟ ଆଗରେ ଏତେ ଚଞ୍ଚଳ ହାରି ମାନିଯିବାକୁ ପ୍ରସ୍ତୁତ ନଥିଲେ । ଝିଅ ମନରେ ବୈଧବ୍ୟ ଦୁଃଖର କୌଣସି ଚିହ୍ନ ଯେପରି ନ ରହେ ସେଥିପାଇଁ ସେ କାଠ-ମାଣ୍ଡୁରୁ ତାକୁ ପ୍ରୟାଗ ନେଇ ଆସିଲେ—ଝିଅର ମନୋରଞ୍ଜନ ପାଇଁ ସବୁପ୍ରକାର ବ୍ୟବସ୍ଥା କରାଗଲା । ପାଶ୍ଚାତ୍ୟ ଶିକ୍ଷା ଦୀକ୍ଷା ଦେଇ ଝିଅକୁ ସେ ଆଧୁନିକା କରିବାରେ ଲାଗିପଡ଼ିଲେ । ଝିଅର ଅକସ୍ମାତ୍ ବୈଧବ୍ୟ ତାଙ୍କୁ ଘୋର ପ୍ରତିକ୍ରିୟାଶୀଳ କରିପକାଇଲା । ହିନ୍ଦୁଧର୍ମର କୌଣସି ପ୍ରକାର ଆଚାର ବିଚାର ତାଙ୍କ ପରିବାରରେ ଆଉ ରହିଲାନି । ସବୁ ପୁରୁଣା କଥାକୁ ସେ ଘୃଣା କରିବାକୁ ଲାଗିଲେ । ଜ୍ଞାତିଭାଇଙ୍କ କଥାରେ ପଡ଼ି ଝିଅର ବାଲ୍ୟବିବାହ କରି-ଦେଇଥିବା ଯୋଗୁ ତାଙ୍କର ପଶ୍ଚାତ୍ତାପ ହେଉଥିଲା ।

ପରିସ୍ଥିତିର ପ୍ରଭାବରେ ଆସି ବିମାତା ଧୀରେ ଧୀରେ ନିଜର ପିଲାଦିନ କଥାକୁ ଭୁଲିଗଲେ । ପ୍ରୟାଗ ବିଶ୍ୱବିଦ୍ୟାଳୟରୁ ଆଇ. ଏ. ପାସ୍ କରିବାବେଳକୁ ବିମାତା, ସୁନ୍ଦରୀବିମାତା ନିଜର ପ୍ରଗତିଶୀଳ ମତାମତ ଯୋଗୁଁ ଛାତ୍ରମହଲରେ ବିଶେଷ ପ୍ରସିଦ୍ଧି ଅର୍ଜ୍ଜି ସାରିଥିଲେ । ପ୍ରୟାଗ ବିଶ୍ୱବିଦ୍ୟାଳୟରେ ଦୁଇବର୍ଷ ପଢ଼ିବା ପରେ

ହଠାତ୍ ବିଶ୍ୱବିଦ୍ୟାଳୟ ବଦଳାଇବାକୁ ବିନୀତାଙ୍କର ଇଚ୍ଛା ହେଲା । ଗୋଟିଏ ଜାଗାର ଗ୍ରୀଷ୍ମମଣ୍ଡଳୀର ପ୍ରଶଂସାଭାଜନ ହୋଇ ସବୁବେଳେ ରହିବା ମଡର୍ଣ୍ଣ ଫେସନ୍ ନ ଥିଲା । ରାମନାଥ ବାବୁଙ୍କ ପାଖରେ ବିନୀତା ପ୍ରସ୍ତାବ ରଖିଲେ—

ଡାଡ଼ି, ବନାରସରେ ବି. ଏ. ପଢ଼ିଲେ କପରି ହୁଅନ୍ତା !

ବେଶ୍ ମା, ତୋର ଯଦି ଇଚ୍ଛା ଅଛି ତେବେ ବନାରସରେ ପଢ଼ ।

ତାଙ୍କର ସବୁ କଥା ରହିଲା ପରି ସେକଥା ମଧ୍ୟ ରହିଲା । ସେ ବନାରସ ଆସିଲେ । କେତେଦିନ ଭିତରେ ବିଶ୍ୱବିଦ୍ୟାଳୟର ବିଖ୍ୟାତ ସୁନ୍ଦରୀ, ଭଲ ଗ୍ରୀଷ୍ମୀ, ନେତ୍ରୀ, ସର୍ବଥା ମଡର୍ଣ୍ଣ, ପ୍ରୋଗ୍ରେସିଭ୍ ଭ୍ୟୁଜ୍‌ର ପରିପୋଷକରୂପେ ତାଙ୍କର ଯଶଗାଥା ବିଶ୍ୱବିଦ୍ୟାଳୟସାରା ବ୍ୟାପିଗଲା । କ୍ୟାମ୍ପସ୍ ରାସ୍ତାରେ ଚାଲିଗଲେ ହଷ୍ଟେଲ୍ ପାସପୋର୍ଟରେ ଭିଡ଼ ହେଉଥିଲା, ରିକ୍‌ସାରେ ଗଲେ ରିକ୍‌ସା ପଛେ ପଛେ ସାଇକେଲ୍ ରେସ୍—ଯୁବକ ଗ୍ରୀଷ୍ମମାନଙ୍କର ନିର୍ବୋଧତାକୁ ସେ ଭଲରୂପେ ବୁଝୁଥିଲେ ଓ ବୁଝି ସେମାନଙ୍କର ଦୁର୍ବଳତାର ସୁଯୋଗ ନେଇ ନିଜର ସ୍ୱାର୍ଥସାଧନ କପରି କରିବାକୁ ହୁଏ ତା' ସେ ଜାଣିଥିଲେ ।

କାଠମାଣ୍ଡୁର ବିନୀତା ଓ ବନାରସର ବିନୀତା ମଧ୍ୟରେ ହଜାର ହଜାର ଦିନ ଓ ଶହ ଶହ ମାଇଲର ବ୍ୟବଧାନ ଥିଲା । କିନ୍ତୁ ମଲ୍ଲୀଫୁଲ ସେଠି ମଧ୍ୟ ଫୁଟିଥିଲା, ଏଠି ମଧ୍ୟ ଫୁଟୁଛି ।

ରାମନାଥବାବୁଙ୍କ ଡାକରେ ବିନୀତାଙ୍କ ତନ୍ଦ୍ରା ଭାଙ୍ଗିଲା । ସନ୍ଧ୍ୟା ସାଢ଼େ ସାତଟା ପ୍ରାୟ ହେବ । ପଢ଼ୁ ପଢ଼ୁ ସେ [illegible] ପଡ଼ିଥିଲେ ।

ଆସୁଛି, ଡାଡ଼ି ।

ବମୀତା ଭ୍ରଇଁ ରୁମ୍‌ରେ ପହଞ୍ଚିଲେ ।

କଣ ଶୋଇ ପଡ଼ିଥିଲୁ ନା କଣ !

ହଁ ଉଡ଼ି, ପଢ଼ୁ ପଢ଼ୁ ଢୁଳାଇ ପଡ଼ିଥିଲି ।

ସୌର ! ସୌର ! ଦୁଇକପ୍ ଚ୍ହ ଆଣିଲୁ । ରାମନାଥବାବୁ ପୂଜାରୀଙ୍କୁ ପାଟିକରି କହିଲେ । ବସ୍ ମା, କିଛି ଜଲ୍‌ଦି ନାହିଁ ତ !

ନା ।

ବମୀତା ରାମନାଥବାବୁଙ୍କ ପାଖରେ ଶୋଫାରେ ବସିଲେ । ପୂଜାରୀ ଦୁଇକପ୍ ଚ୍ହ ଆଣି ଟେବୁଲ ଉପରେ ରଖିଦେଇ ଚାଲିଗଲା । କପ୍ ଉଠାଉ ଉଠାଉ ରାମନାଥବାବୁ ପଚାରିଲେ—ଜସୁ ଆଉ ତୁ କଣ ଏକା ବିଷୟ ନେଲ ?

ନାଁ, ବାବା, ଜ୍ୟୋତ୍ସ୍ନା ତ ଇଂରାଜି ନେଲା, ମୁଁ ରାଜନୀତି ନେଲି ।

କାହିଁକି ମା, ତୁ ବି ତ ଇଂରାଜି ନେଇଥିଲେ ଭଲ ହୋଇଥାନ୍ତା । ଦୁହିଁଙ୍କୁ ସୁବିଧା ହୋଇଥାନ୍ତା ।

ନା, ମୁଁ କମ୍ପିଟିଟିଭ ଏକ୍‌ଜାମିନେସନ୍ ଦୃଷ୍ଟିରୁ ରାଜନୀତି ନେଲି । ଆରବର୍ଷ କେବଳ ଆଇ. ଏଫ୍. ଏସ୍.ରେ ବସିବି ।

ତୁ କଣ ସତରେ ସେୟା ଠିକ୍ କଲୁ !

ହଁ, ଉଡ଼ି !

କଲେଜ କେବେ ଖୋଲିଲା ?

ରାମନାଥବାବୁ ମାସେ ହେଲା କାଠମାଣ୍ଡୁ ଚାଲିଯାଇଥିଲେ । ତେଣୁ ବନାରସ୍‌ର ହାଲ ଚାଲ ତାଙ୍କୁ କିଛି ଜଣା ନ ଥିଲା । ସେଦିନ ସନ୍ଧ୍ୟାରେ ବମୀତାଙ୍କୁ ସେ ଡାକି ପଠାଇଥିଲେ ସବୁ ଖବର ବୁଝିବା ପାଇଁ ।

କଲେଜ ତ ପନ୍ଦର ଦିନ ହେବ ଖୋଲିଲାଣି, ତେବେ ପଢାପଢ଼ି ଆରମ୍ଭ ହୋଇନ ।

ଆଜି ମା ନେପାଳରୁ କଏ ନୂଆପିଲା ଆସିଛନ୍ତି ଯଦି ତାଙ୍କୁ ନିମନ୍ତ୍ରଣ କରିଛୁ ନା । ରମନାଥବାବୁ ନେପାଳ ଛାତ୍ରମାନଙ୍କର ସ୍ୱାର୍ଥ ପ୍ରତି ଭାରି ସଜାଗ ଥିଲେ । ନେପାଳୀ ଛାତ୍ରମାନଙ୍କର ଆସୋସିଏସନ୍‌କୁ ସେ ମଧ୍ୟ ବହୁବର୍ଷ ହେଲା ସାହାଯ୍ୟ କରି ଆସିଛନ୍ତି ।

ଆମ ଡିପାର୍ଟମେଣ୍ଟ୍‌କୁ ତ ନେପାଳରୁ କେହି ନୂଆ ଛାତ୍ର ଆସି ନାହାନ୍ତି, ଅନ୍ୟ ଡିପାର୍ଟମେଣ୍ଟ୍ କଥା ମୁଁ ବୁଝିନି ।

ତୁମ ଡିପାର୍ଟମେଣ୍ଟ୍‌କୁ ଭଲ ଛାତ୍ର କଏ ବାହାରୁ ଆସିଛି ?

ବନୀତା ହସି କହିଲେ—ନା ।

ରମନାଥବାବୁ ସବୁବର୍ଷ ସେଇକଥା ବନୀତାଙ୍କୁ ପଚାରୁଥାଆନ୍ତି । ବନୀତା ହିନ୍ଦୁବିଶ୍ୱବିଦ୍ୟାଳୟକୁ ଆସିବାଦିନୁ କ୍ଲାସରେ ପ୍ରଥମ ହୋଇ ଆସିଛନ୍ତି । ସେଥିପାଇଁ ରମନାଥବାବୁଙ୍କର ଏତେ ଗର୍ବ ଓ ଅଭିମାନ । ନେପାଳର ଛାତ୍ରମାନେ ଯେ ବନାରସ ହିନ୍ଦୁବିଶ୍ୱବିଦ୍ୟାଳୟ ପରି ଆନ୍ତର୍ଜାତିକ ଓ ଆନ୍ତପ୍ରାଦେଶିକ ବିଶ୍ୱବିଦ୍ୟାଳୟରେ ଫାଷ୍ଟକ୍ଲାସ୍ ଫାଷ୍ଟ୍ ହୋଇପାରନ୍ତି ସେକଥା ତାଙ୍କୁ ଭାରି ପ୍ରେରଣା ଦେଉଥିଲା । ନିଜ ଝିଅକୁ ପାଶ୍ଚାତ୍ୟ ଶିକ୍ଷା ଧାରା ପିଲା-ଦିନରୁ ଦେଇଥିବାରୁ ସେ ଗର୍ବ ଅନୁଭବ କରୁଥିଲେ । ଏ କଥା ବହୁବାର ସେ ନେପାଳୀ ଛାତ୍ରଙ୍କର ସଭାରେ ମଧ୍ୟ କହିଛନ୍ତି । ନେପାଳ ବ୍ୟାକୱାର୍ଡ଼ ନୁହେଁ, ସୁବିଧା ଓ ସୁଯୋଗ ପାଇଲେ ନେପାଳୀ ଛାତ୍ରମାନେ ଅନ୍ୟମାନଙ୍କ ଭଳି ବିଚକ୍ଷଣ ହୋଇପାରିବେ, ତାଙ୍କର ଯୁକ୍ତି ଥିଲା ।

ତେବେ ତତ, ଜ୍ୟୋତ୍ସ୍ନା କପାଳ ଫାଟିଲା ।

କାହିଁକି ?

ତା' କ୍ଲାସକୁ ଓଡ଼ିଶାରୁ ଜଣେ ଛାତ୍ର ଆସିଛନ୍ତି, ଭାରି ପ୍ରଭାବଶାଳୀ ଓ ମେଧାବୀ ପରି ମନେ ହେଉଛନ୍ତି, ଆଗରୁ ରେକର୍ଡ଼ ମଧ୍ୟ ଭଲ ଅଛି ।

କଣ ନା ତାଙ୍କର ?

ସୁଶାନ୍ତ କୁମାର ମିଶ୍ର ।

ଦେଖିବାକୁ ଇଚ୍ଛା ହେଉଛି, ଯଦି ଏତେ ଭଲ ଛାତ୍ର ବୋଲି ଭାବୁଛୁ ତା' ହେଲେ, ତାଙ୍କୁ ଥରେ ଖାଇବାକୁ ନିମନ୍ତ୍ରଣ କାହିଁକି କରୁନୁ ।

ନା ବାବା, ନିମନ୍ତ୍ରଣ କଲେ ସେ ଆସିବେ କି ନାହିଁ ସନ୍ଦେହ । ଅନେକ ଭଲ ଗୁଣ ସହିତ ଔଦ୍ଧତ୍ୟ, ଅହଙ୍କାର ମଧ୍ୟ ମିଶିଥିବା ପରି ମନେ ହୁଏ ।

ତୁ କଣ ତାଙ୍କ ବିଷୟରେ ବହୁତ କିଛି ଜାଣି ସାରିଲୁଣି !

ଦୁଇ ତିନିଥର କଥାବାର୍ତ୍ତା ହେବାର ସୁଯୋଗ ପାଇଛି । ଇଚ୍ଛାକଲେ ମଣିଷ ଚରିତ୍ର ବୁଝିବା କଣ କଷ୍ଟ ହୁଏ ? ଫିଜ୍ ଦାଖଲ ଦିନ ସେଣ୍ଟ୍ରାଲ ଅଫିସରେ ଅଧ ଫର୍ଲଙ୍ଗ ବ୍ୟାପୀ କ୍ୟୁ ଲାଗିଥାଏ । ବାରଟା ବେଳେ ଅଫିସ୍‌ରେ ପହଞ୍ଚି ଏଡ଼େ ବଡ଼ କ୍ୟୁ ଦେଖି ମୋ ହାଲକ୍ ଶୁଖିଗଲା । ସେଦିନ ଫିଜ୍ ଦେଇ ପାରିବିନି ବୋଲି ମୋର ସନ୍ଦେହ ହେଲା । ମୁଁ ଅଫିସ ବାରଣ୍ଡାରେ କ୍ୟୁକୁ ଚାହିଁ ଠିଆହୋଇଥାଏ । କ୍ୟୁରେ ଥିବା ଛାତ୍ରମାନେ ମୋ ଆଡ଼େ ଚାହୁଁଥାନ୍ତି, କିନ୍ତୁ ମୋତେ ସାହାଯ୍ୟ କରିବା କଥା କାହାର ମନକୁ ଆସୁ ନଥାଏ । କ୍ୟୁ ଭିତରେ ଠିଆହୋଇ ସୁଶାନ୍ତକୁମାର

ମିଶ୍ର କଣ ପଢ଼ିବାରେ ବ୍ୟସ୍ତ ଥାନ୍ତି । ହଠାତ୍ ବହିପତ୍ରା ବନ୍ଦ କରି ସେ ମୋ ଆଡ଼କୁ ଚାହିଁଦେଲେ । ଆଗରୁ ଦୁହେଁ ଜ୍ୟୋତ୍ସ୍ନାବଳେ ପରିଚିତ ହୋଇ ଯାଇଥିଲୁ । ହସିଦେଇ ପଚାରିଲେ—ଫିଜ୍ ଦବା-ପାଇଁ ଆସିଛନ୍ତି ନା ।

ଆସିଥିଲି ତ, ବର୍ତ୍ତମାନ ଏ ଲମ୍ବା କ୍ୟୁ ଦେଖି ଫେରିଯିବି ବୋଲି ଭାବୁଚି ।

ନା, ନା, ଫେରିଯିବେ କାହିଁକି...କହି ସୁଶାନ୍ତବାବୁ ଲାଇନ୍‌ରୁ ବାହାରି କ୍ୟୁ ଆଗରେ ଥିବା ପୁଅଙ୍କୁ ମୋର ଫିଜ୍ଟା ଦେଇଦେବାକୁ ଅନୁରୋଧ କଲେ । ସେ ତାଙ୍କ କଥା ନ ଶୁଣି ନିଜ ଫିଜ୍ ଦବାରେ ବ୍ୟସ୍ତ ରହିଲା । ଜଣେ ଯୁବକ କହିଲେ—ସେ କାହିଁ କ୍ୟୁରେ କାହିଁକି ଠିଆ ହେଉନାହାନ୍ତି ! ପ୍ରତ୍ୟେକେ କ୍ୟୁ ଲାଇନ ଉପରେ ଠିଆହେବା ପରେ କେହି କାହାକୁ ଆଗ ଯିବାକୁ କହିବାର ପ୍ରଶ୍ନ ଉଠୁନି ।

ସୁଶାନ୍ତବାବୁ ଏକଥା ଶୁଣି ନିଜ ସ୍ଥାନରେ ଆସି ଠିଆହେଲେ, ମୋତେ କହିଲେ ଆପଣ ଆଉ ଅଧଘଣ୍ଟାଏ ଠିଆହୁଅନ୍ତୁ । ମୋ ପାଳି ଛଅଜଣଙ୍କ ପରେ ପଡ଼ିବ । ମୁଁ ଠିଆହୋଇ ରହିଲି । ପ୍ରାୟ କୋଡ଼ିଏ ମିନିଟ ପରେ ସୁଶାନ୍ତବାବୁ କାଉଣ୍ଟର ପାଖକୁ ଆସିଲେ । କାଉଣ୍ଟର ପାଖକୁ ଆସିବାମାତ୍ରକେ ସେ ମୋତେ ପାଖକୁ ଡାକି-ନେଇ ମୋଠୁ ଟଙ୍କା ନେଇ ପ୍ରଥମେ ମୋର ଫିଜ୍ ଦବାକୁ ଲାଗିଲେ । ସାରା କ୍ୟୁ ଚୂପଚାପ ହୋଇ ଠିଆହୋଇଥାଏ । ସୁଶାନ୍ତବାବୁଙ୍କ ପଛରେ ଜଣେ ଖାଣ୍ଟିକାପୁ ଦକ୍ଷିଣୀପୁଅ ବ୍ରହ୍ମଚାରୀ ହୋଇ ଠିଆ ହୋଇଥାଏ । ସୁଶାନ୍ତବାବୁ ମୋ ଫିଜ୍ ଦେଇସାରି ରସିଦ୍ ମୋତେ ଦେଇଦେଲେ । ଆପଣ ଯାଆନ୍ତୁ ।

ଆପଣ ମଧ୍ୟ ଯାଆନ୍ତୁ । ପଛର ଦକ୍ଷିଣୀ ଯୁବକଟି ସୁଶାନ୍ତ-ବାବୁଙ୍କୁ ଇଂରାଜୀରେ କହିଲେ ।

କାହିଁକି ?

ଫିଜ୍ ଦେଇ ସାରିଛନ୍ତି ।

ମୁଁ ମୋ ଫିଜ୍ ଦେଇନି ।

ଏଠି କିଏ କାର ଫିଜ୍ ଦେଇ ପାରିବନି, ଫିଜ୍ ଦବାକୁ ହେଲେ କ୍ୟୁରେ ଆସି ଛିଡ଼ା ହବାକୁ ହେବ ।

ସେସବୁ ନିୟମ ଛାତ୍ରୀମାନଙ୍କ ପାଇଁ ଲାଗୁ ହବନି କହି ସୁଶାନ୍ତ-ବାବୁ ନିଜର ଫିଜ୍ ଦବାକୁ ଲାଗିଲେ । ମୋ ଛାତି ଥରୁଥାଏ, କିନ୍ତୁ ଦକ୍ଷିଣୀ ଯୁବକଟି ଆଉ ବିଶେଷ କିଛି ଗଣ୍ଡଗୋଳ କରି ନ ଥିଲା । ସୁଶାନ୍ତବାବୁ ଫିଜ୍ ଦେଇସାରିବା ପରେ ଦୁହେଁ ମୋ କାର୍ ପାଖକୁ ଆସିଲୁ । ମୁଁ ତାଙ୍କୁ ମୋତେ ସାହାଯ୍ୟ କରିଥିବାରୁ 'ଧନ୍ୟବାଦ' ଦେଇ ତାଙ୍କୁ ହଷ୍ଟେଲରେ ଛାଡ଼ିଦେବି କହି 'କାର୍'ରେ ଯିବାକୁ ଡାକିଲି । କିନ୍ତୁ 'କ୍ଷମା କରିବେ, ନମସ୍କାର' କହି ସେ ରିକ୍ସାରେ ଚାଲିଗଲେ ।

ଝିଅ ଭଲ ପରି ଜଣା ପଡ଼ୁଛନ୍ତି, ନିଶ୍ଚେ ଡାକିଲୁ କେବେ-ମା ! ତୋ କ୍ଲାସକୁ ଓଡ଼ିଶାରୁ କେହି ଆସିଛନ୍ତି ?

ହଁ, ଆସିଛନ୍ତି—ଏଥର ଓଡ଼ିଶାରୁ ଦଳେ ଝିଅ ଆସିଥିବା ପରି ମନେହୁଏ—ମୋ କ୍ଲାସର ଛାତ୍ରଙ୍କ ନାଁ ଧୂମକେତୁ ମହାନ୍ତି । ସାଧାରଣ ଛାତ୍ର । ପଢ଼ାପଢ଼ି ତୁଳନାରେ ଫୁର୍ତ୍ତି, ଏକ୍ସ୍ଟ୍ରା କାରିକୁ-ଲାର ବେଶି । ଡ୍ରାମା ପ୍ରତି ଭାରି ଆଗ୍ରହ । ଆମ ଘରକୁ ଆସିବାକୁ କହୁଛନ୍ତି । ବିଶ୍ୱବିଦ୍ୟାଳୟରେ ଡ୍ରାମାଟିକ୍ କ୍ଲବ୍ କରିବା ପାଇଁ ଭାରି

ଇଚ୍ଛା । ମୋତେ ସେଥିରେ ସେକ୍ରେଟାରୀ କରିବାର ଅଭିପ୍ରାୟ ତାଙ୍କର ଅଛି ।

ଆସିଲେ ମୋତେ ପରିଚୟ କରାଇଦେବୁ ତ ମା—

ହଉ ଉଡ଼ୁ ।

ଷ୍ଟେଟ୍ସମ୍ୟାନ୍ କାଗଜଟା ଉପରକୁ ଯାଇ ପଠାଇଦେବୁ ।

ଧୂମକେତୁ ମହାନ୍ତି କଟକର ଛାତ୍ର ମହଲରେ ମଜଭୁତ, ନଷ୍ଟ-ଚରିତ୍ର ଓ ନେତାରୂପେ ସୁଖ୍ୟାତ ଥିଲା । ତାର ପିତା କଲେଜରେ କଷ୍ଟସନ ଇଂରାଜ ଅଧ୍ୟାପକତ୍ୱ କରି ବର୍ତ୍ତମାନ ପେନ୍‌ସନ୍ ପାଇ ଘରେ ବସି ଓଡ଼ିଆ ସାହିତ୍ୟ ଚର୍ଚ୍ଚାକରି ସମୟ କାଟୁଥିଲେ । ତିନି ପୁଅଙ୍କ ମଧ୍ୟରେ ଧୂମକେତୁ ବଡ଼, ତେଣୁ ବାପ ମାଙ୍କ ସମସ୍ତ ଦୃଷ୍ଟି ଓ ଯତ୍ନ ତା' ଉପରେ ପଡ଼ିଥିଲା । ଧୂମକେତୁ ପିଲାଦିନୁ ଉଗ୍ର ଓ ଜିଦ୍‌ଖୋର ବୋଲି ଜଣାପଡ଼ୁଥିଲା, କୈଶୋର ଅବସ୍ଥାରୁ ପିତାଙ୍କ ବିଳାସିତାକୁ ମଧ୍ୟ ସେ ଅନୁକରଣ କରିବା ଆରମ୍ଭ କରିଦେଲା । ତା'ଠି ଦେଖିବାକୁ ସୌମ୍ୟତା ନଥିଲା; କିନ୍ତୁ ରୁକ୍ଷ ପୌରୁଷତା ତା' ବ୍ୟକ୍ତିତ୍ୱକୁ ପ୍ରଭାବଶାଳୀ କରିଥିଲା । ଶ୍ୟାମବର୍ଣ୍ଣ, କୁଞ୍ଚିତକେଶ, ଛୋଟ ଛୋଟ ଆଖି, ଚଉଡ଼ା କପାଳ, ଆଗକୁ ଝୁଙ୍କି ପଡ଼ିବା ପରି ଛାତି ।

ରେଭେନ୍‌ସା କଲେଜ ଛାତ୍ରସମିତିର ସେ ଦୁଇଥର ସେକ୍ରେଟାରୀ ରହିଛନ୍ତି । ତା'ର ବେଶି ଛାତ୍ରୀ ସାଥି ଥିଲେ ଓ ରୁମ୍ ନମ୍ବର ଷୋହଳରୁ ଭୋଟବେଳେ ତାକୁ ବେଶି ସାହାଯ୍ୟ ମିଳୁଥିଲା । ସଂଗଠକ ଭାବେ ତାର ଖ୍ୟାତି ଥିଲା, ଖୁବ୍ କମ୍ ସମୟ ମଧ୍ୟରେ ବହୁତ କଥା ଯୋଗାଡ଼ କରିବାରେ ସେ ସିଦ୍ଧହସ୍ତ ଥିଲା । ବିଶ୍ୱାସରେ ପ୍ରଗତିବାଦୀ, ମାର୍କସ ଏଙ୍ଗେଲ୍ସ ଲେନିନ ଷ୍ଟାଲିନ ଦର୍ଶନରେ ଓତଃପ୍ରୋତ । କୌଣସି [illegible]

ଚୂଡ଼ିରେ ତାର ମନ ଶାନ୍ତ ନ ଥିଲା । ସେ ଥିଲା ମୁକ୍ତ ଆକାଶର ବିହଙ୍ଗ, ବଳିଷ୍ଠ ପକ୍ଷ ଆକାଶର ସକଳ ଦିଗକୁ ପ୍ରଦକ୍ଷିଣ କରିବାକୁ ତାକୁ ସତତ ଉତ୍ସାହ କରୁଥିଲେ । ବାସ୍ତବିକ ଅଧ୍ୟୟନପିପାସୁ ହୋଇ ସେ ବାରଣସୀ ଆସି ନଥିଲା । ସେ ଆସିଥିଲା ନୂତନ ଅନୁଭୂତି ଖୋଜ ଓ ନୂତନ ଜାଗାରେ ତା'ର ପ୍ରତିପତ୍ତି ଓ ପ୍ରତିଷ୍ଠା ପ୍ରତିଷ୍ଠା କରିବାକୁ । କଟକ ସହରରେ ରହି ରହି ସହର ଗ୍ଲେଟ୍ ଲାଗିଲା । ଅନ୍ୟ ସାଥିମାନେ ବାରଣସୀ ଆସୁଥିଲେ । ତେଣୁ ସେ ମଧ୍ୟ ଚାଲି ଆସିଲା ।

ଧୂମକେତୁର ଜୀବନ କଥା କଟକରେ ସମସ୍ତେ ଜାଣିଥିଲେ । ଅର୍ଥନୀତି ସେମିନାରର ବାର୍ଷିକୋତ୍ସବ ଅଗଷ୍ଟ ତା୨୭ରିଖ ଦିନ ସନ୍ଧ୍ୟା । ସେବର୍ଷ ଧୂମକେତୁ ସେକ୍ରେଟାରୀ ଥିଲା । ସବୁ ଦାୟିତ୍ୱ ତା ଉପରେ । ବେହେରା, ପିଅନଙ୍କୁ ଖଟାଇ ଖଟାଇ ସେ ପାଞ୍ଚଟା ବେଳକୁ ରୁମ୍ ନମ୍ବର ତେଇଶିକୁ ସୁନ୍ଦରଭାବେ ସଜାଇ ଦେଲା । ନିମନ୍ତ୍ରିତ ବ୍ୟକ୍ତିମାନେ ଆସିବା ସମୟ ପାଞ୍ଚଟା ଥିଲା, ସମସ୍ତେ ଆସି ନଥାନ୍ତି, ଜଣେ ଜଣେ ହୋଇ ଆସୁଥାଆନ୍ତି । ସହରର ସବୁ ବଡ଼ିଆ ଭଦ୍ରବ୍ୟକ୍ତିଙ୍କୁ ସେବର୍ଷ ନିମନ୍ତ୍ରଣ କରାଯାଇଥାଏ । ଧୂମକେତୁ ବେହେରା ଓ ପିଅନକୁ କପ୍ ପ୍ଲେଟ୍ ଧୋଇବାରେ ଲଗାଇ ନିଜେ ଦୁଆର ପାଖରେ ଠିଆହୋଇ ଅତିଥିମାନଙ୍କୁ ଅଭ୍ୟର୍ଥନା କରୁଥାଏ । ହଠାତ୍ ବ୍ୟୋମକେଶ ଆସି ତା' କାନପାଖେ କହିଲା — ସୁରଭି ଓ ସୁପ୍ରିୟା ରୁମ୍‌ଭିତରୁ ବାହାରିବାକୁ ନାହିଁ, ମୁଁ ଡାକିବାକୁ ଯାଉଛି ... ଡାକିଲ ଆସିଲେନି ।

ଅର୍ଥନୀତି ବିଭାଗର ଚତୁର୍ଥ ବର୍ଷରେ ଦୁଇଜଣ ମାତ୍ର ଝିଅ ଥିଲେ । ଧୂମକେତୁ ସେମାନଙ୍କ ପରିବେଷଣ ଭାର ଦେଇଥିଲା

ଅତିଥିମାନେ ଆସିବା ଦେଖି ବ୍ୟୋମକେଶଙ୍କୁ ସେମାନଙ୍କୁ ଡାକି ଆଣିବାକୁ ପଠାଇଥିଲି । ସେମାନେ ଆସୁ ନଥିବା ଶୁଣି ବ୍ୟୋମକେଶ ଉପରେ ଅତିଥିମାନଙ୍କ ଅଭ୍ୟର୍ଥନା ଭାରଦେଇ ସେ ନିଜେ ରୁମ୍ ନମ୍ବର ଷୋହଳ ଆଡ଼କୁ ଦଉଡ଼ିଗଲି ।

ମିସ୍ ସୁପ୍ରଭା, ଏତେ ଡେରି କଲେ ଚଳିବ କିପରି କହିଲ, ଏତେଣେ ସବୁ ଭଦ୍ରବ୍ୟକ୍ତିମାନେ ଆସି ବସିସାରିଲେଣି । ରୁମ୍ ଭିତରକୁ ପଶୁ ପଶୁ ଧୂମକେତୁ କହିଲି ।

ସୁପ୍ରଭା ସ୍ୱପ୍ନା କୋଳରେ ଶୋଇଥିଲେ । ସ୍ୱପ୍ନା ସୁପ୍ରଭାର ମୁଣ୍ଡ ଚିପି ଦେଉଥିଲେ । ରୁମ୍‌ରେ ଆଉ କେହି ନଥିଲେ । ଧୂମକେତୁ ରୁମ୍ ଭିତରକୁ ଚାଲି ଆସିବାରେ ଦୁହେଁ ଚମକିପଡ଼ି ଠିଆ ହୋଇଗଲେ ।

ଆପଣ ଭିତରକୁ ପଶି ଆସିଲେ କିପରି ? ସୁପ୍ରଭା ରାଗରେ କହିଲେ ।

ସୁପ୍ରଭାକୁ ଧୂମକେତୁ କେବେ ଶୁଭଦୃଷ୍ଟିରେ ଦେଖିନି । ଧୂମକେତୁ ପାଇଁ ସେ ଦୁର୍ଦ୍ଦମନୀୟା । ସତୀ ସାବିତ୍ରୀ ବୋଲି ତାର ଗର୍ବ ଭିନ୍ନ । ଧୂମକେତୁ ସହିତ ମିଳାମିଶା କରେନି । ତାର ପ୍ରକୃତ ରୂପ ସେ ପଦାରେ ପକାଇ ଦିଏ । ଝିଅପିଲଙ୍କ ମେଳରେ ଧୂମକେତୁ ବିରୁଦ୍ଧରେ କୁହେ, ଧୂମକେତୁର ଆଚରଣକୁ ସମାଲୋଚନା କରେ । ସବୁବେଳେ ପ୍ରତିଶୋଧ ପାଇଁ ଧୂମକେତୁ ଉପାୟ ଖୋଜୁଥିଲା । ଭାଗ୍ୟକୁ ସେଇବର୍ଷ ସେ ସୁପ୍ରଭାକୁ ପରାଜିତ କରି ଅର୍ଥନୀତି ସେମିନାରର ସେକ୍ରେଟାରୀ ରୂପେ ନିର୍ବାଚିତ ହୋଇଗଲା । ତା'ପରେ ସୁପ୍ରଭା ଉପରେ ଆଧିପତ୍ୟ ବିସ୍ତାର କରିବା ପାଇଁ ସେ ଚେଷ୍ଟା କରିଛି । ଲେଣ୍ଡିଙ୍ଗ୍ ଲାଇବ୍ରେରୀରୁ ବହି ନେଇନି । ସେମିନାର ବାହାରେ

ଖଟାଇବାକୁ ଚେଷ୍ଟାକରନ୍ତି । ସୁପ୍ରଭା ଧୂମକେତୁର ଅବସ୍ଥାକୁ ବୁଝୁଥିଲେ ମଧ୍ୟ ଅନ୍ୟମାନେ କାମକରୁଥିବା ହେତୁ ସେ ମଧ୍ୟ କାମ କରିବାକୁ ବାଧ ହେଉଥିଲେ ।

ସୁପ୍ରଭା ! କପ୍‌ଗୁଡ଼ାକ ଧୋଇଦିଅ ତ ! ମିମ୍ ସୁପ୍ରଭା, ଟେବଲ୍ କ୍ଲଥ ପାରିଦବାରେ ଟିକିଏ ସାହାଯ୍ୟ କରିବ କି ! ଓଃ, ଫୁଲଦାନି ଘରୁ ଆଣିବାକୁ କହିଥିଲି ଆଣିନ ! ହଉ, ଭଲ... ଏଇପରି ଭାବେ ସୁପ୍ରଭାଙ୍କ ଉପରେ ଧୂମକେତୁ ଓରମାନ ଚାଲେ । ସେଦିନ ମଧ୍ୟ ସୁପ୍ରଭା କାମ କରି କରି କ୍ଳାନ୍ତ ହୋଇ ରୁମ୍ ଭିତରେ ଗ୍ରୁପ୍ସା କୋଳରେ ଲେଟିପଡ଼ି ବିଶ୍ରାମ ନେଉଥିଲେ । ରୁମ୍ କୁ ଆସିବା ଘଣ୍ଟାଏ ମାତ୍ର ହେବ । ହଠାତ୍ ଧୂମକେତୁ ରୁମ୍ ଭିତରକୁ ପଶିଆସିବା ଦେଖି ପଚାରିଲେ—ଆପଣ ଭିତରକୁ ଆସିଲେ କପରି ?

ଦୁଆର ବାଟେ ! ଧୂମକେତୁ ହସି କହିଲା ।

ସେଇ ବାଟେ ଅନୁଗ୍ରହ କରି ବାହାରିଯିବେ କି ?

ତୁମେ ଆଗ କପରି ବାହାରିବାକୁ କୁହ ବତାଇଦିଅ ।

ଗେଟ୍ ଆଉଟ୍—ସୁପ୍ରଭା ରାଗରେ ଥରୁଥାନ୍ତି ।

ଧୂମକେତୁ ରାଗିଲେ ବାହାରକୁ ପ୍ରକାଶ କରେନି । କଣ ଏମିତି ହେଉଛ ସୁପ୍ରଭା, କଣ ଡାଇନିଂ ପ୍ଲେଟରେ ଜଳଖିଆ ଖାଉଥିବାବେଳେ ପୃଥିବୀ ପ୍ରଳୟ ହୋଇଯିବ ? ବୁଲିଲି ଗ୍ରୁପ୍ସା—

ନା, ଆମେ ଯିବୁନି । ଗ୍ରୁପ୍ସା କହିଲେ ।

ଧୂମକେତୁର ରାଗ, ଅହଂକାର ଓ ସ୍ୱାଭିମାନ ଭାଙ୍ଗି ଏ ଅପମାନ ଥିଲା । ଆସିବ ବା ଝଟକଦେଇଯିବ ।

କଣ କହିଲ ! ଟେକକ ନେଇଯିବ, ସୁପ୍ରଭା ଗର୍ଜି ଉଠିଲେ ।

ଧୂମକେତୁ ରାଗରେ ଗରଗର ହୋଇ ଚାଲିଗଲା ।

ଧୂମକେତୁର ଦୁର୍ଭାଗ୍ୟକୁ ତା'ର ଅପମାନ କଥା ଗୁପ୍ତ ରହି-ପାରିଲାନି । ବାରଣ୍ଡାରେ ଛିଡ଼ାହୋଇ ତାମସା ଦେଖୁଥିବା ଅନେକ ଛାତ୍ର ତହିଁ ଆରଦିନ କଲେଜସାରା ଛାତ୍ରନେତାଙ୍କ କୃତିତ୍ୱ ପ୍ରଚାର କରିଥିଲେ । ଧୂମକେତୁ ଜୀବନରେ କ୍ୱଚିତ୍ ଅସଫଳତାରୁ ଏହା ଗୋଟିଏ ଘଟଣା । ନ ହେଲେ ପ୍ରାୟ ସବୁଥିରେ ସେ କୃତକାର୍ଯ୍ୟ ହୁଏ । ବନାରସ ସେ ଆସିଥିଲା ଜୀବନଟାକୁ ବେଶି ଉପଭୋଗ କରିବ ବୋଲି । ବନାରସ୍ ବିଶ୍ୱବିଦ୍ୟାଳୟ ପାର୍ଲାମେଣ୍ଟର ପ୍ରେସିଡେଣ୍ଟ୍ ହେବ; ସବୁ ପ୍ରଦେଶରୁ ସବୁ କିସମର ଝିଅ ଆସିଥିବେ—ନେପାଳୀ, ବଙ୍ଗାଳୀ, ପଞ୍ଜାବୀ, କେରଳୀ, ତେଲେଙ୍ଗୀ, କାଶ୍ମୀରୀ—ସେମାନଙ୍କ ସଙ୍ଗେ ବନ୍ଧୁତା ଜମାଇବ—

ବନାରସ୍ ଆସିବାମାତ୍ରକେ ଜୀବନଟାକୁ ସରସ କରିବା ପାଇଁ ତାର ଶ୍ୟେନଦୃଷ୍ଟି ସାଜସରଞ୍ଜାମ ବାଛିନେଲା । ପ୍ରଥମ ଦିନରୁ ବନିତା ଓ ଜ୍ୟୋସ୍ନାଙ୍କୁ ଦେଖି ସେ ସେମାନଙ୍କୁ ପରଖି ନେଇଥିଲା । ବନିତା ସାଧାରଣ ସୁନ୍ଦରୀ ନୁହଁନ୍ତି, ଭାଗ୍ୟରେ ଥିଲେ ଏପରି ସୁନ୍ଦରୀଙ୍କର ବନ୍ଧୁତା ମିଳେ । ଅନ୍ୟମାନେ ହଷ୍ଟେଲ୍ ସିଟ୍ ପାଇଁ ବ୍ୟସ୍ତ ଥିବାବେଳେ ସେ ବନିତାଙ୍କ ସାହଚର୍ଯ୍ୟ, ବନ୍ଧୁତା ପାଇଁ ଝୁରି ହେଉଥାଏ, ସୁଶାନ୍ତ ରୁମ୍‌ରେ ପଡ଼ି ପଡ଼ି ସିଗାରେଟ୍ ମୁଣ୍ଡାରେ ଘର ଅନ୍ଧାର କରୁଥାଏ । ଆଉ ଭାବୁଥାଏ—କଣ କଲେ, କିପରି ସେ ବନିତାଙ୍କ ସହ ଘନିଷ୍ଠତା ବଢ଼ାଇ ପାରିବ—ନହେଲେ ତା' ବନାରସ ଆସିବା ନିରର୍ଥକ । ମ୍ୟାଟିନି ସୋ ଯିବା ବାହାନାରେ ସେ ସନ୍ଧ୍ୟାକୁ [illegible] ବନିତାଙ୍କ ରିକ୍ସା ପଛରେ ନିଜର ରିକ୍ସା ଦଉଡ଼ାଏ । [illegible]

ପଢ଼ା ସାରି ଚକ୍କର ମାରେ । ବିନୀତା କୋଠି ଭିତରକୁ ଚାଲିଗଲେ କୋଠ ବାହାରେ କିଛି ସମୟ ଅପେକ୍ଷା କରି ସିନେମା ଯାଏ । ତା'ର ଏତେ ପ୍ରଗାଢ଼ ଯତ୍ନ, ଅଧ୍ୟବସାୟ ବୃଥା ହୋଇ ନଥିଲା । ଲେକ୍‌ଚର ଆରମ୍ଭ ହେବାଦିନ ତା'ର ହର୍ଷର ସୀମା ରହିଲାନି ଯେତେବେଳେ ସେ କ୍ଲାସରେ ଆଗବେଞ୍ଚରେ ବିନୀତାଙ୍କୁ ବସିଥିବା ଦେଖିଲା । ତା'ପରେ ଆଉ ପରିଚିତ ହେବାପାଇଁ ଅସୁବିଧା ରହିଲାନି । ପ୍ରଥମ ସପ୍ତାହ ଶେଷ ନ ହେଉଣୁ ବିନୀତା ଥରେ କ୍ଲାସ ରୁମ୍‌ରୁ ବାହାରୁ ବାହାରୁ ସେ ଚୁଟିକି ମାଗିଲା । ଦ୍ୱିତୀୟ ସପ୍ତାହରେ ବିନୀତାଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କ୍ଲାସରେ ଲେକ୍‌ଚରରଙ୍କୁ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରିଲା । ତା'ର କିଛିଦିନ ପରେ ବିନୀତାଙ୍କୁ ଅଯାଚିତ ସାହାଯ୍ୟ କଲା । ତୃତୀୟ ସପ୍ତାହ ଆରମ୍ଭ ହେଉ ହେଉ ଦିନେ ସେ କଲେଜ ବାରଣ୍ଡାରେ ବିନୀତାଙ୍କ ସହ କଥା ପ୍ରସଙ୍ଗରେ ଡ୍ରାମାଟିକ୍‌ସୋସାଇଟୀ [illegible] ପ୍ରସ୍ତାବ ଦେଲା । ସେ କହିଲା—ଦେଖନ୍ତୁ, ମିସ୍ ବିନୀତା ! ଏହି ବିଶ୍ୱବିଦ୍ୟାଳୟରେ ସବୁପ୍ରକାର କ୍ଲବ, ସୋସାଇଟୀ ଅଛି; କିନ୍ତୁ ଡ୍ରାମା ପାଇଁ କୌଣସି କ୍ଲବ୍ ନାହିଁ । ସେହି ଦିଗଟା ଅବହେଳିତ ହୋଇପଡ଼ିଛି । ଆପଣ ଭଲଭାବେ ଜାଣନ୍ତି ଯେ ଅଭିନୟ ଦର୍ଶକର ମନୋରଞ୍ଜନ କରିବା ସଙ୍ଗେ ସଙ୍ଗେ ଅଭିନେତାର ମାନସିକ ପରିବର୍ତ୍ତନ ମଧ୍ୟ ଆଣେ । ଅଭିନୟ ଦ୍ୱାରା [illegible], ଆତ୍ମବିଶ୍ୱାସ, କହିପାରିବାର ଶକ୍ତି ଇତ୍ୟାଦି ଅନେକଗୁଣ ଲୋକ ଶିଖିଥାଏ । ଏହିକାରଣ ବିଶ୍ୱବିଦ୍ୟାଳୟରୁ ବହୁତ କମ୍ ପିଲା ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେଉଛନ୍ତି । ତା' ଛଡ଼ା [illegible] ସେମାନେ ଇଣ୍ଟରଭ୍ୟୁରେ ଖୁବ୍ କମ୍ ନମ୍ବର ରଖୁଛନ୍ତି । ଉଚ୍ଚପଦ ପାଇବା ମୁସ୍କିଲ ହୋଇପଡ଼ୁଛି । ଆମର ଡ୍ରାମା ସୋସାଇଟୀ

ସେମାନଙ୍କୁ ସାହାଯ୍ୟ କରିବ । ସେ କଥା ଛଡ଼ା ଆପଣଙ୍କ ପରି ଆର୍ଟିଷ୍ଟମାନଙ୍କର ମାହାତ୍ମ୍ୟ ଓ କଳାନିପୁଣତା ଅତି କମ୍‌ରେ ଦଶ ହଜାର ଗୁଣ ତ ଜାଣି ପାରିବେ !

ତେଣୁ ଆପଣ ସହଯୋଗ ଦେଲେ ଡ୍ରାମାଟିକ୍ ସୋସାଇଟୀ ଆରମ୍ଭ କରନ୍ତେ । କିଛି ଅସୁବିଧା ହେବନି, କଟକରେ ମୁଁ ଡ୍ରାମାଟିକ୍ କ୍ଲବ ଚଳାଇଛି, ସବୁ ଜାଣେ । ଆପଣ ସହଯୋଗ ଦେଲେ ହେଲା । ପ୍ରସ୍ତାବଟି ବନିତାଙ୍କ ମନକୁ ପାଇଥିଲା—ସେ ଭଲଭାବେ ବିଚାର କରିବା ପାଇଁ ଧୂମକେତୁଙ୍କୁ ଘରକୁ ନିମନ୍ତ୍ରଣ କଲେ ।

ସୁଶାନ୍ତ, କଲେଜ କେତେବେଳେ ଯିବୁ ?

ଲଞ୍ଚ ପରେ ନିଜ ନିଜର ରୁମ୍‌କୁ ଯାଉଥିବାବେଳେ ମୀନକେତନ ସୁଶାନ୍ତକୁ ପଚାରିଲା । ସାଢ଼େ ଗୋଟେ ବେଳେ—

ମୋତେ ତା'ହେଲେ ଉଠାଇଦେବୁ—ମୋର ମଧ୍ୟ କ୍ଲାସ ଅଛି ।

ସୁଶାନ୍ତ ଉପର ମହଲାରେ ସିଙ୍ଗଲସିଟେଡ୍ ରୁମ ପାଇଥିଲା । ମୀନକେତନ ମଧ୍ୟ । ଅନ୍ୟମାନେ ଡବଲ୍ ସିଟେଡ୍ । ମୀନକେତନ ଭୂଗୋଳ ଏମ୍. ଏ. ରେ ଅନ୍ତର୍ଭୁକ୍ତ ହୋଇଥିଲା ।

ମୀନକୁ ଛାଡ଼ି ନିଜ କୋଠରୀକୁ ଆସୁଥିବା ବେଳେ [illegible] ଶାନ୍ତ କୌଣସି ଲୋକକୁ ତା' କୋଠରୀ ପାଖରେ ବୁଲୁଥିବା ଦେଖି ଦକ୍ଷେପ ଦ୍ରୁତ କଲା । ଓ୍ୱାର୍ଡ ବୟର ପାଣ୍ଡେ ତାକୁ [illegible] ରୁଥିଲା ।

କଉ ପାଣ୍ଡେ, କଥା କଣ ?

ଦିଦ୍ଧ, ଚିଠି ଦେଇଛନ୍ତି । ସୁଶାନ୍ତ ଗ୍ଲେଟ କାଗଜଟିଏ ତା' ହାତରୁ [illegible] ଲା ।

ସୁଶାନ୍ତବାବୁ,

ଆପଣଙ୍କ ଇଂରାଜ ଇତିହାସର ନୋଟ୍‌ଟା ଦେବେ । ଜଣେ [illegible] ଢିବାର ଦିନ ମୁଁ ମେକନ୍‌ସାହେବଙ୍କ କ୍ଲାସକୁ ଯାଇ ପାରି ନଥିଲି । [illegible] ର୍ ଉପରେ ମୁଁ କିଛି ଲେଖିନି ।

[illegible]

ଚଠି କ'ଣ ଓ୍ୟାଡନ ସାହେବଙ୍କ ହିଁଅ ଦେଇଛନ୍ତି ?

ହଁ ସାହେବ ।

ଚପର୍ ନୋଟଟା ନେଇ ପାଣ୍ଡେ ଫେରିଯିବା ପରେ ସୁଶାନ୍ତ ବାହାରକୁ ଆସି ଚଠିଟିକୁ ଚିରି ଫୋପାଡ଼ିଦେଲା । କଣ ଫୋପାଡ଼ିଲୁ କି ରେ ? ପାଣ୍ଡେ କଣ ତୋ ତୁମ୍‌କୁ ଦଉଡ଼ିଲାଣି ! କଥା କଣ— ଧୂମକେତୁ ବାରଣ୍ଡାରେ ଲମ୍ବା ଲମ୍ବା ପାଦ ପକାଇ ଆସୁ ଆସୁ ପଚାରିଲା ।

ଜ୍ୟୋତ୍ସ୍ନା ଦେବୀ ନୋଟ୍ ମଗାଇ ପଠାଇଥିଲେ ।

ଚାଲ୍ ଭିତରକୁ ଚାଲ୍ କଥା ଅଛି, ତୁମ ଭିତରକୁ ଯାଇ ଧୂମକେତୁ ଆର୍ମଚେୟାରରେ ବସିଲା ।

ଡଆସିଲ୍ ଅଛି ? ଧୂମକେତୁ ସିଗାରେଟ୍ ବାହାର କରି ପଚାରିଲା ।

ନା, ଡ଼ଆସିଲ ମୋର କଣ ହବ ।

ଓଃ, ତୁ ପରା ସିଗାରେଟ୍ ଖାଉନା !

ହଉ, କଣ କହିବାକୁ ଆସିଥିଲୁ କହ ।

ଡ୍ରାମାଟିକ୍ ସୋସାଇଟୀ କଥା । ଡ୍ରାମାଟିକ୍ ସୋସାଇଟୀ ଆରମ୍ଭ କରିବା ପାଇଁ ଭାଇସ୍‌ଚାନ୍‌ସଲେରଙ୍କଠୁ ଅନୁମତି ମିଳିଗଲା । ତୁଇଫ୍ଥ ହଷ୍ଟେଲ୍‌ର ରୁମ ନମ୍ବର ଚଉଦ ଆମକୁ ଅଫିସ ରୁମଭାବେ ବ୍ୟବହାର କରିବା ପାଇଁ ଦିଆହୋଇଛି । ରେଜିଷ୍ଟ୍ରାର, ଭାଇସଚାନ୍‌ସେଲର, ହିନ୍ଦୀ, ଇଂରାଜୀ ଓ ସଂସ୍କୃତର ଅଧାପକଙ୍କୁ ନେଇ ମ୍ୟାନେଜିଂ କମିଟି ଗଢ଼ିଛୁ । ବର୍ତ୍ତମାନ ସଭ୍ୟ ସଂଗ୍ରହ ଚାଲିଛି, [illegible] ଲେଡ଼ିଜ-ହଷ୍ଟେଲ ପାଇଁ ସଂଗଠକ ନିଯୁକ୍ତ ହୋଇଛନ୍ତି । [illegible] ଜଣେ ସଭ୍ୟ ହେବାକୁ ହେବ ।

ରହ, ରହ, ତୁ ଝୁଙ୍କବଶୀଗ୍ର ବହୁତ କଥା କହିଗଲୁ । ସୋସାଇ-ଟିର ଉଦ୍ଦେଶ୍ୟ କଣ, ଶୁଣେ ।

ଡ୍ରାମା କରିବା, ଡ୍ରାମାଟିକ୍ ଟାଲେଣ୍ଟ ବଢ଼ାଇବା, ବିଶ୍ୱ-ବିଦ୍ୟାଳୟର ଛାତ୍ରମାନଙ୍କୁ ସାମୟିକ ଆମୋଦ ଦେବା···ମୋ ଭିତରେ ତାହେଲେ ତୁ ଏତେକଥା ଦେଖିପାରିଲୁଣି, ଆଉ ମୋର ରୂପରେଖ ଲୋକଙ୍କୁ ଆମୋଦ ଦେବାକୁ ଉପଯୋଗୀ ବୋଲି ଭାବୁଛୁ ।

ଦେଖ ସୁଶାନ୍ତ, କିଏ ଭଲ ଅଭିନୟ କରିପାରିବ, କିଏ ନୁହଁ ତା, ଅଭିନୟ କରିବା ପରେ ସିନା ଜଣାପଡ଼ିବ । ଯେତେବେଳେ ଅନ୍ୟମାନେ ଯୋଗଦେଉଛନ୍ତି ତୁ ଯୋଗଦେଲେ ଖରାପ କଣ ହେବ, ମୁଁ ବୁଝିପାରୁନି । ପୁଣି ଡ୍ରାମାଟିକ୍କ୍ଲବ୍‌ରେ ଯେଉଁମାନେ ସଭ୍ୟ ହେବେ ସେମାନେ ସମସ୍ତେ ଯେ ଅଭିନୟ କରିବେ ସେଁ ଉ କଣ ମାନେ ଅଛି ?

ଓଃ, ତାହେଲେ ମୋତେ ଡ୍ରାମାଟିକ୍ କ୍ଲବ୍‌ରେ ମିଶାଇବାରେ ତୋର ଆଉ କଣ ଉଦ୍ଦେଶ୍ୟ ଅଛି !

ମୋତେ ତା'ହେଲେ ସାଫ୍ କହିବାକୁ ହେବ ।

ମୁଁ ତ ସେଇଯା ଚାହୁଁଛି ।

ପ୍ରଥମରେ—ତୁ ମେମ୍ବର ହେଲେ କ୍ଲବର ସମ୍ମାନ ବଢିଯିବ । କାରଣ ତୁ ଭଲ ଛାତ୍ର ବୋଲି ସମସ୍ତେ ଜାଣନ୍ତି । ତୋ ଭଳି ଜଣେ କୃତୀଛାତ୍ର ମିଶିଲେ ଅନ୍ୟମାନେ ମିଶିବାକୁ ସଙ୍କୋଚ କରିବେନି ।

ଦ୍ୱିତୀୟରେ—କମଳାଦେବୀଙ୍କ ଘରକୁ ଏହି କ୍ଲବ୍ କଥସୁ ନେଇ ଯାଇଥିଲି । ତୁ ମେମ୍ବର ହେଲେ ଭାରି ଭଲ ହେବ ବୋଲି

ସେ କହିଲେ । ତାଙ୍କର ଯୁକ୍ତି ଥିଲା, ତୋର ବିଶେଷତ୍ୱ ଅଛି, ତୁ ଖୁବ୍ ଭଲ ଅଭିନୟ କରିପାରିବୁ ବୋଲି ତାଙ୍କ ମତ ।

ତୃତୀୟରେ—ତୁ ମେମ୍ବର ହେଲେ ଅନେକ କ୍ଲବ ମେମ୍ବର ହେବାରେ ଅସୁବିଧା ରହିବନି । ବର୍ତ୍ତମାନ ସୁଦ୍ଧା ସଭ୍ୟସଂଖ୍ୟା ମୋଟେ ବାରଜଣ । ସ୍ଥାୟୀ ସଭ୍ୟ ସଂଖ୍ୟା ତ ଜମାରୁ ତିନି । ତୁ ଇଚ୍ଛା କଲେ ଅଳ୍ପକମ୍‌ରେ ସବୁ ଓଡ଼ିଆ ପିଲା ତ ମେମ୍ବର ହୋଇପାରିବେ ।

ବେଶ୍, ତା'ହେଲେ ଦ୍ୱିତୀୟ ପ୍ରଶ୍ନକୁ ପ୍ରଥମେ ଉତ୍ତର ଦିଏଁ । ଝୁମାତାଦେବୀଙ୍କୁ ମୋ ପକ୍ଷରୁ ଧନ୍ୟବାଦ ଦେଇଦେବୁ । ପରିବୁ ଆର୍ଟିଷ୍ଟମାନେ ସେ ଶାରୀରିକ ରୂପ ରେଖକୁ ବୁଝନ୍ତି ନା ଅଭିନୟ କରିବାରେ ଦକ୍ଷତାକୁ ବୁଝନ୍ତି । ଯଦି ଶାରୀରିକ ଆକାରପ୍ରକାରକୁ ଲକ୍ଷ୍ୟ କରିଛନ୍ତି ତା'ହେଲେ ସେ ଭିନ୍ନ କଥା—କିନ୍ତୁ କୃତିତ୍ୱକୁ ଲକ୍ଷ୍ୟ କରି କହିଥିଲେ ସେ ଭୁଲ ବିଚାର କରିଛନ୍ତି । ପ୍ରଥମ ଓ ତୃତୀୟ ପାଇଁ କହିବି ଯେ ଏ, କ୍ଲବ୍ ଡ୍ରାମା ଛଡ଼ା ଅନ୍ୟ ଉଦ୍ଦେଶ୍ୟ ନେଇ ସୃଷ୍ଟି ହୋଇଛି । ଏଥିରେ ଅଧିକାଂଶ ସଭ୍ୟ ଗ୍ଲବ ସମିତିର ପୁରୁଣା ସଭ୍ୟ ଓ କାର୍ଯ୍ୟକର୍ତ୍ତା । ଆସନ୍ତା ନିର୍ବାଚନରେ ତୁ ବିଶ୍ୱ-ବିଦ୍ୟାଳୟ ପାର୍ଲାମେଣ୍ଟରେ ପ୍ରେସିଡେଣ୍ଟ୍ ବା ପ୍ରଧାନମନ୍ତ୍ରୀ ପାଇଁ ଠିଆହେଉଛୁ । ଦୁଇ ତିନି ବର୍ଷ ହେଲା ବିଶ୍ୱବିଦ୍ୟାଳୟରେ ଗ୍ଲବ-ସମିତି ଅକୃତକାର୍ଯ୍ୟ ହେଉଛି । ଏଥରକ ତୁ ସେମାନଙ୍କର ନେତା ସାଜି ସେମାନଙ୍କୁ ଧୈର୍ଯ୍ୟ ଦେଇଛୁ । ସଫଳକାମ ହେବା ପାଇଁ ତୁ ଅନେକ ଯୋଜନା ଆରମ୍ଭ କରିସାରିଲୁଣି, ସେଥିମଧ୍ୟରୁ ଡ୍ରାମାଟିକ୍ ସୋସାଇଟୀ ଗୋଟିଏ । ଏହାଛଡ଼ା ତୋର ଅନ୍ୟ ଉଦ୍ଦେଶ୍ୟ ମଧ୍ୟ ଅଛି । ସେଗୁଡ଼ାକ ବର୍ଣ୍ଣନା କରିବା ମୁଁ ଉଚିତ ମନେ କରୁନି । ତୋ କାର୍ଯ୍ୟ ଏବଂ ଆଦର୍ଶ ଉଭୟର ମୁଁ ବିରୋଧୀ । କାରଣ କଲା

ଧ୍ରୁବଂ ପିକେଟ୍ସ' ଗୋଷ୍ଠୀ ସହିତ ମୋର କ ସମ୍ପର୍କ ରହିପାରେ ? ତା'ପରେ ତୁ ଜାଣୁ, ମୁଁ କେବେ ଅଭିନୟ କରିନି । ଇଚ୍ଛା ନାହିଁ କରିବାକୁ ମଧ୍ୟ ।

ସୁଶାନ୍ତ କହିବା ପରେ ଧୂମକେତୁ ଚେୟାରରୁ ଉଠି ପଡ଼ିଲେ । ଭିତରର ଜ୍ୱାଳାକୁ ବାହାରେ ପ୍ରକାଶ ନ କରିବାକୁ ସେ ବହୁ ଆଗରୁ ଶିଖିଥିଲେ ।

ଦେଖ୍ ସୁଶାନ୍ତ, ତୁ ସବୁବେଳେ ସୌଖିବାଇବଣ ହୋଇ ରହି ଯିବା ଉଚିତ ନୁହଁ । ଜୀବନରେ ସବୁ ପ୍ରକାର ଅନୁକୂଳ ସୁଯୋଗରେ ମୁଁ ତୋତେ ସଖିପତି କରାଇବ ବୋଲି ଚାହୁଁଥିଲି । କିନ୍ତୁ ତାହା ନୁହଁ । ତୋର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଅଛି । ଏଥିର କଣ କେବଳ । ମୁଁ ପରେ ଆସିବି, ବର୍ତ୍ତମାନ ମୋର କାମ ଅଛି ।

ସୁଶାନ୍ତ ସହିତ ଡ୍ରାମାଟିକ୍ କ୍ଲବ୍ ସମ୍ପର୍କରେ କଥୋପକଥନ ପରେ ଧୂମକେତୁ ବହ୍‌ରେ ବଙ୍ଗାଳୀପଡ଼ା ଆସିଲା । ସେତେବେଳକୁ ରାତି ଗୋଟାଏ । ସୁଶାନ୍ତ କହିଥିବା ଅନୁଯାୟୀ ପ୍ରକୃତରେ ଡ୍ରାମାଟିକ୍ କ୍ଲବ୍ ପଛରେ ତା'ର ଏବଂ ପାର୍ଟିର ସ୍ୱାର୍ଥ ନିହିତ ଥିଲା । ସୁଶାନ୍ତ ସେ-ସବୁ ଜାଣିଲା କିପରି ଭାବି ସେ ଆଶ୍ଚର୍ଯ୍ୟ ଏବଂ ଚିନ୍ତିତ ହେଉଥିଲା । ଅତିକମ୍ ଦିନ ଭିତରେ ମଧ୍ୟ ସୁଶାନ୍ତ ସୁଚରିତ୍ର ଓ ଭଲ ଛାତ୍ର ରୂପେ ଛାତ୍ର ମହଲରେ ପରିଚିତ ହୋଇସାରିଥିଲା । ତା'ର ବକ୍ତୃତା ଦେବାର କ୍ଷମତା ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପ୍ରକାଶ ନ ପାଇଥିଲେ ମଧ୍ୟ ଧୂମକେତୁ ଜାଣିଥିଲା ଆସନ୍ତା ପ୍ରତିଯୋଗୀତାଗୁଡ଼ିକରେ ସୁଶାନ୍ତ ପ୍ରଥମ ହେବ । ସେପରି ଜଣେ ଯୁବକ କ୍ଲବ୍‌ର ମେମ୍ବର ହେବାଦ୍ୱାରା କ୍ଲବ୍‌ର ଉନ୍ନତିହେବା ସଙ୍ଗେ ସଙ୍ଗେ ନିର୍ବାଚନରେ ମଧ୍ୟ ସଫଳତା ମିଳିଥାଆନ୍ତା । ରେଭେନ୍‌ସା କଲେଜରେ ସୁଶାନ୍ତ ସହ ଧୂମକେତୁର ସେପରି କିଛି ଭଲ ପରିଚୟ ନ ଥିଲା । ସୁଶାନ୍ତ ଅଧ୍ୟୟନଶୀଳ ଥିଲା ଓ ଡିବେଟ୍ ଫିବେଟ୍ ଛଡ଼ା ଅନ୍ୟ କୌଣସିଥିରେ ଯୋଗ ଦେଉ ନଥିଲା । ତେଣୁ ଧୂମକେତୁ ସୁଶାନ୍ତର ସମ୍ପର୍କରେ ଆସି ପାରି ନଥିଲା । ଦୁଇଜଣଙ୍କ ଗୋଷ୍ଠୀ ଭିନ୍ନ ଥିଲା । ବନାରସ ଆସିବା ପୂର୍ବରୁ ଧୂମକେତୁ ସୁଶାନ୍ତ ବନାରସ ଆସୁଛି ଜାଣିପାରି ତା' ଘରକୁ ଆସି ବନ୍ଧୁତା ସ୍ଥାପନ କରିଥିଲା । କିନ୍ତୁ ବିଚାର[illegible] ଥିବା ହେତୁ ଦୁହେଁ ଅନ୍ତରଙ୍ଗ ହୋଇପାରି ନଥିଲେ । [illegible]

ନେତା ହିସାବରେ ସୁଶାନ୍ତର ମହତ୍ତ୍ୱ ଆଗରୁ ବୁଝିଥିଲେ, ବନାରସରେ ତ ତା'ର ମୂଲ୍ୟ ଓ ପ୍ରୟୋଜନୀୟତା ବଢ଼ିଗଲା; କାରଣ ଧୂମକେତୁର ପୁରୁଣା ସାଙ୍ଗ ବନାରସରେ କେହି ନ ଥିଲେ । ସେଥି-ପାଇଁ ସୁଶାନ୍ତର ଅସହଯୋଗ ଦେଖି ସେ ଚିନ୍ତିତ ହୋଇ ଉଠିଲା ।

ବସ୍ ଠିକ୍ ଗୋଟାଏ ପହରରେ ବଙ୍ଗାଳୀପଡ଼ାଠି ପହଞ୍ଚିଲା । ଧୂମକେତୁ ବସ୍‌ରୁ ଓହ୍ଲାଇ ସିଧା ସ୍ମିତାଙ୍କ କୋଠି ଆଡ଼କୁ ଚାଲିଲା । ସ୍ମିତାଙ୍କ ସହ ପରିଚିତ ହେବାଠୁ ଧୂମକେତୁ ଏ ମଧ୍ୟରେ ସ୍ମିତାଙ୍କ ଘରକୁ ବହୁବାର ଆସିଛି । ସ୍ମିତାଙ୍କ ଡଡ଼ି, ମମି ଓ ଦରଓ୍ୱାନ୍ ଆଦି ସମସ୍ତେ ତାକୁ ଭଲଭାବେ ଚିହ୍ନି ସାରିଥିଲେ । ତେଣୁ ଭିତରକୁ ଗଲେ ସ୍ମିତାଙ୍କ ରୁମ୍ ଆଡ଼କୁ ଧୂମକେତୁକୁ ଯିବା ଦେଖି ଶୋଇବାକୁ ଉପକ୍ରମ କରୁଥିବା ଚାକରନୌକରମାନେ କିଛି କହିଲେନି କି ବାଧା ଦେଲେନି । ରମନାଥବାବୁ କୋର୍ଟ ଯାଇଥିଲେ ଓ ତାଙ୍କର ସ୍ତ୍ରୀ ଅଳକା ଦେବୀ ମଧ୍ୟାହ୍ନଭୋଜନ ପରେ ଶୋଇ-ପଡ଼ିଥିଲେ ।

ସ୍ମିତାଙ୍କ ଶୋଇବା ବଖରାର ଦୁଆର ଅଧା ଆଉଜା ହୋଇଥିଲା । ଧୂମକେତୁ ଦୁଆର ଠକ୍ ଠକ୍ କରି 'ମୁଁ ଭିତରକୁ ଆସିପାରେ କି' ବୋଲି ଦୁଇ ତିନି ଥର ପଚାରି କିଛି ଉତ୍ତର ନ ପାଇବାରେ ଦୁଆର ଠେଲିଦେଲା । ସ୍ମିତା ଶେଯରେ ପଢ଼ୁ ପଢ଼ୁ ଶୋଇପଡ଼ିଥିଲେ । ବହିଟି ହାତରୁ ଖସି ତଳେ ପଡ଼ିଯାଇଥିଲା । ସିଲିଂ ଫ୍ୟାନର ପବନରେ ଅଳକା ଦାମ ଓ ବସ୍ତ୍ରାଞ୍ଚଳ ଅସ୍ତବ୍ୟସ୍ତ ହେଉଥିଲା । ଧୂମକେତୁର ନିଶ୍ୱାସ ବନ୍ଦହୋଇଗଲା । ଅନାଘ୍ରାତ ରୂପରାଶିର ସ୍ନିଗ୍ଧତା ତାକୁ ଧୀରେ ଧୀରେ ଦୁର୍ବଳ କରି ପକାଉଥିଲା । ଚୁପାର ଆଗକୁ ପାଦ ବଢ଼ାଇବା ବେଳେ ତାକୁ କେହି ଅଟକିବା ଭଳି ଲାଗୁ

ପ୍ରକୃତିସ୍ଥ ହୋଇ ଦୁଆର ଆଉଜାଇ ଆଣିଲା । କିଛି ସମୟ ପରେ ଶବ୍ଦ ଲୋପ ହୋଇଗଲା । ଧୂମକେତୁ ପୁଣି ଦୁଆର ମେଲିଇ ସନ୍ତୃଷ୍ଟ ଆଖିରେ ଶେଯକୁ ଚାହିଁଲା । ବନୀତା ! ମିସ୍ ବନୀତା ! ନିଜକୁ ସଂଯତ କରି ଧୂମକେତୁ ଡାକିଲା ବନୀତାଙ୍କୁ । ଧଡ଼ପଡ଼ ହୋଇ ଉଠି ବସୁ ବସୁ ବନୀତା ପଚାରିଲେ—ଆପଣ କେତେବେଳୁ !

ବର୍ତ୍ତମାନ ତ ଆସୁଛି । ଧୂମକେତୁ ମିଛ କହିଲା । ତୁମେ କଲେଜକୁ ଆଜି ଯାଇ ନ ଥିଲ କାହିଁକି ? ମୁଁ ପ୍ରଥମେ ତୁମକୁ କଲେଜରେ ଖୋଜି ନ ପାଇ ହଷ୍ଟେଲକୁ ସୁଶାନ୍ତ ପାଖକୁ ଗଲି; ହଷ୍ଟେଲ୍‌ଠୁ ସିଧା ଏଠିକି; କଲେଜ ଗଲନି କାହିଁକି, ଦେହ ଖରାପ ହୋଇନି ତ !

ନା, ଦେହ ଠିକ୍ ଅଛି । ଏଇମିତି ଇଚ୍ଛା ହେଲାନି ଗଲିନି, ଥାର୍ଡ, ଫୋର୍ଥ ପିରିଅଡ଼ ଯିବି ବୋଲି ଭାବିଛି । ଆଉ କୁହନ୍ତୁ, ଡ୍ରାମାଟିକ୍ କ୍ଲବ କଥା କେତେଦୂର ଗଲା ? ସୁଶାନ୍ତବାବୁ ମେମ୍ବର ହେବାକୁ ରାଜିହେଲେ ?

ସବୁ କାମ ତ ଜୋରସୋରରେ ଚାଲିଛି । ରସିଦ ବହି ହଜାରେ କାଲି ବନାରସ୍ ପ୍ରେସ ଦେଲି । ଚାନ୍ଦା ପାଇଁ ଖାଲି ତାକୁ ସବୁ ସଂଗଠକମାନଙ୍କ ମଧ୍ୟରେ ବାଣ୍ଟିବା କଥା । ବିଶ୍ୱନାଥ ପିକ୍‌ଚର-ହାଉସ୍‌ର ମ୍ୟାନେଜର ସହିତ ଚ୍ୟାରିଟି ସୋ ବିଷୟରେ ମଧ୍ୟ ମୁଁ କଥା ହୋଇଛି । 'ଦାଗ୍' ପିକ୍‌ଚର ମିଳିବାର ସମ୍ଭାବନା ଅଛି ।

ହଁ—ଧୂମକେତୁବାବୁ, ମୁଁ ଆପଣଙ୍କ କଥା ନେପାଳୀ ସଙ୍ଘ ସେକ୍ରେଟାରୀଙ୍କୁ କହିଥିଲି । ସେ କହିଲେ ନେପାଳୀ କୃଷ୍ଟି ଓ ସଭ୍ୟତାରେ ଆଗ୍ରହ ନେଉଥିବା ଯେକୌଣସି ଯୁବ ସଙ୍ଘର ମେମ୍ବର

ହୋଇପାରିବେ । ନେପାଳୀ ଯୁବକଙ୍କୁ ସଂଘବଦ୍ଧ କରି ସେମାନଙ୍କର ସ୍ୱାର୍ଥର ସଂରକ୍ଷଣ କରିବା ବାଦେ ନେପାଳୀ କୃଷ୍ଟିର ବିଶେଷତାର ପ୍ରଚାର ମଧ୍ୟ ସେ ସଂଘର ଲକ୍ଷ୍ୟ । ଆପଣ ସଭ୍ୟ ହେବାକୁ ଇଚ୍ଛା କରୁଛନ୍ତି ଶୁଣି ସେ ଭାରି ଖୁସିହେଲେ ।

ମୁଁ ଭାରି ଖୁସି, ଆପଣଙ୍କ ସଂଘର ସଭ୍ୟହୋଇ ନିଜକୁ ଭାଗ୍ୟବାନ୍ ମନେ କରିବି । ପିଲାଦିନୁ ନେପାଳ ପ୍ରତି ମୋର ଆଗ୍ରହ ଓ କୌତୁହଳ ଅଛି ।

ହଁ, ସୋସାଇଟି କଥା କଣ କହୁଥିଲେ ।

ସୁଶାନ୍ତ ସଭ୍ୟ ହେବାକୁ ମନାକଲା ।

ମୁଁ ଅନୁରୋଧ କରିଥିବା କଥା କହିଥିଲେ ?

ହଁ ।

ବିମାତା ଗମ୍ଭୀର ହୋଇଗଲେ ।

ସେ ବିଷୟରେ ଚିନ୍ତା କରନ୍ତୁ ନା ମିସ୍ ବିମାତା, ମୁଁ ସବୁ ଠିକ୍ କରିନେବି । ଆଜି ଆଜିକା କାର୍ଯ୍ୟକ୍ରମ କଣ, କୁହନ୍ତୁ ।

ସୁଶାନ୍ତ ତାଙ୍କର ଅନୁରୋଧ ରକ୍ଷା କରିବନି ବୋଲି ବିମାତା ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ । ତାଙ୍କର ଅନୁରୋଧ ଓ ଆଗ୍ରହକୁ ଆଜଯାଏଁ କୌଣସି ଲୋକ ପ୍ରତ୍ୟାଖ୍ୟାନ କରି ନଥିଲା । ସୁଶାନ୍ତ ଉପରେ ତାଙ୍କର ବଡ଼ ବେଶି ବିଶ୍ୱାସ ଥିଲା—କିପରି ସେ ଜାଣି-ନଥିଲେ, କିନ୍ତୁ ସୁଶାନ୍ତ ତାଙ୍କ ଅନୁରୋଧ ରକ୍ଷା କରିବ, ଆନନ୍ଦରେ ସେ କହିବା କଥା କରିବ ଏ ବିଶ୍ୱାସ ତାଙ୍କର ମନଭିତରେ ଥିଲା । ଡ୍ରାମାଟିକ୍ ସୋସାଏଟି କଥା ପଡ଼ିବାରେ ସେ ସୁଶାନ୍ତ ନାଁ ଧ୍ରୁବଙ୍କୁ ଆଗରେ ଓ ପରେ ଅନ୍ୟାନ୍ୟ ସଭ୍ୟମାନଙ୍କ ଆଗରେ ରଖିଥିଲେ ।

ସୁଶାନ୍ତ ସଭ୍ୟ ହେବାରେ ଧୂମକେତୁ ବିଶେଷ ଆଗ୍ରହୀ ନ ଥିଲା; କିନ୍ତୁ ସ୍ମିତାଙ୍କ ଆଗ୍ରହ ଯୋଗୁଁ ସୁଶାନ୍ତକୁ ସଭ୍ୟ କରି ପାର୍ଟିର ଓ ତା'ର ସ୍ୱାର୍ଥ ଦୃଷ୍ଟିରୁ କିପରି ତାକୁ ବ୍ୟବହାର କରାଯାଇପାରେ ତା' ମନେ ମନେ ଠିକ୍ କରିନେଇ ସେ ରାଜିହୋଇଥିଲା ।

ପ୍ରତ୍ୟାଖ୍ୟାନ କଥା ଭାବି ସ୍ମିତା ଦୁଃଖରେ ଧୂମକେତୁ କଥା ନ ଶୁଣି ଚିନ୍ତା କରୁଥିବା ବେଳେ ହଠାତ୍ ଧୂମକେତୁ ପ୍ରସଙ୍ଗ ବଦଳାଇ ମ୍ୟାଟିନିସୋ ପାଇଁ ସ୍ମିତାଙ୍କୁ ନିମନ୍ତ୍ରଣ ଦେଲା । ପ୍ରଥମେ ସ୍ମିତା ମନାକଲେ, କିନ୍ତୁ ଧୂମକେତୁର ଆଗ୍ରହ ଯୋଗୁଁ ତାଙ୍କୁ ହଁ କରିବାକୁ ପଡ଼ିଲା । କଥା ହେଲା, ସମୟ ହୋଇଯାଉଥିବାରୁ ଓ ଟିକଟ୍ ଭିଡ଼ରେ ଗଲେ ନମିଳିବାର ସମ୍ଭାବନା ଥିବାରୁ ଧୂମକେତୁ ଆଗ ଯାଇ ଟିକଟ୍ କରି ସ୍ମିତାଙ୍କୁ ସିନେମାହଲ୍ ଠି ଅପେକ୍ଷା କରିଥିବ, ସ୍ମିତା ପଛରେ ଆସିବେ । ଧୂମକେତୁ ବସ୍-ଷ୍ଟାଣ୍ଡ ପାଖକୁ ଚାଲିଗଲା ।

ସ୍ମିତା ଧୂମକେତୁ ଆଗରେ ସିନେମା ସକାଶେ ନିମନ୍ତ୍ରଣ ପାଇ 'ହଁ' କରିଦେଇଥିଲେ ମଧ୍ୟ ଧୂମକେତୁ ଚାଲିଯିବା ପରେ ସିନେମା ଯିବା ଉଚିତ ହେବ କି ନା ବିଚାରିଲେ । ପ୍ରଥମତଃ ସିନେମା ଗଲେ ତାଙ୍କୁ ଦୁଇଟି ମୁଖ୍ୟ ପିରିଅଡ୍ ଛାଡ଼ିବାକୁ ପଡ଼ିବ । ସେଦିନ ସେ ଦୁଇଟା ପିରିଅଡ଼ ଛାଡ଼ି ସାରିଥିଲେ । ଭାବିଥିଲେ ଶୋଇ କରି ଉଠି ଶେଷ ଦୁଇଟା ପିରିଅଡ୍‌କୁ ଯିବେ ବୋଲି । କୌଣସି କ୍ଲାସକୁ ନଯିବାର ପକ୍ଷପାତୀ ସେ ନଥିଲେ; କିନ୍ତୁ ଧୂମକେତୁ ସହିତ ପରିଚିତ ହେବାଦିନଠୁ ବାଧ୍ୟହୋଇ ତାଙ୍କୁ ଅନେକ କ୍ଲାସ ଛାଡ଼ିବାକୁ ହୋଇଛି । କ୍ୟାଣ୍ଟିନ୍ ବା ଲାଇବ୍ରେରୀରେ ଧୂମକେତୁ ସହ ଆଳାପ କରୁଥିବାବେଳେ ଯଦି କ୍ଲାସ୍

ହେବାର ଟାଇମ୍ ଦେଖି ସେ କଥା ବନ୍ଦ କରିଦେବା ପାଇଁ ବାରମ୍ବାର ହାତଘଣ୍ଟା ଦେଖୁଥିଲେ, ତା'ହେଲେ ଧୂମକେତୁ ହସି ହସି କହୁଥିଲା—ମିସ୍ ବନୀତା ମୋ କଥା ତୁମକୁ ଭଲ ଲାଗୁନି ? ତୁମେ କଣ କୁହ, ବନୀତା ମୁଁ ଶୁଣିବି । ବନୀତା କ୍ଲାସ କଥା କହିଲେ ସେ କହୁଥିଲା—ସବୁବେଳେ ତ ଯାଉଛ, ଆଜ ଘଣ୍ଟାଏ ମୋ ପାଇଁ ଛାଡ଼ିଦିଅ ।

ତା'ପରେ ଆଉ କିଛି କହିବାକୁ ନ ଥିଲା ।

ବନୀତା ତାଙ୍କ ଛାତ୍ରୀ ଜୀବନରେ ଯାହା କେବେହେଲେ କରି ନ ଥିଲେ ତା' କରିବାକୁ ଆରମ୍ଭ କରିଥିବା ଦେଖି ତାଙ୍କର ପୁରୁଣା ବାନ୍ଧବୀମାନେ ଓ ଅଧ୍ୟାପକମାନେ ଆଶ୍ଚର୍ଯ୍ୟ ହେଉଥିଲେ । କିନ୍ତୁ କ୍ଲାସ୍‌ରେ ଅନୁପସ୍ଥିତ ରହିବାରେ ବନୀତାଙ୍କ ବ୍ୟକ୍ତିଗତ କାରଣ ଥାଇପାରେ ଭାବି କେହି ତାଙ୍କୁ ସେବିଷୟରେ ପଚାରୁ ନଥିଲେ ବା ଭାବୁ ନଥିଲେ । ବନୀତା ପ୍ରୋଗ୍ରେସିଭ୍ ଭ୍ୟୁଜ୍‌ର ପୋଷକ ଥିଲେ—ମାର୍କସ୍ ଫ୍ରଏଡ୍ ହ୍ୟାଭେଲକ୍ ଏଲିସ୍ ଏମିଲ୍ ଜୋଲା ତାଙ୍କର ପ୍ରିୟ ଲେଖକ ଥିଲେ । ପୁରୁଷ ସହ ନାରୀର ସମାନାଧିକାର ପାଇଁ ସେ ଗୁପନେଶୀ ଥିଲେ । ହିନ୍ଦୁ ବିଧିର ବିବାହାଦି ସଂସ୍କାରକୁ ସେ ଘୃଣାଚକ୍ଷୁରେ ଦେଖୁଥିଲେ । ତଥାପି ପରମ୍ପରାର ପ୍ରଭାବ ଯୋଗୁଁ ସେ ଚରିତ୍ରଭ୍ରଷ୍ଟା ନ ଥିଲେ । ନିଜ କର୍ତ୍ତବ୍ୟରେ ଅବହେଳା କରୁଥିବା ଯୋଗୁ ବିବେକର ଅଶାନ୍ତି ଅନୁଭବ କରୁଥିଲେ । ଦ୍ୱିତୀୟତଃ ଧୂମକେତୁ ସହିତ ଏହା ଆଗରୁ ଥରେ ଦୁଇଥର ସିନେମା ଯାଇ ଭଲ ଅନୁଭୂତି ସେ ପାଇ ନଥିଲେ । ପରିଚୟର ସୁଯୋଗ ନେଇ ସିନେମାହଲ୍ ଭିତରେ କଥା ଛଳରେ ଅକାରଣେ ହାତ ଚିପିଦେବା, ମୁହଁ ପାଖକୁ ମୁହଁ ଆଣି ଫେଲୁ ବା ଅଙ୍ଗଲେଗା

ଅଭିନେତ୍ରୀଙ୍କ ବିଷୟରେ ଟିପ୍ପଣୀ କରିବା ତାଙ୍କୁ ଭଲ ଲାଗୁ ନଥିଲା। ଧୀରେ ଧୀରେ ସେ ବୁଝୁଥିଲେ ଯେ ଯେପରି ଆଜିଯାଏ ସେ ଅନ୍ୟାନ୍ୟ ଯୁବକମାନଙ୍କୁ ନିଜର ସ୍ୱାର୍ଥ ସାଧନ ପାଇଁ ବ୍ୟବହାର କରି ଆସିଛନ୍ତି ସେପରି ଧୂମକେତୁଙ୍କୁ କରିପାରିବେନି । ଧୂମକେତୁ ଅନ୍ୟାନ୍ୟମାନଙ୍କଠୁ ବେଶି ଉଦ୍ୟମଶୀଳ ଓ ବୁଦ୍ଧିମାନ୍ ପରି ଜଣାପଡୁଥିବା ସେ ଅନୁଭବ କରୁଥିଲେ । କୌଣସି ଯୁବକ ଯେତେ ପରିଚିତ ହୋଇଥିଲେ ମଧ୍ୟ ଘର ଭିତରେ ଶୋଇଥିବାବେଳେ ସେହି ଘରଭିତରକୁ କେହି ପଶି ଆସିବା ଅତ୍ୟନ୍ତ ଶିଷ୍ଟାଚାର-ବିରୁଦ୍ଧ; କିନ୍ତୁ ବନ୍ଧୁତା ଖାତିରରେ ଧୂମକେତୁଙ୍କୁ ସେ କିଛି କହି ପାରି ନ ଥିଲେ ।

କିନ୍ତୁ ଏସବୁ କାରଣ ବାଦେ ଘରେ ଏକୁଟିଆ ରହି ସେ ଆଜି ଭାବିବାକୁ ଚାହୁଁଥିଲେ ସୁଶାନ୍ତର ଅସ୍ୱୀକୃତି ବିଷୟରେ । ତାଙ୍କର ଧାରଣା ଥିଲା ଯେ ସୁଶାନ୍ତ ତାଙ୍କ ଅନୁରୋଧକୁ ମୂଲ୍ୟଦେବ । ସେ ଅନୁରୋଧ କରୁଛନ୍ତି ଶୁଣି ଖୁସି ହେବ ।

ଜମିତା ହଠାତ୍ ରିଷ୍ଟୱାଚ୍ ଦେଖିଲେ । ମ୍ୟାଟିନ୍ ପାଇଁ ଟାଇମ୍ ହୋଇଯାଉଛି । ଧୂମକେତୁ ଠିକଠ କରି ଅପେକ୍ଷା କରିଥିବ । ଆହତ ହୃଦୟରେ ସେ ଜଲଦି ଜଲଦି ମେକ୍ ଅପ୍ ସାରି ଭ୍ୟାନିଟି ବ୍ୟାଗ୍ ଧରି ବାହାରିଲେ ।

ରାତିରେ ବିଳମ୍ବରେ ଶୋଇଥିବାରୁ ସୁଶାନ୍ତ ଉଠୁ ଉଠୁ ସାତଟା ବାଜିଯାଇଥାଏ । ଦେବାର୍ଚ୍ଚନରେ ଡେରି ହୋଇଯିବ ଭାବି ସେ ଜଲଦି ଜଲଦି ନିତ୍ୟକର୍ମ ସମାପ୍ତ କରିବାକୁ ଲାଗିଲା । ଆଜି ତାର ବହୁତ କାମ ଥିଲା । ଓଡ଼ିଆରେ 'ସାପ୍ତାହିକ ସମାଜ'କୁ ଲେଖା ପଠାଇବା ଛଡ଼ା 'କାରଭାଁ' ପାଇଁ ଇଂରାଜୀ ଗଳ୍ପ ମଧ୍ୟ ଲେଖିବାକୁ ହେବ । ଓଡ଼ିଆ ଲେଖାରେ ସେ କିଛି ଆର୍ଥିକ ଲାଭ ପାଉ ନଥିଲା । ଯାହା ଯାହା ଟଙ୍କା ଆସୁଥିଲା ସେଥିରେ ଚଳିବା କଷ୍ଟପ୍ରଦ ଥିଲା । ତେଣୁ 'କାରଭାଁ' ବା ଅନ୍ୟାନ୍ୟ ପତ୍ରପତ୍ରିକାରୁ ସେ ଯେଉଁ ସାମୟିକ ପାରିତୋଷିକ ପାଉଥିଲା ତା'କୁ ବହୁତ ସାହାଯ୍ୟ କରୁଥିଲା । ଲେଖିବା ଓ ପଢ଼ିବାରେ ତା ଜୀବନର ସନ୍ତୋଷ ଥିଲା । ଡ୍ରାମାଟିକ୍ କ୍ଲବ୍‌ରେ ମିଶିବାପାଇଁ ଆଗ୍ରହ ନ ଦେଖାଇବା କାରଣମାନଙ୍କ ମଧ୍ୟରୁ ସମୟ ଅଭାବ ମଧ୍ୟ ଗୋଟିଏ ଥିଲା । ପାଠ୍ୟପୁସ୍ତକ ଛଡ଼ା ସେ ବାହାରବହି ବି ବିଶେଷ ଅଧ୍ୟୟନ କରୁଥିଲା ଓ ଲେଖାଲେଖିରେ ପ୍ରତିଷ୍ଠିତ ହେବାକୁ ଚେଷ୍ଟା କରୁଥିଲା । ପାଠକମାନଙ୍କ ମଧ୍ୟରେ ସେ ଜଣେ ଉଦ୍ଧରଣଶୀଳ ଲେଖକରୂପେ ସମାଦୃତ ଥିଲା । ତା' ଲେଖା ଓ ଉନ୍ନତି ଦେଖି ଅନେକ ତା' ଲେଖାର ବ୍ୟକ୍ତିଗତ ଆକ୍ଷେପମୂଳକ ସମାଲୋଚନା ପତ୍ରପତ୍ରିକାରେ ଆରମ୍ଭ କରିଦେଇଥିଲେ । କିନ୍ତୁ ସାଧାରଣ ଲୋକେ ତା' ଲେଖାର ଆଦର କରୁଥିଲେ, ବୟୋବୃଦ୍ଧ ଲୋକେ ତାକୁ ଆଶୀର୍ବାଦ ଦେଉଥିଲେ ।

ଦୁଆର ବନ୍ଦକରି ସୁଶାନ୍ତ ସ୍ନାନାଗାରକୁ ଯାଉଥିବାର ଉପକ୍ରମ କରୁଥିବାବେଳେ ପାଣ୍ଡେଙ୍କୁ ବାରଣ୍ଡାରେ ଦେଖି ଦୁଆର ପାଖରେ ତାଙ୍କୁ ଅପେକ୍ଷା କଲା । ବାରଣ୍ଡାରେ ସହାଧ୍ୟାୟୀମାନେ ଆର୍ମଚେୟାର ପକାଇ ପଢ଼ୁଥିଲେ, ଅନେକ ଖୋସ୍‌ଗପରେ ମଧ୍ୟ ବ୍ୟସ୍ତଥିଲେ ।

ପାଣ୍ଡେ ଆସିବାରୁ ଦୁହେଁ ଘର ଭିତରକୁ ଗଲେ । ପାଣ୍ଡେ ନୋଟ୍ ଫେରାଇଦେଇ କହିଲା—ଆଜି ସନ୍ଧ୍ୟା ଗୃରଟା ବେଳେ ଆପଣ ହିବଙ୍କୁ ଦେଖାକରିବେ ।

ହଉ—ସୁଶାନ୍ତ ଦୁଆର ବନ୍ଦକଲା ।

ଆରେ, ପାଣ୍ଡେ, ମୁଁ ତ ଆଜି ଭାରି କାର୍ଯ୍ୟବ୍ୟସ୍ତ ରହିବ । ଆଜି ସନ୍ଧ୍ୟାବେଳେ ନୁହେଁ, ଆଉ କେତେବେଳେ ସୁବିଧା ହେଲେ ଯିବ । ଯଦି କିଛି ନିହାତି ଜରୁରୀ କାମ ଥାଏ ତା'ହେଲେ ଖବର ଦେବୁ ।

ସୁଶାନ୍ତ ରୁମ୍ ବନ୍ଦକରି ସ୍ନାନାଗାରକୁ ଗୃଲିଗଲା ।

ଲଜ୍‌ପତ୍‌ହଷ୍ଟେଲରେ ଛାତ୍ରସଂଖ୍ୟାକୁ ଗୃହିଁ ଯଥେଷ୍ଟ ସଂଖ୍ୟାରେ ସ୍ନାନାଗାର ନଥିଲା । ତେଣୁ ସବୁଦିନ ଯେତେ ଚଞ୍ଚଳ ଗଲେ ବି କ୍ୟୁରେ ଦଶ ପନ୍ଦର ମିନଟ୍ ଠିଆହେବାକୁ ହୁଏ । ସୁଶାନ୍ତ ତଳେ ପହଞ୍ଚି ସବୁ ସ୍ନାନାଗାର ପୂର୍ଣ୍ଣ ଦେଖି ବାହାରେ ଅପେକ୍ଷା କଲା । ସ୍ନାନାଗାରର ଦକ୍ଷିଣ ଦିଗକୁ କ୍ୟାଣ୍ଟିନ୍ । ସେ ସ୍ନାନାଗାରକୁ ପଛ କରି ଠିଆହୋଇ କ୍ୟାଣ୍ଟିନ୍‌କୁ ଗୃହିଁଥିବା ସମୟରେ ସ୍ନାନ-ଗାର ଖାଲି ହେଲା । ସୁଶାନ୍ତ ବୁଲିପଡ଼ି ସ୍ନାନାଗାର ଭିତରକୁ ପଶି ଯାଉଥିବାବେଳେ ଜଣେ କେହି ତାଙ୍କୁ ଜୋରରେ ପଛରୁ କାନ୍ଧରେ ହାତ ପକାଇ ଟାଣିଦେଲେ । ଅପ୍ରତ୍ୟାଶିତ ଟଣାରେ ସୁଶାନ୍ତର ଗୋଡ଼ ଖସିଗଲା । ସେଇ ମୁହୂର୍ତ୍ତର ସୁଯୋଗ ନେଇ ସେକ୍ସ

ଅପରିଚିତ ଜଣକ ବିଜୁଳିବେଗରେ ଖାଲି ହୋଇଥିବା ସ୍ନାନାଗାର ଭିତରକୁ ପଶି ଦୁଆର କିଳିଦେଲେ । ଘଟଣାଟି ଅପ୍ରତ୍ୟାଶିତ ଭାବେ ହୋଇଥିଲା । ଏପରି ଅଭଦ୍ର ବ୍ୟବହାରରେ ସୁଶାନ୍ତର ଅତ୍ୟନ୍ତ ରାଗ ଆସିଲା । ହଠାତ୍ ଯାଇ ସ୍ନାନାଗାର ଦରଜାକୁ ଖୋଲି ଭଦ୍ରବ୍ୟକ୍ତିଙ୍କୁ ତାଙ୍କର ଅଭଦ୍ର ଆଚରଣ ପାଇଁ ଉଚିତ ଶାସ୍ତି ଦବାକୁ ତା'ର ଇଚ୍ଛା ହେଲା; କିନ୍ତୁ ନିଜର କ୍ରୋଧକୁ ସଂଯତ କରିନେଇ ସେ ପରିସ୍ଥିତି ଉପରେ ବିଚାର କଲା । କେହି ଜଣେ ଗାଧୋଇବା ପାଇଁ ତା' ପୂର୍ବରୁ ଅପେକ୍ଷା କରୁଥିଲେ ବୋଧହୁଏ । ରୁମ୍ ଫିଟିବା ଦେଖି ଓ ସୁଶାନ୍ତ ପଶିଯାଉଥିବା ଦେଖି ସେ ଜବରଦସ୍ତି ପଶିଗଲେ । ହଠାତ୍ ହୋ ହୋ ହସରେ ସୁଶାନ୍ତର ଚିନ୍ତାଧାରା ଭାଙ୍ଗିଗଲା । କ୍ୟାଣ୍ଟିନ୍ ବାରଣ୍ଡାରେ ଦଳେ ଦକ୍ଷିଣଭାରତୀୟ ଠିଆହୋଇ ତାକୁ ଚାହିଁ ହସୁଥିଲେ ।

କ୍ୟା ହୁଆ ସୁଶାନ୍ତ ଜୀ ! ଜଣେ ଅଳ୍ପ ଉଚ୍ଚ ଗୋରା ଯୁବକ, ବେକରେ ସୁନାଚେନ୍‌ର ହାର ଥିଲା, ପଚାରିଲା । ତା' ପଛରେ ଆଉ ଦୁଇଜଣ ଯୁବକ ଠିଆହୋଇ ସୁଶାନ୍ତକୁ ଅନାଇ ସ୍ମିତହାସ୍ୟ କରୁଥିଲେ ।

କିଛି ନୁହେଁ ଭାଇ । ସଂଯତସ୍ୱରରେ ସୁଶାନ୍ତ ଉତ୍ତର ଦେଇ ଅନ୍ୟ ଆଡ଼କୁ ମୁହଁ ବୁଲାଇଦେଲା । ସ୍ନାନାଗାରରେ ଜବରଦସ୍ତି ପଶିଥିବା ବନ୍ଧୁ ଆସିବାରେ ଡେରି ଡେରି କରୁଥିଲେ । ପ୍ରାୟ ଅଧଘଣ୍ଟାଏ ପରେ ବହୁତ ସନ୍ତର୍ପଣରେ ସ୍ନାନାଗାର ଦରଜା ଖୋଲିଲା । ଭିତରୁ ଜଣେ ଯୁବକଗୁଣ୍ଡ ମୁହଁଗଳାଇ ବାହାରକୁ ଚାହିଁଲେ ଓ ସୁଶାନ୍ତକୁ ଦେଖି ପୁଣି ଦୁଆର ବନ୍ଦ କରିଦେଲେ ।

ସୁଶାନ୍ତ ହସି କହିଲା—ଚାଲି ଆସନ୍ତୁ, ଭିତରେ କଣ ଅଛି ?

ସୁଶାନ୍ତର କଥା ଶୁଣି ଦରବାଜା ସଙ୍ଗେ ସଙ୍ଗେ ଖୋଲିଗଲା ଓ ଜଣେ ମାନ୍ଦ୍ରାସୀ ଯୁବକ ଗମ୍ଭୀରହୋଇ ବାହାର ଆସିଲେ । ସୁଶାନ୍ତ ବ ଓ୍ୟାଡରେ ତାଙ୍କୁ କେତେଥର ଦେଖିଥିଲା । ବାହାରିବା ମାତ୍ରେ ସୁଶାନ୍ତ ତାଙ୍କର ବାଟ ଓଗାଳି ପଚାରିଲା—ଆପଣ ଏପରି-ଭାବରେ କାହିଁକି ଭିତରକୁ ପଶିଗଲେ । ମୁଁ ତ ଆଗରୁ ଆସି ଅପେକ୍ଷା କରିଥିଲି, ମୁଁ ଆଗ ଯିବା କଥା ।

ଆପଣ କିଏ, ମୁଁ ତ ଜାଣିନି । ଆପଣ କଣ କହିବାକୁ ଚାହାନ୍ତି ? ମୁଁ ତ ଗଲାବେଳେ ଜବର୍ଦସ୍ତି ଯାଇନି ।

ସୁଶାନ୍ତ ଏକଥା ଶୁଣି କିଛି ସମୟ ଚୁପରହି କହିଲା, ହଉ ଯାନ୍ତୁ, ଆଉଦିନେ ଏପରି କରନ୍ତୁନି । ଅପରିଚିତ ଯୁବକ ବୁଲିପଡ଼ି ଚାଲିଯାଉଥିବା ବେଳେ ହଠାତ୍ ଗୋଡ଼ରେ ଗୋଡ଼ ବାଜି ଛନ୍ଦ ହୋଇ ଯିବାରୁ ସ୍ନାନାଗାର ବାରଣ୍ଡାରେ ନର୍ଦ୍ଧାତ କଚଡ଼ା ଖାଇଲେ । ସୁଶାନ୍ତ ବାରଣ୍ଡାରେ ସେ ଉଠିବାଯାଏଁ ଅପେକ୍ଷା କଲା । ଅପରିଚିତ ଯୁବକଜଣକ ଉଠିପଡ଼ି ରାଗରେ ସୁଶାନ୍ତକୁ ଚାହିଁ ଚୁପଚାପ ଘର ଆଡ଼କୁ ଚାଲିଗଲେ । ସୁଶାନ୍ତ ଗାଧୁଆଘର ଭିତରକୁ ପଶିଲା । ଯୁବକଟିର ବ୍ୟବହାର ତାକୁ ଆଶ୍ଚର୍ଯ୍ୟାନ୍ୱିତ କରି ପକାଇଥିଲା । ଭୟାତୁର ହୋଇ ଯୁବକଟି ପଡ଼ି ଯାଇଥିବାରୁ ସେ ଦୁଃଖିତ ମଧ୍ୟ ହୋଇଥିଲା; କିନ୍ତୁ ଯଦି ସେ ଭୁଲ ମାନିଯାଇଥାନ୍ତେ ତା' ହେଲେ ତ ସବୁ ସମାଧାନ ହୋଇଯାଇଥାନ୍ତା, ଉପରେ ସେ ଆଉ ପଡ଼ିଯାଇ ନଥାନ୍ତେ । ଗାଧୋଉ ଗାଧୋଉ ସୁଶାନ୍ତ ହସି ପକାଇଲା । କେବେବି ସେ ତାଙ୍କ ଓ୍ୟାଡ଼କୁ ଯାଇ ତାଙ୍କ ସଙ୍ଗରେ ବନ୍ଧୁତା ସ୍ଥାପନ କରିବାକୁ ଚେଷ୍ଟା କରିବ ।

ସୁଶାନ୍ତ ମଧ୍ୟାହ୍ନ ଭୋଜନ ପରେ ବି' ଓ୍ୱାର୍ଡ଼୍‌କୁ ଗଲା । ଅପ୍ରତ୍ୟାଶିତ କଳହ ତାର ରୁଚି ଅନୁକୂଳ ନ ଥିଲା ଓ ସେ ଭଦ୍ର-ବ୍ୟକ୍ତିଙ୍କ ପାଇଁ ଦୁଃଖିତ ଥିଲା । ବି' ଓ୍ୱାର୍ଡ଼୍‌ରେ ଧୂମକେତୁ ରହୁଥିଲା । ଧୂମକେତୁଠାରୁ ଅପରିଚିତଙ୍କ ଠିକଣା ପଚାରିବାକୁ ଠିକ୍ କରି ସେ ତା' କୋଠରୀ ଆଡ଼କୁ ଚାଲିଲା । ବି' ଓ୍ୱାର୍ଡ଼୍‌ର ଛତିଶି ନମ୍ବର କୋଠରୀରେ ଧୂମକେତୁ ଡବଲ୍ ସିଟେଡ଼୍‌ରେ ଜାଗା ପାଇଥିଲା ।

ଖଟରେ ମୋଟା ଗଦିରେ ଧୂମକେତୁ ମୁହଁମାଡ଼ି ଶୋଇଥାଏ । ଟେବୁଲ ଫ୍ୟାନ୍ ଶବ୍ଦ କରି ବୁଲୁଥାଏ । ମୁଣ୍ଡ ଉପରେ କାନ୍ଥରେ 'ଆଭା ଗାର୍ଡନର' ଓ 'ବୀଣାରାୟ'ଙ୍କର ଫିଲ୍ମ ଇଣ୍ଡିଆରୁ କଟା ହୋଇଥିବା ଫଟୋ ସୁନ୍ଦର ଫ୍ରେମ୍‌ରେ ବନ୍ଧାହୋଇ ଝୁଲୁଥିଲା । ସୁଶାନ୍ତ ରୁମ୍ ଭିତରକୁ ପଶିଲାବେଳେ ରୁମ୍ ପାର୍ଟନର ଧୂମକେତୁର ସିଗାରେଟ୍ ଡବାରୁ ସିଗାରେଟ୍ କାଢ଼ି ପାଟିରେ ଦେଉଥିଲେ । ସୁଶାନ୍ତକୁ ଦେଖି ସେ "ହ୍ୟାଲୋ ସୁଶାନ୍ତ ! ଗୁଡ୍ ମର୍ଣ୍ଣିଂ" କହି ସ୍ୱାଗତ କଲେ । ବିହାର ବିଶ୍ୱବିଦ୍ୟାଳୟରୁ ବି କମ୍ ପାଶ୍ କରି ସେ ଏମ୍. କମ୍. ଅଧ୍ୟୟନ ପାଇଁ କାଶୀ ଆସିଥାନ୍ତି । କଳାରଙ୍ଗର ଡେଙ୍ଗା ହୋଇ ନଷ୍ଟପ୍ରଭ ମୁସଲମାନ୍ ଯୁବକ । ଆସ୍ଥର ବିଷୟରେ ଧୂମକେତୁର କମ୍ରେଡ଼୍ ଓ ପ୍ରୋଗ୍ରେସିଭ ଭ୍ୟୁଜ୍‌ର ବଳିଷ୍ଠପୋଷକ । ଦୁନିଆରୁ ମଜହବ ବା ଧର୍ମ ଉଠିଯିବା ଉଚିତ ବୋଲି ତାଙ୍କର ମତ ଥିଲା ।

ଗୁଡ୍‌ମର୍ଣ୍ଣିଂ, ରହମତ୍ ! ଧୂମକେତୁ ଏଯାଏଁ କଣ ଶୋଇଛି ?

କାହ୍ନିଁକି ବର୍ତ୍ତମାନ ତ ଜମାରୁ ଆଠଟା ଦଶ ବାଜଛି । ମିଷ୍ଟର ଧୂମକେତୁ ନଅଟା ବେଳକୁ ଉଠନ୍ତି ।

କାଲି କେତେବେଳକୁ ଶୋଇଲା ?

ରାତି ପ୍ରାୟ ଦୁଇଟା ହେବ ।

ଦୁଇଟା ରାତିରେ ! ! ଦୁଇଟା ଯାଏଁ କଣ ବାହାରେ ଥିଲା ? ଓ୍ୱାର୍ଡେନ୍‌ଙ୍କ ଅନୁମତି ନେଇଥିଲା ?

ନା ।

ସୁଶାନ୍ତ ଧୂମକେତୁକୁ ଝୁଙ୍କାଇ ଡାକିଲା—

ଧୂମକେତୁ, ଧୂମ ! ଧୂମକେତୁକୁ ଚିତ୍ କରିଦେବାରେ କଡ଼ା ହ୍ୱାଇଟ୍ ହର୍ସର ଗନ୍ଧ ସୁଶାନ୍ତର ନାକ ଫଟାଇ ଦେଲା ।

ଇସ୍—ସୁଶାନ୍ତ ନାକରେ ରୁମାଲ ଦେଇ ପଚାରିଲା—ଧୂମ ମଦ ପିଉଛି ନା କଣ ?

ରହମତ୍ ହସକୁ ଚପାଇ କହିଲା, ମଦ ନୁହେଁ ସୁଶାନ୍ତ ବାବୁ ! ହ୍ୱାଇଟ୍ ହର୍ସ । ଧୂମକେତୁର ନିଶା ଛାଡ଼ ନ ଥାଏ । ସେ ଖଟ ଉପରେ ଉଠି ବସି ଢୁଲେଇଥାଏ ।

ହଉ ଧୂମ, ତା’ହେଲେ ମୁଁ ତୋ ବାପାଙ୍କ ପାଖକୁ ଚିଠି ଲେଖିଦେଉଛି, ହ୍ୱାଇଟ୍ ହର୍ସ ବିଷୟରେ । ବାପାଙ୍କ କଥା ଶୁଣି ଧୂମକେତୁ ହଠାତ୍ ଆଖି ଖୋଲିଲା ।

କିଏ ବାପାକୁ ଡରୁଛି, ଯା, ଯା, କହିଦେବ, ଯା ।

ସୁଶାନ୍ତ ବୁଲିପଡ଼ି ଚାଲିଗଲା । ବିରକ୍ତ ଓ ରାଗରେ ଧୂମକେତୁକୁ ସେ ଯେଉଁ ଗୁରୁଙ୍କର ଠିକଣା ପଚାରିବାକୁ ଆସିଥିଲା ତା’ ଭୁଲି ଯାଇଥିଲା ।

ତୁମ୍ ପାଖରେ ପହଞ୍ଚ ଦେଖେ ପାଣ୍ଡେ ତାଙ୍କୁ ଅପେକ୍ଷା କରୁଛି ।
କଣ ପାଣ୍ଡେ, ପୁଣି କଣ ?

ବାବୁ, ଆଜ ସନ୍ଧ୍ୟା ସାଢ଼େ ସାତଟାକୁ ଆସିବେ । ଢଢ କହୁଛନ୍ତ । ଜରୁରୀ କାମ ।

ଆଚ୍ଛା, ଯିବ ।

ନମସ୍ତେ, ବାବୁ ! ପାଣ୍ଡେ ନମସ୍କାର କର ଫେରିଗଲା ।

ସନ୍ଧ୍ୟା ସାଢ଼େଛଅଟା ହବ । ହଷ୍ଟେଲ୍ ବାରଣ୍ଡାରେ ଠିଆହୋଇ ସୁଶାନ୍ତ ରାସ୍ତାରେ ଯାଉଥିବା ଆସୁଥିବା ଲୋକଙ୍କୁ ଦେଖୁଥିଲା । ହଠାତ୍ ଦୂରରୁ ବନମାଳୀଙ୍କୁ ଜଣେ ସଙ୍ଗିମାଙ୍କ ସହ ରିକ୍‌ସାରେ ବସି ଆସୁଥିବା ଦେଖିଲା । ସେମାନେ ରାସ୍ତା ଛାଡ଼ି ହଷ୍ଟେଲ୍ ହତା ଭିତରକୁ ପଶିଲେ । ହଠାତ୍ ଦୃଷ୍ଟି ସୁଶାନ୍ତ ଉପରେ ପଡ଼ିଯିବାରୁ ବନମାଳୀ ହସି ଦେଇ ନମସ୍କାର କଲେ । ସୁଶାନ୍ତ ମଧ୍ୟ ନମସ୍କାର କଲା । ବନମାଳୀ ଓ ତାଙ୍କ ସଙ୍ଗିମୀ ଓ୍ୟାଡ଼ନ୍ ସାହେବଙ୍କ ଘରକୁ ଗଲେ । ସୁଶାନ୍ତ ଦେଖୁଥାଏ । ଦଶ ମିନଟ ପରେ ଆଉ ଚାରି ପାଞ୍ଚୋଟି ରିକ୍‌ସା ଲଜପତ୍‌ହଷ୍ଟେଲ୍ ଭିତରକୁ ଆସିଲା । ଦର୍ଶନ ବିଭାଗର ଅଧ୍ୟାପକ କେତେଜଣ ଓ ସୁଶାନ୍ତ ନଚିହ୍ନିଥିବା କେତେଜଣ ଭଦ୍ରବ୍ୟକ୍ତି ରିକ୍‌ସାରୁ ଓହ୍ଲାଇ ଡ୍ରୋମହଲକୁ ଗଲେ । ଉପରେ ରେକର୍ଡ଼ ବାଜିବା ଆରମ୍ଭ ହୋଇଯାଇଥାଏ । ସୁଶାନ୍ତ ଓ୍ୟାଡ଼ନ୍ ସାହେବଙ୍କ ପରିବାରରେ କୌଣସି ଉତ୍ସବ ହେଉଥିବା ଅନୁମାନ କଲା । ସାତଟା ପରେ ସେ ଜ୍ୟୋତ୍ସ୍ନାଙ୍କ ପାଖକୁ ଯିବାକୁ ଠିକ୍ କରିଥାଏ ।

ଓ୍ୟାଡ଼ନ୍ ସାହେବଙ୍କ ଘର ଆଗ ଖୋଲାଜାଗାରେ ପ୍ରଫେସର ଓ ଲେକ୍‌ଚରର୍‌ମାନେ ବସି ଗପସପ କରୁଥିଲେ । ସୁଶାନ୍ତ ଚିହ୍ନି-ଥିବା ଅଧ୍ୟାପକମାନଙ୍କୁ ନମସ୍କାର କରି ଗୋଟିଏ କୋଣ ପାଖକୁ ପଡ଼ିଥିବା ଚେୟାରଟିରେ ବସିଲା । ଅଧ୍ୟାପକମାନେ ଦୁଇ ଦଳ

ହୋଇ ଦଳେ ବ୍ରିଜ୍ ଓ ଦଳେ କ୍ରେ ଖେଳୁଥିଲେ । ଅନେକ ଟୁସି-ଗପ ମଧ୍ୟ କରୁଥାଆନ୍ତି । ଅଗଣାକୁ ଲଗି ରୁମଟିରେ ଜ୍ୟୋତ୍ସ୍ନାର ବାନ୍ଧବୀମାନେ ବସିଥାଆନ୍ତି । ସେମାନଙ୍କ ପାଖରେ ଇଲଷ୍ଟ୍ରେଟେଡ୍ ୱଇକ୍ଲି ଓ ଫିଲ୍ମଫେୟାର୍ ପଡ଼ିଥାଏ । ମିସ୍ ଷମାତା ଗଳ୍ପ ଓ ଆଲୋଚନାରେ ନେତୃତ୍ୱ ନେଉଥାନ୍ତି । ସୁଶାନ୍ତ କଣରେ ବସି-ଥିଲେ ମଧ୍ୟ ଘର ଭିତରୁ ସେ ବସିଥିବା ଜାଗା ପରିଷ୍କାର ଦିଶୁଥାଏ । ଷମାତା ସୁଶାନ୍ତ ଆସିବାବେଳେ ଦେଖିଥିଲେ । ମଝିରେ ମଝିରେ ଦୁହିଁଙ୍କର ଆଖି ମିଳିଗଲେ ଦୁହେଁ ଅନ୍ୟ ଆଡ଼େ ମୁହଁ ବୁଲାଇ ଦେଉଥିଲେ ।

ସୁଶାନ୍ତ ଉତ୍ସବର ପରିପାଟି ଦେଖି ମୁଗ୍ଧ ତ ହେଉଥିଲା; କିନ୍ତୁ ଉତ୍ସବ କେଉଁ ଉଦ୍ଦେଶ୍ୟ ନେଇ ଅନୁଷ୍ଠିତ ହେଉଛି ତା' ଜାଣି ପାରୁନଥିଲା । କୌଣସି ପୁରୁଣ ବନ୍ଧୁ ବା ଯୁବକଙ୍କୁ ଦେଖିଲେ ତାଙ୍କ ବୁଝିବ ବୋଲି ଭାବୁଥିଲା, କିନ୍ତୁ ପାଣ୍ଡ୍ରେ ଭିତରେ ବ୍ୟସ୍ତ ଥିଲା, ପରିଚିତ ବନ୍ଧୁ କେହି ନ ଥିଲେ ।

କିଛି ସମୟ ପରେ ଜ୍ୟୋତ୍ସ୍ନା ବାନ୍ଧବୀମାନେ ବସିଥିବା ରୁମ୍‌କୁ ଆସିଲେ । କୌଣସି କାର୍ଯ୍ୟ ନେଇ ସେ ତରତର ହେଉଥାନ୍ତି । ସେମାନଙ୍କ ସଙ୍ଗରେ ହସି କଣ କହୁ କହୁ ସେ ସୁଶାନ୍ତ ବାହାରେ ବସିଥିବା ଦେଖି ସୁଶାନ୍ତ ପାଖକୁ ଆସିଲେ ।

ନମସ୍କାର, ସୁଶାନ୍ତ ବାବୁ । କେତେବେଳୁ ଆସିଲେଣି ?

ପ୍ରଥମେ କୁହ କ ଜରୁରୀ କାମ ପାଇଁ ମୋତେ ଡକରା ହୋଇଛି, ଏ ଉତ୍ସବର ଉଦ୍ଦେଶ୍ୟ କଣ ?

ମୋର ଆଜି ଜନ୍ମଦିନ !

ତୁମର ଜନ୍ମଦିନ !! ମୋତେ ସେକଥା ସକାଳେ ପାଣ୍ଡେ କାହିଁକି କହିଲନି ?

ପାଣ୍ଡେକୁ କହିବାକୁ ମନା କରିଥିଲି ।

ଏତ ବଡ଼ ଅନ୍ୟାୟ, ତୁମର ଜନ୍ମଦିନ···ହଉ ମୁଁ ଆସୁଛି—

ଆରେ ଏଇଲେ ତ ଖିଆପିଆ ହେବ, ଆପଣ ଚାଲିଯିବେ କିପରି, ଆପଣ ରାଗିଲେ ନା କଣ ?

ନା, ଜ୍ୟୋତ୍ସ୍ନା, ତୁମେ ପ୍ରଥମରୁ ତୁମ ଜନ୍ମଦିନ ଆଜି ବୋଲି ନ କହି ବଡ଼ ଅନ୍ୟାୟ କରିଛ, ମୁଁ ଯାଉଛି ତୁମ ପାଇଁ କିଛି ଉପହାର ଆଣିବି । ତୁମର ଜନ୍ମଦିନ, ତୁମକୁ କିଛି ଦେବିନି ନା !

ଆପଣ ସବୁ କଥାରେ ଶିଷ୍ଟାଚାର ରଖୁଛନ୍ତି, ଆଜି ଯେତେଜଣ ନିମନ୍ତ୍ରିତ, ସମସ୍ତେ କଣ ଉପହାର ଦେଉଛନ୍ତି ?

ଜ୍ୟୋତ୍ସ୍ନା, ମୋତେ ଦେବାକୁ ହେବ । ମୁଁ ପନ୍ଦର ମିନିଟ ଭିତରେ ଆସୁଛି । ସୁଶାନ୍ତ ଚାଲିଗଲା । ଜ୍ୟୋତ୍ସ୍ନା ତା ଯିବା ରାସ୍ତାକୁ ଚାହିଁ ପୁଣି ଫେରିଆସିଲେ ବାନ୍ଧବୀମାନଙ୍କ ପାଖକୁ । ଜ୍ୟୋତ୍ସ୍ନା ସୁଶାନ୍ତ ସହିତ କଥା ହେଉଥିବା ସବୁ ବାନ୍ଧବୀମାନେ ଲକ୍ଷ୍ୟ କରିଥିଲେ ।

କଣ ଜ୍ୟୋତ୍ସ୍ନା—ତୁମର ତ ଜଣେ ଭଲ ପ୍ରତିଦ୍ୱନ୍ଦୀ ଏ ବର୍ଷ ଆସିଯାଇଛନ୍ତି ବୋଲି ଶୁଣିଲୁ । ଜଣେ ବାନ୍ଧବୀ ପଚାରିଲେ ।

ହଁ, ଜ୍ୟୋତ୍ସ୍ନା ହସିଦେଲେ ।

ଅନେକ କହୁଛନ୍ତି ତୁମେ ଫାଷ୍ଟ୍ ହେବା କଷ୍ଟକର ହୋଇ ପଡ଼ିବ ।

ଭଗବାନଙ୍କ ହାତର କଥା ।

ତୁ କଣ ଯେଉଁ ଭଦ୍ରବ୍ୟକ୍ତିଙ୍କ ସହ ଅଗଣାରେ କଥା ହେଉଥିଲୁ ସେଇ ସୁଶାନ୍ତ ବାବୁ ? ଆଉ ଜଣେ ସଙ୍ଗିନୀ ପଚାରିଲେ ।

ହଁ ।

ହସିତା କଥାରେ ଭାଗ ନ ନେଇ କେବଳ ଶୁଣୁଥିଲେ । ପାଣ୍ଡେ ରୁମ୍ ଭିତରକୁ ପଶିଆସିବାରୁ କଥା ବ୍ୟାହତ ହେଲା ।

କଣ ପାଣ୍ଡେ ?

ହଦ, ବାବୁଜୀ ଡାକୁଛନ୍ତି ।

ଆଚ୍ଛା, ମୁଁ ଆସୁଛି । ଜ୍ୟୋତ୍ସ୍ନା ପାଣ୍ଡେ ପଛେ ପଛେ ଭିତର ବଖରାକୁ ଚାଲିଗଲେ ।

ବାବୁଜୀ ଖିଆପିଆ ବନ୍ଦୋବସ୍ତରେ ବ୍ୟସ୍ତ ଥିଲେ । ଜ୍ୟୋତ୍ସ୍ନାକୁ ଦେଖି ପଚାରିଲେ—ମା, ତୋ ବନ୍ଧୁମାନଙ୍କୁ ପ୍ରଥମଦଳରେ ବସାଇବା, ନା ପ୍ରଥମେ ଭଦ୍ରଲୋକଙ୍କୁ ଛାଡ଼ିଦେବା ।

ସେମାନେ ତ କଥାବାର୍ତ୍ତାରେ ବ୍ୟସ୍ତ ଅଛନ୍ତି । ପ୍ରଥମେ ଭଦ୍ର-ବ୍ୟକ୍ତିଙ୍କୁ ଓ ଅନ୍ୟାନ୍ୟ ଅତିଥିଙ୍କୁ ଚର୍ଚ୍ଚା କରିଦେବା ଉଚିତ ହେବ ।

ହଉ ।

ସୁଶାନ୍ତ ବଜାରରୁ ଫେରିବା ବେଳକୁ ପ୍ରଥମ ଦଳ ଖିଆସାରି ଉଠିଲାଣିଥିଲେ । ସୁଶାନ୍ତ ଡେରି ହୋଇଗଲା ଭାବି ଦୁଃଖିତ ହେଲା । ଉପରେ ପହଞ୍ଚି ଜ୍ୟୋତ୍ସ୍ନାକୁ ଘର ଉପରେ ଦେଖିଲା । ସେ ଓ ପ୍ରଫେସର୍ ଅତିଥିଙ୍କୁ ବିଦାୟ ଦେଉଥିଲେ । କେହି ଆଶୀର୍ବାଦ କରି, କେହି ଶୁଭେଚ୍ଛା ପ୍ରକଟ କରି ଓ ଭରଦ୍ୱାଜଙ୍କ ସହ ହାତ ମିଳାଇ ଦେଇଯାଉଥିଲେ । ଜ୍ୟୋତ୍ସ୍ନା ହସି ହସି ସମସ୍ତଙ୍କୁ ନମସ୍କାର କରୁ-ଥିଲେ । ଦୂରରେ ସୁଶାନ୍ତ ବହି ପ୍ୟାକେଟଟି ଧରି ଠିଆହୋଇ ରହିଲା । ସମସ୍ତେ ଯିବା ପରେ ସେ ଜ୍ୟୋତ୍ସ୍ନା ପାଖକୁ ଗଲା ।

ସୁଶାନ୍ତ ବାବୁ ! ମୁଁ ଆପଣଙ୍କ କଥା ଭାବୁଥିଲି, ଆପଣ ଆଜି ଆସିବେନି ବୋଲି ମନରେ ସନ୍ଦେହ ହେଉଥିଲା ।

ଜ୍ୟୋତ୍ସ୍ନା ! ତୁମ ଜନ୍ମଦିନରେ ମୁଁ ଏଇ ବହି କେତେଖଣ୍ଡି ଉପହାର ଦେଉଛି, ଭଗବାନ ତୁମକୁ ଚିରାୟୁ କରନ୍ତୁ ଓ ପ୍ରତ୍ୟେକ ଦିନ ତୁମର ସୁଖରେ କଟୁ ।

ସୁଶାନ୍ତର ଗମ୍ଭୀର ଓ ଭାବପୂର୍ଣ୍ଣ କଥାରେ ଜ୍ୟୋତ୍ସ୍ନା ଆବେଗରେ କହିଲା—ଧନ୍ୟବାଦ, ଆପଣଙ୍କ ପରି ବନ୍ଧୁ ପାଇ ମୁଁ ଭାଗ୍ୟବତୀ ।

ହଷ୍ଟେଲ ପଛଆଡ଼କୁ କିଛିଦୂର ଗୁଡ଼ି ଚାକରଙ୍କ ବସା । ଶ୍ୟାମଶଙ୍କର ପାଣ୍ଡେ ଦୁଇଟି ବଖରା ପାଇଥିଲା । ଗୋଟିଏ ରୋଷାଇଘର ଅନ୍ୟଟିରେ ଶୋଇବା, ଉଠିବା, ବସିବା ସବୁ କାର୍ଯ୍ୟ ହେଉଥିଲା । ଅସୁବିଧା ହେଉ ନଥିଲା, ପରିବାର ବୋଇଲେ ପାଣ୍ଡେ ଓ ତା' ସ୍ତ୍ରୀ ହିଁ ଥିଲେ । ବଲଆଜଲରୁ ପାଣ୍ଡେ ଚାକିରି ଖୋଜି ଖୋଜି ଯେତେବେଳେ ଲକ୍‌ପତ ହଷ୍ଟେଲର ତତ୍ତ୍ୱାବଧାରକଙ୍କ ପାଖରେ ନିଜର ସ୍ତ୍ରୀକୁ ଧରି ପହଞ୍ଚେ ସେତେବେଳେ ସାହେବ ତାଙ୍କର ଦୁଇ ତିନି ଜଣ ଛାତ୍ରୀଙ୍କୁ ପରୀକ୍ଷା ନେଇ ପରାମର୍ଶ ଦେଉଥିଲେ । ପାଣ୍ଡେର ଚାକିରି ପାଇଁ ପ୍ରାର୍ଥନାରେ ତ ପ୍ରଥମେ କଡ଼ା ନାହିଁ ଶୁଣାଗଲା । କିନ୍ତୁ ସାହେବ ପାଣ୍ଡେ ଓ ଚମ୍ପାରାଣୀ ଉଭୟଙ୍କ ଦୁରବସ୍ଥା ଦେଖି ଦୁହିଁଙ୍କ ଆଡ଼କୁ କିଛିକ୍ଷଣ ଚାହିଁବା ପରେ ପାଣ୍ଡେକୁ ବସିବାକୁ କହି ଛାତ୍ରୀମାନଙ୍କୁ ବିଦାୟ ଦେଲେ । ସେତେବେଳେ ସି ଓ୍ୱାର୍ଡ଼ର ଚାକରଟି ଗ୍ରୀଷ୍ମାବକାଶରେ ଘରକୁ ଯାଇ ଫେରି ନ ଥାଏ, କଲେଜ ଖୋଲିବାର ଦୁଇ ମାସ ହୋଇଯିବା ଉପରେ । ପାଣ୍ଡେର ନାଁ, ଗାଁ, ସେ ଆଗରୁ କଣ କରୁଥିଲା ବୁଝିବାରେ ଘଣ୍ଟାଏ ଖଣ୍ଡେ ଲାଗିଗଲା । ପାଣ୍ଡେର ଭାଗ୍ୟ କିନ୍ତୁ ଫିଟିଗଲା, ତାକୁ ସଙ୍ଗେ ସଙ୍ଗେ ନୌକରରୂପେ ମାସିକ ପଇଁତିରିଶ ଟଙ୍କାରେ ରଖିଦିଆଗଲା, ମାଗଣା ବସାଘର । ହଷ୍ଟେଲର ତତ୍କାଳୀନ ତତ୍ତ୍ୱାବଧାରକ ଅପ୍ରତ୍ୟାଶିତ ଭାବେ କାଠିଆବାଡ଼ ହଷ୍ଟେଲ୍‌କୁ ବଦଳି ହୋଇଯିବାରୁ ପାଣ୍ଡେ ସାହେବଙ୍କ ସେବା

କରିପାରୁଲାନ, ତଥାପି ସାହେବଙ୍କ ପ୍ରଶଂସା ଯେତେବେଳେ ସେ ସୁବିଧା ପାଉଥିଲା କରୁଥିଲା । ସାହେବ କିନ୍ତୁ ଯୋଗ୍ୟ ଲୋକଙ୍କୁ ଚିହ୍ନି ରଖିଥିଲେ । ରାମଶଙ୍କର ପାଣ୍ଡେ ହଷ୍ଟେଲରେ ଛାତ୍ରମାନଙ୍କର ପ୍ରିୟ ହେବାକୁ ଦିନ ପନ୍ଦରଟା ଲାଗିଲା ନାହିଁ ।

ବାଲିଆରେ ରାମଶଙ୍କରର ବାପ ମା ମରିଯିବା ପରେ ତା' ସ୍ତ୍ରୀ ଓ ନିଜକୁ ପୋଷିବାର ଦାୟିତ୍ୱ ତା' ଉପରେ ଆସି ପଡ଼ିଲା । ବାପ ମା ଥିବାବେଳେ ମଧ୍ୟ ଅବସ୍ଥା ଅତ୍ୟନ୍ତ ଖରାପ ଥିଲା ଓ ରାମଶଙ୍କର ବାପାକୁ ଉପାର୍ଜନରେ ସାହାଯ୍ୟ କରୁଥିଲା । ତଥାପି ଚିନ୍ତା ନଥିଲା, ନବ ବିବାହିତା ପତ୍ନୀସହ ସେ ମସ୍ତ ରହି ଗରିବ ହେବାକୁ ମଧ୍ୟ ପରମ ଭାଗ୍ୟ ବୋଲି ମନେ କରୁଥିଲା । କିନ୍ତୁ ପିତା ମରିଯିବା ପରେ ଅବସ୍ଥା ପରିବର୍ତ୍ତନ ହୋଇଗଲା । ସେ ସ୍ତ୍ରୀକୁ ଛାଡ଼ି କୁଆଡ଼େ ଚାକିରି ପାଇଁ ଯାଇପାରୁଲାନ; କାରଣ ତା' ପରିବାରରେ ତାକୁ ଓ ତା' ସ୍ତ୍ରୀକୁ ଛାଡ଼ି ଆଉ କେହି ନଥିଲେ; ଏଣେ ଗାଁରେ ରହିଲେ ପେଟ ପୋଷା ହୋଇ ପାରୁନଥିଲା । ତେଣୁ ସ୍ତ୍ରୀକୁ ସାଥିରେ ଧରି ସେ ଘରୁ ବାହାରିଲା । ଭାଗ୍ୟ ଉଜ୍ଜ୍ୱଳ ଥିଲା, ବିଶ୍ୱବିଦ୍ୟାଳୟରେ ଚାକିରି ମିଳିଗଲା ।

ରାତି ଦଶଟା ବେଳକୁ ସେଦିନ ପାଣ୍ଡେ ଓ୍ୟାଟ୍‌ସନ୍ ସାହେବଙ୍କ ଘରୁ କାମଦାମ୍ ସାରି ଘରକୁ ଫେରିଲା । ଜ୍ୟୋତ୍ସ୍ନା ଦିଦିଙ୍କ ସ୍ୱନକ୍ଷତ୍ର ଉତ୍ସବ ଯୋଗୁଁ ତାକୁ ବହୁତଗୁଡ଼ାଏ କାମ କରିବାକୁ ପଡ଼ିଥିଲା । ପ୍ରତିଦିନ ଶୋଇବା ପୂର୍ବରୁ ସେ ରାମାୟଣ ପଢ଼େ । ଚମ୍ପାକୁ ଖାଇବାକୁ କହିଦେଇ ସେ ରାମଚରିତ ମାନସ ଧରି ବସିଲା । ଚମ୍ପା ରୋଷ ଘରୁ ପଚାରିଲା—

ତୁମେ କଣ ସେଠି ଖାଇକି ଆସିଛ ?

ହଁ, ତୁ ଖାଇଦେ ।

ମୋ ପାଇଁ କଣ ଆଣିଛ ?

କେତେ କଥା, ଶେଯକୁ ଆ, ଦେବ ।

ହଉ, ଜାଣିଲି, ଆଜି ନବାକୁ ଇଚ୍ଛା ନାହିଁ, ଆଉ କେବେ ।

ରାତି ବହୁତ ହୋଇ ଯାଇଥିବାରୁ ଚମ୍ପା ଜଲ୍‌ଦି ଖାଇଦେଇ ଶୋଇବା ଘରକୁ ଆସି ଦେଖେ ପାଣ୍ଡେ ରାମାୟଣରେ ତଲ୍ଲିନ ଅଛି । ହାତରୁ ରାମାୟଣ ଛଡ଼ାଇ ନେଇ ଚମ୍ପା କହିଲା—ବର୍ତ୍ତମାନ ଆଉ ପଢ଼ା ହେବନି ତ, ରାମାୟଣ ସକାଳେ ଉଠି ପଢ଼ିବ, ଖଟି ଖଟି ଆସିଛ । ଚାଲ ଶୋଇବ । ପାଣ୍ଡେ କୃତ୍ରିମ ରାଗି କହିଲା—ରହ, ସୁଗ୍ରୀବଙ୍କ ସହ ରାମଙ୍କର ଦେଖା ହେଉଛି । ଭାରି ଭଲ ଲାଗୁଛି ଏହାପରେ ବାଳୀ ବଧ ହେବ । ମୁଁ ଆଜି ଦଶପୃଷ୍ଠା ପଢ଼ିବିଏ ।

ମୁଁ ରାମାୟଣ ଦେବନି ତ ।

ଦେ, ନହେଲେ ଭଗବାନ ରାଗିବେ ।

ରାଗିବେ, ଆଚ୍ଛା ଶୁଣିଲ, ଶୁଣିଲ ଭକ୍ତ । ତୁମେ ତ ଏତେ ପୁରାଣ ଶାସ୍ତ୍ର ପଢ଼ୁଛ, ଗୋଟେ ପ୍ରଶ୍ନ ପଚାରିବି କହିବ ।

ପଚାରେ ।

ରାମଙ୍କର ଦେହ ପା ଖବର ବୁଝିବା ସୀତାଙ୍କର କାମ ଥିଲା କି ନାହିଁ ?

ଥିଲା ।

ସୀତା ସେସବୁ କାମ କରୁଥିଲେ ନା ନାହିଁ ?

କରୁଥିଲେ ।

ସ୍ତ୍ରୀ ମାନଙ୍କ ପାଇଁ ରାମ କିଏ ?

ବାଃ ସମସ୍ତଙ୍କ ପାଇଁ ସେ ରାମ ।

ସେଇଥିପାଇଁ କୁହେ ତୁମେ ମୋ ମାଠୁ ବେଶି ଜାଣିନ । ସ୍ତ୍ରୀଙ୍କ ପାଇଁ ରାମ ସେମାନଙ୍କର ସ୍ୱାମୀ । ପତି ପରମଦେବତା ବୋଲି ମୋ ମା ସବୁବେଳେ କୁହେ ।

ହଉ ହେଲା, ପତି ପରମଦେବତା ।

ତା'ହେଲେ ଦେବତା ମୋର, ମୋ କର୍ତ୍ତବ୍ୟ ହେଉଛି ମୋ ଦେବତାର ଭଲ ମନ୍ଦ ବୁଝିବା, ମୋ କଥା ମାନ ପଢ଼ା ବନ୍ଦ କରି ଶୋଇପଡ଼ । ରାତି ବହୁତ ହେଲାଣି, ଦେହ ଖରାପ ହେବ । ଆଜି ତୁମେ ବେଶି ଖଟିଛ ।

କିନ୍ତୁ, ଚମ୍ପା······

ସେ କିନ୍ତୁଫିନ୍ତୁ ମୁଁ ଶୁଣିବିନି । ମୋ ରାମଙ୍କର ଯେଉଁଥିରେ ଭଲ ମୁଁ ସେଇଆ କରିବି । ଚମ୍ପା ଉଠିଯାଇ କାନ୍ଥ ଆଲମିରାରେ ରାମାୟଣ ଥୋଇଦେଇ ଲାଇଟ୍ ଲିଭାଇ ଦେଲା । ରାମଶଙ୍କର ଅନ୍ଧାରରେ ଅଣ୍ଡାଳୁଥାଏ ।

ଚମ୍ପା, ତୁ କେଉଁଠି ?

କଣ, ରାମାୟଣ ଦେବି ?

ବାବା, ତୋତେ ଖୋଜୁଛି, ରାମାୟଣ ନୁହେ ।

ହାରିଲି ତା'ହେଲେ—

ସବୁବେଳେ ତ ହାରୁଛି, ଆଜି ନୂଆ କଣ—

ହଉ, ତୁମେ ଶୁଅ । ମୁଁ ତୁମ ଗୋଡ଼ ମୋଡ଼ିଦିଏ ।

ସେଣ୍ଟ୍ରାଲ ହିନ୍ଦୁକଲେଜ ଆଗରେ ପଡ଼ିଆ, ପଡ଼ିଆ ପରେ ରାସ୍ତା, ରାସ୍ତାର ଗୋଟିଏ ପାର୍ଶ୍ୱରେ କିଛିଦୂର ଛାଡ଼ି ଲଜପତ୍ ହଷ୍ଟେଲ୍ । ହଷ୍ଟେଲ୍‌ର ଦକ୍ଷିଣ ଓ ଉତ୍ତର ଦୁଇ ପଟେ ଦୁଇଟି ରାସ୍ତା ହିନ୍ଦୁକଲେଜ ଆଡ଼କୁ ଯାଇଛି । ଦକ୍ଷିଣପଟ ରାସ୍ତାର ଦୁଇ ପାର୍ଶ୍ୱରେ ବଡ଼ ବଡ଼ ଲମ୍ବ ଗଛ ରାସ୍ତାକୁ ଛାଇ ଦେଉଥିଲେ । ଅନ୍ୟ ରାସ୍ତାଟିର ଦୁଇ କଡ଼ରେ ତିନ୍ତୁଳି ଓ ଆମ୍ବଗଛ ଥିଲା । ସୁଶାନ୍ତ ଦକ୍ଷିଣପଟ ରାସ୍ତାରେ କଲେଜରୁ ଫେରୁଛି ପଛରୁ ଡାକ ଶୁଣିଲା—

ସୁଶାନ୍ତବାବୁ, ରୁହନ୍ତୁ ମୁଁ ଯାଉଛି ।

ସୁଶାନ୍ତ ଅପେକ୍ଷା କଲା । ଜ୍ୟୋତ୍ସ୍ନା ନୀଳ ରଙ୍ଗର ଶାଢ଼ୀରେ ସୁନ୍ଦର ଦିଶୁଥାନ୍ତି ।

ଆପଣ ଏତେ ଜୋରରେ ଚାଲନ୍ତି ନା ! ମୁଁ ଭାବିଥିଲି ଆପଣଙ୍କୁ ପଛରୁ ନ ଡାକି ଚାଲି ଚାଲି ଆପଣଙ୍କ ସହିତ ମିଶିଯିବି । କିନ୍ତୁ ଦେଖିଲି ସେପରି ଚେଷ୍ଟାକଲେ ହଷ୍ଟେଲ ସିନା ହୋଇଯିବ, ଆପଣଙ୍କ ପାଖକୁ ଆସି ପାରିବିନି ।

ସୁଶାନ୍ତ ଜ୍ୟୋତ୍ସ୍ନାକୁ ଦେଖୁଥିଲା । ଜ୍ୟୋତ୍ସ୍ନା ହସି କହିଲେ—କଣ ଦେଖୁଛନ୍ତି, ଚାଲନ୍ତୁ ।

ହଁ, ଚାଲ ।

ଆପଣ ପଢ଼ାପଢ଼ି ଆରମ୍ଭ କରିଦେଲେଣି ବୋଧହୁଏ ।

କାହିଁକି କହୁଛ—

ଆଜ ଲାଇବ୍ରେରୀରେ ପୂରା ଦୁଇଘଣ୍ଟା ବସିଥିଲେ ।

ପରୀକ୍ଷା କେବେ ହବ ?

ଏପ୍ରିଲ ସତର ଆଡ଼କୁ । ଶୀତଛୁଟିରେ ବନାରସ୍‌ରେ ରହୁଛନ୍ତି ନା କଟକ ଯିବେ ?

ଠିକ୍ କରିନି । ବୋଧେ ଏଠି ରହିବି । ରେଲଓ୍ୱେ କନ୍‌ସେସ୍‌ନ୍ କରିନି । ପୁଣି ବାହାର ବହି ବହୁତ ଅଛି ପଢ଼ିବାକୁ ।

ସୁଶାନ୍ତ ଜ୍ୟୋତ୍ସ୍ନା ଆଡ଼କୁ ଚାହିଁ କହିଲା । ଏଇ ସମୟରେ ଜଣେ ଯୁବକ ସାଇକେଲରେ ଜୋରରେ ସେମାନଙ୍କର କଡ଼ଦେଇ ପାସ୍‌କରି ଚାଲିଗଲେ । ପାସ୍ କଲାବେଳେ ଅଶ୍ଳୀଳ ଗାଳି ମଧ୍ୟ କରିଗଲେ । ସୁଶାନ୍ତ ରାଗରେ ଦୂରକୁ ଦୂରକୁ ଚାଲିଯାଉଥିବା ସାଇକେଲ ଆଡ଼କୁ ଚାହିଁଲା ।

ଆପଣଙ୍କ ସହିତ କାଲି ଗାଧୁଆଘାଟ ପାଖରେ ଏହି ଭଦ୍ରବ୍ୟକ୍ତି କଳି କରିଥିଲେ ।

ଓଃ ଏଇ ! କିଏ ଇଏ ?

ଗୋପାଳ ମେନନ୍ । କେରଳରୁ ଆସିଛନ୍ତି ।

ତୁମେ ଗାଧୁଆଘାଟର ଘଟଣା ଜାଣିଲ କିପରି ?

ଆଖିରେ ଦେଖିଲି, ଜ୍ୟୋତ୍ସ୍ନା ଦୁଷ୍ଟାମୀ କରି କହିଲେ ।

ତୁମେ ତା' ହେଲେ ଗାଧୁଆଘାଟ ଆଡ଼କୁ ଚାହୁଁଥିଲ !

ସୁଶାନ୍ତ ଗମ୍ଭୀର ହୋଇ କହିଲା ।

ଜ୍ୟୋତ୍ସ୍ନା ସୁଶାନ୍ତକୁ ସହାନୁଭୂତି ଦେଖାଇବା ପାଇଁ ପ୍ରସଙ୍ଗର ଉତ୍‌ଥାପନ କରିଥିଲେ । ଓଲଟି ତାଙ୍କ ଉପରେ ଗାଳି ପଡ଼ିବା ଦେଖି

ସେ ଦୁଃଖିତ ହେଲେ । ତାଙ୍କ ଆଖି ଛଳଛଳ ହୋଇ ଆସିଲା । ଜ୍ୟୋସ୍ନାଙ୍କୁ ମୌନ ଦେଖି ସୁଶାନ୍ତ କହିଲା—ମୁଁ ତୁମକୁ କଷ୍ଟ ବୁଝାଇବି ଜ୍ୟୋସ୍ନା, ତୁମେ ମନଦୁଃଖ କଲ । କିନ୍ତୁ ତୁମେ ଗାଧୁଆଘର ଆଡ଼କୁ ଚାହିଁବା କଣ ଉଚିତ ହୋଇଛି ? ତୁମେ ନିଜେ କୁହ, ଶିଷ୍ଟାଚାର କଣ ତୁମ କାର୍ଯ୍ୟକୁ ସମର୍ଥନ କରୁଛି ? ତୁମେ ବୁଝୁନ, ଏଣେ କାନ୍ଦିବା ଉପରେ ।

ମୁଁ କଣ ଗାଧୁଆଘର ଆଡ଼କୁ ଚାହିଁଥିଲି । ସେପଟ ଝରକା ତ ସବୁବେଳେ ବନ୍ଦ ଥାଏ । ସାନ ଭାଇ ରୁମ୍‌ଭିତରକୁ ପଶିଆସି ଝରକା ଖୋଲିଦେବାକୁ ଅଳିକଲା । ତା' ପାଇଁ ଝରକା ଖୋଲିଦେବା ବେଳେ ଆପଣଙ୍କୁ ଦେଖିଲି । ଆପଣ କିଛି ନ ବୁଝି ଗାଳି କରୁଛନ୍ତି । ଜ୍ୟୋସ୍ନା ଆଉ କିଛି କହି ପାରିଲାନି ଦୁଃଖରେ ।

ମତେ କ୍ଷମା କରିବ ଜ୍ୟୋସ୍ନା···ମୋର ସେ ବଦଭ୍ୟାସ ଅଛି ।

ସୁଶାନ୍ତ କ୍ଷମା ମାଗିବାରୁ ଜ୍ୟୋସ୍ନା ଫେଁ କିନା ହସିଦେଇ କହିଲା—ହେଇ ଦେଖନ୍ତୁ, ଆପଣ ମନ ଦୁଃଖ କଲେ । ସେ ମେନନ୍ କଥା କହୁଛି ଶୁଣନ୍ତୁ, ତା' ନାଁରେ ବହୁତ ଖରାପ ରିପୋର୍ଟ ଚିଫ୍ ୱାର୍ଡ଼ନଙ୍କ ପାଖକୁ ଗଲାଣି ।

ତା ବାପା ଡ଼.ମେନନ୍ କେରଳର ଜଣେ ବିଖ୍ୟାତ କଂଗ୍ରେସ କର୍ମୀ ଓ ଲୋକସେବକ । ତାଙ୍କର ସେବା ମନୋଭାବ ଓ କଂଗ୍ରେସର ନୀତି ପ୍ରତି ଅନୁରାଗ କେରଳସାରା ବିଖ୍ୟାତ ଥିଲା ଓ ଅନେକ ଭାବୁଥିଲେ ସେ ନିର୍ବାଚନରେ ପଶିଲେ ଆସେମ୍ବ୍ଲିକୁ ଅକ୍ଳେଶରେ ଆସିବେ । ସେ ପକ୍‌କା ନିଶାନିବାରଣର ସମର୍ଥକ ଥିଲେ ଓ ବହୁତ ମଦ୍ୟପୀଙ୍କୁ ଭଲ ରାସ୍ତାକୁ ଆଣିଥିବାରୁ ପ୍ରଶଂସା ପାଇଥିଲେ ।

ସୁଶାନ୍ତ ଶୁଣୁଥାଏ । ଏପରିକି ଗାନ୍ଧିଜୀ ମେନନଙ୍କୁ ସେବାଶ୍ରମରେ ଜଣେ ଆଶ୍ରମବାସୀରୂପେ ନେବାକୁ ଆଗ୍ରହ ପ୍ରକାଶ କରିଥିଲେ । କିନ୍ତୁ ମେନନ୍ ବ୍ୟକ୍ତିଗତ ଅସୁବିଧା ହେତୁ ସେବାଶ୍ରମର ଅନ୍ତେବାସୀ ହୋଇପାରି ନଥିଲେ । ତାଙ୍କର ଗଭୀର ଈଶ୍ୱରବିଶ୍ୱାସ ଥିଲା । ଈଶ୍ୱରଆରାଧନା, ଯୋଗସାଧନା କରିବା ପାଇଁ ସେ ଗୋଟିଏ ସ୍ୱତନ୍ତ୍ର ବଖରା ସବୁବେଳେ ଶୁଦ୍ଧ ପକାଇ ରଖିଥାନ୍ତି । ସେ ଭିତରକୁ କେହି ଯାଉନଥିଲେ ମେନନ୍‌ଙ୍କ ଛଡ଼ା । ସେ ସେଘରକୁ ଯାଇ ଘଣ୍ଟା ଘଣ୍ଟା ଧରି ପୂଜାରେ ବ୍ୟସ୍ତ ରହୁଥିଲେ । ତାଙ୍କର ପୂଜା କଥା ଶୁଣି ଲୋକେ ଧନ୍ୟ ଧନ୍ୟ କରୁଥିଲେ । ହଠାତ୍ ଦିନେ କୌଣସି ଏକ ନିଶାନିବାରଣ ସଭାରେ ବକ୍ତୃତା ଦେଉ ଦେଉ ତାଙ୍କର ହୃଦଯନ୍ତ୍ର ବନ୍ଦ ହୋଇଯାଇ ସେ ସ୍ୱର୍ଗ-ପ୍ରୟାଣ କଲେ । ଅନ୍ତ୍ୟେଷ୍ଟିକ୍ରିୟା ପରେ ପରିବାରର ଲୋକେ ଶୁଦ୍ଧପୂତ ହୋଇ ପୂଜାଘରେ ପଶିଲେ । ସେମାନେ ସେ ଘର ଭିତରେ କଣ ଦେଖିଲେ ଜାଣନ୍ତି ? ଜ୍ୟୋତ୍ସ୍ନା ପଚାରିଲେ ।

କଣ ?

ଖଟତଳେ ବ୍ରାଣ୍ଡି, ହୁଇସ୍କି, ଜିନ୍, କୁମେଲେର ଖାଲିବୋତଲ ଗଡୁଥିଲା । ସେଇ କେରଳପ୍ରସିଦ୍ଧ ନେତା ସବୁ ପ୍ରକାର ମଦର ସୌଖିନ ଥିଲେ ।

ନିଶାନିବାରଣ ସମର୍ଥକଙ୍କ ଜ୍ୟେଷ୍ଠପୁତ୍ର ସହିତ କାଲି ଆପଣଙ୍କର ଦେଖା ହୋଇଥିଲା ।

କେଡ଼େ ଭାଗ୍ୟବାନ୍ ମୁଁ ।

ଗୃର ପାଞ୍ଚ ଦିନ ପରେ । କାଠିଆବାଡ଼ ହଷ୍ଟେଲ୍ର କେତେଜଣ ଓଡ଼ିଆଛାତ୍ର ସୁଶାନ୍ତ ରୁମ୍‌ରେ ଦଳବାନ୍ଧି ପହଞ୍ଚିଗଲେ । ଦିନ ଦୁଇଟା ହେବ, ସୁଶାନ୍ତ ଡଷ୍ଟୋଏଭସ୍କିଙ୍କ ବ୍ରଦର୍ସକାରାମଜୋଭ ବହି ପଢୁଥାଏ । ଦୁଆରେ ଶବ୍ଦ ହେଲା । ବିରକ୍ତିରେ ଯାଇ ଦୁଆର ଖୋଲିଦିଏ—କାଠିଆବାଡ଼ ହଷ୍ଟେଲର ସବୁ ଓଡ଼ିଆଛାତ୍ର ଚଢ଼ିଆସିଛନ୍ତି । ସମସ୍ତଙ୍କ ପାଇଁ ଚେୟାର ଯୋଗାଇବା ମୁସ୍କିଲ ଥିଲା । ଅନ୍ୟ ରୁମ୍‌ଗୁଡ଼ିକରେ ଦୁଆର ଦେଇ ଛାତ୍ରମାନେ ଶୋଇପଡ଼ିଥିଲେ । ସୁଶାନ୍ତ ସେମାନଙ୍କୁ ଉଠାଇବା ଅନୁଚିତ ମନେକଲା । ଦୁଇ ତିନି ଜଣ ଖଟରେ, ଦୁଇ ଜଣ ଟେବୁଲ ଉପରେ, ଜଣେ ସାଇକେଲ ସିଟ୍‌ରେ ଓ ଜଣେ ଚେୟାରରେ ବସିଗଲେ । ବନ୍ଧୁମାନଙ୍କ ସଂଖ୍ୟା ଦେଖି ସୁଶାନ୍ତ ବିଚଳିତ ହୋଇନଥିଲା, କାରଣ ଅନ୍ୟ ସମୟରେ ମଧ୍ୟ ଓଡ଼ିଆ ଓ ଅଣଓଡ଼ିଆ ବନ୍ଧୁ ତା' ରୁମ୍‌ରେ ଏକତ୍ରିତ ହୋଇଯାଉଥିଲେ; ବିଭିନ୍ନ ବିଷୟ ଉପରେ ବାଦବିବାଦ ଚାଲୁଥିଲା; ସୁଶାନ୍ତ ତା' ନିଜର ମତ ସମସ୍ତଙ୍କ ଆଗରେ ରଖୁଥିଲା, ସମସ୍ତେ ଶୁଣୁଥିଲେ, କେତେ ତା' ସହିତ ଏକମତ ହେଉଥିଲେ, କେତେ ଭିନ୍ନ ମତ ରଖୁଥିଲେ, କିନ୍ତୁ ବାଦବିବାଦ ପରେ ସମସ୍ତେ ହର୍ଷୋତ୍‌ଫୁଲ୍ଲ ହୋଇ ଫେରିଯାଉଥିଲେ । ସୁଶାନ୍ତ ରୁମ୍‌ରେ ଓଡ଼ିଆ-ପିଲା ଏକତ୍ରିତ ହେବାର ଅନ୍ୟ ଏକ ବଡ଼ କାରଣ ଥିଲା । ବର୍ଷ ଆରମ୍ଭରେ ଓଡ଼ିଆ ଛାତ୍ରସମାଜରେ ସେ ଉପସଭାପତିରୂପେ

ନିର୍ବାଚିତ ହୋଇଥିଲା, ତେଣୁ ଓଡ଼ିଆ ଛାତ୍ରମାନଙ୍କର ସୁଖ ଦୁଃଖର ଦାୟିତ୍ୱ ତା' ଉପରେ ନ୍ୟସ୍ତଥିବାରୁ ସେ ଯେତେବେଳେ ସୁବିଧା ପାଉଥିଲା ବିଭିନ୍ନ ହଷ୍ଟେଲକୁ ଯାଇ ପିଲାମାନଙ୍କ ସହ ବନ୍ଧୁତା ସ୍ଥାପନ କରି ସେମାନଙ୍କ କାର୍ଯ୍ୟକଳାପରେ ଆଗ୍ରହ ନେଉଥିଲା । ଗୁଣ ଦୃଷ୍ଟିରୁ ସବୁ କଥାରେ ତା'ର ମୌଳିକ ଦୃଷ୍ଟିକୋଣ ଥିଲା ଓ ସବୁ ମତ ଯୁକ୍ତିପ୍ରତିଷ୍ଠିତ ଥିଲା । ବିଚାର ବିନିମୟବେଳେ ସେ କେବେହେଲେ ବିଚଳିତ ହେଉ ନଥିଲା । ସୁଶାନ୍ତଠୁ ତା' ବିଚାର ଶୁଣିବା ଏକ ଆନନ୍ଦଜନକ ବ୍ୟାପାର ଥିଲା, ମୁଖରେ ତା'ର ଓଜ ଥିଲା, ବାଣୀରେ ସରସ୍ୱତୀଙ୍କ ପ୍ରସନ୍ନତା ।

ଆଜି କିନ୍ତୁ କାଠିଆବାଡ଼ ବନ୍ଧୁମାନେ ଭିନ୍ନ ଉଦ୍ଦେଶ୍ୟରେ ଆସିଥିଲେ । କୁମାରକିଶୋର ବିଷୟ ଉତ୍‌ଥାପନ କଲେ—ସୁଶାନ୍ତ-ବାବୁ, କ୍ଷମା କରିବେ । କାଗଜଟା ଆମେ ଟିକିଏ ଡେରିରେ ଦେଖିଲୁ । ସେମିତି ତ ଆମେ ରେଗୁଲାର ସବସ୍କ୍ରାଇବ୍ରର; କିନ୍ତୁ କଥାହେଲା ଏଥରକର ସଂଖ୍ୟା ହକର୍ ବହୁତ ଡେରିରେ ଦେଲା । ଆପଣ ଅଖିଳ ଭାରତୀୟ ରଚନା ପ୍ରତିଯୋଗିତାରେ ପ୍ରଥମ ହୋଇଛନ୍ତି ଶୁଣି ଆମେ ଭାରି ଆନନ୍ଦିତ । ଆମ ହଷ୍ଟେଲ୍ ପକ୍ଷରୁ ମୁଁ କଙ୍ଗ୍ରାଚୁଲେସନସ୍...

କଙ୍ଗ୍ରାଚୁଲେସନସ୍, ବଧାଇ, ବଧାଇ ଶବ୍ଦରେ ହଠାତ୍ କୁଠରୀଟି ଗୁଞ୍ଜିତ ହୋଇଉଠିଲା । ସମସ୍ତେ ଯେଝା ସିଟ୍‌ରୁ ଉଠିପଡ଼ି ସୁଶାନ୍ତ ସହିତ ହାତ ମିଳେଇଲେ ।

କୁମାରକିଶୋର ଆରମ୍ଭ କଲା—ବର୍ତ୍ତମାନ ଆମେ ସମସ୍ତେ ଚାହୁଁଛୁ ଯେ ଆପଣ ଆମକୁ ଆଜି ସିନେମା ନେବେ ଓ

'ଜଳଯୋଗ'ରେ ସିନେମାରୁ ଫେରିବା ପରେ ଆମୋଦିତ କରିବେ, ତେବେ ଯେକୌଣସି ଗୋଟିଏ ହେଲେ ହେଲା ।

ହେଇ, ଆପଣଙ୍କ ପ୍ୟାଣ୍ଟ ରହିଲା—ଦେବପ୍ରସାଦ ସାଇକେଲ ସିଟ୍‌ରୁ ଉଠି ର୍‌ୟାକେଟ୍‌ରୁ ପ୍ୟାଣ୍ଟ କାଢ଼ି ସୁଶାନ୍ତ ହାତରେ ଦେଲା ।

ଆପଣଙ୍କ ସାର୍ଟ—ରଞ୍ଜନ ସାର୍ଟକୁ ଧରି ପାଖକୁ ଆସିଲା ।

ସିନେମା ଅପେକ୍ଷା ଡଷ୍ଟୋଏଭସ୍କିଙ୍କ ବହିରେ ବେଶି ମଜା ଥିବା ସୁଶାନ୍ତ ବୁଝୁଥିଲେ ମଧ୍ୟ ଏତେଜଣ ବନ୍ଧୁଙ୍କ କଥାକୁ ପ୍ରତ୍ୟାଖ୍ୟାନ କରିବା ସମ୍ଭବ ନଥିଲା । ସେପରି ତ ସେ ସିନେମା ବହୁତ କମ୍ ଯାଉଥିଲା, ମାସରେ ଥରେ, ଦୁଇଥର, ଏ ମାସରେ ମୋଟେ ଯାଇ ନଥିଲା, ଏ ମାସରଟା ଆଜି ଚାଲିଯିବ ଠିକ୍ କରି ସେ ପ୍ୟାଣ୍ଟ ପିନ୍ଧିଲା । କିନ୍ତୁ ଦେଖ, କୁମାର କିଶୋର, ମୋର ସାଇକେଲ ଖରାପ ହୋଇଛି, ତେଣୁ ଜଣେ କେହି ମୋତେ ଡବଲ୍‌ରାଇଡିଂରେ ନେବ ।

କୁଛ୍ ପରବାୟେ ନେହିଁ, ଲେ ଯାଏଙ୍ଗେ—ରଞ୍ଜନ କହିଲା, ଆଗ ଚାଲକୁ ଚାଲନ୍ତୁ ।

ସିଡ଼ିରେ ଓହ୍ଲାଉଥିବାବେଳେ କୁମାରକିଶୋର ପଚାରିଲା ସୁଶାନ୍ତବାବୁ, ଆମେ ଶୁଣୁଛୁ ଧୂମକେତୁ ମହାନ୍ତି ଇଜନିଅର୍‌ର ସଭାପତି ପାଇଁ ଏଥରକ ଠିଆହୋଇଛନ୍ତି ।

ହଁ, ଠିଆହେଉଛି ତ !

ବୃଥାରେ କାହିଁକି ସେଥିରେ ସେ ମାତିଛନ୍ତି । ଟଙ୍କା ପଇସା ଗୁଡ଼େ ଶ୍ରାଦ୍ଧ ହେବ ସିନା !

ବୃଥା କାହିଁକି ? ଜଣେ ଓଡ଼ିଆପିଲା ପ୍ରେସିଡେଣ୍ଟ୍ ହୋଇଗଲେ କେଡ଼େ ମଜା ହେବ, ଓଡ଼ିଆପିଲାଙ୍କ ନାଁ ତ ରହିବ ! ଦେବପ୍ରସାଦ ମତ ଦେଲେ ।

କଟକରୁ ଆସିବାବେଳେ ସେ ବନାରସ୍‌ରେ ରାଜନୈତିକ କାର୍ଯ୍ୟରେ ସକ୍ରିୟ ଭାଗ ନେବ ବୋଲି ଲକ୍ଷ୍ୟ ରଖି କଟକରୁ ବାହାରିଥିଲା ।

ଏଠି ଛାତ୍ରମାନଙ୍କ ଭିତରେ ଯେପରି ସଂକୀର୍ଣ୍ଣ ପ୍ରାଦେଶିକତା ଅଛି ସେ ହାରିବା ସୁନିଶ୍ଚିତ ।

ପ୍ୟାଡ଼ଲିଂ ଜୋରରେ କରି ଓଡ଼ିଆଛାତ୍ରମାନେ 'ପ୍ରକାଶ'ଠି ଅଧଘଣ୍ଟାରେ ପହଞ୍ଚିଗଲେ । ସେଦିନ ଭି. ଶାନ୍ତାରାମଙ୍କର 'ପରଛାଇଁ' ଚଳିଥିଲା । ସୁଶାନ୍ତ ପୂର୍ବରୁ ତାକୁ ଥରେ ଦେଖିଥିଲା, କିନ୍ତୁ ଚଳଚ୍ଚିତ୍ର ତାର ରୁଚି ଅନୁକୂଳ ଥିବାରୁ ସେ ଅନ୍ୟ କୌଣସି ସିନେମାକୁ ଯିବାକୁ ଜୋର କଲାନି । ସମସ୍ତେ ବାଲ୍‌କନିକୁ ଗଲେ । ଛାତ୍ର କନସେସନ୍ ପାଇଥାନ୍ତି ।

ମଧ୍ୟାନ୍ତରରେ ସୁଶାନ୍ତ ସିଟ୍‌ରେ ବସିଛି, କୁମାରକିଶୋର ଆସି କହିଲା, ଭାଗ୍ୟବାନ ସୁଶାନ୍ତ ବାବୁ,—ଆପଣ ଭାଗ୍ୟବାନ୍ । ପ୍ରବନ୍ଧ ପ୍ରତିଯୋଗୀତାର ସଫଳତା ପରେ ଆପଣଙ୍କର ଆଜି ଗୋଟିଏ ସଫଳତା—ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ ସୁନ୍ଦରୀ କୁମାରୀ ବନିତା ବାଉଣ୍ଡାରେ ଆପଣଙ୍କୁ ଅପେକ୍ଷା କରିଛନ୍ତି ।

ବନିତା ଦେବୀ !

ହଁ, ହଁ, ବନିତା ଦେବୀ···

ସୁଶାନ୍ତ ଉଠି ପାରାପେଟ ପାଖକୁ ଆସିଲା ।

ନମସ୍ତେ, ସୁଶାନ୍ତ ବାବୁ, ବନୀତା ହସି ହସି ହାତ ଯୋଡ଼ିଲେ ।

ଆପଣ ମୋତେ ଡାକୁଥିଲେ ! ସୁଶାନ୍ତ ନମସ୍କାରର ପ୍ରତ୍ୟୁତ୍ତର ଦେଇ ଦେଇ ପଚାରିଲା ।

ମୁଁ ଭାବୁଥିଲି ମଧ୍ୟାନ୍ତରରେ ଆପଣ ବାହାରକୁ ଆସିବେ ବୋଲି; କିନ୍ତୁ ସେ ଭିତରେ ଆପଣ ବସି ରହିବା ଦେଖି ଡକାଇ ପଠାଇଲି । ଚିତ୍ରଟି ଭଲ ଲାଗୁଛି ?

ମୁଁ ଆଗରୁ ଥରେ ଦେଖିଥିଲି । ଦ୍ୱିତୀୟଥର ଦେଖୁଛି, ଖରାପ ତ ଲାଗୁନି । ଆପଣଙ୍କୁ କିପରି ଲାଗୁଛି ?

ଆପଣଙ୍କର ଆଗ୍ରହ ରହୁଛି, ଦ୍ୱିତୀୟଥର ଦେଖୁଛନ୍ତି !!! ଅଦ୍ଭୁତ ଆପଣଙ୍କର ରୁଚି ତ ! ମୋତେ ତ ସମ୍ପୂର୍ଣ୍ଣ ଅସ୍ୱାଭାବିକ ଲାଗୁଛି । ସବୁ ଅସମ୍ଭବ ଘଟଣାର ସମାବେଶ । ଡ. ଶାନ୍ତାରାମଙ୍କର ସବୁଠୁ ବଡ଼ ଦୋଷ ହେଉଛି ତାଙ୍କର ଅତ୍ୟଧିକ ଆଦର୍ଶବାଦ ।

ଆପଣ ତେବେ ବାସ୍ତବବାଦୀ ଚିତ୍ରର ପକ୍ଷପାତୀ ! ଯେପରି କି ଦୋ ବିଘା ଜମିନ୍ । ନୁହେଁ ? ସୁଶାନ୍ତ ହସି ପଚାରିଲା ।

ହଁ !

କଥା ହେଉଛି କଣ କି ବନୀତା ଦେବୀ, ସମାଜର ଖରାପ କଥାଗୁଡ଼ିକୁ ଦେଖାଇବା ଆଜିକାଲି ବାସ୍ତବବାଦ ନାମରେ ପରିଚିତ । ହତ୍ୟା, ବ୍ୟଭିଚାର, ମରୁଡ଼ି, ଶୋଷଣ ଯେଉଁ ବହିରେ ଚିତ୍ରିତ ହେବ ସେଇ ବହିକୁ ବାସ୍ତବବାଦୀ ବୋଲି ନିଆହେଉଛି । ଆଉ ଯଦି ଦୟା, କ୍ଷମା, ସଦ୍ଭାବ, କୌଣସି କଥା ପାଇଁ ଜୀବନ-ବଳିଦାନ, ଈଶ୍ୱରଭକ୍ତି ଇତ୍ୟାଦି ବହିରେ ଲେଖା ଥିବ ତା'ହେଲେ

ତାକୁ ଅସମ୍ଭବ, ବିଶୁଦ୍ଧ କଳ୍ପନା କିମ୍ବା ଆଦର୍ଶବାଦୀ ବୋଲି କୁହାଯାଉଛି । ସତେ ଯେପରି ସମାଜରେ ଦୟା, କ୍ଷମା ସମ୍ବଳିତ ଘଟଣା ନିତ୍ୟପ୍ରତି ଘଟେନି, ସତେ ଯେପରି ସାରା ବିଶ୍ବଟା କେବଳ ହିଂସା, ବ୍ୟଭିଚାରର ପାପରେ ପୂର୍ଣ୍ଣ । ସମାଜର ଗୋଟିଏ ଦିଗକୁ ଦେଖାଇବା ବାସ୍ତବବାଦ କାହିଁକି ହେବ ଓ ଅନ୍ୟଦିଗଟିକୁ ଦେଖାଇବା ଆଦର୍ଶବାଦ କାହିଁକି ହେବ ବୁଝି ହୁଏନା । ଭାରତରେ ଲୋକେ ଏପରି ବିଚାର କରନ୍ତି ନ । ବରଂ ଭାରତୀୟମାନେ କହିବେ ଦୟା କ୍ଷମା ଇତ୍ୟାଦିହିଁ ବାସ୍ତବ ବା ସତ୍ୟ, ପାପ ବ୍ୟଭିଚାର କ୍ଷଣିକ ସନ୍ଧିଧାରୀ ମାୟା ମାତ୍ର ।

ଆପଣଙ୍କ ଦର୍ଶନ ପ୍ରତିକ୍ରିୟାଶୀଳ ପରି ଜଣା ପଡୁଛି ।

ଆପଣ ଯଦି ଯୁକ୍ତି କରିବା ପରିବର୍ତ୍ତେ ଗାଳି ଦେବେ, ତେବେ ମୁଁ ଯାଉଛି । ସୁଶାନ୍ତ ଯିବାକୁ ଉଦ୍ୟତ ହେଲା ।

ଶୁଣନ୍ତୁ, ଶୁଣନ୍ତୁ––ଆପଣ ଏତେ ଭାବପ୍ରବଣ ବୋଲି ମୁଁ ଜାଣିନଥିଲି ।

ସୁଶାନ୍ତ ଚୁପ ରହିଲା ।

ସେତେବେଳକୁ ମଧ୍ୟାନ୍ତର ସରିଯାଇଥିବାରୁ ସବୁଲୋକ ପାରାପେଟ୍ ଉପରୁ ହଲ୍ ଭିତରକୁ ଚାଲି ଯାଇଥିଲେ ।

ମଧ୍ୟାନ୍ତର କେତେବେଳୁ ସରିଲାଣି । ଆପଣ ତ ଥରେ ଦେଖିଛନ୍ତି । ମୋର ଦେଖିବାକୁ ଇଚ୍ଛା ନାହିଁ । ଚାଲନ୍ତୁ ଟିକିଏ ବୁଲି ଆସିବା ।

ଚାଲନ୍ତୁ ।

ଦୁହେଁ ରେସ୍ତୋରାଁ ଆଡ଼େ ଚାଲିଲେ ।

ତା ହେଲେ ଆପଣ କଣ କହୁଛନ୍ତି ଯେ ? ବିମାତା ସିଢ଼ି ଓହ୍ଲାଇବା ବେଳେ ପୂର୍ବ କଥାର ସୂତ୍ରକୁ ଯୋଡ଼ିଲେ ।

ସୁଶାନ୍ତ ରାସ୍ତାରେ ହଠାତ୍ ଧୂମକେତୁକୁ ଯାଉଥିବା ଦେଖିଲା । ହସୀତା କଥାରେ ସେ କହିଲା —ମୁଁ କହିବା କଥା 'ଦୋ ବିଘା ଜମିନ୍' ବାସ୍ତବବାଦ ଯୋଗୁଁ ନୁହେଁ ଆଦର୍ଶବାଦ ଯୋଗୁଁ ଦର୍ଶକପ୍ରିୟ ହୋଇଥିଲା । ବିଶୁଦ୍ଧ ବାସ୍ତବତା ମାନବକୁ ସୁଖ ଦେଇପାରେନା । ସବୁ ସୁଖ ମୂଳରେ ଆଧ୍ୟାତ୍ମବାଦର, ଆଦର୍ଶ ବାଦର ସାଙ୍କେତିକ ରହିଛି ।

ସୁଶାନ୍ତ ବାବୁ, ଆମ ଘରକୁ ଯାଇ ଆଲୋଚନା କଲେ କିପରି ହୁଅନ୍ତା । ଆପଣଙ୍କ କଥା ଶୁଣିବାକୁ ଭଲ ଲାଗୁଛି । ଚାଲନ୍ତୁ ଘରକୁ, ରାତିଭୋଜନ ମଧ୍ୟ ସେଇଠି କରିବେ ।

ହଷ୍ଟେଲରୁ ଅନୁମତି ଆଣିନି । ସାଢ଼େ ଆଠଟା ପୂର୍ବରୁ ଗେଟ୍ ବନ୍ଦହୋଇ ଯିବ । ଆଉ କେବେ ।

ମୁଁ ଘରୁ ଓ୍ୱାର୍ଡେନସାହେବଙ୍କ ପାଖକୁ ଫୋନ୍ କରିଦେବି । ଆପଣ ଆଜ ଚାଲନ୍ତୁ ।

ସୁଶାନ୍ତ ବାବୁ, ମୋର ଡାଡ଼ି, ରମନାଥ ମିଶ୍ର । ଡାଡ଼ି ଡିଅର ଯେଉଁ ଭଦ୍ରବ୍ୟକ୍ତିଙ୍କ କଥା ତୁମକୁ କେତେଥର କହିଛି, କୃଷ୍ଣଗ୍ରସ, ସୁଶାନ୍ତ କୁମାର ମିଶ୍ର, ଓଡ଼ିଶାରୁ ଆସିଛନ୍ତି, ଜ୍ୟୋତ୍ସ୍ନାର ସହପାଠୀ ।

ରମନାଥ ବାବୁ ନମସ୍କାରର ପ୍ରତ୍ୟୁତ୍ତର ଦେଇ ସୁଶାନ୍ତଙ୍କୁ ବସିବାକୁ କହିଲେ । ସ୍ମିତା ଲଜପତ୍ ହଷ୍ଟେଲ କହି ଲେଡ଼ିଜ୍ ହଷ୍ଟେଲକୁ ଆପଣଙ୍କୁ ପଠାଇ ଦେଇଥିଲି ନା ? ସୁଶାନ୍ତ ହସିଦେଲା । ସ୍ମିତା ଅପ୍ରସ୍ତୁତ ହୋଇ ଅନର୍ଗଳ କହିବାକୁ ଲାଗିଲେ —ନା ଡାଡ଼ି, ମୋର ଉଦ୍ଦେଶ୍ୟ ଲେଡ଼ିଜ୍ ହଷ୍ଟେଲ ଭିତରକୁ ପଠାଇବା ନଥିଲା । ହିନ୍ଦୁବିଶ୍ୱବିଦ୍ୟାଳୟରେ ଝିଅପିଲାଙ୍କୁ ଦେଖିଲେ କଥା କହିବା ଉଦ୍ଦେଶ୍ୟରେ ବିନା କାରଣରେ ଯୁବକମାନେ ଏ ହଷ୍ଟେଲ କେଉଁଠି, ସେ ହଷ୍ଟେଲ କେଉଁଠି ପଚାରିବା ନୂଆ ନୁହେଁ । ମୁଁ ଲଜପତ୍ ହଷ୍ଟେଲ ପାଖରେ 'ଲଜପତ୍ ହଷ୍ଟେଲ' କେଉଁଠି ପ୍ରଶ୍ନ ଶୁଣି ବଦମାସୀ ଭାବି ଲେଡ଼ିଜ୍ ହଷ୍ଟେଲ ଠିକଣା ବତାଇ ଦେଇଥିଲି । ସେମାନେ ସତରେ ଲେଡ଼ିଜ ହଷ୍ଟେଲ ଆଡ଼କୁ ରିକ୍ସା ବୁଲାଇବା ଦେଖି ମୁଁ ଭୁଲ ସଂଶୋଧନ ପାଇଁ ଡାକିବି ବୋଲି ଭାବୁଥିଲି; କିନ୍ତୁ ଜ୍ୟୋତ୍ସ୍ନା କହିଲା ଆଉ ଡାକିବା ଠିକ୍ ହେବନି ।

ଆଚ୍ଛା, ଆଚ୍ଛା !

ଡ୍ରଇଁ ରୁମର ଚାରିଆଡ଼େ ସୁଶାନ୍ତ ଆଖି ବୁଲାଇ ନେଉଥାଏ ।

ସୁଶାନ୍ତ ବାବୁ ! ଚାଲନ୍ତୁ ମୋ ପଢ଼ା ଘରକୁ, ଆମେ ଆସୁଛୁ ଉଡ଼ି ।

ବନିତା ଆଗେ ଆଗେ ଚାଲିଲେ, ପଛେ ପଛେ ସୁଶାନ୍ତ । ଉପରେ ପହଞ୍ଚି ପଢ଼ାଘରେ ସୁଶାନ୍ତକୁ ବସାଇ ଦେଇ ବନିତା କହିଲେ—ଆପଣ ବସନ୍ତୁ, ମୁଁ ହଷ୍ଟେଲକୁ ଆଜି ଆପଣ ଡେରିରେ ଯିବେ ବୋଲି ଫୋନ୍ କରିଦିଏ ।

ପଢ଼ାଘରର ଆର୍ମଚେୟାର ଉପରେ ବସି ସୁଶାନ୍ତ ବହି ଆଲମିରା ଆଡ଼କୁ ଦୃଷ୍ଟି ପକାଇଲା । ବହୁ ପ୍ରକାର ଉପନ୍ୟାସରେ ବିଶେଷତଃ ଏମିଲ ଜୋଲାଙ୍କର ସବୁବହିରେ ଆଲମିରା ଖୁନ୍ଦା ହୋଇଯାଇଥିଲା । ତଳଥାକରେ ହ୍ୟାଭଲକ୍ ଏଲିସ୍‌ଙ୍କର 'ସାଇକୋଲଜି ଅଫ୍ ସେକ୍ସ'ର ଆମେରିକାନ ସଂସ୍କରଣ । ସୁଶାନ୍ତ ବହି ଦେଖୁ ଦେଖୁ ମୁରୁକି ହସା ଦେଲା । ସେ ଆଗରୁ ଜାଣିଥିଲା ବନିତାଙ୍କପରି ଜଣେ ପ୍ରଗତିଶୀଳା ଯୁବତୀଙ୍କ ପଢ଼ାରୁମ୍‌ରେ ଏହି ସବୁ ବହିଥିବ । ଟେବୁଲ ଉପରେ ପଢ଼ାବହି ସବୁ ସୁସଜ୍ଜିତ ହୋଇ ରଖା ଯାଇଥିଲା । ଟେବୁଲର ଗୋଟିଏ ପାର୍ଶ୍ୱକୁ ନୋଟବୁକ୍ । ସୁଶାନ୍ତର ମନେ ପଡ଼ିଲା ବନିତା ଜଣେ ଭଲ ଛାତ୍ରୀ ମଧ୍ୟ । ବନିତା ନୋଟ ଆଡ଼କୁ ହାତ ବଢ଼ାଇବା ବେଳେ ପଛରୁ ବନିତା କହିଲେ—

ହଁ ହଁ, ନୋଟବୁକ୍‌ରେ ହାତ ଦିଅନ୍ତୁନି । ଭୁଲ୍‌ଭାଲ କରି ଲେଖା ହୋଇଛି, ମୁଁ ନିଜେବି ତାକୁ କ୍ଲାସ୍‌ରେ ଲେଖି ସାରିବା ପରେ ପଢ଼ିନି ।

ଆପଣଙ୍କ ବିନାନୁମତିରେ ଦେଖିବାକୁ ଯିବା ତ ଅନୁଚିତ ହୋଇଛି । ତେବେ ନୋଟଖାତା ଉପରେ 'ସେକ୍ସପିଅର'

ଲେଖାଥିବାଦେଖି କୌତୁହଳ ସମ୍ବରଣ କରିପାରିଲେନି । ଶୁଣୁଥିଲି ଡ୍ରାମାଟିକ କ୍ଲବରେ ହିନ୍ଦୀଡ୍ରାମା ପରିବର୍ତ୍ତେ ଇଂରେଜୀଡ୍ରାମା 'ଟ୍ୱେଲ୍‌ଭଥ ନାଇଟ୍' ହବ । ଆପଣ ଅଲିଭିଆ ହେବେ ଓ ମି. ରହମତ୍ ଡ୍ୟୁକ୍ । ସେଇପାଇଁ କୌତୂହଳ ସୃଷ୍ଟି ହୋଇଥିଲି ।

ଆପଣ କଣ ଭାବୁଛନ୍ତି ? ମୁଁ ମୋ ପାର୍ଟ ପାଇଁ ଉପଯୁକ୍ତ ହେବି ନା ନାହିଁ ।

ଆପଣଙ୍କ ଅଭିନୟ ନୈପୁଣ୍ୟ ତ ମୁଁ କେବେ ଦେଖିନି । ତେବେ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଆପଣ ଅଲିଭିଆଙ୍କଠୁ ବେଶି ସୁନ୍ଦର ବୋଲି ମୁଁ କହିପାରେ ।

ବାଃ ଆପଣତ ବେଶ୍ ପ୍ରଶଂସା କରି ଜାଣନ୍ତି ! ରହମତଙ୍କ ସମ୍ପର୍କରେ କଣ ଭାବୁଛନ୍ତି ?

ରହମତ୍ ! ଆପଣ ନିଜେ କୁହନ୍ତୁ, ମୋତେ କାହିଁକି ପଚାରୁଛନ୍ତି ?

ଆଉ କଣ କରିଯିବ, ଯେତେବେଳେ ଯୋଗ୍ୟ ପିଲା କ୍ଲବରେ ମିଶୁ ନାହାନ୍ତି ସେତେବେଳେ ବାଜେ ଲୋକଙ୍କୁ ନେଇ କାମ ଚଳାଇବାକୁ ହେବ ।

ସୁଶାନ୍ତକୁ ଚୁପ ଦେଖି ସ୍ୱାମୀତା କଥା ଗୁଲୁ ରଖିଲେ ।

ଆଚ୍ଛା, ଆପଣ ଡ୍ରାମାଟିକ କ୍ଲବରେ ଯୋଗ ଦେଲେ ଖରାପ କଣ ହୁଅନ୍ତା ?

ମୋତେ ଧୂମକେତୁ ମଧ୍ୟ କ୍ଲବରେ ମିଶିବାକୁ କହିଥିଲା; କିନ୍ତୁ ସେ ବିଷୟରେ ମୁଁ ଭାବିନି ଏବେ ସୁଦ୍ଧା ।

ଏଥିରେ ଆଉ ଭାବିବେ କଣ ?

ଯେତେବେଳେ କୌଣସି କ୍ଳବରେ ମିଶିବ ସେତେବେଳେ ସେ କ୍ଳବର ଉଦ୍ଦେଶ୍ୟ କଣ, ସେ ଉଦ୍ଦେଶ୍ୟ ସହିତ ମୁଁ ବନାରସକୁ ଯେଉଁ ଲକ୍ଷ୍ୟ ନେଇ ଆସିଛି ତା କେତେ ଦୂର ମିଳବ, କ୍ଳବର କାର୍ଯ୍ୟକର୍ତ୍ତା କେଉଁମାନେ, କେଉଁମାନେ ସଭ୍ୟ, ଲୋକ ସାଧାରଣ ସେ କ୍ଳବ ବିଷୟରେ କଣ ଭାବନ୍ତି—ସବୁକଥା ଦେଖିବାକୁ ହେବ। ପଢ଼ାପଢ଼ିରେ ବ୍ୟସ୍ତ ରହି ଏ ସବୁ କଥା ମୁଁ ଭାବିନ।

ଆଜ ଭାବ ନଅନ୍ତୁ ନା, ଆପଣ ଯୋଗ ଦେଲେ ମୁଁ ବାସ୍ତବିକ ଖୁସି ହୁଅନ୍ତି।

ସୁଶାନ୍ତ ବିମାତାଙ୍କ ମୁହଁକୁ ଚାହିଁଲା।

ବର୍ତ୍ତମାନ ସୁଦ୍ଧା ଯାହା ଭାବୁଛି, କ୍ଳବରେ ଯୋଗ ନ ଦେବାହିଁ ମୋ ପକ୍ଷରେ ଉଚିତ ହେବ।

କାହିଁକି—

ଦୂଷିତ ଚରିତ୍ରର ବ୍ୟକ୍ତିମାନଙ୍କ ସହ ମୁଁ କୌଣସି ମହତ୍ ଉଦ୍ଦେଶ୍ୟ ପାଇଁ ମଧ୍ୟ ସଂଘବଦ୍ଧ ହୋଇ ପାରିବିନ।

ବିମାତାଙ୍କ ଭ୍ରୂ କୁଞ୍ଚିତ ହୋଇ ଉଠିଲା।

କେଉଁମାନେ ଆପଣଙ୍କ ମତରେ ଦୂଷିତ ଚରିତ୍ର ରଖନ୍ତି ? ବିମାତା ସାବଧାନ ହୋଇ ପଚାରିଲେ। ସମସ୍ତଙ୍କ ସହ ଚରିତ୍ର ବିନିମୟର ତ ସୁଯୋଗ ପାଇନି, ତେବେ ଅନେକଙ୍କର ବ୍ୟବହାର ଦେଖିବାର ସୁଯୋଗ ପାଇଛି। ସେଇଥିରୁ ସେମାନଙ୍କ ଚରିତ୍ର-ଦାସତା ଓ କଳୁଷିତାର ଗଭୀରତା ଅନୁମାନ କରୁଛି।

ତା' ହେଲେ କେଉଁମାନେ ଅନାଚାରୀ...

ସେମାନଙ୍କ ନାମ କହିବି, ଅଶିଷ୍ଟତା ହେବ।

ଓଃ ! ବନୀତା ଚୁପ ହୋଇଗଲେ । ତାପରେ ବହୁସମୟଯାଏଁ ଦୁହେଁ ଗମ୍ଭୀର ହୋଇ ବସି ରହିଲେ । ଶେଷରେ ସୁଶାନ୍ତ ଉଠି ଠିଆ ହେଲ—

ମିସ୍ ବନୀତା, ଜରୁରୀ କାମ ଅଛି, ଯାଉଛି ଏବେ । କ୍ଷମା କରିବେ, ଆଉ କେବେ ।

ସୁଶାନ୍ତ କଥାରେ ବନୀତାଙ୍କ ଚିନ୍ତା ଭାଙ୍ଗିଗଲା । ସେ ଠିଆ-ହୋଇଯାଇ କହିଲେ—

ଖାଇକି ଯାଇଥାନ୍ତେ, ରହିଯାନ୍ତୁ ।

ଆଉକେବେ—

ନମସ୍ତେ । ବନୀତା ଦେବୀ ଆଗ ହାତଟେକିଲେ ।

ନମସ୍ତେ ।

ସନ୍ଧ୍ୟାପରେ ଡାଲମଣ୍ଡି ଛାତ୍ରମାନଙ୍କ ପାଇଁ ନିଷିଦ୍ଧ ଅଞ୍ଚଳ ଥିଲା । ବିଶ୍ୱବିଦ୍ୟାଳୟର କାର୍ଯ୍ୟାଧ୍ୟକ୍ଷ ବା କୌଣସି ଅଧ୍ୟାପକ ଦେଖିନେଲେ କାର୍ଯ୍ୟାଧ୍ୟକ୍ଷଙ୍କ ଅଫିସରେ ସଫେଇ ଦେବାକୁ ପଡ଼ୁଥିଲା ଓ ସନ୍ତୋଷଜନକ ସଫେଇ ଦେଇ ନ ପାରିଲେ ସବୁଦିନପାଇଁ ଚଡ଼ା ଖାଇବାର ଆଶଙ୍କା ମଧ୍ୟ ଥିଲା । ମଦନମୋହନ ମାଳବ୍ୟ ବିଶ୍ୱବିଦ୍ୟାଳୟର କଳ୍ପନା କରିଥିବା ବେଳେ ଦଶହଜାର ବ୍ରହ୍ମଚାରୀ ଗୈରିକବସନ ପିନ୍ଧି ସାମବେଦକୁ ଉଚ୍ଚସ୍ୱରରେ ପାଠ କରୁଥିବାର ସ୍ୱପ୍ନ ଦେଖି ଥିଲେ । କିନ୍ତୁ ସେ କଥା ତ ସମ୍ଭବପର ହୋଇ ପାରିଲାନି, ଛାତ୍ରମାନଙ୍କ ଚରିତ୍ର ଉପରେ ଯତ୍‌କିଞ୍ଚିତ ଦୃଷ୍ଟି ଦେବାକଥା, ଦିଆଯାଉଛି । ଡାଲମଣ୍ଡି ବନାରସ୍‌ର ବିଖ୍ୟାତ ରୂପଜୀବୀଙ୍କ ଅଞ୍ଚଳ । ଚୌକ୍ ପାଖରୁ ବାଁ ଆଡ଼କୁ ସଂକୀର୍ଣ୍ଣ ଗଳିଟିଏ ଲମ୍ବି ଯାଇଛି । ଚୌକରୁ ଠିଆ ହୋଇ ଗଳିକୁ ଚାହିଁଲେ ଦୂର ଅଭ୍ୟନ୍ତର ଦିନରେ ମଧ୍ୟ ଅନ୍ଧକାରମୟ ଦିଶିବ । ଗଳିର ଦୁଇ ପାଖରେ ଏକମହଲା, ଅପରିଷ୍କାର କୋଠାର ଧାଡ଼ି । ଉପରେ ଭୋଗର ଅସରନ୍ତି ଭଣ୍ଡାର, ତଳେ ବନାରସ୍‌ର ସବୁ ପ୍ରକାର ଜିନିଷର ଶସ୍ତା ବଜାର । ବିଶ୍ୱବିଦ୍ୟାଳୟ ଛାତ୍ରମାନେ ଶସ୍ତା ଦରରେ ଜିନିଷ କିଣିବା ବାହାନାରେ ଡାଲମଣ୍ଡି ଯାଆନ୍ତି, ମହଙ୍ଗା ଦରରେ କିଣନ୍ତି ବାରଙ୍ଗନାମାନଙ୍କ ଶରୀର ।

ଧୂମକେତୁ କଟକରେ ବେଶ୍ୟାଗାମୀ ନ ଥିଲା । କଟକରୁ ତ ସେ ପ୍ରଗତିଶୀଳ ଥିଲା ଓ ସାମୟିକ ସୁଖ ପାଇଁ ବାନ୍ଧବୀମାନଙ୍କୁ ବୁଲାଇ ନବାରେ କୌଣସି ଭୁଲ ଦେଖୁ ନ ଥିଲା । ପାର୍ଟିର ସଭ୍ୟମାନଙ୍କ ସହ ତା'ର ଘନିଷ୍ଠତା ଥିଲା । କୌଣସି ମିଥ ନୟମ ଯୋଗୁ ଯେ ସେ ବେଶ୍ୟାଘରକୁ ଯାଉ ନ ଥିଲା ତା' ନୁହେଁ । ମ୍ୟୁନସପାଲ୍ଟି କାଉନ୍‌ସିଲକୁ ଦୁଇ ତିନ ବର୍ଷ ମଧ୍ୟରେ ନିର୍ବାଚନରେ ଠିଆହେବ ବୋଲ ଆକାଂକ୍ଷା ରଖିଥିବାରୁ ଭୋଟରମାନଙ୍କ ନିକଟରେ ନଷ୍ଟଚରିତ୍ର ବୋଲ ପରିଚିତ ହେବାକୁ ସେ ଚାହୁଁ ନ ଥିଲା । ବନାରସ୍ ଆସି ତା' ପାଇଁ ସଂଯତ ଜୀବନଯାପନ କରିବା କଷ୍ଟକର ହୋଇ ନ ଥାନ୍ତା । ସେ ଅନ୍ୟାନ୍ୟ ଗୁଣ ସହିତ ନିଜକୁ ଶୃଙ୍ଖଳାରେ ରଖିବା ଗୁଣ ମଧ୍ୟ ହାସଲ କରିଥିଲା; କିନ୍ତୁ ଦିନକର ଘଟଣା ତା' ଜୀବନକୁ ଏକ ଭିନ୍ନଧାରାରେ ବୁହାଇନେଲା ।

ଡବଲସିଟେଡ୍ ପାଇବା ପରେ ରହମତ୍ ଓ ସେ ଦୁହେଁ ଭାଗଭାଗରେ ସ୍ୱେଟର୍‌ଟିଏ କିଣିବାକୁ ଠିକ୍ କରି ଲଙ୍କାମାର୍କେଟ ଯାଇଥିଲେ । ରହମତ୍ ଦୋକାନ ଭିତରେ ସୁନ୍ଦର ସ୍ୱେଟରଟିଏ ଦେଖି ତାକୁ କିଣିବା ପାଇଁ ଜିଦ୍ ଧରିଲା । ସେମାନଙ୍କ ପାଖରେ କିନ୍ତୁ ସବୁ ମିଶି ସାତ ଟଙ୍କା ଓ କିଛି ଖୁଚୁରା ଥାଏ । ଦୋକାନୀକୁ ସେମାନେ ଦାମ କମାଇ ଦେବାକୁ କହିଲେ, ଦୋକାନୀ ବଦମିଜାଜର ଲୋକ ଥିଲା, ଏମାନଙ୍କ ଅଯୁକ୍ତିସଙ୍ଗତ ଅନୁରୋଧରେ ବହୁତ ବୁଝାଇବା ପରେ ନ ମାନିବାରୁ, 'ଡାଲମୁଣ୍ଡି ମେ ମିଲେଗା' କହି ସେ ଅନ୍ୟ ଗରାଖଙ୍କ ପାଖକୁ ଚାଲିଗଲା । ଡାଲମୁଣ୍ଡି କଥା ରହମତ୍‌ର ମୁଣ୍ଡରେ ଢୁକି ନ ଥିଲା । ଧୂମକେତୁ ଦୋକାନୀ କହିଥିବା କଥାର ଅର୍ଥ ପଚାରିବାରୁ ରହମତ୍ କହିଲା—ଦୋସ୍ତ, ଦୋକାନୀ ରାଗିଗଲା; କିନ୍ତୁ

କହୁଛି ଯାହା ତା' ଷୋଳଅଣା ଠିକ୍ । ଡାଲମୁଣ୍ଡିକୁ ରିକ୍ସାରେ ଯିବା ଆସିବା ଖର୍ଚ୍ଚ ଟଙ୍କାଏ, ହିଟର୍ ଦାମ ସେଠି ପାଞ୍ଚ ଟଙ୍କାଠୁ ବେଶି ହବନି । ତେଣୁ ସେଇଠିକି ଯିବା ।

ବିଶ୍ୱବିଦ୍ୟାଳୟ ଖୋଲିବାର ମାସେ ପୂରି ହୋଇ ନ ଥାଏ । ହଷ୍ଟେଲକୁ ଛାତ୍ରମାନେ ଦୂରଦୂରାନ୍ତରରୁ ଆସୁଥାଆନ୍ତି; ତେଣୁ ଜୁନ୍ ପନ୍ଦର ଯାଏଁ ଗେଟ୍ ରାତିସାରା ପ୍ରାୟ ଖୋଲା ରହୁଥାଏ । ରହମତ୍ ଓ ଧୂମକେତୁ ରାତି ପ୍ରାୟ ସାଢ଼େ ସାତଟାରେ ରିକ୍ସାକରି ଡାଲମୁଣ୍ଡି ବାହାରିଲେ । ଡାଲମୁଣ୍ଡି ଅଞ୍ଚଳର ସୁଖ୍ୟାତିସହ ଧୂମକେତୁ ପରିଚିତ ନ ଥିଲା । ରହମତ୍ ମଧ୍ୟ ସେ ବିଷୟରେ କିଛି କହୁ ନ ଥାଏ ।

ପ୍ରାୟ ଆଠଟାବେଳକୁ ସେମାନେ ଡାଲମୁଣ୍ଡିରେ ପହଞ୍ଚିଲେ । ବଜାର ଆରମ୍ଭରେ ଦୁଇ ତିନିଟି ହିଟର୍, ବଲବ୍ସ ଓ ଇଲେକଟ୍ରିକ ସମ୍ପର୍କୀୟ ଜିନିଷ ସଜାହୋଇଥିବା ଦେଖି ଧୂମକେତୁ ଦୋକାନ ଆଡ଼କୁ ଯିବାକୁ ଲାଗିଲା । ରହମତ୍ ଧୂମକେତୁକୁ ଅଧୈର୍ଯ୍ୟ ଦେଖି କହିଲା—ତରତର କାହିଁକି ହେଉଛୁ ? ସାରାବଜାର ବୁଲିସାରିବା ପରେ ଦରଦାମ କରିବା । ଆଗ ଚାଲ୍, ତୋତେ ଏ ବଜାର ଦେଖାଇ-ଦିଏ । ବଜାରର କିଞ୍ଚିତ ଅଭ୍ୟନ୍ତରକୁ ଯିବା ପରେ ଧୂମକେତୁର ଦୃଷ୍ଟିକୁ ଉପର ମହଲାଗୁଡ଼ିକର ନୀଳ ଆଲୋକ ଆକର୍ଷିତ କରିନେଲା । ବଜାରଆଡ଼କୁ ଥିବା ଝରକାଗୁଡ଼ିକ ଖୋଲାଥାଏ, ଝରକାଗୁଡ଼ିକରେ ଖାଡ଼ି ନ ଥିବା ଦେଖି ଧୂମକେତୁ ଆଶ୍ଚର୍ଯ୍ୟାନ୍ୱିତ ହେଲା । ହଠାତ୍ ଗୋଟିଏ ଝରକାଦେଇ କିଏ ସେଠିଠୁ ସମସ୍ତ ଉପରଭାଗ ଝରକା ବାହାରକୁ ଆଣି ରାସ୍ତା ଉପରକୁ ଜଣେ ରୂପସୀ, ଯୌବନମଦମତ୍ତା ଝୁଙ୍କି-ପଡ଼ିଲେ ।

ତକ୍ତ ଦର୍ଶକଙ୍କୁ ରୂପସୀଙ୍କ ଶାରୀରିକ ବିଭବ ପରିଷ୍କାର ଦିଶିଲା ।

ଜମିନା ଓ ଜମିନା ବେଗମ୍, ଆରସି ଦୋ, ଜଲ୍‌ଦି ।

ସେ ଝରକାଠୁ ହାତେ ଦୁଇ ହାତ ଛାଡ଼ି ଅନ୍ୟ ଝରକାଟିରୁ ଜଣେ ପ୍ରୌଢ଼ା ସେହିପରି ଖୋଲାଝରକା ଦେଇ ଲଇଁପଡ଼ି ହସି ହସି ଦର୍ପଣ ବଢ଼ାଇଦେଲେ ।

ଆଜ୍ ବହୁତ୍ ଖୁସ୍ ମାଲୁମ ପଡ଼ତି ହୋ !

ସବ୍ ଆଲ୍‌ହା କି ମେହେରବାନି !!

ଆରେ ରହମତ୍, ତୁ କେଉଁ ଜାଗାକୁ ଆଣିଲୁ ? କୌଣସି ବେଶ୍ୟାପଡ଼ା ନୁହେଁ ତ ! କିଛିଦୂର ଯିବା ପରେ ଗଳିଟି ଦୁଇଟି ଛୋଟ ଛୋଟ ରାସ୍ତାରେ ପରିଣତ ହୋଇଥିଲା । ସେହି ଛୋଟ ରାସ୍ତାରୁ ଡାହାଣ ପାଖକୁ ଯାଇଥିବା ରାସ୍ତାଟି ସମ୍ପୂର୍ଣ୍ଣ ଅନ୍ଧକାରବୃତ ଥିଲା; କିନ୍ତୁ ଉପର ବଖରାଗୁଡ଼ିକରେ ନାନାରଙ୍ଗର ଲାଇଟ୍ ଜଳୁଥିଲା । ତବଲା, ସାରଙ୍ଗ ଧ୍ୱନିକୁ ଛନନ୍ ଛନନ୍ ଘୁଙ୍ଗୁରୁ ଶବ୍ଦ ମଧ୍ୟ କୌଣସି କୌଣସି ବଖରାରୁ ଭାସି ଆସୁଥାଏ ।

ରହମତ୍ ଧୂମକେତୁ କାନ୍ଧରେ ହାତପକାଇ କହିଲା— ଘବରାଓ ମତ୍ ।

କିଛି ବାଟ ଯିବାପରେ ଧୂମକେତୁ ଅନ୍ଧକାରମୟ ଗଳି ଭିତରୁ ଜଣେ ମାନ୍ଦ୍ରାସୀ ପ୍ରୌଢ଼ ବ୍ୟକ୍ତି ଷୋଳ ସତର ବର୍ଷର ଝିଅଟିଏକୁ ନେଇ ସେମାନଙ୍କ ଆଡ଼କୁ ଆସୁଥିବା ଦେଖିଲା । ଝିଅଟି ଭଦ୍ରବ୍ୟକ୍ତିଙ୍କ ପଛେ ପଛେ ଆସୁଥିଲା; ଶ୍ୟାମବର୍ଣ୍ଣିପ୍ସା, ଅଳଙ୍କାରସୁସଜ୍ଜିତା, ଧୀର-ମନ୍ଥର ଗତି । ରହମତ୍ ସେମାନଙ୍କୁ ଦେଖି ଧୂମକେତୁକୁ ଛାଡ଼ି ସେମାନଙ୍କ

ପାଖକୁ ଯାଇ ଚୁପ୍ ଚୁପ୍ କଣ କଥାହେଲା । ତା'ପରେ ହଠାତ୍ ରହମତ୍ ଜୋରରେ ହାତ ଛୁଆଡ଼ି କଥା କହିବାରୁ ଧୂମକେତୁ ରହମତ୍‌ର କୌଣସି କାରଣ ଯୋଗୁଁ ବିରକ୍ତ ହେଉଥିବା ଜାଣିପାରି ସେମାନଙ୍କ ଆଡ଼କୁ ଆସିଲା । ସେ ପହଞ୍ଚିବା ବେଳକୁ ସେମାନଙ୍କ କଥାବାର୍ତ୍ତା ସରିଯାଇଥିଲା । ରହମତ୍ ଓ ଧୂମକେତୁ ପ୍ରୌଢ଼ବ୍ୟକ୍ତିଙ୍କୁ ଅନୁସରଣ କରି ସେହି ଅନ୍ଧକାର ଗଳିରେ ଗୋଟିଏ ଘରେ ପହଞ୍ଚିଲେ । ଝିଅଟି ଦୁଆର ଖୋଲିଦବାରେ ରହମତ୍ ଧୂମକେତୁକୁ ଝିଙ୍କି ଝିଙ୍କି ଘର ଭିତରକୁ ପଶିଗଲା । ପ୍ରୌଢ଼ବ୍ୟକ୍ତି ବଜାର ବୁଲି ଚାଲିଗଲେ ।

ଧୂମକେତୁର କିନ୍ତୁ ଆଜି 'ଗାନା' ଶୁଣିବାକୁ ଇଚ୍ଛା ଥିଲା । ହଷ୍ଟେଲ୍‌ରୁ ବାହାରିବା ବେଳେ ଦମିତାଙ୍କ ପାଖକୁ ଆସିବା ଉଦ୍ଦେଶ୍ୟ ରଖି ସେ ହଷ୍ଟେଲ୍‌ରୁ ବାହାରିଥିଲା; ଇଲେକ୍‌ସନ୍ ବିଷୟରେ କଥାବାର୍ତ୍ତା ଥିଲା; କିନ୍ତୁ ଦମିତା ଘରେ ନ ଥିଲେ । ପ୍ରକାଶ ଟକିଜ୍ ବାଟେ ଯାଉଥିବା ବେଳେ ବାଲକନିରେ ସେ ଦମିତା ଓ ସୁଶାନ୍ତକୁ ସାଙ୍ଗହୋଇ କଥାବାର୍ତ୍ତା କରୁଥିବା ଦେଖିଲା । ସୁଶାନ୍ତ ଓ ଦମିତାର ଘନିଷ୍ଠତାକୁ ସେ ପସନ୍ଦ କରିପାରିଲାନି । ସେ ଫେରି କହ୍ନେଇୟା ରାମମନ୍ଦିର ଆଡ଼କୁ ଚାଲିଲା । ଡାଲମୁଣ୍ଡିରେ ଭଲ ଗାୟିକା ନ ଥିଲେ । ସନ୍ଧ୍ୟା ହେବାଯାଏଁ ଏଣେ ତେଣେ ବୁଲି ସନ୍ଧ୍ୟା ହେବାରେ କହ୍ନେଇୟାରାମମନ୍ଦିର ପଡ଼ିଶା ଚହ୍ଳା ପାନ ଦୋକାନ ପାଖରେ ସାଇକେଲ ରଖିଦେଇ ଦଶାଶ୍ୱମେଧ ଘାଟଠୁଁ ଡଙ୍ଗାରେ ସେ ରାମନଗର ଚାଲିଗଲା ।

ସୁଶାନ୍ତ ଚାଲିଯିବା ପରେ ବିମାତା ଖାଇବାକୁ ମନା କରି-ଦେଇ ତାଙ୍କ ଶୋଇବା ଘର ଦୁଆର ବନ୍ଦକରି ସୁଶାନ୍ତ ପ୍ରତି ସେ କରିଥିବା ବ୍ୟବହାର କଥା ଭାବିଲେ । ସେ ଜାଣିଥିଲେ ସୁଶାନ୍ତକୁ ବାଧ କରିଥିଲେ ସୁଶାନ୍ତ ଖାଇବାକୁ ରହିଯାଆନ୍ତା; କିନ୍ତୁ ସେ ବାଧ କଲେନି । ସୁଶାନ୍ତ ନିଜେ ସ୍ୱତଃପ୍ରବୃତ୍ତ ହୋଇ ତାଙ୍କ ଘରକୁ ଆସି ନ ଥିଲା, ବିମାତାର ନିମନ୍ତ୍ରଣରେ ବହୁତ ଜୋର ଦବାରେ ସେ ଆସିଥିଲା । ବିମାତାକୁ ବ୍ୟକ୍ତିଗତଭାବେ ସେ କିଛି ସମାଲୋଚନା କରି ନ ଥିଲା; କିନ୍ତୁ ବିମାତା କାହିଁକି କେଜାଣି ସୁଶାନ୍ତ କ୍ଳବ୍‌ରେ ନ ମିଶିବା ଦେଖି ମନେ ମନେ ରାଗରେ କୁହୁଳୁଥିଲେ । ଡ୍ରାମାଟିକ୍ କ୍ଳବ୍‌ରେ ସୁଶାନ୍ତ ମିଶିବାକୁ ଯେ ବାଧ୍ୟବାଧକତା କାହିଁକି କରାଯିବ ଓ ସେ ନ ମିଶିଲେ ଏତେ ରାଗିବା ଯେ କଣ ପ୍ରୟୋଜନ ତା’ ବିମାତା ନିଜେ ବୁଝି ପାରୁ ନ ଥିଲେ ।

ହଠାତ୍ ସୁଶାନ୍ତସହ ପ୍ରକାଶ ସିନେମାରେ କଥାବାର୍ତ୍ତା ହେଉ-ଥିବା ଦୃଶ୍ୟ ତାଙ୍କର ମନେ ପଡ଼ିଗଲା । ସୁଶାନ୍ତ ଓଜସ୍ୱୀ, ଗମ୍ଭୀର, ଆତ୍ମବିଶ୍ୱାସୀ, ବାକ୍‌ପଟୁ ଓ ସୁନ୍ଦର । ତା’ କଥାରେ ମାଧୁର୍ଯ୍ୟ ଅଛି ।

ଛିଃ, କଣଗୁଡ଼ାଏ ଭାବୁଛି । ସୁଶାନ୍ତ ଦମ୍ଭୀ, ଅହଂକାରୀ ଓ ଜିଦ୍‌ଖୋର । ବିମାତା ମନକୁ ଅନ୍ୟ କଥାରେ ଲଗାଇବା ପାଇଁ ଲାଇଟ୍ ଲଗାଇ 'କାଗଜ' ଓଲଟାଇଲେ । ପ୍ରଥମ ପୃଷ୍ଠାଠୁ ଓଲଟାଇ

ନେଇ ନେଇ ପ୍ରବନ୍ଧ ବିଭାଗରେ 'ଗୋଦାବରୀଶଙ୍କ ଅଧ୍ୟାତ୍ମବାଦ' ଶିରୋନାମା ତଳେ ସୂର୍ଯ୍ୟକାନ୍ତର ପ୍ରବନ୍ଧ ଓ ଫଟୋ ବାହାରିଥିଲା । ପ୍ରବନ୍ଧ ତଳେ ଲେଖାହୋଇଥିଲା—ଅଖିଳ ଭାରତୀୟ ପ୍ରବନ୍ଧ ପ୍ରତିଯୋଗୀତାରେ ସୁଶାନ୍ତ କୁମାର ମିଶ୍ର ପ୍ରଥମହୋଇ କାଗଜ ପତ୍ରିକା ପଚାଶ ଶହେ ଟଙ୍କା ପାଇଛନ୍ତି । ପ୍ରବନ୍ଧ ଶିରୋନାମା ପାଖରେ ପ୍ରକାଶିତ ଫଟୋକୁ ବନିତା ଚାହିଁଲେ—ବଡ଼ କପାଳ, ଦୃଢ଼ ଚିବୁକ, ରୋମାନ୍ ନାସିକା, ଗମ୍ଭୀର । ପ୍ରବନ୍ଧ ମଝିରୁ ବନିତା ପଢ଼ିଲେ— ଯେକୌଣସି ବାସ୍ତବ ଘଟଣାସହ ଇଚ୍ଛା, କଳ୍ପନା, ରାଗ, ଆକାଂକ୍ଷାର କଳାପୂର୍ଣ୍ଣ ମିଶ୍ରଣରେ ସାହିତ୍ୟର ସୃଷ୍ଟି । ଅବଶ୍ୟ କେତେ ଭାଗ ଘଟଣାସହ କେତେଭାଗ କଳ୍ପନା ମିଶିବ ତା'ର ଅନୁପାତ ନିର୍ଣ୍ଣୟ କରିବାରେ କୌଣସି ସ୍ଥିର ନିୟମ ନାହିଁ, ରହିବା ମଧ୍ୟ ପ୍ରୟୋଜନ ନାହିଁ । ଜନକୁସ୍ତି, ଉପନ୍ୟାସରେ ଘଟଣା ଅଣାଏ ଥିଲେ କଳ୍ପନା ପନ୍ଦରଣା ଥିବ ଓ 'ଅଫ୍ ହ୍ୟୁମାନ୍ ବଣ୍ଡେଜ'ରେ ଘଟଣା ପନ୍ଦରଣା ଥିଲେ, କଳ୍ପନା ଅଣାଏ ଥିବ । ଅନୁପାତ ନେଇ କିଛି କଥା ନାହିଁ; ତାହାର ନିର୍ଣ୍ଣୟ ଲେଖକର ସମ୍ପୂର୍ଣ୍ଣ ବ୍ୟକ୍ତିଗତ; ସାର୍ଥକ ଓ ଠିକ୍ ନିର୍ଣ୍ଣୟରେ ହିଁ ଲେଖାର ସଫଳତା । ବିଶୁଦ୍ଧ ଘଟଣାରେ ସାହିତ୍ୟ କେବେ ସୃଷ୍ଟି ହୁଏନି; ଅର୍ଥାତ୍ ବାସ୍ତବତାରେ ସାହିତ୍ୟ ନାହିଁ, ଆଦର୍ଶ ଓ ଆଧ୍ୟାତ୍ମିକତାରେ ଅଛି । ସାହିତ୍ୟରେ ଲେଖକ ସ୍ୱ ଚିନ୍ତା ଚରିତାର୍ଥ କରିଥାଏ, ଆକାଂକ୍ଷା ପୂର୍ଣ୍ଣ କରିଥାଏ, ମନୋଦ୍‌ବେଗ ଶାନ୍ତ କରିଥାଏ । ଯାହା ଘଟୁଛି, ଯାହା ସମ୍ପୂର୍ଣ୍ଣ ବାସ୍ତବିକ, ତାହା ଜାଣିବାକୁ କେହି ବ୍ୟଗ୍ର ନୁହେଁ । ଯେପରି ଘଟିଲେ ଭଲ ଲାଗିବ, ଯଦି ସେହିପରି ଘଟଣାକୁ ପ୍ରକାଶକରି ବାସ୍ତବ ଚିତ୍ର ବୋଲି ପ୍ରକୃତ ଲେଖକ ଦେଇପାରିଲା, ତା'ହେଲେ ସେ ଆଦୃତ ହେବ । ଏହିପରିଭାବେ ଲେଖକ, କବି, ଈଶ୍ୱରସୃଷ୍ଟ ବାସ୍ତବ ଜଗତକୁ

କଳ୍ପନା ସର୍ବସ୍ୱ ମାନବ ପାଇଁ ବାସପୋଯୋଗୀ କରାଇଥାନ୍ତି । ଏ ଜଗତ ଯେତିକି ଈଶ୍ୱର ସୃଷ୍ଟ ସେତିକି ବା ତା'ଠୁ ବେଶି ଲେଖକ, କବି ଓ ଭାବୁକ ସୃଷ୍ଟ । ସେଥିପାଇଁ ଲେଖକ ଈଶ୍ୱର-ସ୍ୱରୂପ । କୌଣସି ଦେଶର ସାମାନ୍ୟ ମାଟି, ପାଣି, ପବନ, ଗିରି, ଶିଳାଦିକୁ ନେଇ ସେମାନଙ୍କୁ ଆବେଗପୂର୍ଣ୍ଣ କରି ସଂସ୍କୃତି, ସଭ୍ୟତା, ଏକତାର ବଳିଷ୍ଠ ଉପାଦାନକରି ଥୋଇବା କବି-ଲେଖକଙ୍କ କାର୍ଯ୍ୟ । ଏହା ହିଁ ଆଧ୍ୟାତ୍ମିକତା । ଆଧ୍ୟାତ୍ମିକତାର ଅର୍ଥ ଈଶ୍ୱର ପ୍ରେମ ବୋଲି କେହି ନ ବୁଝନ୍ତୁ । ମାନବଜୀବନକୁ ସବୁ ଦୃଷ୍ଟି-କୋଣରୁ ପୂଜା କରିବା ହିଁ ଆଧ୍ୟାତ୍ମିକତା । ଦେଶ ଓ ଜାତିକୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ଚେଷ୍ଟାକରିବା ହିଁ ଆଧ୍ୟାତ୍ମିକତା; ମାନବସମାଜର କଲ୍ୟାଣକୁ ସତ୍ୟର ମାନଦଣ୍ଡରୂପେ ଗ୍ରହଣ କରିବା ହିଁ ଆଧ୍ୟାତ୍ମିକତା । ଆଧ୍ୟାତ୍ମିକତାର ଉପଲବ୍ଧି ବ୍ୟକ୍ତିଗତ ସ୍ୱାର୍ଥ ଆଶା, ବାସନା ଅଭିସନ୍ଧି ଥିଲେ ହୋଇ ପାରିବନି । ବ୍ୟକ୍ତିଗତ ସ୍ୱାର୍ଥରୁ ଉପରକୁ ଉଠିଲେ ହିଁ ଆଧ୍ୟାତ୍ମିକତାର ପରିଚୟ ମିଳିବ । ଯୋଗୀ ଋଷିମାନେ ସମାଜ ପାଇଁ ଯେଉଁ ବିଧିବିଧାନ କରିଯାଇଛନ୍ତି ତାହା ବ୍ୟକ୍ତିଗତ ଅଭିସନ୍ଧିରୁ ନୁହେଁ, ସେମାନଙ୍କ ଉପଲବ୍ଧିରୁ; ସତ୍ୟ କଥାକୁ ବ୍ୟକ୍ତିବିଶେଷର କାମନା ପ୍ରତି ଦୃଷ୍ଟି ନ ଦେଇ ସେମାନେ ସମାଜକୁ ତାହା ପାଳନ କରିବାକୁ ନିର୍ଦ୍ଦେଶ ଦେଇ ଯାଇଛନ୍ତି ।

ବନିତା ସୁଶାନ୍ତ ଲେଖାରେ, ଲେଖାର ବଳିଷ୍ଠତାରେ ମୋହିତ ହୋଇଯାଇଥିଲେ । ତାଙ୍କର ମନେ ପଡ଼ିଲା କିଛି ସମୟ ତଳେ ସେ ସୁଶାନ୍ତକୁ ତାଙ୍କ କାର୍‌ରେ 'ପ୍ରକାଶ'ସିନେମାରୁ ଘରକୁ ଆଣୁଥିବାବେଳେ ବନିତାଙ୍କୁ ଡ୍ରାଇଭିଂରେ ସିଦ୍ଧହସ୍ତ ଦେଖି ସେ କହିଥିଲେ—

ଶ୍ରୀମତୀ ଦେବୀ, ଆପଣଙ୍କର ଅନେକ ଭଲଗୁଣ ଅଛି । ଡ୍ରାଇଭିଂ କରିବା, ଆକ୍ଟିଂ କରିବା, ଗାଇବା, ନାଚିବା ସବୁଥିରେ ଆପଣ ପ୍ରବୀଣା । ନାଚିବା, ଗାଇବା, ମୋଟର ଚଳାଇବା ଖରାପ ନୁହେଁ; କିନ୍ତୁ ଏସବୁ କାମ ପଛରେ ଠିକ୍ ବିଗୃର ରହିଥିବା ପ୍ରୟୋଜନ । ଠିକ୍ ବିଗୃର ଏସବୁ କାର୍ଯ୍ୟକୁ ଯଥାର୍ଥ କରିଦେବ । କିନ୍ତୁ ଆଜିକାଲିର ଝିଅ ଡ୍ରାଇଭିଂ କରୁଛନ୍ତି ପୁରୁଷମାନଙ୍କସହ ସମାନାଧିକାର ପାଇବା ପାଇଁ; ନାଟ, ଗୀତ କରୁଛନ୍ତି ନିଜକୁ ପ୍ରୋଗ୍ରେସିଭ୍ ବୋଲି ଦେଖେଇଦେବା ପାଇଁ ।

ଟ୍ରାଫିକ୍ କଣ୍ଟ୍ରୋଲ୍ କଣ୍ଟ୍ରୋଲ୍ ଶ୍ରୀମତୀ ପଗୃରିଲେ—ତା'ହେଲେ ଆପଣ କଣ ଗୃହୁଁଛନ୍ତି ନାରୀମାନେ ସବୁବେଳେ ପୁରୁଷମାନଙ୍କର ପରାଧୀନ ହୋଇ ରହନ୍ତୁ, ଶୋଷିତ, ଲାଞ୍ଛିତ ହୋଇ ରହନ୍ତୁ ?

ଆପଣ · ଧୀରସ୍ଥିରଭାବେ ବିଗୃର ନ କରି ରକ୍ତକୁ ତତେଇ ଦେବା ପାଇଁ ଅନେକଗୁଡ଼ାଏ ଶବ୍ଦ ପ୍ରୟୋଗ କରିଦେଲେ । ମେସିନ୍‌ର ଗୋଟିଏ ପାର୍ଟ ଅନ୍ୟ ପାର୍ଟର ପରାଧୀନ ବୋଲି କୁହାଯାଏନା । ପ୍ରତ୍ୟେକ ପାର୍ଟ ପାଇଁ କାର୍ଯ୍ୟ ନିର୍ଦ୍ଦିଷ୍ଟ କରାଯାଇଛି । ପ୍ରତ୍ୟେକ ପାର୍ଟର ଠିକ୍ କାର୍ଯ୍ୟରେ ମେସିନ୍ ବେଶି କାର୍ଯ୍ୟ କରି ପାରିବ । ଗୋଟିଏ ପାର୍ଟକୁ ଅନ୍ୟ ପାର୍ଟ ଜାଗାରେ ଲଗାଇଲେ ମେସିନ୍ କାମ ତ କରିବ ନାହିଁ, ପାର୍ଟ ସମେତ ଭାଙ୍ଗି ପଡ଼ିବ । ନାରୀ ଓ ପୁରୁଷଙ୍କର ଶାରୀରିକ ଆକୃତି ଓ ବାଓଲଜିକାଲ ଫଙ୍କସନ୍‌ସବୁ ଭିନ୍ନ । ସେହି ଅନୁଯାୟୀ ସେମାନଙ୍କର ସମାଜରେ କାର୍ଯ୍ୟ ଠିକ୍ କରାଯାଇଛି । ଏଠି ସ୍ୱାଧୀନତା, ପରାଧୀନତାର ପ୍ରଶ୍ନ କାହିଁକି ଉଠୁଛି ? ମଣିଷ ସୃଷ୍ଟିବେଳୁ ନାରୀ ପୁରୁଷର ଯାହା ସମ୍ପର୍କ ରହିଆସିଛି ପୃଥିବୀ ଧ୍ୱଂସ ହେବାଯାଏଁ ସେହି ସମ୍ବନ୍ଧ ସେହିପରି ସ୍ୱରୂପରେ ରହିଥିବ । ଯେଉଁ ଯେଉଁଠି

ଏହି ପ୍ରାକୃତିକ ନିୟମର ବ୍ୟତିକ୍ରମ ହୋଇଛି ସେଠି ସେଠି ଦୁଃଖ କଳହର ଭୂମୁଳ ତମ୍ମୁତୋଫାନ ସୃଷ୍ଟିହୋଇଛି···ନାରୀ ପୁରୁଷ ପରି ବ୍ୟବହାର କରି ସୁଖ ପାଇ ପାରିବେନି କି ପୁରୁଷ ନାରୀ ପରି ବ୍ୟବହାର କରି ସୁଖ ପାଇବେନି । ଆଜି ଶୋଷଣ, ଲାଞ୍ଛନ କଥା ଯଦି ନେବେ ତା'ହେଲେ ହିସାବକଲେ ଜଣାପଡ଼ିବ ଯେ, ପ୍ରକୃତରେ ପୁରୁଷ ହିଁ ଶୋଷିତ ବା ଲାଞ୍ଛିତ । ସବୁ ଘର ଭିତରେ ସ୍ତ୍ରୀ ପ୍ରଧାନତା ଦେଖିବାକୁ ମିଳିବ । ଅବଶ୍ୟ ପୁରୁଷ ଓ ସ୍ତ୍ରୀ ସେମାନଙ୍କର କ୍ଷମତାକୁ ଏକା ପରି ପ୍ରକାଶ କରି ନଥାନ୍ତି । ଶାସନ ଓ ଯୁଦ୍ଧରୀତି ବ୍ୟକ୍ତିବିଶେଷ ନେଇ ବଦଳିଥାଏ ।

ସମାଜରେ ଯେଉଁ ନେତ୍ରୀମାନେ ସ୍ତ୍ରୀମାନଙ୍କୁ ଘର ଭିତରୁ ରାଜପଥକୁ ଆଣିବାକୁ ଚେଷ୍ଟାକରୁଛନ୍ତି ସେମାନେ ହୁଏତ ସ୍ୱାମୀସୁଖ ବା ପ୍ରିୟ-ସାନ୍ନିଧ୍ୟ ପାଇ ନାହାନ୍ତି ବା ମାନସିକ-ରୁଗ୍ଣତାଗ୍ରସ୍ତ । ହଁ, ସମସ୍ତଙ୍କପାଇଁ କେତେଗୁଡ଼ିଏ ସାମାନ୍ୟ ଧର୍ମ ଅଛି ଯାକୁ ଲଙ୍ଘନ କରିବା ଅନୁଚିତ । ତାକୁ ଯେ ଲଙ୍ଘନ କଲା ସେ ପାପୀ । ସେ ପାପରେ ପୁରୁଷସମାଜ ଆଜିକାଲି ସମ୍ପୂର୍ଣ୍ଣ ଦୁଷିତ । କିନ୍ତୁ ପୁରୁଷ-ମାନଙ୍କୁ ଆଶ୍ରା ଦେଇ ପାପ-ପଙ୍କରୁ ଉଠାଇବା ପରିବର୍ତ୍ତେ 'ପୁରୁଷ-ମାନେ ସେ ଗାତରେ ପଡ଼ିଛନ୍ତି ଆମେ କାହିଁକି ପଡ଼ିବାନି କହି ଯଦି ନାରୀମାନେ ମଧ୍ୟ ଭୁଲ କରିବସନ୍ତି ତା'ହେଲେ ସମାଜ ଆଜି ରହିବ କି ?

ନାରୀପୁରୁଷଙ୍କ ସମାନତା ଦାବୀକରିବା ମୂର୍ଖତା । ଅନେକ କଥାରେ ତ ନାରୀ ପୁରୁଷଙ୍କଠୁ ବେଶି ଶକ୍ତି ରଖନ୍ତି, ଅନେକ କଥାରେ କମ୍ । ଏଥିରେ ସମାନତାର ପ୍ରଶ୍ନ କେଉଁଠି ଉଠୁଛି ? ଦିଲ୍ଲୀ, ବମ୍ବେ, କଲିକତା ପ୍ରଭୃତି ଜାଗାରେ ନାରୀମାନେ ପୁରୁଷ-ସହ ସମାନତା ପାଇଛନ୍ତି ନା ବେଶି ପରାଧୀନ ହୋଇଯାଇଛନ୍ତି ?

ପୁରୁଷମାନଙ୍କୁ ତୃପ୍ତି ଦବା ପାଇଁ ବଡ଼ ବଡ଼ ସହରମାନଙ୍କରେ ନାରୀମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି । ନିଜକୁ ଯେତେ ବିଚିତ୍ରଭାବେ ସଜା ଯାଇପାରେ ସଜାଇ ବ୍ଲାଉଜ୍ ଶାଢ଼ୀକୁ ପ୍ରକାର ପ୍ରକାର କରି ପିନ୍ଧି ସହରମାନଙ୍କରେ ନାରୀମାନେ ଟ୍ରାମରେ, ବସ୍‌ରେ ସିନେମାହଲ୍‌ରେ ବୁଲୁଛନ୍ତି । ଆଜିକାଲି ସମାନତା ମାନେ ନାରୀମାନେ ନଗ୍ନ ବେଶଭୂଷାକୁ ବୁଝି ଥିବା ପରି ଜଣାପଡ଼େ ।

କିମାତା ଓ୍ୱେଡେବେଳେ ଫୋନ୍ କଲେ ସେତେବେଳେ ଜ୍ୟୋତ୍ସ୍ନା ଛଡ଼ା ଓ୍ୟାଡ଼ନ ସାହେବଙ୍କ ଘରେ ଆଉ କେହି ନ ଥିଲେ । ଓ୍ୟାଡ଼ନ ସାହେବ ଯାଇଥିଲେ ପ୍ରଫେସରମାନଙ୍କ କ୍ଲବକୁ, ଶ୍ରୀମତୀ ତାଙ୍କର ବଡ଼ଝିଅ ସହ ଜଣେ ବାନ୍ଧବୀଙ୍କ ଘରକୁ, ଭଉଣୀ ଓ ଭଣେଇ ସିନେମା ଦେଖି । ଜ୍ୟୋତ୍ସ୍ନା କ୍ଲାସନୋଟ୍ସ୍ ପ୍ରସ୍ତୁତ କରୁଥିବା-ବେଳେ ଅଧ୍ୟାପକ ସାହେବଙ୍କ ରୁମ୍‌ରୁ ଟିଂ ଟିଂର ଅବଶ୍ରାନ୍ତ ଶବ୍ଦ ଆସିଲା । ବିରକ୍ତିରେ ସେ ନୋଟ୍ସ୍ ଫୋପାଡ଼ିଦେଇ ଅଧ୍ୟାପକ-ସାହେବଙ୍କ ରୁମକୁ ଯାଇ ଫୋନ୍ ଉଠାଇଲେ ।

ହ୍ୟାଲୋ, ଜ୍ୟୋତ୍ସ୍ନା କହୁଛି ।

ଜ୍ୟୋତ୍ସ୍ନା, ମୁଁ ବିମାତା !

ଓଃ, ଜ୍ୟୋତ୍ସ୍ନାର ରାଗ ଉଭେଇଗଲା । ସେ ଫୋନ୍ ପାଖରେ ପଡ଼ିଥିବା ଚେୟାରରେ ଆରାମରେ ବସି ପଚାରିଲେ—ହଁ, କଣ କହ ।

ସୁଶାନ୍ତବାବୁଙ୍କୁ ମୁଁ ସିନେମା ହଲରୁ ଟାଣିଆଣିଛି ଘରକୁ ।

ଜ୍ୟୋତ୍ସ୍ନା ଚୁପ ରହିଲେ ।

ଜ୍ୟୋତ୍ସ୍ନା ?

ହଁ ! ଜ୍ୟୋତ୍ସ୍ନା ସେ ଅଛନ୍ତି ବୋଲି ଜଣାଇ ଦେଲେ ।

ମୁଁ ଭାବିଲି ତୁ ଫୋନ୍ ଛାଡ଼ିଦେଲୁ, ବାବୁଜୀ ଘରେ ଅଛନ୍ତି ?

ନା ।

ଆସିଲେ କହିଦେବୁ ସୁଶାନ୍ତବାବୁ ଯାଉଯାଉ ଡେରି ହୋଇ ଯାଇ ପାରେ । କାର୍ଯ୍ୟାଧ୍ୟକ୍ଷଙ୍କ ଅଫିସକୁ ଫୋନ୍ କରିଦେବେ ।

ଆଚ୍ଛା ! ଜ୍ୟୋତ୍ସ୍ନା ଫୋନ୍ ଛାଡ଼ିଦେଲେ । ମୁହଁରେ ଗଭୀର ଉଦ୍‌ବେଗ ଓ ଆଶଙ୍କାର ରେଖା ଫୁଟିଉଠୁଥାଏ ।

ସେଇଦିନ ସକାଳେ ସହରରୁ ଜଣେ ସଙ୍ଗିନୀ ଜ୍ୟୋତ୍ସ୍ନା ଘରକୁ ଆସି ତାଙ୍କୁ ଗୋଟିଏ ଏକାନ୍ତ ଜାଗାକୁ ଡାକନେଇ କହିଥିଲେ—

ଜ୍ୟୋତ୍ସ୍ନା, ତୁମ ଓ୍ୱାର୍ଡରେ ସୁଶାନ୍ତକୁମାର ବୋଲି ଓଡ଼ିଶାର ଜଣେ ଯୁବକ କେହି ରହୁଛନ୍ତି ନା ?

ଜ୍ୟୋତ୍ସ୍ନା ସୁଶାନ୍ତ ନା ଶୁଣି ସତର୍କ ହୋଇଗଲେ ।

ହଁ ।

ଗୌଦଲିଆ ଛକରେ ଥିବା ସର୍ଦ୍ଦାରଜୀ ହୋଟେଲକୁ ଦୁଇ ତିନି ଦିନ ତଳେ ମୁଁ ମୋର ଦୁଇ ସାନ ନଣନ୍ଦଙ୍କୁ ଧରି ଜଳଖିଆ କରିବାକୁ ଯାଇଥିଲି । କାର୍ଡବୋର୍ଡରେ ସ୍ତ୍ରୀମାନଙ୍କ ଖାଇବା ଜାଗାକୁ ସାଧାରଣଙ୍କ ଖାଇବା ଜାଗାଠୁଁ ପୃଥକ୍ କରାଯାଇଛି, ତୁ ଦେଖିଥିବୁ । ଆମେ ଖାଉଛୁ କେତେଜଣ ଯୁବକ ହୋଟେଲ ଭିତରକୁ ପଶିଆସି ସାଧାରଣଙ୍କ ପାଇଁ ନିର୍ଦ୍ଦିଷ୍ଟଥିବା ଜାଗାରେ ବସିଲେ । ସେମାନେ ଆମକୁ ଦେଖିପାରି ନ ଥାନ୍ତି । ବାଡ଼ ଆଡୁଆଳ କରିଥାଏ । ଆସିବାମାତ୍ରକେ ବିଅର୍ ଓ ବରଫ ଦରକାର ପଡ଼ିଲା । ସଙ୍ଗେ ସଙ୍ଗେ ହୋଟେଲ୍ ବୟ୍‌କୁ ଟଙ୍କା ଦେଇ ସେମାନଙ୍କ ମଧ୍ୟରୁ ଜଣେ ନିକଟସ୍ଥ ବାର୍‌କୁ ବିଅର୍ ଆଣିବାକୁ ପଠାଇଦେଲା । ବୟ୍ ଫେରିବାରେ ଡେରିହେଲା । ସେମାନେ ଗଳ୍ପ ଆରମ୍ଭ କରିଦେଲେ । ସୁଶାନ୍ତକୁମାର ବୋଲି ଇଂରାଜ ପଞ୍ଚମବାର୍ଷିକ ଯୁବକଙ୍କୁ କେନ୍ଦ୍ରକରି ସେମାନେ କଥାବାର୍ତ୍ତା

ହୋଇଥିଲେ । ମେନନ୍ ବୋଲି ଜଣେ କେହି କେରଳୀ ଛାତ୍ରଙ୍କୁ ସେ କୁଆଡ଼େ ସ୍ନାନାଗାର ପାଖରେ ଅକାରଣେ ଅପମାନିତ କରିଥିବାରୁ କେରଳର ଛାତ୍ରମାନେ ଭାରି ଅସନ୍ତୁଷ୍ଟ । ସେହି ପୂର୍ବରଜଣ ଯୁବକ କେରଳଛାତ୍ରମାନଙ୍କର ନେତା ହିସାବରେ ସୁଶାନ୍ତକୁ ଠିକଣା କରିଦେବା ଉଚିତ ମନେ କରନ୍ତି । ଆଜ ରାତିରେ ସୁଶାନ୍ତକୁ ଠିକଣା କରିବେ ବୋଲି ସ୍ଥିର କରାଯାଇଛି । ମୁଁ ତ ଦୁଇଦିନ ଆଗରୁ ଆସି ତୋତେ କହି ପାରିଥାଆନ୍ତି, କିନ୍ତୁ ଘଟଣାରେ ମୋର କିମାରୁ ଆଗ୍ରହ ନ ଥିଲା । ବିଶ୍ୱବିଦ୍ୟାଳୟରେ ସାମାନ୍ୟ କଥାନେଇ ପ୍ରତ୍ୟହ ଏପରି ମାରପିଟ୍ ହେଉଛି । କିନ୍ତୁ ହଠାତ୍ କାଲି ରାତିରେ 'କାଗଜ'ରେ ନିଖିଳ ଭାରତ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ହୋଇଥିବାରୁ ଜଣେ ସୁଶାନ୍ତକୁମାରଙ୍କର ଫଟୋ ଦିଆହୋଇଥିଲା ଓ ସେଥିରେ ତାଙ୍କର ସଂକ୍ଷିପ୍ତଜୀବନୀ ମଧ୍ୟ ଥିଲା । ସେଇଥିରୁ ସେ ବନାରସ ବିଶ୍ୱବିଦ୍ୟାଳୟର ଛାତ୍ର ଓ ଇଂରେଜୀ ପଞ୍ଚବାର୍ଷିକ ଶ୍ରେଣୀରେ ପଢ଼ନ୍ତି ବୋଲି ଜାଣିଲି, ତୁମ ୱାର୍ଡ଼ରେ ବୋଧେ ସେ ରହନ୍ତି । ଠିକ୍ ମନେକଲେ ବାବୁଜୀଙ୍କୁ କହି ସୁଶାନ୍ତବାବୁଙ୍କୁ ସାବଧାନ କରାଇ ଦେଇପାରୁ ।

ସଙ୍ଗିନୀଙ୍କଠାରୁ ଏକଥା ଶୁଣି ଜ୍ୟୋତ୍ସ୍ନା ମନେ ମନେ ପାଣ୍ଡେକୁ ଖୋଜିବାକୁ ଲାଗିଲେ । ପ୍ରଫେସର ସାହେବଙ୍କୁ କହିବା ସେ ଉଚିତ ମନେ କଲେନି । ଚିନ୍ତାଗ୍ରସ୍ତ ହୋଇ ସେ ଛାତ ଉପରେ ବୁଲୁଛନ୍ତି ଦୁଇଟି ରିକ୍ସା ହଷ୍ଟେଲ ଗେଟ୍ ଦେଇ ତାଙ୍କ ୱାର୍ଡ଼ ଆଡ଼କୁ ଆସିଲା । ସେଥିରେ ତା' ଭଣୋଇ ଓ ବଡ଼ ଭଉଣୀ କୁନ୍ତଳା ବହୁ-ଦିନ ପରେ ଦିଲ୍ଲୀରୁ ଆସିଥିଲେ । କୁନ୍ତଳା ବିବାହ ପରେ ପ୍ରଥମ ଥର ଆସିଥିଲେ, ତାଙ୍କୁ ଛାଡ଼ିଦେବା ପାଇଁ ସାଥିରେ ଭଣୋଇ ଆସିଥିଲେ ।

ଦିଲ୍ଲୀ ସେକ୍ରେଟେରିଏଟ୍‌ରେ ଦୁଇବର୍ଷ ପ୍ରୋବେସନ୍ ପରେ ସେ ଫାଇନାନ୍ସ ଡିପାର୍ଟମେଣ୍ଟରେ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ହୋଇଥାନ୍ତି । କୁନ୍ତଳାକୁ ଦେଖି ଘରେ ସମସ୍ତେ ଆନନ୍ଦରେ ବିଭୋର ହୋଇଉଠିଲେ । ପିଠାପଣା, ପ୍ରୋଗ୍ରାମ୍ କରିବାରେ ଓ କୁନ୍ତଳା ଦଦ୍ଧ ସହ ଦିଲ୍ଲୀଲାଇଫ୍ ନେଇ ଖୁସିଗପ କରିବାରେ ଜ୍ୟୋତ୍ସ୍ନା ସୁଶାନ୍ତ କଥା ଭୁଲିଗଲେ ।

ସ୍ମିତାଠୁ ଫୋନ୍ ଆସିବା ପୂର୍ବରୁ ଏକାନ୍ତ ପାଇ ହଠାତ୍ ତାଙ୍କର ସୁଶାନ୍ତକଥା ମନେପଡ଼ିଲା । ସେ ସଙ୍ଗେ ସଙ୍ଗେ ପୂଜାଙ୍କୁ ସୁଶାନ୍ତବାବୁ ରୁମ୍‌ରେ ଅଛନ୍ତି କି ନାହିଁ, ଥିଲେ ସାଥିରେ ଧରି ଆଣିବୁ କହି ଓ୍ୟାଡ଼କୁ ପଠାଇଦେଲେ । କିଛି ସମୟ ପରେ ପୂଜାଙ୍କଠୁ ସୁଶାନ୍ତବାବୁ ଚାରି ପାଞ୍ଚ ଜଣ ବନ୍ଧୁଙ୍କ ସହ ସହର ଯାଇଛନ୍ତି ଶୁଣି ଆଶ୍ୱସ୍ତ ହୋଇଥିଲେ; କିନ୍ତୁ ସ୍ମିତାଠୁ ସୁଶାନ୍ତ ତା' ଘରେ ଅଛନ୍ତି ବୋଲି ଫୋନ୍ ପାଇ ସେ ଚିନ୍ତିତ ହୋଇପଡ଼ିଲେ । ସୁଶାନ୍ତବାବୁ ବନ୍ଧୁମାନଙ୍କଠୁ ବିଚ୍ଛିନ୍ନ ହୋଇପଡ଼ିବା ଅଶୁଭ ଶକୁନ ଥିଲା ।

ରୁମ୍‌ରେ ଏପଟୁ ସେପଟୁ ବୁଲୁବୁଲୁ ହଠାତ୍ ଜ୍ୟୋତ୍ସ୍ନା ଭାବିଲେ, ଆରେ, ସୁଶାନ୍ତବାବୁଙ୍କୁ ରାତିଟା ଅଟକାଇ ରଖିବାକୁ ସ୍ମିତାକୁ ତ କୁହାଯାଇ ପାରିଥାଆନ୍ତା । ସେ ଫୋନ୍ ପାଖକୁ ଦଉଡ଼ିଗଲେ ।

ଫୋନ୍‌ରେ ଉତ୍ତର ଆସିଲା—ସ୍ମିତାର ଡାଡ଼ି କହୁଥିଲେ—ସ୍ମିତା ଶୋଇପଡ଼ିଲାଣି । ଦଶ ପନ୍ଦର ମିନିଟ ହେବ ସୁଶାନ୍ତବାବୁ ଚାଲିଗଲେଣି ।

**ଭୋ**ର ସମୟ । ସୁଶାନ୍ତ ନିତ୍ୟକର୍ମ ସାରି ପଢ଼ା ଆରମ୍ଭ କରିବା ପୂର୍ବରୁ ଚିତ୍ତକୁ ସ୍ଥିରକରିବା ପାଇଁ ସୁସ୍ୱରରେ ଗାଉଥିଲା—

ରତ୍ନୈଃ କଳ୍ପିତମାସନଂ ହିମଜଳୈଃ ସ୍ନାନଂ ଚ ଦିବ୍ୟାମ୍ବରଂ
ନାନାରତ୍ନବିଭୂଷିତଂ ମୃଗମଦାମୋଦାଙ୍କିତଂ ଚନ୍ଦନଂ
ଜାତୀଚମ୍ପକବିଲ୍ୱପତ୍ରରଚିତଂ ପୁଷ୍ପଂ ଚ ଧୂପଂ ତଥା
ଦୀପଂ ଦେବ ଦୟାନିଧେ······

ଓ୍ୱାର୍ଡରେ ଜଣେ ଅଧେ ଉଠି ନିତ୍ୟକର୍ମ ସାରୁଥିଲେ । ସୁଶାନ୍ତର ଗମ୍ଭୀର ସ୍ୱରଲହରୀ ଓ୍ୱାର୍ଡସାରା ଖେଳିବୁଲୁଥିଲା । ହଠାତ୍ ଦୁଆର ଖୋଲିଯିବାରୁ ସୁଶାନ୍ତ ଚାହିଁ ଦେଖିଲା ଜ୍ୟୋତ୍ସ୍ନା ଠିଆ ହୋଇଥିଲେ । ପରୁଶବା ଆଖିରେ ସେ ସୁଶାନ୍ତକୁ କେତେ ସମୟଧରି ଚାହିଁ ଆପଣଙ୍କର କିଛି ହୋଇନି ! କହି ଚୁସିରେ ଦୀର୍ଘନିଃଶ୍ୱାସ ଛାଡ଼ି ଖଟ ଉପରେ ବସିଗଲେ ।

ଜ୍ୟୋତ୍ସ୍ନା ! ତୁମେ !!

କାଲି ରାତିରେ ବଦମାସମାନେ ଆପଣଙ୍କର କିଛି କ୍ଷତି କରିନାହାନ୍ତି ? ଭଗବାନ ମୋ ପ୍ରାର୍ଥନା ଶୁଣିଲେ !

ତୁମେ କିପରି ଜାଣିଲ ଜ୍ୟୋତ୍ସ୍ନା, ତୁମକୁ କିଏ କହିଲା ?

କହୁଛି କହୁଛି, ରୁହନ୍ତୁ, ମୁଁ ଟିକିଏ ଦମ୍ ନିଏ ।

ସୁଶାନ୍ତ ଜ୍ୟୋତ୍ସ୍ନାକୁ ଗୃହିଁଲା । ଜ୍ୟୋତ୍ସ୍ନା ପ୍ରକୃତରେ ଦଉଡ଼ ଦଉଡ଼ ଆସିଥିଲେ ।

ତୁମେ ବସ, ମୁଁ ଆସୁଛି । ସୁଶାନ୍ତ ରୁମ୍‌ରୁ ବାହାର କ୍ୟାଣ୍ଟିନ୍ ଆଡ଼େ ଗଲା । ପାଞ୍ଚମିନଟ ଯାଇଥିବ କି ନାହିଁ ବୟ୍ ଜଳଖିଆ, ଦୁଧ, ଟୋଷ୍ଟ୍, ମାଖନ୍ ଧରି ରୁମ୍‌ଭିତରକୁ ପ୍ରବେଶ କଲା; ପଛରେ ସୁଶାନ୍ତ ।

ସୁଶାନ୍ତ ବାବୁ, ମୁଁ ଜଳଖିଆ କରିକି ଆସିଛି, ଆପଣ ବୃଥା ଏତେ ପରିଶ୍ରମ କାହିଁକି କଲେ କହିଲେ !

ଜ୍ୟୋତ୍ସ୍ନା, କେତେ ଭାଗ୍ୟ ଥିଲେ ତୁମ ପାଦ ରୁମ୍‌ରେ ପଡ଼େ । ମୋ ଖୁସି ତୁମେ କଣ ଜାଣିବ !

ରୁହନ୍ତୁ, ରୁହନ୍ତୁ, ସେ କଥା ପରେ, ମୋତେ ଆପଣ କାଲି ରାତିର ଘଟଣା ଆଗ କୁହନ୍ତୁ ।

କିନ୍ତୁ ତୁମେ ଜାଣିଲ କିପରି ?

ସେଦିନ ସ୍ନାନାଗାର ବାରଣ୍ଡାକୁ ଗୃହିଁବାପରି କୌଣସି କୋଠାରୁ ଚୁପ୍‌ଚାପ୍ ଦେଖୁ ନଥିଲତ ସବୁ ଘଟଣା ।

ନାଁ, ମୋର ଜଣେ ସଙ୍ଗିନୀ ଆପଣଙ୍କ ଉପରେ ବିପଦ ଆଶଙ୍କା କରି ମୋତେ କାଲି ସକାଳେ ସତର୍କ କରି ଯାଇଥିଲା । ମୁଁ ସକାଳେ କୁନ୍ତଳା ଦିଦି ଆସିବାରୁ ସବୁ ଭୁଲିଗଲି; କିନ୍ତୁ ପରେ ପୂଜାଘରକୁ ପଠାଇ ବୁଝିବାବେଳକୁ ଆପଣ ରୁମ୍‌ରେ ନ ଥିଲେ । କେରଳୀ ଛାତ୍ରମାନେ ସେଦିନ ସ୍ନାନାଗାର ଘଟଣା ଯୋଗୁ ସଙ୍ଗୀ ହୋଟେଲରେ ପ୍ରତିଶୋଧ ନେବା ବିଷୟରେ କଥାବାର୍ତ୍ତା ହେଉଥିବା ବେଳେ ସହରର ସଙ୍ଗିନୀଟି ଶୁଣିନେଇଥିଲା । ବିମାତାଠୁ ଫୋନ ପାଇ ମୁଁ ବେଶି ଆତଙ୍କିତ ହୋଇପଡ଼ିଲି । ମୋତେ ଯେପରି

ଜଣାପଡ଼ିଲା ଗୁଣ୍ଡାଙ୍କ ହାତରେ ଆପଣ ପଡ଼ିବା ନିଶ୍ଚିତ । ଘଟଣା-ଚକ୍ର ଆପଣଙ୍କୁ ସେଇଆଡ଼କୁ ଠେଲି ନେଉଥିଲା ।

ହଁ, ସେତେବେଳକୁ ରାତି ବେଶି ହବନି । ଆଠଟା, ସାଢ଼େ ଆଠଟା ବାଜିବ । ବନିତା ଦେବୀଙ୍କ ସହ କଥା ହେଉ ହେଉ ସେ ବୋଧେ ରାଗିଗଲେ ଓ ବହୁତ ସମୟ ଚୁପ ହୋଇ ବସି ରହିବାରୁ ମୁଁ ମୋ ଉପସ୍ଥିତି ସେଠି ବାଞ୍ଛନୀୟ ନୁହେଁ ଭାବି ଚାଲିଆସିଲି । ରାତିରେ ତାଙ୍କ ଘରେ ଖାଇବା ପ୍ରୋଗ୍ରାମ ଥିଲା ଓ ତାଙ୍କର ଡାଡ଼ି, ମମି ସମସ୍ତେ ସେକଥା ଜାଣି ସାରିଥିଲେ । ହଠାତ୍ ମୁଁ ଚାଲି ଆସିବା ଦେଖି ତାଙ୍କର ଡାଡ଼ି ମୋତେ ରହିବାକୁ କହୁଥିଲେ; କିନ୍ତୁ ମୁଁ 'ଜରୁରୀ କାମ ଅଛି' କହି ଚାଲିଆସିଲି । ରାସ୍ତା ଉପରକୁ ଆସି ଦେଖେ ଆକାଶରେ ବର୍ଷା ହେବାର ଉପକ୍ରମ ହେଉଛି । ରିକ୍ସା କରି ମୁଁ ତାକୁ ଜଲ୍‌ଦି ଜଲ୍‌ଦି ନେବାକୁ କହିଲି । ଆଶା ଥାଏ ଗେଟ୍ ବନ୍ଦ ହେବା ପୂର୍ବରୁ ବିଶ୍ୱବିଦ୍ୟାଳୟ ହତା ଭିତରକୁ ଚାଲି ଆସିବି । ଅସିପୋଲ ପାରହୋଇ ରିକ୍ସା ଲଙ୍କା ଓ ଅସି ମଝିରେ ଥିବା ଅନ୍ଧକାରମୟ ରାସ୍ତାରେ ଧୀରେ ଧୀରେ ଆସୁଥିଲା । ହଠାତ୍ ଉପରୁ ବଡ଼କୋଳିଆ ଟୋପା ପଡ଼ିବା ସଙ୍ଗେ ସଙ୍ଗେ ଚାରି ପାଞ୍ଚ ଜଣ ଲୋକ ନିକଟସ୍ଥ ବନ୍ଦ ହୋଇଥିବା ସାଇକେଲ ଦୋକାନ ପଛପଟୁ ରିକ୍ସା ଆଗରେ ଆସି ଠିଆ ହୋଇଗଲେ । ଅନ୍ଧାର ଯୋଗୁଁ ସେମାନଙ୍କୁ ଚିହ୍ନିବା କଷ୍ଟକର ଥିଲା । ସୁଶାନ୍ତ ହଠାତ୍ ଚୁପ୍ ହୋଇଗଲା ।

ତା' ପରେ ?

ମୁଁ କିଛି କହିବା ପୂର୍ବରୁ ଜଣଙ୍କର ମୁଷ୍ଟି ମୋ ନାକ ଉପରେ ପଡ଼ିଲା ଓ ମୁଁ ରିକ୍ସାରୁ ରାସ୍ତା ଉପରକୁ ଢଳିପଡ଼ିଲି । ସେମାନେ ଚାରି ପାଞ୍ଚ ଜଣ ଥିଲେ, ମୁଁ ଜଣେ ଥିଲି । କିନ୍ତୁ ରିକ୍ସାବାଲା ଜଣେ

ସାହସୀ ଓ ନ୍ୟାୟବାନ୍ ଲୋକ ଥିଲା । ମୁଁ ତଳେ ପଡ଼ିଯିବା ଭିତରେ ସେ ତାର କର୍ତ୍ତବ୍ୟ ସ୍ଥିର କରିନେଲା । ଦୁହେଁ ମିଶି ସେମାନଙ୍କୁ ଘଉଡ଼ାଇ .ଦେଲୁ । ଲଙ୍କାରେ ବ୍ୟାଣ୍ଡେଜ୍ କରି ମୁଁ ବିଶ୍ୱବିଦ୍ୟାଳୟ ଭିତରକୁ ଆସିଲି ।

ବ୍ୟାଣ୍ଡେଜ୍ ! କେଉଁଠି ଦେଖେ । ଜ୍ୟୋସ୍ନା ଉଠି ସୁଶାନ୍ତ ପାଖକୁ ଆସିଲା ।

ସୁଶାନ୍ତ ଦେଖାଇବାକୁ ଯାଉଥିବାବେଳେ ହଠାତ୍ ହସିଦେଇ କହିଲା—ଦେଖିବ କଣ ?

ନା ଦେଖାନ୍ତୁ, କହି ଜିଦ୍ ଧରି ଜ୍ୟୋସ୍ନା ସୁଶାନ୍ତ ମୁହଁକୁ ଚାହିଁଲେ । ସୁଶାନ୍ତ ତାଙ୍କ ମୁହଁକୁ ଚାହିଁ ଥିଲା ।

ଓଃ ! କହି ଜ୍ୟୋସ୍ନା ଲାଜରେ ତଳକୁ ମୁହଁ ପୋତିଦେଇ କହିଲେ—ମୁଁ ଯାଉଛି । ମା ଖୋଜୁଥିବ । କାହାକୁ କହିକି ଆସିନି ।

ଖାଇକି ଯିବାକୁ ହେବ—ହଠାତ୍ ସୁଶାନ୍ତ ବାରଣ୍ଡାକୁ ଚାହିଁ-ଦେଲା । ଦୁଇ ତିନି ଜଣ ଛାତ୍ର ତା' ରୁମ୍ ଆଗରେ ବାରଣ୍ଡାରେ ପାରାପେଟ୍‌କୁ ଆଉଜି ରୁମ୍ ଆଡ଼କୁ ଚାହିଁଥିଲେ । ସେମାନେ ବହୁ ସମୟରୁ ଠିଆହୋଇ ଜ୍ୟୋସ୍ନାଙ୍କୁ ଦେଖୁଥିବା ଓ ସେମାନଙ୍କ କଥା ଶୁଣୁଥିବା ସୁଶାନ୍ତ ଅନୁମାନ କଲା । ଜ୍ୟୋସ୍ନା, ଚାଲ ଚାଲିଯିବା । ତୁମେ ଏ ରୁମ୍‌ରେ ବେଶି ସମୟ ରହିବା ଉଚିତ ହେବନି, ଦେଖ ବାହାରେ କିପରି ଛାତ୍ର ଜମିଲେଣି ।

ଜ୍ୟୋସ୍ନା ମୁହଁ ଲାଜରେ ଲାଲ ପଡ଼ିଗଲା । ସେ ଚେୟାରରୁ ଉଠି ଠିଆହେଲେ—ସୁଶାନ୍ତ ସାର୍ଟଖଣ୍ଡେ ଗଳାଇ ପକାଇ ଜ୍ୟୋସ୍ନାଙ୍କ ସହିତ ଯାଉ ଯାଉ ପଛରୁ ବାରଣ୍ଡାର ମୋଡ଼ ପାଖରେ ଜଣେ କେହି ଜୋରରେ ପାଟିକରୁଥାଏ—

ସାଇନ୍ସ କଲେଜ ଓ ସେଣ୍ଟ୍ରାଲ ହିନ୍ଦୁ କଲେଜ ଦୁହିଙ୍କୁ ଅଲଗା କରି ଚଉଡ଼ା ରାସ୍ତାଟିଏ ଚାଲିଯାଇଛି । ସେହି ରାସ୍ତାର ହିନ୍ଦୁ କଲେଜ ପଟକୁ ଟିଣ, କାଠପଟା ଓ ବରଗଛ ଛାଇ ତିନଙ୍କୁ ନେଇ ଦୁଇ ତିନୋଟି ଦୋକାନ ବସେ । ଗୋଟିଏ ପାନ ବିଡ଼ି ଦୋକାନ, ଯୋଡ଼ିଏ ଜଳଖିଆ ଦୋକାନ । ଜଳଖିଆ ଦୋକାନ ଦୁଇଟିରୁ ଗୋଟିକର ମୁହଁ ରାସ୍ତା ଆଡ଼କୁ, ଅର୍ଥାତ୍ ସାଇନ୍ସ କଲେଜ ଆଡ଼କୁ, ଅନ୍ୟଟିର ହିନ୍ଦୁ କଲେଜ ଆଡ଼କୁ । ହିନ୍ଦୁ କଲେଜ ଆଡ଼କୁ ମୁହଁ କରିଥିବା ହୋଟେଲ ବିସ୍ତୃତ ଲେନ୍‌ରେ ବରଗଛ ଛାଇ ତଳେ ଚେୟାର, ଟେବୁଲ ଲଗାଇ ଦେଇଥାଏ । ହୋଟେଲଟି ସପ୍ତାହରେ ସାତଦିନ ଖୋଲୁଥାଏ ଓ ପ୍ରାୟ ରାତି ଦୁଇଟା ଗୋଟାଏ ପରେ ଛାଡ଼ିଦେଲେ ସବୁ ସମୟରେ । ହିନ୍ଦୁ କଲେଜର ଛାତ୍ର ସମୟ ପାଇଲେଇ ଲନ୍ ଉପରେ ଉପରେ ଟୁସିଗପ କରିବାକୁ ହୋଟେଲକୁ ଚାଲିଆସନ୍ତି । କପେ ଚା, ପ୍ଲେଟେ ଗରମ ସେଓ ଗାଣ୍ଠିଆ ବା ସମୁସା ଖାଉ ଖାଉ କଥାବାର୍ତ୍ତା ଚାଲେ । ବେଳେ ବେଳେ ସାଇନ୍ସ କଲେଜର ପିଲା ମଧ୍ୟ ଆସିଯାନ୍ତି ।

ବାରଣସୀ ସହର ଦଶ ପନ୍ଦର ଦିନ ହେବ ମେଘାଚ୍ଛନ୍ନ ଥିଲା । ଝିପୁରୁ ଝିପୁରୁ ବର୍ଷା ଓ ମେଘୁଆପାଗ ଛାତ୍ରମାନଙ୍କୁ ପଢ଼ିବା ବଦଳରେ ବେଶି ଗଳ୍ପଶୀଳ କରାଉଥିଲା । ଦୁଇଜଣ ଶିଖ୍ ଛାତ୍ର

ସମ୍ପୂର୍ଣ୍ଣ ଆଧୁନିକ ପୋଷାକରେ ସଜ୍ଜିତ ହୋଇ ସାଇନ୍‌ସ କଲେଜ-ପଟ ହୋଟେଲ ପାଖକୁ ଆସିଲେ । କ୍ୟାପ୍‌ଷ୍ଟେନ୍ ସିଗାରେଟ ଫୁଙ୍କି ଫୁଙ୍କି ଦୁହେଁ ହିନ୍ଦୁ କଲେଜ ଲନ୍ ଭିତରକୁ ପ୍ରବେଶ କରି ଦୁଇଟି ଚେୟାର ଅଧିକାର କଲେ ।

ହିମତ୍, ବନାରସରେ ସବୁ କିଛି ଅଛି । କିନ୍ତୁ ଦିଲ୍ଲୀ ତୁଳନାରେ ଏଠାରେ ଲୋକ ଶ୍ରୀହୀନ ଓ ସୌନ୍ଦର୍ଯ୍ୟହୀନ ପରି ଜଣା ପଡ଼ନ୍ତି । ଦିଲ୍ଲୀର ସାଧାରଣ ଝିଅଙ୍କ ତୁଳନାରେ ଏଠି ଝିଅଇ ତ ନାହାନ୍ତି । ସୁନ୍ଦର କଥା ଛାଡ଼ । ତୋ କଥାରେ ପଡ଼ି ମୁଁ ବନାରସ୍ ଆସିଲି । ବମ୍ବେ ଯାଇଥିଲେ ଭଲ ହୋଇଥାନ୍ତା ।

ତୋ କଥା ସତ ଯେ, ତେବେ ଏଠି ଏପରି ଜଣେ ଅଛି ଯାହାକୁ ମିସ୍ ଇଣ୍ଡିଆ କହିଲେ ବି ଭୁଲ ହେବନି । ତେବେ ସେ ବନାରସର ନୁହେଁ, ନେପାଳର, ବନାରସରେ ଆସି ରହିଯାଇଛି ।

ମୋତେ ତ ଆଜଯାଏଁ ଦେଖାଇନୁ, ଆଜ ପ୍ରଥମ କହି କହୁଛୁ ।

ସବୁ କଥା କଣ ତୋତେ ଏକ ସମୟରେ କହିଦଅନ୍ତି । ସାରା ବିଶ୍ୱବିଦ୍ୟାଳୟ ତା' ପାଇଁ ପାଗଳ, ଥରେ ଦେଖ, ତାପରେ କହିବୁ । ତୁ ଯଦି ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ନା କଟାଇ ଏଠି ନ ପଢ଼ିଛୁ ମୋ ନା ହିମତ ନାହିଁ ।

ଆଚ୍ଛା ! କାହାଁ ହେ ଓ ପରୀ ।

ପ୍ରଥମ ସର୍ଦ୍ଦାରର ହିନ୍ଦୁ କଲେଜର ଅନ୍ୟ ପଟେ ଯାଇଥିବା ରାସ୍ତାକୁ ହଠାତ୍ ଆଖି ଚାଲିଗଲା ।

ହମନ୍ତ ! ହମନ୍ତ, କଣ ହେଲା ?

ସୋହନ୍ ସିଂ ହମନ୍ତ ଯେଉଁଆଡ଼କୁ ଚାହୁଁଥିଲା ସେଆଡ଼କୁ ଚାହିଁଲା ।

ବେଗବାନ୍ ଉତ୍ତରପବନ ଘାଘରା, ଓଢ଼ଣୀ ଓ ଘନକେଶରାଶିକୁ ଅସ୍ତବ୍ୟସ୍ତ କରି ପକାଉଥିଲା । ସୁନାପରି ଉଜ୍ଜ୍ୱଳ ରଙ୍ଗ, ଅତି ଲମ୍ବା ଆଖି, ଚଉଡ଼ା କପାଳ, ସିଧା ନାକ । ନିତମ୍ବ, ଓ ବକ୍ଷର ମାଂସଳତାକୁ ବଗପରି ପରି ଶ୍ୱେତ ଘାଘରା ଓ ଆକାଶ ପରି ନୀଳ ବ୍ଲାଉଜ ଲୁଚାଇ ପାରୁ ନ ଥିଲେ । ଦୃପ୍ତଠାଣିରେ, ପ୍ରତିଷ୍ଠିତ ଚାଲିରେ ବନୀତା ଚାଲିଆସୁଥିଲେ କଲେଜ ଆଡ଼େ । ବର୍ଷା ବନ୍ଦ ହୋଇ ଯାଇଥିଲା, କିନ୍ତୁ ପବନ ବହୁଥିଲା ।

ବନୀତା ରୁମ୍ ନମ୍ବର ଅଠର ଆଡ଼କୁ ବାରଣ୍ଡାରେ ନ ଯାଇ ପଡ଼ିଆରେ ସିଧା ଓ କମ ରାସ୍ତା ପଡ଼ିବ ବୋଲି ଲନ୍ ଉପରେ ଚାଲିବାକୁ ଆରମ୍ଭ କରିଥିଲେ । କଲେଜ ବାରଣ୍ଡାରେ ବୁଲବୁଲି ହେଉଥିବା ଯୁବକ ଛାତ୍ରମାନେ କଥାବାର୍ତ୍ତା ବନ୍ଦକରି ଆସି ବାରଣ୍ଡା ଧାରମାନଙ୍କରେ ଠିଆ ହୋଇଗଲେ ।

ହମନ୍ତ ! ଜଲଦ୍ କହ ! ଏଇ ମିସ୍ ବନୀତା ନା ?

ହଁ,

ପ୍ରଗତିଶୀଳା ?

ହଁ ।

ଆଉ କିଛି ବିଶେଷତ୍ୱ ।

ସବୁବେଳେ ଭଲ ସ୍କଲାର । ଆରବର୍ଷ ଦିଲ୍ଲୀରେ ଯୁବ-ଉତ୍ସବରେ ବୀଣାବାଦନରେ ଓ ନୃତ୍ୟରେ ସାରା ଭାରତବର୍ଷରୁ ପ୍ରଥମ ହୋଇଥିଲେ । ମାର୍କସ୍ ଷ୍ଟଡ଼ି ସାର୍କଲର ସେକ୍ରେଟାରୀ, ଡ୍ରାମାଟିକ

କ୍ଲବର ଜଣେ କର୍ମଠ ସଭ୍ୟା, ନାରୀ-ସ୍ୱାଧୀନତା ଓ ନାରୀମାନଙ୍କ ପୁରୁଷ ସହ ସମାନାଧିକାର ପାଇଁ ସର୍ବଦା ଆନ୍ଦୋଳନକାରଣୀ ।

ବେଶ୍ ! ତୁ ଏଇଠି ଅପେକ୍ଷା କର ମୁଁ ଆସୁଛି ।

ଦ୍ରୁତପଦରେ ସୋହନ ସିଂ ରାଜମାତା ବଗିଚାର କମନ୍ ରୁମ୍ ପଛ ବାରଣ୍ଡାରେ ଚଢ଼ିଗଲା ଓ ବନିତା ଲନ୍ ଟେପି ପାହାଚରେ ଗୋଡ଼ଦେବାକୁ ଯାଉଥିବା ବେଳେ ତାଙ୍କର ନିକଟ ହୋଇଗଲା ।

ସୁଶାନ୍ତ ହୋଟେଲରେ ସର୍ଦ୍ଦାର ବନ୍ଧୁଦ୍ୱୟଙ୍କ ବାର୍ତ୍ତାଳାପ ବହୁ ବେଳରୁ ଶୁଣୁଥିଲା । ସମୁସାପ୍ଲେଟଟା ବହୁ ବେଳରୁ ସରି ଯାଇଥିଲେ ମଧ୍ୟ ସର୍ଦ୍ଦାରଜୀ ଫେରି ଆସିବାଯାଏଁ ଅପେକ୍ଷା କରିବାକୁ ମନସ୍ଥ କରି ବହିଟିଏ ପଢ଼ିବାରେ ଲାଗିଲା । ଦୁଇ ସର୍ଦ୍ଦାରଙ୍କ କଥାବାର୍ତ୍ତା ସେ ମୂଳରୁ ଶୁଣୁଥିଲା । ବହି ପଢ଼ିବାବେଳେ ସେ ମଝିରେ ମଝିରେ ହିମତ୍ ସିଂଙ୍କ ଆଡ଼କୁ ଚାହିଁଦେଉଥାଏ । ଶାନ୍ତଚିତ୍ତ ହୋଇ ହିମତ୍ ସିଂ ସିଗାରେଟ୍ ପିଇବାରେ ଲାଗିଥାଏ । ପ୍ରାୟ ଅଧଘଣ୍ଟାଏ ହୋଇଗଲା । ହଠାତ୍ ହୋଟେଲ ପଛପଟୁ ଲଜ୍‌ପତ୍ ହଷ୍ଟେଲ ଆଡ଼ୁ ସୋହନ ହିମତ୍ ପାଖକୁ ଆସିଯିବାରୁ ସୁଶାନ୍ତ ଓ ହିମତ୍ ଦୁହେଁ ଚମକି ପଡ଼ିଲେ ।

ଆରେ ସୋହନ୍, ମୁଁ ତ ଚମକି ପଡ଼ିଲି । ତୁ ଏପଟୁ କୁଆଡ଼େ ଆସିଲୁ ?

ଦୋସ୍ତ, ସକ୍‌ସେସ୍‌ଫୁଲ !! ମୋ ଶିକାର ତେଜ୍ ଅଛନ୍ତି । ସୋହନ ଗଦ୍‌ଗଦ୍ ହୋଇ କହିଲା । ବସ୍ ବସ୍, କଣ ହେଲା ଆଗ କହ । ବୟ୍, ଦୋ ପ୍ଲେଟ ସେଓ ଲାଓ ।

କ୍ଷମା କରିବେ । ମୁଁ ମୋର ପରିଚୟ ଦେଇପାରେ କି ?

ବିମାତା ଦେବୀ ଅପରିଚିତ ଯୁବକଙ୍କ ଆଡ଼କୁ ଚାହିଁଲେ ।

ମୁଁ ଦିଲ୍ଲୀ ସେଣ୍ଟ୍‌ଜର୍ଜ କଲେଜର ଷଷ୍ଠବର୍ଷର ଜଣେ ଛାତ୍ର । ମୋ ନା ସୋହନ ସିଂ, ପିତାଙ୍କ ନାଁ ହୁକୁମତ୍ ସିଂ, କଣ୍ଟ୍ରାକ୍ଟର । ଜଣେ ମିତ୍ରଙ୍କ ଭଉଣୀର ବିଭାଘରେ ନିମନ୍ତ୍ରିତ ହୋଇ ବନାରସ୍ ଆସିଛି । ଆପଣଙ୍କ ନାଚ ଓ ଗୀତ ଶୁଣିବାର ସୌଭାଗ୍ୟ ଗତବର୍ଷ ଯୁବ ଉତ୍ସବରେ ମିଳିଥିଲା । ସେହି ଦିନଠୁ ମୁଁ ଆପଣଙ୍କ ପ୍ରଶଂସକମାନଙ୍କ ମଧ୍ୟରୁ ଜଣେ । ପରିଚୟ ଦେବାକୁ ଅନେକଥର ଇଚ୍ଛାହୋଇଛି; କିନ୍ତୁ ସଙ୍କୋଚ ଯୋଗୁଁ ଦେଇ ପାରିନି । କିଛି ସମୟ ପୂର୍ବେ ଜଣେ ବନ୍ଧୁ ଆପଣଙ୍କୁ ଦେଖାଇଦେଲେ; ଦେଖିବାମାତ୍ରେ ମୁଁ ଚହ୍ନିଦେଲି । ଯେକୌଣସି ଲୋକ ଆପଣଙ୍କୁ ଥରେ ଦେଖିଲେ ତା'ପକ୍ଷରେ ଆପଣଙ୍କୁ ଭୁଲିବା ଅସମ୍ଭବ ହୋଇପଡ଼ିବ । କ୍ଷମା କରିବେ, ଆପଣ କୁଆଡ଼େ ଯାଉଥିଲେ ବୋଧହୁଏ, ଅଟକାଇ ରଖିଲି ।

ନା, ନା ସେଥିରେ କିଛି କଥା ନାହିଁ । ମୁଁ ଆପଣଙ୍କୁ ଦେଖି ଖୁସି ହେଲି ।

ଆପଣ ଯଦି ପୁଣି କେବେ ଦିଲ୍ଲୀ ଆସନ୍ତି ତା'ହେଲେ ମୋର ଅତିଥି ହେବେ । କୌଣସି ପ୍ରକାର କଷ୍ଟ ହେବନି । ମୋ ଠିକଣା···

ସୋହନ ସିଂ, ହରନ୍‌ବି ରୋଡ଼, ଦିଲ୍ଲୀ ।

ରୁହନ୍ତୁ, ମୁଁ ପ୍ରଫେସରସାହେବଙ୍କଠୁ ବୁଝିନଏ ଆଜ ଟିଉଟୋରିଆଲ୍ କ୍ଲାସ୍ ହବ କ ନା···ଯଦି ହେବ ନାହିଁ ତା'ହେଲେ ଆପଣଙ୍କ ସହିତ ଆଉ କିଛିସମୟ କଥାବାର୍ତ୍ତା ହେବ ।

ହଠାତ୍ ସୋହନ ସିଂ ତା' ବର୍ଣ୍ଣନା ବନ୍ଦ କରିଦେଲ ।

କଣ ହେଲ ସୋହନ ! ହିମନ୍ତ ପଚ୍ଚରିଲ ।

ହିମନ୍ତ, ହିମାଚଳଙ୍କୁ ଦେଖିଲ । ବାସ୍ତବରେ ଚୁଣିବାକୁ କିଛି ନାହିଁ । ଅଦ୍ୱିତୀୟା । ସଂସାରକୁ ଆସି ହିମାଚଳଙ୍କୁ ନପାଇଲେ ଜନ୍ମ ହେବା ବୃଥା ।

ସୋହନ୍, ବିଶ୍ୱବିଦ୍ୟାଳୟରେ ଯେତେ ଯୁବକଗୁଡ଼ିକ ପଢ଼ନ୍ତି ସମସ୍ତେ ସେଇକଥା ଭାବନ୍ତି । ଏଠି ରହିଲେ ବେଶି ଦୁଃଖୀ ହେବୁ, ଫଳ କିଛି ହେବନ । ଦିଲ୍ଲୀ ଚାଲି ଯା ।

ଦିଲ୍ଲୀ ଯିବି, କିନ୍ତୁ ପୁଣି ଆସିବି । ସେତେବେଳେ ଫଳମୂଳ, ଡାଳଫୁଲ ସବୁ ନେଇକି ଯିବି ।

ସେତେ ସହଜ ନୁହେଁ ।

କଣ ଭାବୁଛୁ ?

ତୁ କହୁଥିଲୁ ବିଶ୍ୱବିଦ୍ୟାଳୟରେ ଜଣେ ମାତ୍ର ଶ୍ରେଷ୍ଠ ସୁନ୍ଦରୀ ଅଛନ୍ତି । କିନ୍ତୁ ମୁଁ ମିସ୍ ହିମାଚଳଙ୍କ ସହ ଯାଉଥିବାବେଳେ ସେ ତାଙ୍କର ପ୍ରଫେସର ଅନୁପସ୍ଥିତ ଥିବାରୁ ପ୍ରଧାନ ରାସ୍ତାରେ ବିରଲା ହଷ୍ଟେଲ ଆଡ଼େ ଗଲେ । ବିରଲା ହଷ୍ଟେଲ ପାଖରେ ଅନ୍ୟ ଜଣେ ଛାତ୍ରୀଙ୍କ ସହ ତାଙ୍କର ଦେଖା ହେଲ ଯାହାକୁ ସେ ଜ୍ୟୋତ୍ସ୍ନା ବୋଲି ସମ୍ବୋଧନ କରୁଥିଲେ । ମୋ ମତରେ ସେ ହିମାଚଳଙ୍କ ଭଳି ସୁନ୍ଦରୀ ବା ହିମାଚଳଙ୍କଠୁ ବେଶି ସୁନ୍ଦରୀ ହେବେ । ହଠାତ୍ ଦୁଇଜଣ ଯୁବକ ସେମାନଙ୍କ ନିକଟକୁ ଆସିବାରୁ ସୋହନ୍ କଥା ବନ୍ଦ କରି ସେମାନଙ୍କୁ ଚାହିଁଲ ।

ନମସ୍କାର ଆଜ୍ଞା ! ସୋହନ୍ ଓ ହିମତ୍‌କୁ ଧୂମକେତୁ ଓ ମୀନକେତନ ନମସ୍କାର କଲେ ।

ନମସ୍କାର ! ସୋହନ୍ ପ୍ରତି-ନମସ୍କାର କଲା । ହିମତ୍ ନମସ୍କାର ନ କରି ସେମାନଙ୍କ ଆଡ଼କୁ ବିଦ୍ରୂପ ଦୃଷ୍ଟିରେ ଚାହିଁଥାଏ ।

ଆପଣ ପ୍ରେସିଡେଣ୍ଟ୍ ପାଇଁ ଭୋଟ କାହାକୁ ଦେଉଛନ୍ତି ?

ଭାଇ, ମୁଁ ତ ତୁମ ବିଶ୍ୱବିଦ୍ୟାଳୟର ଛାତ୍ର ନୁହେଁ ।

ଓଃ ! ତା'ହେଲେ ଆପଣ ? ହିମତ୍‌କୁ ମୀନକେତନ ପଚାରିଲା ।

ମୁଁ ପରିଚୟ କରିଦିଏ, ପ୍ରଚାରପତ୍ର ହିମତ୍‌ଙ୍କୁ ଦେଉ ଦେଉ ମୀନକେତନ କହିଲା—ଧୂମକେତୁ ମହାନ୍ତି । ଛାତ୍ରସମିତି ପକ୍ଷରୁ ପ୍ରେସିଡେଣ୍ଟ୍ ପାଇଁ ଠିଆହୋଇଛନ୍ତି । ଓଡ଼ିଶାର ରେଭେନ୍‌ସା କଲେଜ ଇଉନିଅନର ବହୁବାର ସମ୍ପାଦକରୂପେ ନିର୍ବାଚିତ ହୋଇଛନ୍ତି । ବିଚକ୍ଷଣ ବକ୍ତା···ଧୂମକେତୁ ହିମତ୍ ସହିତ କରମର୍ଦ୍ଦନ କଲା ।

ଆଚ୍ଛା, ଆଚ୍ଛା, ମୋ ଭୋଟଟା ଆପଣଙ୍କ ପାଇଁ ରହିଲା ।

ଦୁହେଁ କ୍ୟାଣ୍ଟିନ୍‌ରେ ବସିଥିବା ଅନ୍ୟାନ୍ୟ ଛାତ୍ରମାନଙ୍କ ପାଖକୁ ଚାଲିଗଲେ । ସେମାନେ ପ୍ରଚାରପତ୍ର ବାଣ୍ଟୁଥିବାବେଳେ ସୁଶାନ୍ତ ଉଠି ଚାଲିଯାଇଥିଲା । କ୍ୟାଣ୍ଟିନରେ ପ୍ରାୟ ଆଠ ନଅ ଜଣ ଛାତ୍ରଥିଲେ । ମୀନକେତନ ପ୍ରଚାରପତ୍ର ବାଣ୍ଟିଥିବା ବେଳେ ସମସ୍ତଙ୍କୁ ଧୂମକେତୁର ପରିଚୟ ଦେଇ ଦେଇ ଯାଉଥିଲା ।

ଶ୍ରୀଯୁକ୍ତ ଧୂମକେତୁ ମହାନ୍ତି ଆପଣମାନଙ୍କୁ କିଛି କହିବାକୁ ଚାହୁଁଛନ୍ତି । ପ୍ରଚାରପତ୍ର ବାଣ୍ଟିସାରି ମିନକେତନ କହିଲା ।

ଧୂମକେତୁ ସମସ୍ତଙ୍କ ଆଗକୁ ଚାଲିଯାଇ କହିଲା—ବନ୍ଧୁଗଣ ! ଉପଯୁକ୍ତ ଶାସନ ଅଭାବରୁ ବନାରସ୍ ହିନ୍ଦୁବିଶ୍ୱବିଦ୍ୟାଳୟର

ଅବସ୍ଥା କଣ ତା' ଆପଣମାନେ ପ୍ରତ୍ୟେକେ ଜାଣନ୍ତି । ବିଶ୍ୱ-ବିଦ୍ୟାଳୟରେ ଛାତ୍ରମାନଙ୍କ ପାଇଁ ଗୋଟିଏ କାଫେଟେରିଆ ନାହିଁ, ଆମେ ଆଜି ବରଗଛ ମୂଳେ ଏଇ ଭଙ୍ଗାଧଚଡ଼ା କ୍ୟାଣ୍ଟିନ୍‌ରେ ବସି ଜଳଖିଆ ଖାଉଛେ, ବର୍ଷାମାତ୍ର ହେଲେ ଅଧାଖିଆରୁ ଉଠି କଲେଜ ବାରଣ୍ଡାକୁ ଦଉଡ଼ୁଛେ, ନ ହେଲେ ଖରା କାକରରେ ବସି ବସି ଖାଉଛେ । ଦଶହଜାର ଛାତ୍ରଙ୍କ ଦରମା ଟଙ୍କା କୁଆଡ଼େ ଯାଉଛି ଯେ ସାମାନ୍ୟ କାଫେଟେରିଆଟେ ହୋଇ ପାରୁନ ?

ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କ ସଂଖ୍ୟା ହଜାରେରୁ ବେଶି ହେବ । ସେମାନଙ୍କ ସହିତ ଛାତ୍ରମାନଙ୍କର ଭାବ ବନ୍ଧୁତା ଆଦାନ ପ୍ରଦାନ ପାଇଁ କଣ ବ୍ୟବସ୍ଥା କରାଯାଇଛି ? ନା, ସେମାନଙ୍କୁ ପୁରୁଣା ପୁଞ୍ଜିପତିମାନଙ୍କ ମନୋବୃତ୍ତିରେ ଭରିସାଇ ଆମମାନଙ୍କଠୁଁ ଅଲଗା ରଖାଯାଇଛି, ମେଘନାଦ ପାଚେରି ଘେରା ହୋଇ !! ହିଅର, ହିଅର, !! ଶ୍ରୋତୃବର୍ଗ ଆନନ୍ଦରେ ଚିତ୍କାର କଲେ । ସେତେବେଳକୁ ପ୍ରାୟ ସେମାନଙ୍କ ସଂଖ୍ୟା ତିରିଶ ଉପରେ ହୋଇଯାଇଥିଲା ।

ମୁଁ ଜାଣେ, ଛାତ୍ରୀମାନେ ଭୁଣ୍ଡି ଫିଟାଇ ଏହାର ପ୍ରତିବାଦ କରିପାରୁ ନାହାନ୍ତି । କିନ୍ତୁ ସେମାନେ ବି ତ ମଣିଷ, ସେମାନଙ୍କର ମଧ୍ୟ ଆମଭଳିଆ ହୃଦୟ ଅଛି । ଏତେ ବିସ୍ତର ଜାଗା ପଡ଼ିଛି, ଗୋଟିଏ କ୍ଲବ ପାଇଁ ଯେଉଁଠି ରାତି ସାତଟାରୁ ଦଶଟା ଯାଏଁ ସମସ୍ତେ ମିଳିମିଶି ଇନ୍‌ଡୋର ଗେମସ୍ ଖେଳିପାରିବେ, ଖବରକାଗଜ ପଢ଼ିପାରିବେ, କଣ ଘରଟିଏ ବିଶ୍ୱବିଦ୍ୟାଳୟ କରି ପାରନ୍ତାନି ?

ସବୁରି ମୂଳରେ ଯୋଗ୍ୟ ପ୍ରେସିଡ଼େଣ୍ଟ୍, ଆପଣଙ୍କ ପାଇଁ ଉପଯୁକ୍ତ ପ୍ରତିନିଧିତ୍ୱର ଅଭାବ । ମୁଁ, ଧୂମକେତୁ ମହାନ୍ତି, ପ୍ରେସିଡ଼େଣ୍ଟ

ପାଇଁ ଠିଆହୋଇଛନ୍ତି । ଆପଣଙ୍କ ସହାନୁଭୂତି ଅପେକ୍ଷାରେ । ଘନଘନ କରତାଳି ବାଜିଲା । ଧୂମକେତୁ ଓ ମୀନକେତନ ସମସ୍ତଙ୍କୁ ନମସ୍କାର କରି ଚାଲିଗଲେ ।

ବାଟରେ ଧୂମକେତୁ ମୀନକେତନକୁ କହିଲା—ମୀନ, ସ୍ମିତା ଦେବୀଙ୍କର ତ ଦେଖାନାହିଁ । ତାଙ୍କ ପିରିଅଡ୍ ପରେ କ୍ୟାଣ୍ଟିନ୍ ପାଖକୁ ଆସିବେ ବୋଲି କହିଥିଲେ, ଆସିଲେନି ତ ! ଲେଡ଼ିଜ ହଷ୍ଟେଲରେ ପ୍ରଚାରପତ୍ରଗୁଡ଼ିକ ବଣ୍ଟାଗଲା ନା ନାହିଁ ଜଣାଗଲାନି ।

ସ୍ମିତା ଦେବୀଙ୍କ ପାଖକୁ ଚାଲ୍ ଯିବା ।

ଧୂମକେତୁ ମୀନକେତନ କଥାରେ ରାଗି ମୀନକେତନକୁ ଚାହିଁଲା—ବର୍ତ୍ତମାନ ତାଙ୍କ ପାଖକୁ ଯିବାକୁ ବେଳ ଅଛି ! ଇଲେକ୍‌ସନ୍ ଆଉ ଚାରିଦିନ ରହିଲା, ଅଥଚ ତୋର ମଉଜ ମନୋବୃତ୍ତି ଗଲାନି । ପଅରଦିନ ସେହିପରି ତାଙ୍କୁ ଖୋଜିବାକୁ ଗଲେ । ଘରେ ତାଙ୍କର ସନ୍ଧ୍ୟା ଚାରିଟାରୁ ଦଶଟା ଯାଏଁ ଆଖଡ଼ା ଲାଗି ରହିଲା । ଦିନଟାଏ ମାଟି ହେଲା । ଆଜି ସେହିପରି ହେଲେ ରୁଇସ୍ମା, ରାଜପୁତନାରେ କିପରି ପ୍ରଚାର ହେବ କହିଲୁ ? ମୀନକେତନ ଚୁପ୍ ରହିଲା ।

ବୁଝିଲୁ, ଜୀବନରେ କିଛି କରିବାକୁ ହେଲେ ଏକାଗ୍ରତା ଏକଲକ୍ଷ୍ୟତା ଦରକାର । ଆମେ ରାଜନୈତିକ ସଫଳତା ଚାହୁଁଛେ । ବିଶ୍ୱବିଦ୍ୟାଳୟରେ ତ ଆମେ ସବୁ ଶିଖୁଛେ । ପ୍ରକୃତ ଲକ୍ଷ୍ୟ ରହିଲା କିପରି ଏମ୍. ଏଲ୍. ଏ. ହେବା ଭବିଷ୍ୟତରେ । ତୁ ଟିକିଏ ପରିଶ୍ରମ କଲେ ବିଶ୍ରାମ ନେବାକୁ ଚାହୁଁଛୁ, ଇଏତ ପଳାତକ ମନୋବୃତ୍ତି ।

ତୁଇ ତ ବିମୀତାଙ୍କ ଘରକୁ ପ୍ରତିଦିନ ଯାଉଥିଲୁ ! ଏତେଗୁଡ଼ିଏ ଗାଳି ହଜମ ନ କରିପାରି କ୍ଷୋଭରେ ମୀନକେତନ କହିଲା ।

ମୀନ ତୁ ସବୁକଥା ଜାଣୁ । ବିମୀତାଙ୍କ ପାଇଁ ସମସ୍ତ ଦିବାକୁ ସମସ୍ତ ଆସିବ । କିନ୍ତୁ ବିମୀତାଙ୍କର ମୂଲ୍ୟ କଣ ପ୍ରେସିଡ଼େଣ୍ଟ ହେବାଠାରୁ ବଡ଼ ? ସବୁବେଳେ ଭୁଲ୍ ମୂଲ୍ୟାଙ୍କନ ତ କଲୁ !

ମୀନକେତନ ଧୂମକେତୁ ମୁହଁକୁ ଚାହିଁଲା ।

ଚାଲ, ତୁଇସ୍ଥାକୁ । ସେଠି ଆଜି କେତେଜଣ ବନ୍ଧୁଙ୍କୁ ଏକାଠି କରି ରାଜପୁତନାକୁ ଯିବାକୁ ହେବ ।

ଦୁହେଁ ସୁଶାନ୍ତକୁ ହଷ୍ଟେଲରୁ ବାହାରି ବଜାର ଆଡ଼େ ଯାଉଥିବା ଦେଖିଲେ । ସୁଶାନ୍ତ ତ ସାହାଯ୍ୟ କଲାନି, ନହେଲେ ମୁଁ ବର୍ତ୍ତମାନ ମୋ ପ୍ରେସିଡ଼େଣ୍ଟ ପଦ ପାଇଁ ସିଓର ହୋଇ ଯାଇଥାନ୍ତି ।

କିନ୍ତୁ ଧୂମ୍, ସେ ତୋ ବିପକ୍ଷରେ ବି କହୁନି । ହଷ୍ଟେଲକୁ ଲେଖରାଜ ଓ ତା'ର କେତେକ ବନ୍ଧୁ ପ୍ରଚାର ପାଇଁ ଯାଇଥିଲେ । ସୁଶାନ୍ତ ରୁମରେ ସେମାନେ ଲେଖରାଜକୁ ପ୍ରଶଂସା କରୁ କରୁ ତୋ ନିନ୍ଦା ବି ଗାଇଲେ । ସୁଶାନ୍ତ ବିରକ୍ତ ହୋଇ ସେମାନଙ୍କୁ ତଡ଼ିଦେଲା । ଲେଖରାଜକୁ ସେ ପରିଷ୍କାର କହିଲା—ଆପଣ କାହାର ଯଦି ବ୍ୟକ୍ତିଗତ ଅପପ୍ରଚାର କରନ୍ତି, ତା'ହେଲେ ମୋଠୁ ଭୋଟ ଆଶା କରନ୍ତୁନି !

ସୁଶାନ୍ତ ଯଦି ମୋ ପଟେ ଥାଇ ଆଜି ବକ୍ତୃତା ଦେଉଥାନ୍ତା, ତା'ହେଲେ ବିଶ୍ୱବିଦ୍ୟାଳୟ ଆଜି ଜାଣନ୍ତା, ଓଡ଼ିଆପିଲା କେତେ ଭଲ କହିପାରେ ।

ଘଟଣାର ଦୁଇମାସ ପରେ ଦିନେ । ସୁଶାନ୍ତ ଲକ୍ ପତ୍ର ହଷ୍ଟେଲ ଭିତରକୁ ଯାଉଥିବାବେଳେ ଝମୀତାଙ୍କୁ ଦେଖିଲା । ସେ ଓ୍ୟାର୍ଡେନ ସାହେବଙ୍କ କୋଠରୁ ଫେରି ଆସୁଥିଲେ ।

ମିସ୍ ଝମୀତା ! ସୁଶାନ୍ତ ଡାକଦେଲା ।

ହ୍ୟାଲୋ, ସୁଶାନ୍ତବାବୁ ! ବହୁଦିନ ପରେ ଦେଖା···! ସେଦିନ ଘଟଣାରେ ଆପଣ ବହୁତ ରାଗିଥିବା ପରି ମନେହେଉଛି । ଜ୍ୟୋତ୍ସ୍ନା କହୁଥିଲା ରାସ୍ତାରେ କୁଆଡ଼େ କେତେକ ଯୁବକଙ୍କ ସହ ସେଦିନ ଆପଣଙ୍କର ଝଗଡ଼ା ହୋଇ ଯାଇଥିଲା । ମୁଁ ପ୍ରକୃତରେ ସେଦିନର ବ୍ୟବହାର ଯୋଗୁ ଦୁଃଖିତ ।

ନା, ଆପଣ ବ୍ୟର୍ଥରେ ଦୁଃଖିତ ହେଉଛନ୍ତି, ମୁଁ କିଛି ଭାବିନି ।

ତା'ହେଲେ ତା'ପରେ ଆପଣ କାହିଁକି ଆଉ ଘରକୁ ଆସିଲେନି । ଆଉ କେବେ ଆସିବେ ବୋଲି କହି ସେଦିନ ଆପଣ ଫେରି ଆସିଥିଲେ !

ଗତ ମାସରେ ଟିକିଏ ବେଶି କାର୍ଯ୍ୟବ୍ୟସ୍ତ ଥିଲି, ଉତ୍କଳ ଯୁବ ସମାଜର ଫେରି ଫେରିଟା ମିଟିଙ୍ଗ, ପଢ଼ାପଢ଼ି···

ଆଉ ! ଝମୀତା ପଚାରିଲେ ।

ଝମୀତା ଦେବୀ, ମୋର ଆପଣଙ୍କୁ କିଛି କହିବାର ଅଛି ।

ଚାଲନ୍ତୁ ଲେଡ଼ିଜ୍ ହଷ୍ଟେଲ ଆଡ଼କୁ ଯିବେ । ବାଟରେ ଯାଉ ଯାଉ କଥାହୋଇ ଯିବା । ବନୀତା ଓ ସୁଶାନ୍ତ ରାସ୍ତା ଉପରକୁ ଆସି ଲେଡ଼ିଜ ହଷ୍ଟେଲ ଆଡ଼େ ଚାଲିଲେ । ସୁଶାନ୍ତ ବହୁସମୟ ଯାଏଁ ଚୁପରହି ଦୁଇମାସତଳ କଥା, ସୋହନ ସିଂ ଓ ହିମତ ସିଂଙ୍କ କଥା ଶୁଣି ସେ ଯାହା ବନୀତାଙ୍କୁ କହିବ ବୋଲି ଭାବିଥିଲା କପରି ଆରମ୍ଭ କରିବ ବୋଲି ଭାବୁଥାଏ । ଦୁହେଁ ରୁଇୟା ହଷ୍ଟେଲ ଶେଷଯାଏଁ ଆସିବା ପରେ ବନୀତା କହିଲେ—କ୍ଷମା କରିବେ । ମୁଁ ରିକ୍ସା କରି ଘରକୁ ଯିବି । ଜରୁରୀ କାମ ମନେ ପଡ଼ିଗଲା । କଣ କହିବେ ବୋଲି କହୁଥିଲେ କହିଲେନି ତ ? ଏ ରିକ୍ସା· · ·

ବାଟରେ ଯାଉଥିବା ରିକ୍ସାଟିଏ ଅଟକି ଗଲା ।

ନା, ଆଉ କେବେ କହିବି । ସୁଶାନ୍ତର ଦୁଃଖିତ ଓ ଚିନ୍ତିତ କଣ୍ଠସ୍ୱରରେ ବନୀତା ବୁଲିପଡ଼ି ସୁଶାନ୍ତକୁ ଚାହିଁଲେ । ହଉ । ରିକ୍ସା ଉପରକୁ ବନୀତା ଗଲେ—ଆପଣ କଣ ସେଇଦିନ କଥା ଭାବୁଛନ୍ତି ?

ଦୟାକରି ମୋତେ କ୍ଷମା ଦିଅନ୍ତୁ ।

ନା ନା, ସେଦିନ କଥା ମୁଁ ମୋଟେ ଭାବୁନି ।

ଆଚ୍ଛା, ସୁଶାନ୍ତ ବାବୁ ନମସ୍ତେ !

ନମସ୍ତେ ··· ରୁହନ୍ତୁ, ରୁହନ୍ତୁ ! ସୁଶାନ୍ତ କହୁ ବାଟ ଚାଲି-ଯାଉଥିବା ରିକ୍ସାକୁ ଅଟକାଇଲା । ରିକ୍ସା ଚକରେ ଗୁଡ଼ାଇ ହୋଇ ଯାଉଥିବା ଓଢ଼ଣୀକାନିକୁ ସୁଶାନ୍ତ କାଢ଼ି ବନୀତାଙ୍କ ହାତରେ ଦେଇ ଦେଇ କହିଲା—ଆଉ କହୁ ବାଟ ଗଡ଼ିଯାଇଥିଲେ ହାଇରାଣ ହୋଇଥାନ୍ତେ । ଏପରି ଅସାବଧାନଭାବେ ଓଢ଼ଣୀ ପକାନ୍ତୁନା ! ବହୁତ ଧନ୍ୟବାଦ । ଜଲ୍‌ଦି ଚାଲରେ ରିକ୍ସାବାଲା, ବର୍ଷା ମାଡ଼ି ଆସୁଛି ।

ବମୀତା ଗୁଲପିବାର କିଛିକ୍ଷଣ ପରେ ସୁ ସୁ ହୋଇ ବର୍ଷା ମାଡ଼ିଆସିଲା । ସୁଶାନ୍ତ ବର୍ଷା ଆସିବା ଦେଖି କ୍ଷିପ୍ରପଦରେ ଲଜ୍‌ପତ୍ ହଷ୍ଟେଲ ଆଡ଼କୁ ଗ୍ଲଲା; କିନ୍ତୁ ବର୍ଷାର କ୍ଷିପ୍ରତା ସୁଶାନ୍ତର କ୍ଷିପ୍ରତାଠୁ ବଢ଼ିଗଲା । କିଛି ବାଟ ଯାଇଛି, ସୁଶାନ୍ତ ବର୍ଷାପାଣି ଦେହରେ ପଡ଼ିବା ଦେଖି ଦଉଡ଼ିଲା 'ସି' ଓ୍ୟାର୍ଡରେ ପହଞ୍ଚୁ ପହଞ୍ଚୁ ସେ ସମ୍ପୂର୍ଣ୍ଣ ଭିଜିଯାଇଥିଲା । ଓ୍ୟାର୍ଡର ପିଲମାନେ ରୁମ୍ ଭିତରେ ଖୁସିଗପ କରୁଥିଲେ । କେହି କେହି ତାସ ଖେଳୁଥିଲେ । ସୁଶାନ୍ତକୁ ଦେଖି ପଚ୍ଚରିଯାଉଥାନ୍ତି—

ଆରେ, ସୁଶାନ୍ତ ବାବୁ, ଆପଣ ତ ବିଲକୁଲ ଭିଜିଗଲେ ।

କଲେଜରେ ରହିଗଲେ ନାହିଁ କାହିଁକି ?

ନା, ବାଟରେ ଆସୁ ଆସୁ ହଠାତ୍ ବର୍ଷା ଆସିଗଲା ।

ତାସ୍ ଖେଳାଳୀମାନଙ୍କ ଭିତରୁ ଜଣେ ସୁଶାନ୍ତକୁ ନିମନ୍ତ୍ରଣ ଦେଲେ—

ଲୁଗା ବଦଳାଇ ଆସନ୍ତୁ ନା ସୁଶାନ୍ତବାବୁ, ବ୍ରେ କେତେ-ବାଜି ହୋଇଯାଉ ।

ଆପଣଙ୍କ ସଙ୍ଗରେ ମୁଁ ବ୍ରେ ଖେଳିପାରିବିନି ନା ! ମୋର ପଢ଼ାପଢ଼ି ଅଛି ।

ସବୁବେଳେ ତ ପଢ଼ିଲେ·········

ସୁଶାନ୍ତ ହସି ତା ରୁମ୍ ଭିତରକୁ ପଶିଗଲା । ଲୁଗା ବଦଳାଉଛି, ପାଖ ରୁମ୍‌ରୁ ବିଦ୍‌ଗଜସ୍ୱର ପାଟି ଶୁଣିଲା—ଭିକ୍‌ସାବାଲା ହୋଇ ଭିକ ମାଗୁଛୁ ? ଯା, ଯା ଏଠୁ, ପଇସା ଫଇସା କିଛି ମିଳିବନି ।

ସୁଶାନ୍ତ ସକାଳୁ ଉଦାସୀନ ଥିଲା । ଡାକ୍ତର ମୈତ୍ରଙ୍କ ଘରୁ ସକାଳେ ଫେରୁଥିବା ବେଳେ ବାଟରେ ସୋହନ ସିଂ ଓ ଧୂମକେତୁ

ଡବଲଗାଇଡ଼ଂରେ ଆସୁଥିଲେ । ସୋହନସିଂକୁ ଦେଖି ପ୍ରଥମେ ତ ସେ ବୋଦୋଚହ୍ଲା ହେଲା; କିନ୍ତୁ ଦୁଇମାସ ତଳ କଥା ଚଞ୍ଚଳ ମନେ ପଡ଼ିଗଲା । ଦିଲ୍ଲୀର ଏଇ ଯୁବକ ବିମାତାଙ୍କ ସହ ବନ୍ଧୁତା କରିବ ବୋଲି ସେଦିନ ଦୃଢ଼ପ୍ରତିଜ୍ଞ ହୋଇଥିଲେ । ସେଦିନ ତାଙ୍କର କଥା ଶୁଣିବା ପରେ ସୁଶାନ୍ତ ବିମାତାଙ୍କୁ ସେ ବିଷୟରେ କହିବ ବୋଲି ମନସ୍ଥ କରିଥିଲେ ମଧ୍ୟ ପରେ ଭୁଲି ଯାଇଥିଲା । ଆଜି ହଠାତ୍ ସୋହନଙ୍କୁ ଦେଖି ସେ ବିମାତାଙ୍କୁ କିପରି ସାବଧାନ କରାଇ ଦେବ ଭାବି ଚିନ୍ତିତ ହୋଇ ପଡ଼ିଲା । ହଷ୍ଟେଲଠାରେ ବିମାତାଙ୍କୁ ପାଇ ମଧ୍ୟ ସେ କିଛି କହି ପାରିଲାନି ।

ର୍ୟାକେଟରୁ ଟାଓ୍ୱାଲ ଆଣି ମୁଣ୍ଡ ପୋଛୁ ପୋଛୁ ସୁଶାନ୍ତ ଭାବୁଥିଲା, ବିମାତାଙ୍କ ବିଷୟରେ ସେ ଏତେ ଚିନ୍ତିତ କାହିଁକି ?

ହଠାତ୍ ଦୁଆର ପାଖରେ କେହି ଜଣେ ଠିଆହୋଇ ତାକୁ ଚାହିଁଥିବା ପରି ତା'ର ମନେ ହେଲା । ସେ ବୁଲିପଡ଼ିଲା—ବାବୁ, କିଛି ପଇସା ।

ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପ୍ରତିବର୍ଷ ଛାତ୍ରସଂଖ୍ୟା ପ୍ରାୟ ଦଶ ହଜାର ଯାଏଁ ହୁଅନ୍ତି । ବନାରସ ସହରଠୁ ବିଶ୍ୱବିଦ୍ୟାଳୟ ପ୍ରାୟ ଚାରି ମାଇଲ ଦୂରରେ, ଅସି ନଦୀର ଏପାରି ଅବସ୍ଥିତ । ବାସ୍ତବରେ ବରୁଣା ଓ ଅସି ନଦୀ ମଧ୍ୟବର୍ତ୍ତୀ ଜାଗାକୁହିଁ ବାରାଣସୀ ବା କାଶୀ କୁହାଯିବା ଉଚିତ । ସେଇ ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟ କାଶୀସ୍ଥ ନୁହେଁ । ସାଇକେଲ ରିକ୍ସାବାଲା ବିଶ୍ୱବିଦ୍ୟାଳୟ ସହରଠୁ ଦୂରରେ ଥିବାର ସୁବିଧା ବର୍ଷସାରା ସମ୍ପୂର୍ଣ୍ଣ ଉପଭୋଗ କରନ୍ତି । ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ଭିତରେ ମଧ୍ୟ ଗୋଟିଏ କଲେଜ ବା ହଷ୍ଟେଲ ଅନ୍ୟ ଗୋଟିଏ କଲେଜ ବା ହଷ୍ଟେଲଠୁ ବହୁତ ଦୂରରେ । ତେଣୁ ରିକ୍ସା-

ବାଲାମାନେ ଛାତ୍ରମାନଙ୍କୁ କ୍ୟାମ୍ପସ୍ ଭିତରେ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଓ ବିଶ୍ୱବିଦ୍ୟାଳୟଠୁ ସହରକୁ ନେବାରେ ବେଶ୍ ରୋଜଗାର କରିନଅନ୍ତି; କିନ୍ତୁ ଏତେ ସୁବିଧା ଥାଇ ମଧ୍ୟ ଅନେକ ରିକ୍‌ସାବାଲାମାନଙ୍କ ରୋଜଗାର ଯଥେଷ୍ଟ ହେଉ ନ ଥିଲା । ରିକ୍‌ସା-ବାଲାମାନଙ୍କ ଅତ୍ୟାଧିକ ସଂଖ୍ୟା ଯୋଗୁ ରିକ୍‌ସା ବୋହିବା ଲାଭ-ଜନକ କଣ ପେଟ ପୋଷିବା ପାଇଁ ମଧ୍ୟ ଜଣ ଜଣଙ୍କ ପାଇଁ ପର୍ଯ୍ୟାପ୍ତ ନ ଥିଲା । ପୁଣି ରିକ୍‌ସାବାଲାମାନଙ୍କ ପାଇଁ ଛାତ୍ରମାନଙ୍କ ପରୀକ୍ଷା ସମୟ ମାନ୍ଦାସମୟ ଥିଲା । ସେତେବେଳେ ଛାତ୍ରମାନେ କୁଆଡ଼େ ବାହାରୁ ନ ଥିଲେ । କ୍ୟାମ୍ପସ୍ ଭିତରେ ରିକ୍‌ସାବାଲାମାନେ ଖାଲି ରିକ୍‌ସା ଧରି ଭେଲା ଭେଲା ହେଉଥିଲେ ।

ହନୁମାନ୍ ଘାଟଠୁ ଅନତିଦୂରରେ ଭଙ୍ଗାରୁଜା ହୋଇ ଯେଉଁ ଶୂଦ୍ର ପଡ଼ା ଥିଲା, ସେହି ପଡ଼ାରେ ମୋତିଲାଲ ତାର ସ୍ତ୍ରୀ, ବୃଦ୍ଧ ବାପ ମା ଓ ଦୁଇଟି ଛୋଟ ଛୋଟ ଝିଅଙ୍କୁ ନେଇ ରହୁଥିଲା । ଶୂଦ୍ର ପଡ଼ାଠୁ ଅଳ୍ପଦୂରରେ ଦକ୍ଷିଣୀମାନଙ୍କ ପଡ଼ା ଥିଲା, ବହୁଦିନ ପୂର୍ବରୁ ଦଳେ ତେଲଙ୍ଗୀ ସେହି ଜାଗାରେ ଆସି ରହିଯାଇଥିଲେ । ସେତେବେଳେ ତ ସେମାନଙ୍କ ପକ୍ଷରେ ତେଲୁଗୁ ଛଡ଼ା ଅନ୍ୟ କୌଣସି ଭାଷା କହିବା ବା ବୁଝିବା ଅସାଧ୍ୟ ଥିଲା; କିନ୍ତୁ କିଛିଦିନ ପରେ ସେମାନେ ଶୁଦ୍ଧ ହିନ୍ଦୀ କହିବୋଲି ପାରିଲେ । ସେ ପଡ଼ାରେ ଉଚ୍ଚଜାତିର ତେଲଙ୍ଗା କେହି ନ ଥିଲେ, ସମସ୍ତେ ପ୍ରାୟ ଶୂଦ୍ର ଥିଲେ । ତେଣୁ ଶୂଦ୍ର ପଡ଼ା କହିଲେ ଦକ୍ଷିଣୀ ପଡ଼ା ମଧ୍ୟ ବୁଝାଯାଉଥିଲା । ଶୋଷଣ ଦାରିଦ୍ର୍ୟ ଦୁଇ ପଡ଼ାର ଘର କାନ୍ଥ ସବୁକୁ ବିକଳାଙ୍ଗ କରି ପକାଇଥିଲା ।

ସେଦିନ ରାତି ନଅଟା ହେବ, ବର୍ଷା ପାଣିରେ ଓଦାହୋଇ ମୋତିଲାଲ ଘରେ ପହଞ୍ଚିବା ଦେଖି ତା' ସ୍ତ୍ରୀ ସାଧବୀ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ଆଜି ଏତେ ଡେରି କାହିଁକି ?

ବସ୍, ବସ୍, କହୁଛି, ମୋତିଲାଲ ଖୁସିରେ ହସି ପଡୁଥାଏ । ସବୁଦିନ ମୋତିଲାଲ ଘରକୁ ଫେରିବା ବେଳେ ତାର ଉଦାସ ଚେହେରା ଓ ଅଧରାତିରେ ଫେରିବା ଦେଖି ସାଧବୀ ତାର କପାଳକୁ ନିନ୍ଦାକରି ବିବାହିତ ଜୀବନର ପ୍ରଥମ କେତେଦିନ କଥା ମନେ-ପକାଏ । ଆଜି କିନ୍ତୁ ସବୁଦିନଠୁ ବ୍ୟତିକ୍ରମ ଦେଖି ସେ ଆଶ୍ଚର୍ଯ୍ୟ ହୋଇ ସ୍ୱାମୀ ପାଖରେ ଯାଇ ବସିଲା—କଣ ଏଇଥି ପଚାଶ ଟଙ୍କା ହୋଇଯାଇଛି କି ? ଦେଖୁଛି ଭାରି ଖୁସି ।

ସାଧବୀ···ମୋତିଲାଲ ଗଦ୍‌ଗଦ ହୋଇ କିଛି କହିପାରିଲାନି ।

ସାଧବୀ, ଆଜି ମୁଁ ଜଣେ ଭଦ୍ରଲୋକଙ୍କୁ ଗୁଣ୍ଡାଙ୍କ ହାତରୁ ରକ୍ଷା କରିଛି ।

ଗୁଣ୍ଡାଙ୍କ ହାତରୁ ?

ହଁ, ସହରରୁ ଫେରିବା ବେଳେ ବଙ୍ଗାଳୀ ପଡ଼ା ଭିତରୁ ବେଶ୍ ସୁନ୍ଦର ହୋଇ ଜଣେ ଭଦ୍ରଲୋକ ବାହାରିଲେ, ସେ ଚିନ୍ତିତ ଜଣା-ପଡୁଥିଲେ । ମୁଁ ତାଙ୍କର ରିକ୍‌ସା ଜରୁରତ୍ ହୋଇପାରେ ଭାବି ତାଙ୍କ ପଛେ ପଛେ ରିକ୍‌ସା ଆଣୁଥାଏ, କିନ୍ତୁ କିଛିବାଟ ଗଲାପରେ ସେ ଚାଲି ଚାଲି ବିଶ୍ୱବିଦ୍ୟାଳୟକୁ ଆସିବାକୁ ଠିକ୍ କରିଥିବା ପରି ଜଣାଗଲା । ମୁଁ ତାଙ୍କ କତେ କତେ ରିକ୍‌ସା ଚଳାଇ କହିଲି—ବାବୁଜୀ, ଜୋରରେ ବର୍ଷା ଆସୁଛି, ଭିଜିଯିବେ । ରିକ୍‌ସାରେ ବସନ୍ତୁ, ଛାଡ଼ି ଦେଇ ଆସିବି । ମୁଁ କହିବା ମାତ୍ରେ ସେ ରିକ୍‌ସାରେ ବସିପଡ଼ି କହିଲେ—ବିଶ୍ୱବିଦ୍ୟାଳୟ ଚାଲ । ସେ ବହୁତ ଭଦ୍ର ଓ ସୁଶୀଳ ପରି

ଜଣାପଡୁଥାନ୍ତି । ଅସି ପାରହୋଇ ଆମେ ମଠ ନିକଟସ୍ଥ ଅନ୍ଧାରୁଆ ରାସ୍ତାରେ ପଡ଼ିଛୁ, ହଠାତ୍ ପାଞ୍ଚ ଜଣ ଗୁଣ୍ଡା ରିକ୍‌ସାକୁ ଘେରିଗଲେ । ମୁଁ କିଛି ବୁଝିବା ପୂର୍ବରୁ ଜଣଙ୍କ ମାଡ଼ରେ ବାବୁ ତଳେ ପଡ଼ିଗଲେ । ତା'ପରେ ମୋତିଲାଲ୍ ସେ ଗୁଣ୍ଡାଙ୍କୁ କି ଛାଡ଼େ !

ବାବୁଜୀ ତୁମକୁ କଣ ବକ୍‌ସିସ୍ ଦେଲେ ?

ମୋତିଲାଲ ଗମ୍ଭୀର ହୋଇଯାଇ କହିଲା—ବକ୍‌ସିସ୍ କଣ, ବଙ୍ଗାଳୀପଡ଼ାଠୁ ଲଜ୍‌ପତ୍ ହଷ୍ଟେଲ ଯେତେ ରେଟ୍ ଛ ଅଣା ଦେଲେ ।

ତୁମେ ତାଙ୍କ ଜୀବନ ରଖିଲ, ସେ ତୁମକୁ ଛ ଅଣା ଦେଲେ ! ସେଇଥିପାଇଁ ଏତେ ଖୁସି !

ଯା, ଯା, ତୁ କଣ ଜାଣିଛୁ, ଜଣେ ଲୋକକୁ ସାହାଯ୍ୟ କଲେ କି ଖୁସି ଲାଗେ ! ତୋର ତ ଖାଲି ଟଙ୍କା ଦରକାର ସବୁଥି ପାଇଁ ଟଙ୍କା ଦରକାର; କିନ୍ତୁ ହେଲେ ସାଧବୀ, ସେ ଭଦ୍ରଲୋକ ସିନା ପ୍ରଥମେ ତଳେ ପଡ଼ିଗଲେ, କିନ୍ତୁ ତା' ପରେ ଉଠି ବାଘପରି ତ ଲଢ଼ିଲେ । ମାରପିଟ୍‌ରେ ତାଙ୍କର ଆଣ୍ଠୁ ଜଖମ ହୋଇଗଲା । ମୁଁ ଟେକି ଟେକି ନେଇ ରିକ୍‌ସାରେ ବସାଇଲି । ଡାକ୍ତରଖାନାରେ ପଟି ବନ୍ଧାଇବା ପରେ ମୁଁ ତାଙ୍କୁ ହଷ୍ଟେଲରେ ନେଇ ଛାଡ଼ିଦେଇ ଆସିଲି । ପାହାଚ ଉଠିପାରୁ ନ ଥାନ୍ତି, ମୁଁ ଧରି ଧରି ପାହାଚ ଚଢ଼ାଇ ଦେଲି । ବିଶ୍ୱନାଥ ବାବା ବିଚରାକୁ ଭଲରେ ରଖିଥାନ୍ତୁ । ଏଠାର ଲୋକ ପରି ଜଣା ପଡ଼ୁ ନ ଥାନ୍ତି । ବୋଧେ ବଙ୍ଗାଳୀ ହେବେ ।

ହଉ, ମୁଁ ଶୋଉଛି । ସାଧବୀ ହାଇମାରି କହିଲା ।

ମୋତିଲାଲ ସ୍ତ୍ରୀ ଚରିତ୍ର ଭଲଭାବେ ବୁଝିଥିଲା । ବୋଧେ ସବୁ ସ୍ତ୍ରୀ ଟଙ୍କାକୁ ଭାରି ବଡ଼ ବୋଲି ଭାବନ୍ତି । ଦାନ ଧର୍ମ

ପୁଣ୍ୟ ପରୋପକାର ସେମାନଙ୍କ ପାଇଁ କିଛି ନୁହେଁ । ତଥାପି ସାଧବୀ ତା'ର ଭଲ—ମୋତିଲାଲ ଶେଯରେ ଯାଇ ଶୋଇ-ପଡ଼ିଲା ।

'ବାବୁ କିଛି ପଇସା' ଶୁଣି ସୁଶାନ୍ତ ଦୁଆରକୁ ଆଡ଼କୁ ଚାହିଁଲା । ତୁମେ—ସୁଶାନ୍ତ ମୋତିଲାଲ ରିକ୍‌ସାବାଲାକୁ ଦେଖି ଆଚମ୍ବିତ ଓ ଆନନ୍ଦିତ ହୋଇଗଲା । ମୋତିଲାଲ ସେଦିନ ସକାଳର ଭଦ୍ରଲୋକଙ୍କୁ ଚିହ୍ନିପାରି ତଳକୁ ମୁହଁ ପୋତିଦେଲା । ତା'ର ବଡ଼ ବଡ଼ ଗାଲରେ ଅଶ୍ରୁ ବହିଆସି ଟପଟପ ତଳେ ପଡ଼ୁଥାଏ ।

ଭିତରକୁ ଆସ, ଭିତରକୁ ଆସ । ସୁଶାନ୍ତ ମୋତିଲାଲର ହାତ ଧରି ଚେୟାରରେ ନେଇ ବସାଇଲା ।

ସେଦିନ ବଡ଼ ବ୍ୟସ୍ତ ଲାଗୁଥିଲା, ତୁମକୁ କିଛି ପଚାରି-ପାରିଲିନି କି କହିପାରିଲିନି । ତୁମ ନା କଣ ?

ମୋତିଲାଲ ।

ହଷ୍ଟେଲ ଉପରକୁ କପରି ଚାଲି ଆସିଲ ? ମୋତିଲାଲ୍ ହଠାତ୍ ଚେୟାରରୁ ଉଠି ଠିଆ ହୋଇଗଲା ।

ଆରେ ବସ୍, ଉଠି ପଡ଼ିଲ ଯେ । ଅନେକ କଥା ଅଛି । ତୁମେ ଭାରି ଚମ୍ପତ ପରି ଜଣା ପଡ଼ୁଛ, ପ୍ରଥମେ ମୋତେ ଦେଖି କାନ୍ଦି ପକାଇଲ, କଣ ହୋଇଛି କଣ, କୁହ ।

ଆଜି ଦିନସାରା ଜଣେ ହେଲେ ସବାରି ମିଳିନି । ଘରେ ଦୁଇଟିଯାକ ଝିଅ ଜରରେ ଥରୁଛନ୍ତି । ସୁନ୍ଦରଲାଲ ହସପିଟାଲରୁ ଔଷଧ ଲେଖାଇକରି ଆଣିଛି, କିନ୍ତୁ ଔଷଧ କିଣିବାକୁ ପଇସା ନାହିଁ । ଔଷଧ ଦାମ ଚୌକରେ ସର୍ଦ୍ଦାରଜୀ ଦୋକାନରୁ ବୁଝିଥିଲି, ପାଞ୍ଚ-ଟଙ୍କା ବାରଅଣା ବୋଲି କହିଲା ।

ବେଶ ତ ତୁମେ ମୋ ପାଖକୁ ସିଧା ଚାଲିଆସିଥାନ୍ତ । ଅନ୍ୟମାନଙ୍କ ପାଖରେ ଭିକ ମାଗୁଥିଲ କାହିଁକି । ବୋଧହୁଏ ତୁମକୁ ବୋଧେ ଗାଳି ଦେଉଥିଲେ !

ନା, ମୋର ଉଧାର ହେଲେ ଚଳିଯିବ, ମୁଁ ଦଶ ବାର ଦିନରେ ଭଲପାଗ ହେଲେ ଶୁଝିଦେଇ ପାରିବି ବୋଲି ଭାବୁଛି । ପ୍ରଥମେ ହଷ୍ଟେଲରେ କେତେକଙ୍କୁ ତ ଉଧାର ମାଗିଲି । ସମସ୍ତେ ମନା କଲେ । ଜଣେ କହିଲେ, ତୋତେ ଉଧାର କେହି ଦେବେନି, ଭିଖ ମାଗିଲେ ମିଳିପାରେ ।

ସୁଶାନ୍ତ କିଛିସମୟ ଚିନ୍ତିତ ରହିବା ପରେ କହିଲା—
ତଳେ ରିକ୍ସା ଅଛି ?
ହଁ ।
ତୁମ ଘର କେଉଁଠି ?
ହନୁମାନ ଘାଟଠୁ ଅଳ୍ପ ଦୂରରେ । ଶୂଦ୍ରପଡ଼ାରେ ।
ହନୁମାନମଠ ଘାଟ ପାଖରେ ନା ?
ହଁ ।

ଲଜ୍‌ପତ୍ ହଷ୍ଟେଲଠୁ ହନୁମାନ୍ ଘାଟ ଯିବା ଆସିବା କେତେ ନବ ? ମୁଁ ମଠରେ ଘଣ୍ଟାଏ ଖଣ୍ଡେ ରହିପାରେ । ଆସିବା ବେଳେ ଆଉ ରିକ୍ସା ମିଳି ନ ପାରେ । ତେଣୁ ଏକାବେଳକେ ଯିବା ଆସିବା ଦର ପଚାରୁଛି ।

ମୋତିଲାଲ ସବୁ ବୁଝିପାରି ସୁଶାନ୍ତ ମୁହଁକୁ ଚାହିଁ ଫିକ୍‌କିନା ହସି ଦେଲା । ପାଞ୍ଚ ଟଙ୍କା ବାରଅଣା ।

ଉଃ୍ ବହୁତ ହୋଇ ଯାଉଛି । ତଥାପି ମଞ୍ଜୁର ।

ସେହି ଦିନମାନଙ୍କରେ ସୁଶାନ୍ତ ଜ୍ୟୋତିଷ ଅଧ୍ୟୟନ କରୁଥାଏ ଓ ହନୁମାନ ମଠରେ ଫଳିତ ଓ ଗଣିତ ଜ୍ୟୋତିଷ ଉଭୟ ବିଷୟ ନେଇ ବହୁ ଦୁଷ୍ପ୍ରାପ୍ୟ ବହି ଅଛି ଶୁଣି ଯେବେ ସୁବିଧା ହେଲେ ଯିବ ଭାବି ଠିକ୍ କରିଥାଏ । ହଠାତ୍ ମୋତିଲାଲର ପାଞ୍ଚ ଟଙ୍କା ବାରଅଣା ସମସ୍ୟା ସମାଧାନ କରିବା ସଙ୍ଗେ ସଙ୍ଗେ ହନୁମାନ ମଠ ଲାଇବ୍ରେରୀ ଦେଖିବାର ସୁଯୋଗ ମଧ୍ୟ ଉପସ୍ଥିତ ହେଲା । ରିକ୍ସାରେ ବସି ସେ ଲୋକମାନଙ୍କ ଦାରିଦ୍ର୍ୟ କଥା ଭାବୁଥାଏ । ରିକ୍ସା ତେଲେଙ୍ଗାପଡ଼ା ନିକଟସ୍ଥ ହେବାରେ ସୁଶାନ୍ତ ଅନ୍ୟ ଗୋଟିଏ ରିକ୍ସାରେ ତେଲେଙ୍ଗାପଡ଼ା ଆଡ଼ୁ ରହମତ୍ ଓ ଧୂମକେତୁ ଭଳି ଦେଖାଯାଉଥିବା ଦୁଇ ଜଣ ଲୋକଙ୍କୁ ଆସୁଥିବା ଦେଖିଲା । ଦୁହିଁଙ୍କୁ ଦେଖି ସୁଶାନ୍ତ ଡାକଦେଲା—ଧୂମକେତୁ, ଧୂମ··କେତୁ ସେମାନଙ୍କ ରିକ୍ସା ବନ୍ଦହେବା ପରିବର୍ତ୍ତେ ଜୋରରେ ଯାଇ ମୋଡ଼ ରାସ୍ତାରେ ଅଦୃଶ୍ୟ ହୋଇଗଲା । ଧୂମକେତୁକୁ ଏପରି ଗୁଳିଯିବା ଦେଖି ସୁଶାନ୍ତ ଆଶ୍ଚର୍ଯ୍ୟ ହେଲା ।

ବାବୁଜୀ, ଯେଉଁ ଦୁଇଜଣ ରିକ୍ସାରେ ଆସିଲେ, ସେମାନଙ୍କୁ ଆପଣ ଚିହ୍ନନ୍ତି କି ?

ହଁ, ଜଣେ ମୋ ସହିତ ଓଡ଼ିଶାରୁ ଆସିଛି ଓ ଆଉ ଜଣେ ବିହାରର, ତା' ସାଙ୍ଗ ।

- କ୍ଷମା କରିବେ ବାବୁ, ଦୁହିଁଙ୍କ ଆଚରଣ କିନ୍ତୁ ଭାରି ଖରାପ। ଦୁହେଁ ବେଶ୍ୟାଘରକୁ ଯାନ୍ତି ।

ଧୂମକେତୁ ବେଶ୍ୟାଘରକୁ ଯାଉଛି ! ସୁଶାନ୍ତ ବିସ୍ମିତ ହୋଇଗଲା ।

ବାବୁ, ଏ ଯେଉଁ ତେଲେଙ୍ଗାପଡ଼ା ଅଛି ସେଠି ଅନେକ ଘରେ ବେଶ୍ୟାବୃତ୍ତି ଚାଲେ । ପୋଲିସ ଜାଣେନା । ସବୁ ଘରୋଇ । ବିଶ୍ୱବିଦ୍ୟାଳୟର ଅନେକ ଛାତ୍ର ତ ବେଶି ଏଇଠିକି ଆସନ୍ତି ।

ଆଚ୍ଛା ! ମୁଁ ତ ଶୁଣିଥିଲି ଡାଲମୁଣ୍ଡି ହିଁ ନିଷିଦ୍ଧ ଅଞ୍ଚଳ ବୋଲି !

ଡାଲମୁଣ୍ଡିଠୁ ତେଲେଙ୍ଗାପଡ଼ା ଟିକିଏ ଭିନ୍ନ । ସେଠି ସ୍ତ୍ରୀମାନେ ବେଶ୍ୟାବୃତ୍ତି କରନ୍ତି, ମା ଝିଅ, ଝିଅର ଝିଅ ପରମ୍ପରାକ୍ରମେ ସେଠି ବେଶ୍ୟାବୃତ୍ତି ଚାଲେ । ସେ ବୃତ୍ତିକୁ ଛାଡ଼ିଦେଲେ ସେ ସ୍ତ୍ରୀମାନେ ପାଗଳ ହୋଇଯିବେ । କିନ୍ତୁ ଏଠି ଦାରିଦ୍ର୍ୟ ଯୋଗୁଁ, ଭୋକ ଉପାସର ଦୌରାତ୍ମ୍ୟରୁ ବେଶ୍ୟାବୃତ୍ତି ଚାଲେ । ପରିବାରକୁ ବିଶ୍ୱ-ବିଦ୍ୟାଳୟର ଛାତ୍ର ନିୟମିତ ଭାବେ ବନ୍ଧୁ ବା ଭାଇ ହୋଇ ଆସନ୍ତି । ମାସକୁ ମାସ ତିରିଶି ଚାଳିଶି ଦେଇଦେଲେ ହେଲା । ଅନେକ ସ୍ତ୍ରୀ ଲୋକ ରିକ୍‌ସାରେ ଡାଲମୁଣ୍ଡିକୁ ବଜାରସଉଦା କରିବା ପାଇଁ ଆସନ୍ତି । ବାବୁମାନେ ସେମାନଙ୍କୁ ଦେଖି ଭଦ୍ରଘରର ଭାବି ମୋହିତ ହୋଇଯାଆନ୍ତି । ଆମ ଶୂଦ୍ରପଡ଼ାର ତ ଅନେକ ରିକ୍‌ସାବାଲା ତେଲେଙ୍ଗାପଡ଼ାରୁ ରିକ୍‌ସା ଡାଲମୁଣ୍ଡି ନିବା ଆଣିବାରେ ବେଶ୍ ପେଟ ପୋଷନ୍ତି । ମୁଁ ଯେତେବେଳେ ଚାରିବର୍ଷ ତଳେ ଆସାମରୁ ମାଟିକାମ ସାରି ଏଠି ଆସି ରିକ୍‌ସା ଟାଣେ ସେତେବେଳେ

ଶ୍ୟାମଳୀ ବୋଲି ଜଣେ ତେଲଙ୍ଗା ଘରର ସ୍ତ୍ରୀ ମୋ ରିକ୍ସାରେ ନିୟମିତ ଡାଲମୁଣ୍ଡି ଯିବା ଆସିବା କଲି । ମୁଁ ଘଟଣା କିଛି ଜାଣି ନ ଥିଲି । ଜାଣିବା ପରେ ତେଲେଙ୍ଗାପଡ଼ାର କେହି ହେଲେ ଡାଲମୁଣ୍ଡି କି ଚୌକି ଯିବାକୁ କହିଲେ ସଫା ମନା କରିଦିଏ । କିଣ ବାବୁ, ସେମାନଙ୍କୁ ରିକ୍ସାରେ ନେବା ପାପ ନୁହେଁ ? ବୁଝୁଛି, ଭୋକ ଉପାସକୁ ସହି ନ ପାରି ସେମାନେ ଖରାପ କାମ କରୁଛନ୍ତି; କିନ୍ତୁ ସଂସାରରେ କିଣ ଆଉ କାମ ନାହିଁ ? ଖରାପ କାମ କରିବାଠୁ ମରିଯିବା କିଣ ଭଲ ନୁହେଁ ? ତଥାପି ବାବୁ, ସରକାର ଲୋକଙ୍କୁ କାମ ଦେଇପାରୁ ନ, ଏକଥା ସତ ।

ସୁଶାନ୍ତ ମୋତିଲାଲର କଥା ଶୁଣୁ ନ ଥିଲା । ସେ ନିଜ ଭାବନାରେ ବ୍ୟସ୍ତ ଥିଲା । ଧୂମକେତୁର ଏତେ ପତନ ହୋଇଯିବ ବୋଲି ସେ ଆଶଙ୍କା କରି ନ ଥିଲା । ମୋତିଲାଲ ପ୍ରଶ୍ନରେ ସେ ଚମକି ପଡ଼ି ପଚାରିଲା—କିଣ ହନୁମାନ ମଠ ହୋଇଗଲା ?

ହଁ, ବାବୁ, ଏଇ ପାଖରେ ।

ମୋତିଲାଲ ରିକ୍ସା ଠିଆକଲା । ତୁ ରହ, ମୁଁ ଘଣ୍ଟାଏ ଭିତରେ ଆସୁଛି ।

ଘର ପାଖ ତ, ମୁଁ ଘରକୁ ଚାଲି ଯାଉଛି, ଆପଣ ଆସିବା-ବେଳକୁ ମଠ ଦୁଆର ପାଖରେ ମୋତେ ପାଇବେ ।

ରାତି ଆଠଟା ହେବ । ବର୍ଷା ବନ୍ଦ ହୋଇଯାଇଚ; କିନ୍ତୁ ଥଣ୍ଡା ପବନ ବହିବା ନୁହେଁ । ହଷ୍ଟେଲର ପିଲା ରୁମ୍ ଭିତରେ ବସି ମଜା ଗପ କରୁଛନ୍ତି । ସୁଶାନ୍ତ ହନୁମାନ ମଠରୁ ଫେରିଆସି ରୁମ୍‌ରେ ବସି ପଢ଼ୁଛି, ପାଣ୍ଡେ ବ୍ୟସ୍ତ ହୋଇ ପହଞ୍ଚିଲା ।

କଣ ପାଣ୍ଡେ, ଏଡ଼େ ବ୍ୟସ୍ତ କାହିଁକି ?

ବାବୁଜୀ, ପ୍ରଫେସର ସାହେବ ଓ ତାଙ୍କ ସ୍ତ୍ରୀ ସହରକୁ ଭୋଜି ଖାଇବା ପାଇଁ ଯାଇଛନ୍ତି । ଘରେ ଜ୍ୟୋତ୍ସ୍ନା ଦିଦିଙ୍କୁ ହଠାତ୍ ଜର ଆସିଛି । ପାଖରେ ତାଙ୍କର ବଡ଼ ଭଉଣୀ ଓ ଭିଣୋଇ ତ ଅଛନ୍ତି; କିନ୍ତୁ ସେ ଆପଣଙ୍କୁ ଡାକଦେବାପାଇଁ ମୋତେ ଚାରିଥର ପଠାଇ ସାରିଲେଣି । ଘଣ୍ଟାଏ ତଳେ ଆସିଥିଲି । ଏଥରକ ମିଶି ପାଞ୍ଚ ଥର ହେଲା । ଚାଲ୍ ଚାଲ୍—ସୁଶାନ୍ତ ରୁମ୍‌ରେ ଚାବି ପକାଇ ଦେଇ ଓ୍ୱାର୍ଡ଼େନଙ୍କ କୋଠିକୁ ଚାଲିଲା, ପଛେ ପଛେ ପାଣ୍ଡେ ।

ଜ୍ୟୋତ୍ସ୍ନା ରେଜେଇ ଘୋଡ଼ାଇ ହୋଇ ଶୋଇଥାନ୍ତି, ମୁଣ୍ଡ ପାଖରେ ଦୁଇଟି ଚେୟାରରେ ଜଣେ ସୁଦର୍ଶନ ଯୁବକ ଓ ଯୁବତୀ ବସିଥାନ୍ତି । ଯୁବତୀ ଜଣଙ୍କର ମୁଖ ପାଣ୍ଡୁର ଦିଶୁଥିଲେ ମଧ୍ୟ ଶରୀରର ଆକାର ପ୍ରକାରରୁ ଜ୍ୟୋତ୍ସ୍ନାଙ୍କର ଭଉଣୀ ବୋଲି ପରିଷ୍କାର ଜଣା ପଡ଼ିଯାଉଥାଏ ।

ଜ୍ୟୋତ୍ସ୍ନା ! ସୁଶାନ୍ତ ଶେଯ ପାଖକୁ ଯାଇ ଡାକିଲା । ପାଣ୍ଡେ ଦୁଆର ବନ୍ଧ ପାଖେ ଠିଆହୋଇ ସୁଶାନ୍ତକୁ ରୁମ୍ ଭିତରକୁ ଯିବାକୁ କହିଥିଲା ।

ସୁଶାନ୍ତର ଡାକ ଶୁଣି ଜ୍ୟୋତ୍ସ୍ନା ଆଖିପତା ମେଲାଇଲେ ।

ସୁଶାନ୍ତବାବୁ, ଆସିଲେ ! ନମସ୍କାର, ଆପଣଙ୍କ ପଢ଼ାପଢ଼ିରେ ବାଧା ଦେଲି ।

ତୁମକୁ କେତେବେଳୁ ଜର ହେଲାଣି, ମୋତେ ଆଗରୁ କାହିଁକି ଖବର ଦେଲନି ! ଆଜି କଲେଜରେ ତୁମକୁ ନ ଦେଖି ମୁଁ ତୁମ ପାଖକୁ ଆସିବି ବୋଲି ଭାବିଥିଲି ।

ଜ୍ୟୋତ୍ସ୍ନା ତାଙ୍କ ଦିଦିଙ୍କ ଆଡ଼କୁ ଚାହିଁ କହୁଥିଲେ—ଦିଦି, ଯାହାଙ୍କ କଥା ମୁଁ ତୋତେ କହୁଥିଲି, ସୁଶାନ୍ତ କୁମାର ମିଶ୍ର । ମୋ ବଡ଼ ଭଉଣୀ, ସୁଶାନ୍ତବାବୁ, ମୋ ଭିଣୋଇ । ସୁଶାନ୍ତ ଦୁହିଙ୍କୁ ନମସ୍କାର କଲା ।

ଜ୍ୟୋତ୍ସ୍ନା, ତୁମେ ସୁଶାନ୍ତବାବୁଙ୍କ ବିଷୟରେ ଯାହା କହୁଥିଲ, ତା' ଯଥାର୍ଥ ପରି ତ ଜଣାପଡ଼ୁଛି—ଭିଣୋଇ ଦେବେନ୍ଦ୍ରବାବୁ କହିଲେ ।

କଣ ବୋଲି ଜ୍ୟୋତ୍ସ୍ନା, ପଛରେ କଣ ଗାଳି ଦେଉଥିଲ ?

କୁନ୍ତଳା ଦିଦିଙ୍କୁ ପଚାରନ୍ତୁ ସେଇ କହିବ ।

ସୁଶାନ୍ତ କୁନ୍ତଳା ଦେବୀଙ୍କ ଆଡ଼କୁ ଚାହିଁଲା ।

ଗାଳି ! ଜ୍ୟୋତ୍ସ୍ନା ଆପଣଙ୍କୁ କେବେ ଗାଳିଦେଇ ପାରେ ?

ପାଣ୍ଡେ ଚାହା କପ ଚା ଆଣି ଟେବୁଲ ଉପରେ ରଖିଲା ।

ଆପଣ ପରା ଓଡ଼ିଆ ବ୍ରାହ୍ମଣ ?

ହଁ ।

ଆପଣଙ୍କ ବାପା କଣ କରନ୍ତି ? କୁନ୍ତଳା ପଚାରିଲେ ।

ତିନ ପୁରୁଷ ଗାଁର ପୁରୋହିତ ।

ଆଚ୍ଛା ! ଦେବେନ୍ଦ୍ର ବାବୁ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଚାରିଲେ । ତା'ହେଲେ ବର୍ତ୍ତମାନ ସୁଦ୍ଧା କଣ ପୁରୋହିତ ବ୍ୟବସାୟ ହୋଇ-ଅଛି !

କର୍ମକାଣ୍ଡର ପ୍ରଚଳନ ବ୍ୟାବହାରିକ ଜଗତରେ ରହିଥିବା ଯାଏଁ ପୁରୋହିତ ରହିଥିବ ।

କଣ ଭଲ ଆୟ ହୁଏ ?

ହିଃ, କଣ ଯେ ତୁ ବେଳେ ବେଳେ ପଚାରୁ ? ଜ୍ୟୋତ୍ସ୍ନା କପ୍‌ରୁ ଚା ପିଉ ପିଉ କହିଲେ ।

ନା ସୁଶାନ୍ତବାବୁ, କିଛି ମନେ କରିବେନି, ଆମର ସ୍ୱାର୍ଥ ଥିବାରୁ ଆମେ ବିଶେଷ କୌତୁହଳ ହୋଇ ପଡ଼ୁଛୁ ।

ମୁଁ ତ ପ୍ରଶ୍ନରେ କିଛି ଅଯୁକ୍ତିସଙ୍ଗତତା ଦେଖୁନି । ଆପଣ ପଚାରନ୍ତୁ । ଭଲ ଆୟ ହେଉଥିବା ଯୋଗୁ ତ ମୁଁ କଟକର ମଫସଲରୁ କାଶୀ ପଢ଼ିବାକୁ ଆସିପାରିଛି ।

ପରେ କେବେ ଅନ୍ୟ ବିଷୟରେ କଥା ହେବା, ଓଡ଼ିଶା ବିଷୟରେ ଅନେକ କଥା ଜାଣିବାକୁ ଇଚ୍ଛା ଅଛି, ମୋର ତ ଇଚ୍ଛା ଆପଣଙ୍କଠୁ ଓଡ଼ିଆ ଶିଖିବାକୁ । ଜ୍ୟୋତ୍ସ୍ନା କଣ କହିବାକୁ ଡ଼ାକିଥିଲା, ଆପଣ କଥା ହୁଅନ୍ତୁ, ଆମେ ଅନ୍ୟ ରୁମ୍‌ରେ ଅଛୁ ।

ଦୁହେଁ ଦୁଇଟି କପ୍ ଧରି ଉଠିଗଲେ । ସୁଶାନ୍ତ ସେମାନଙ୍କ ଯିବାବାଟକୁ ଚାହିଁଲା । କୁହ, ଜ୍ୟୋତ୍ସ୍ନା, ଦେହକୁ କପରି ଖରାପ କଲ ? ବର୍ଷା ବେଳେ ଛାତ ଉପରେ ନାଚୁଥିଲ ନା କଣ ?

ମୁଁ ପରେ କହିବି । ଆପଣ ଆଗ କୁହନ୍ତୁ, ମୋତେ ଆପଣ କଣ କହିବାକୁ ଆଜି ଆସିବେ ବୋଲି ଠିକ୍ କରିଥିଲେ ।

ଦେଖେ, କେତେ ଜର ଅଛି—ଥର୍ମାମିଟରରେ କାହିଁ ।

ଥର୍ମାମିଟରଟା ସେ ଘରେ ରହିଯାଇଛି ।

ସୁଶାନ୍ତ କପାଳରେ ହାତ ମାରିଲା । ତାତି ତ ଖୁବ ବେଶୀ ଅଛି । ଗ୍ଲ କାହିଁକି ପିଉଛ ଜରରେ ।

ସେପରି ବାଁରେଇଲେ ଚଳିବନି । କଲେଜରେ ମୋତେ ଆପଣ କଣ କହିଥାନ୍ତେ, କୁହନ୍ତୁ ।

ମୁଁ ମିସ୍ ବନିତାଙ୍କ ସମ୍ବନ୍ଧରେ କହିବ ବୋଲି ଭାବୁଥିଲି ।

ବନିତା ! ଜ୍ୟୋତ୍ସ୍ନା ପାଟିରୁ ବାହାରିଗଲା । କିନ୍ତୁ ସ୍ୱର ଅତି ଅସ୍ପଷ୍ଟ ଥିବାରୁ ସୁଶାନ୍ତ ଶୁଣିପାରି ନଥିଲା ।

କଣ କହିଲ !

ନାଁ କିଛି ନୁହେଁ ।

ମୁଁ ତାଙ୍କୁ ନିଜେ କହିବ ବୋଲି ଠିକ୍ କରିଥିଲି । କିନ୍ତୁ କହିବନି, ତୁମେ କଥା ପ୍ରସଙ୍ଗରେ କହିଦବା ଉଚିତ ହବ ।

କହିଦେବ !

ସୁଶାନ୍ତ ଜ୍ୟୋତ୍ସ୍ନାର ଅଭିମାନକୁ ଲକ୍ଷ୍ୟ ନକରି କହି ଚାଲିଲା ।

କଥା ହେଉଛି ଜ୍ୟୋତ୍ସ୍ନା, ସୋହନ୍ ବୋଲି ଜଣେ ଦିଲ୍ଲୀର ଯୁବକ ଦୁଇମାସ ତଳେ ବନାରସ ଆସିଥିଲେ । କଥାବାର୍ତ୍ତାରୁ ବନିତାଙ୍କ ସମ୍ବନ୍ଧରେ ତାଙ୍କର ଖରାପ ଉଦ୍ଦେଶ୍ୟ ଥିବା ପରି ଜଣାପଡ଼ିଲା । ବନିତା ତାଙ୍କ ବନ୍ଧୁମାନଙ୍କ ସମ୍ପର୍କରେ ସତର୍କ ରହିବା ଉଚିତ । ଧୂମକେତୁ ମଧ୍ୟ ଭଲ ଚରିତ୍ରର ନୁହେଁ । ବନାରସ୍ ଆସିବା ପରେ ସବୁପ୍ରକାର କୁକାର୍ଯ୍ୟ ସେ କରିବାକୁ ଆରମ୍ଭ କରିଛି । ସନ୍ଦେହ ଚରିତ୍ରର ଲୋକମାନଙ୍କସହ ନ ମିଶି ବନିତା ପଢ଼ାପଢ଼ିରେ ମନଦେବା ଉଚିତ । ତାଙ୍କ ନାଁରେ ପିଲାମାନେ କୁତ୍ସାରଟନା ମଧ୍ୟ ଆରମ୍ଭ କରିଦେଲେଣି ।

ଜ୍ୟୋତ୍ସ୍ନା ଚୁପଚାପ ସବୁ ଶୁଣୁଥିଲେ । ସୁଶାନ୍ତ କହିସାରିବା ପରେ ଧୀରେ ଧୀରେ ସେ ଉତ୍ତର ଦେଲେ—ମୁଁ କହିଦେବି ।

ସୁଶାନ୍ତର କଥା ସରିଯାଇଥିଲା, ତେଣୁ ସେ ଚୁପ ହୋଇଗଲା । ଜ୍ୟୋତ୍ସ୍ନା ଶୋଇ ଶୋଇ ଭାବୁଥାନ୍ତି । ନିସ୍ତବ୍ଧତା ଭଙ୍ଗ କରି ସୁଶାନ୍ତ କହିଲା—ବର୍ତ୍ତମାନ ତୁମେ କୁହ ଜ୍ୟୋତ୍ସ୍ନା, କଣ କହିବାକୁ ଡାକିଥିଲ ।

ନା, ଏକୁଟିଆ ବୋଧ କରିବାରୁ ଡାକିଦେଲି । ପଢ଼ାପଢ଼ିରେ ବାଧା ଦେଇଥିବାରୁ କ୍ଷମା ଦେବେ ।

ଜ୍ୟୋତ୍ସ୍ନା, ତୁମେ ଗମ୍ଭୀର ହୋଇଗଲ ଯେ—ଏଇ କିଛି ସମୟ ତଳେ ତ ଭଲରେ କଥା ହେଉଥିଲ, ବର୍ତ୍ତମାନ କଣ ହୋଇଗଲା ।

ଆଚ୍ଛା, କଣ କହିବାକୁ ଡାକିଥିଲ କୁହ ।

ଜ୍ୟୋତ୍ସ୍ନା ଧୀରେ ଧୀରେ କହିଲେ—ଆପଣଙ୍କର କିଛି କାମ ନ ଥିଲେ ଡାକି ଆଣିବାକୁ କହିଥିଲି । କୁନ୍ତଳା ଦିଦି ଓ ଦେବେନ୍ଦ୍ର-ବାବୁ ଦୁଇ ତିନି ଦିନ ହେଲା ଆପଣଙ୍କୁ ଦେଖିବାକୁ ବହୁତ କହୁଥିଲେ ।

ତୁମ ଭଉଣୋଇ ଓ ଭଉଣୀ ଉଭୟେ ଭଲଲୋକ ପରି ମନେ-ହେଲେ, ମୁଁ ସେମାନଙ୍କ ସହିତ ପରିଚିତ ହୋଇ ଭାରି ଖୁସି ।

ଜ୍ୟୋତ୍ସ୍ନା ଆଖି ବନ୍ଦ କରି କଣ ଭାବୁଥିଲେ ।

ମୁଁ ଯାଉଛି ।

ଯିବେ ? ଜ୍ୟୋତ୍ସ୍ନା ଚମକିଲା ପରି କହିଲା—ଏତେ ଚଞ୍ଚଳ ।

ମୁଁ ବସିବାରେ କିଛି ଆପତ୍ତି ନାହିଁ; କିନ୍ତୁ ତୁମେ ତ କଣ ଭାବୁଛ, କିଛି କହୁନ, ଖାଲି କାହିଁକି ବସିବି ।

କହୁଛି ।

କୁହ ।

ସୁଶାନ୍ତବାବୁ, ମୋର ବିବାହ ଠିକ ହୋଇଯାଇଛି ।

ଆଚ୍ଛା ! କେବେ ହେଲା, ମୁ ତ ଜାଣି ନ ଥିଲି ।

ହେଲାଣି ତ ବହୁଦିନୁ, ମୁଁ ଆପଣଙ୍କୁ କହି ନ ଥିଲି, ଶଶୁଘର ପରୀକ୍ଷା ସରିବା ପରେ ପରେ ହେବ ।

ପରୀକ୍ଷା ସରିବା ପରେ ପରେ ମୁଁ କଟକ ଚାଲିଯିବି ବୋଲି ସ୍ଥିର କରିଥିଲି, କିନ୍ତୁ ତୁମ ଶଶୁଘରକୁ ନିଶ୍ଚୟ ଯିବି । ଭାଗ୍ୟବାନ୍ ପୁରୁଷଙ୍କ ପରିଚୟଟା…

ସେ ବହିଟା ଫିଟାନ୍ତୁ, ଫଟୋ ରଖା ହୋଇଛି—ଜ୍ୟୋତ୍ସ୍ନା ଟେବୁଲ ଉପରେ ଥୁଆ ହୋଇଥିବା ବହିଟିକୁ ଦେଖାଇଲା । ଜ୍ୟୋତ୍ସ୍ନାର ସ୍ୱରରେ ରାଗ ଓ ଅଭିମାନ ଥିଲା । ସୁଶାନ୍ତ ବୁଝି ପାରିଲାନି । ସ୍ୱାଭାବିକ କ୍ଷେତ୍ରରେ ଜଣେ ଝିଅ ନିଜର ବିବାହିତା ଜୀବନକୁ କଳ୍ପନା କରି ସୁଖୀ ହେବା କଥା ।

ସକାଳେ ଜ୍ୟୋତ୍ସ୍ନା କଲେଜ ବାହାରୁଥିବା ବେଳେ ପ୍ରଫେସର-ସାହେବ ଓ ମାତାଜୀ ତାକୁ ବାବୁଜୀଙ୍କ ପଢ଼ାଘରକୁ ଡାକିଲେ । ବାବୁଜୀ ଆର୍ମଚେୟାରରେ ଶୋଇଥିଲେ, ମାତାଜୀ ଚଉକିରେ ବସି ଚିଠିଟିଏ ଧରିଥିଲେ । ଜ୍ୟୋତ୍ସ୍ନା ରୁମ୍ ଭିତରକୁ ଯାଇ ଠିଆହେଲେ ।

ଜ୍ୟୋତ୍ସ୍ନା, ତୋ ଦେହ ଭଲ ଲାଗୁନି ବୋଲି କହୁଥିଲୁ ଆଜି କଲେଜ ଯା'ନା ।

ବସ ମା, ଠିଆହେଲୁ କାହିଁକି ? ବାବୁଜୀ କହିଲେ ।

ଜ୍ୟୋତ୍ସ୍ନା, ତୋ ବାହାଘର ଏପ୍ରିଲ୍ ଶେଷଆଡ଼କୁ କରିବୁ ବୋଲି ଆମେ ଭାବିଥିଲୁ । ସେମାନେ ଆଉ ଅପେକ୍ଷା କରିବାକୁ ପ୍ରସ୍ତୁତ ନୁହନ୍ତି । ଆଉ ବର୍ଷେ କାଳ ହେଲେଣି । ପୁଣି ଚିଠି ଦେଇଛନ୍ତି ।

ଜ୍ୟୋତ୍ସ୍ନା ତଳକୁ ମୁହଁ ପୋତି ଠିଆହୋଇ ରହିଲେ ।

ତୋ ମନ ପାଉ ନ ଥିବ ମା, କିନ୍ତୁ ସତ୍ୟ ତ କରି ଦେଇଛେ, ପୁଣି ରୂପରେ କଣ ଅଛୁ, ଅତୁଲ ଧନସମ୍ପତ୍ତି ତ ଭୋଗକରିବୁ ।

ଆମେ ସେଇଆ କହିବାକୁ ଡାକଥିଲୁ, ଯା ।

ଜ୍ୟୋସ୍ନା ତାଙ୍କ ଶୋଇବା ରୁମ୍‌କୁ ଚାଲିଗଲେ । ତାଙ୍କ ବିବାହିସତ୍ୟକଥା ଜ୍ୟୋସ୍ନା ପିଲାଦିନୁ ଶୁଣି ଶୁଣି ଆସୁଥିଲେ; କିନ୍ତୁ ଦୁର୍ଭାଗ୍ୟ ଯେ ଏତେ ଚଞ୍ଚଳ ଆସି ତାଙ୍କ ମୁଣ୍ଡ ଉପରେ ଛିଡ଼ିବ ତା ସେ କଳ୍ପନା କରି ନ ଥିଲେ । ବିବାହିସତ୍ୟରେ ମାତାଜୀଙ୍କର ବେଶି ହାତ ଥିଲା । କିନ୍ତୁ କେବଳ ସେ କଥାରେ ନୁହେଁ ସବୁ କଥାରେ ପ୍ରଫେସର ସାହେବ ନୀରବ ରହୁଥିଲେ । ସେ ବିବାହ ଦିନୁ ସ୍ତ୍ରୀଙ୍କ ଅଧୀନତା ସହର୍ଷରେ ସ୍ୱୀକାର କରି ନେଇଥିଲେ । ନିଜେ ନିଜର ବ୍ୟବହାର ଦେଖି କେବେ କେବେ ମନେହେଲେ ସେ ନିଜର ସ୍ତ୍ରୀଙ୍କୁ ଅନ୍ୟମାନଙ୍କଠୁ ବେଶି ପ୍ରେମ କରନ୍ତି ଭାବି ମନ ସନ୍ତୋଷ କରି ନେଉଥିଲେ । ଅବଶ୍ୟ ତିରିଶି ବର୍ଷର ବିବାହିତ ଜୀବନରେ ଯେ ସ୍ତ୍ରୀଙ୍କ ଶାସନ ପ୍ରତି କେବେହେଲେ ସେ ବିଦ୍ରୋହୀ ହୋଇ ନାହାନ୍ତି ତା' ନୁହେଁ । କିନ୍ତୁ କ୍ଷମତାଶାଳୀ ରାଜା ପ୍ରତ୍ୟେକ ବିଦ୍ରୋହକୁ ସ୍ୱଶକ୍ତି ଓ ବୀରତ୍ୱର ପ୍ରକାଶ ପାଇଁ ଉପଯୁକ୍ତ ସମୟ ଆସିଛି ଭାବି ଯେପରି ଉତ୍ସାହ ସହ ବିଦ୍ରୋହ ଦମନରେ ଲାଗିଯାଏ, ସେହିପରି ପ୍ରଫେସରଙ୍କ ସ୍ତ୍ରୀ ସ୍ୱାମୀଙ୍କ ସାମୟିକ ବିଦ୍ରୋହରେ ସ୍ୱାମୀକୁ ଅବନତ କରିବା ପାଇଁ ନିଜେ ଉଲଗ୍ନ ହୋଇ, ସ୍ୱାମୀଙ୍କୁ ଉଲଗ୍ନ କରି, ଥାଳ କଂସା ଫୋପାଡ଼ି, ଶାଢ଼ୀ ଚିରି, ସ୍ୱାମୀଙ୍କୁ ଶାସନ କରିଥାନ୍ତି । ଏପରି କେବେହେଲେ ପ୍ରଫେସର ସାହେବ ନିଜ ରୁମ୍‌ଭିତରେ ପଶି ଚାରି ପାଞ୍ଚ ଘଣ୍ଟା ପରେ ପଦାକୁ ବାହାରିବା ବେଳେ ହସମୁଖ ହୋଇ ବାହାରିଥାଆନ୍ତି । ବାସ୍ତବିକ କର୍ମବିପାକରୁ ଶାନ୍ତ ଶିଷ୍ଟ, ପ୍ରଫେସର ସହ ଜଣେ ସୁନ୍ଦରୀ

କିନ୍ତୁ ଚଣ୍ଡୀଙ୍କ ସହ ସଂଯୋଗ ହୋଇ ଯାଇଥିଲା । ପ୍ରଫେସରଙ୍କର ଦୁଇଟି ଝିଅ, ଗୋଟିଏ ପୁଅ । ପୁଅଟି ସବା ସାନ । ଝିଅ ଦୁଇଟି ମାଙ୍କ ପରି ରୂପବତୀ ଓ ବାପଙ୍କ ପରି ସୁଶୀଳ ଥିଲେ । ଜ୍ୟୋତ୍ସ୍ନା ସମସ୍ତଙ୍କ ଭିତରେ ରତ୍ନ ଥିଲେ । ଜ୍ୟୋତ୍ସ୍ନାଙ୍କୁ ଯେତେବେଳେ ସାତ ବର୍ଷ ସେତେବେଳେ ସିଆଦପୁର ଜମିଦାରଙ୍କ ସ୍ତ୍ରୀ ଦିନେ ପ୍ରଫେସରଙ୍କ ଘରକୁ ଆସି ଜ୍ୟୋତ୍ସ୍ନାଙ୍କର ରୂପଲାବଣ୍ୟ ସୁଶୀଳତା ଦେଖି ପ୍ରଫେସରଙ୍କ ସ୍ତ୍ରୀଙ୍କୁ ଝିଅଟିକୁ ବୋହୂ କରିବାପାଇଁ ମାଗିଥିଲେ । ସତ୍ୟ ହେଲା, ଜୋତ୍ସ୍ନା ସିଆଦପୁର ଜମିଦାରଙ୍କ ଘରକୁ ବୋହୂ ହୋଇଯିବ । ପ୍ରଫେସର ସାହେବ ପରେ ଏସବୁ ଶୁଣି ରାଗିଲେ । ସିଆଦପୁର ଜମିଦାର ଓ ତାଙ୍କ ସ୍ତ୍ରୀଙ୍କ ବ୍ୟକ୍ତିଗତ ଚରିତ୍ର କଳଙ୍କିତ ଥିଲା; ଦୁହିଁଙ୍କ ଶାରୀରିକ ଅସୁନ୍ଦରତା ମଧ୍ୟ ତାଙ୍କର ପୁଅଠି ପ୍ରତିଫଳିତ ହୋଇଥିଲା । ପ୍ରଫେସର ସାହେବ ସବୁ ଜାଣିଥିଲେ; କିନ୍ତୁ କଳହର ପରିଣତି କିଛି ହେଲାନି । ପ୍ରଫେସର ସାହେବ ଜନ୍ମସୂତ୍ରୀ ବ୍ରାହ୍ମଣ ହେଉ ଭାଗ୍ୟବାଦକୁ ବିଶ୍ୱାସ କରିନେବା ସୁବିଧା ହେଲା ।

ଜ୍ୟୋତ୍ସ୍ନା ସଜ୍ଞାନ ହେବାଦିନୁ ତାଙ୍କର ନିର୍ଦ୍ଧାରିତ ସ୍ୱାମୀ କଥା ଜାଣିବାକୁ ପାଇଥିଲେ । ଅସୁନ୍ଦର ଓ କୁଚରିତ୍ର ସ୍ୱାମୀ ତାଙ୍କର ଭାଗ୍ୟରେ ଅଛି ଜାଣି ସେ ବେଳେବେଳେ ଅତ୍ୟନ୍ତ ଉଦାସ ହୋଇ-ଯାଉଥିଲେ ମଧ୍ୟ ସେହି ବିଷାଦ ତାଙ୍କୁ ଅନେକ ଦିଗରୁ ଗୁଣଶୀଳା ମଧ୍ୟ କରାଇ ଦେଇଥିଲା । ନିଜର ଭାଗ୍ୟର କଥା ଜାଣିପାରି ସେ କ୍ରମେ କ୍ରମେ ଗମ୍ଭୀର ହୋଇ ଯାଉଥିଲେ ଓ ସାଧାରଣ ଯୁବକ ଛାତ୍ର-ମାନଙ୍କ ସହ କଥାବାର୍ତ୍ତା କରିବାକୁ ଇଚ୍ଛୁକ ନ ଥିଲେ । ବେଳେ-ବେଳେ ପିତାମାତାଙ୍କ ପ୍ରତି ଦ୍ୱେଷ ତ ଆସୁଥିଲା; କିନ୍ତୁ ସଂସ୍କାର ଯୋଗୁଁ ସେ ତାକୁ ଦମନ କରି ଦେଉଥିଲେ । ବାସ୍ତବରେ ପିତା-ମାତା ଉଭୟଙ୍କୁ ସେ ଭାରି ଭଲ ପାଉଥିଲେ ଓ ପିତାମାତାଙ୍କର

ସେ ଅଲ୍ୟଳ ଝିଅ ଥିଲେ । ଦୁର୍ଭାଗ୍ୟକୁ ଏଡ଼ିବା ପାଇଁ ବେଳେବେଳେ ଘର ଛାଡ଼ି ଚାଲିଯିବାକୁ ଇଚ୍ଛା ହେଉଥିଲେ ମଧ୍ୟ ଚାଲିଯିବାକୁ ସାହସ ହେଉ ନ ଥିଲା, ପିତାମାତାଙ୍କ ସ୍ନେହ ବନ୍ଧନ ବଡ଼ ବନ୍ଧନ ଥିଲା । ଏହିପରି ତାଙ୍କର ଜୀବନରେ ମାନସିକ ଦ୍ୱନ୍ଦ୍ୱ ଚାଲିଥିବାବେଳେ ହଠାତ୍ ସେ ଦିନେ ସୁଶାନ୍ତକୁ ଦେଖିଲେ । ସୁଶାନ୍ତ ବୁଦ୍ଧିବାନ୍, ତେଜସ୍ୱୀ ଓ ବ୍ୟବହାରକୁଶଳ ଥିଲା । ଧାର୍ମିକତା ଓ ସୁସ୍ଥ ଚରିତ୍ର ତାକୁ ଆତ୍ମବିଶ୍ୱାସ ଦେଇଥିଲା । ବ୍ରାହ୍ମଣ, କ୍ଷତ୍ରିୟ ପରିବାରରେ ତ ସାଧାରଣତଃ ଯୁବକ ଯୁବତୀ ସୁନ୍ଦର ହୁଅନ୍ତି । ଥରେ ଜ୍ୟୋତ୍ସ୍ନା ତାକୁ ଥଟ୍ଟାରେ ପଚାରି ଦେଇଥିଲେ—ସୁଶାନ୍ତବାବୁ, ଓଡ଼ିଶାରେ କଣ ସମସ୍ତେ ଆପଣଙ୍କ ପରି ସୁନ୍ଦର । ସୁଶାନ୍ତ ହସି କହିଲା—ଧୂମକେତୁକୁ ଆଜି ତୁମ ଘରଆଡ଼େ ପଠାଇଦେବି ।

ମୁଁ ଭଦ୍ରଲୋକଙ୍କୁ ଦେଖିଛି, ପଠାଇବା ଦରକାର ନାହିଁ, ମୋ ପ୍ରଶ୍ନ ଫେରାଇ ନେଉଛି ।

ଧୀରେ ଧୀରେ ସୁଶାନ୍ତର ସହୃଦୟ ବ୍ୟବହାର ଜ୍ୟୋତ୍ସ୍ନାଙ୍କ ଦ୍ୱନ୍ଦ୍ୱକୁ ଦୂରକୁ ଠେଲିଦେଲା । ସୁଶାନ୍ତର ସଙ୍ଗ, କଥା ତାଙ୍କୁ ଆନନ୍ଦ ଦେଲା । ଧୀରେ ତାଙ୍କର ଅଜାଣତରେ, ସୁଶାନ୍ତକୁ ସେ ଭଲ ପାଇ ବସିଲେ । କୁନ୍ତଳାଙ୍କୁ ବାପ ଘରକୁ ଆସି ସାନଭଉଣୀର ସୁଖ ଦୁଃଖ ଜାଣିବା ପାଇଁ ଡେରି ହେଲାନି । କିନ୍ତୁ ସେ ଜ୍ୟୋତ୍ସ୍ନା ବାଗ୍‌ଦତ୍ତା ଜାଣି ସମସ୍ୟାର ଜଟିଳତା ଉପଲବ୍ଧି କରୁଥିଲେ, ଦିନେ କଥା ପ୍ରସଙ୍ଗରେ ସେ ସମସ୍ୟାକୁ ଦେବେନ୍ଦ୍ରବାବୁଙ୍କ ଆଗରେ ରଖିଲେ । ବସ୍ତୁସ୍ଥିତି ଠିକ୍ ରୂପେ ଜାଣିବା ପାଇଁ ଦେବେନ୍ଦ୍ରବାବୁ ସୁଶାନ୍ତକୁ ଦେଖିବାକୁ ଅଭିଳାଷ ପ୍ରକାଶ କଲେ । ସେଦିନ ପିତାଜୀ ବିଭାକଥା ଉଠାଇ-ବାରେ ଦେବେନ୍ଦ୍ରବାବୁ ସୁଶାନ୍ତକୁ ଦେଖିବାକୁ ବ୍ୟଗ୍ର ହେଲେ, ପାଣ୍ଡେ ଯାଇ ସୁଶାନ୍ତକୁ ଡାକି ଆଣିଲା ।

ସୁଶାନ୍ତ 'ସାହିତ୍ୟର ଦର୍ଶନ' ବହିରୁ ଜଣେ ଯୁବକଙ୍କ ଫଟୋ ପାଇଲା । ଯୁବକ ଜଣକ ନିଃସନ୍ଦେହରେ ରୂପଦୃଷ୍ଟିରୁ ଜ୍ୟୋସ୍ନାଙ୍କ ଅଯୋଗ୍ୟ ଥିଲେ । ସୁଶାନ୍ତ ଫଟୋକୁ ଚାହିଁ ଜ୍ୟୋସ୍ନା ପଚାରିଲେ—

ଫଟୋ ଦେଖିଲେ ?

ହଁ, ତୁମର ଯୋଗ୍ୟ ପତି ମନେ ହେଉନ । ଗୁଣ ସହିତ ମୋର ତ ପରିଚୟ ନାହିଁ । ତଥାପି ଶାରୀରିକ ଅଭିବ୍ୟକ୍ତିରୁ ଗୁଣ-ଶୀଳ ପତି ମଧ୍ୟ ମନେ ହେଉ ନାହାନ୍ତି ।

ସେ ଗୁଣଶୀଳ କି ନା ମୁଁ ଜାଣେ ନା, ମୁଁ କିନ୍ତୁ ତାଙ୍କୁ ବାହା-ହେବାକୁ ଚାହୁଁ ନ ।

ତୁମେ ତାଙ୍କୁ ବାହାହେବାକୁ ଚାହୁଁ ନ ! କାହିଁକି ଚାହିଁନ୍ତି ଯେ, ତୁମ ଭଳି ସ୍ୱର୍ଗର ଦେବୀ ପାଇଁ ଏ ବାନର ? ତୁମ ପରି ସୁନ୍ଦରୀ ଓ ଗୁଣବତୀଙ୍କ ପାଇଁ କଣ ସତ୍ପାତ୍ରର ଅଭାବ ରହିବ ?

କିନ୍ତୁ ମୁଁ ବାଗ୍‌ଦତ୍ତା, ପିଲାଦିନୁ ଏହାଙ୍କ ସହିତ ବିବାହର ହେବ ବୋଲି ବାଗ୍‌ଦାନ ହୋଇସାରିଛି ।

ବାଗ୍‌ଦାନ ! ତା'ହେଲେ ତ ବଡ଼ ଖରାପ ହେଲା ।

ଆପଣ କଣ ମତ ଦେଉଛନ୍ତି ?

ଦେଖ ଜ୍ୟୋସ୍ନା, ପ୍ରତ୍ୟେକ ଲୋକ ତ କିଛି ନା କିଛି ମତ ଦେବେ । ତୁମେ ତୁମ ବିବେକକୁ ପଚାରି ସେଇ ଅନୁସାରେ କାର୍ଯ୍ୟ କରିବା ଉଚିତ । ଭାରତରେ ସତ୍ୟକୁ ଗୋଟିଏ ବହୁତ ବଡ ଆଦର୍ଶରୂପେ ନିଆଯାଇଛି । କହିଥିବା କଥାକୁ ରକ୍ଷା କରିବା ସତ୍ୟ କହିବାର ଅନ୍ତର୍ଭୁକ୍ତ । ବାପମାଙ୍କର ସତ୍ୟକୁ ସନ୍ତାନସନ୍ତତି ଆତ୍ମଜ ହେଉ ରକ୍ଷା କରିବା କର୍ତ୍ତବ୍ୟ ।

ସେମାନଙ୍କର ଅଯୁକ୍ତିସଙ୍ଗତ ବ୍ୟବହାରକୁ ଆମେ କାହିଁକି ସ୍ୱୀକାର କରିବୁ, ବିଶେଷ କରି ଯେତେବେଳେ ତାହା ଆମର ସମସ୍ତ ଭବିଷ୍ୟତକୁ ନିୟନ୍ତ୍ରଣ କରିବ ?

ଦେଖ ଯଦି ପିତାମାତାଙ୍କର ସବୁ କଥାର ଯୁକ୍ତିଯୁକ୍ତତା ପରୀକ୍ଷା କରି ବସିବା ତେବେ ବହୁ ଅସୁବିଧା ସୃଷ୍ଟି ହେବ । ଯୁକ୍ତିଯୁକ୍ତତା ପରୀକ୍ଷଣ ପାଇଁ ଅନୁଭୂତି ଗୋଟିଏ ବିଶେଷ କଥା ଯାହା ସନ୍ତାନସନ୍ତତିଙ୍କ ଅପେକ୍ଷା ପିତାମାତାଙ୍କର ବିଶେଷଥିବା ସ୍ୱାଭାବିକ । ପିତୃସତ୍ୟପାଳନ ପାଇଁ ରାମ ବନବାସୀ ହେବା ପରମ୍ପରା ତ ଅଛି ।

ରାମଙ୍କ କଥା ଛାଡ଼ନ୍ତୁ । ଆପଣ ତ ନିଜେ ଫଟୋ ଦେଖି କହିଲେ ଯେ ସେ ମୋର ଆଦୌ ଯୋଗ୍ୟ ନୁହନ୍ତି ।

ବର୍ତ୍ତମାନ ମଧ୍ୟ କହୁଛି ଏ ଫଟୋ ଯାର ସେ ତୁମର ଅଯୋଗ୍ୟ ।

ମୁଁ ସୁନ୍ଦର ନା ନୁହେଁ ?

ତୁମେ ? ସୁଶାନ୍ତ ହସିଦେଲା । କଥାର ଧାରା କୁଆଡ଼େ ଯାଉଛି ସେ କିଛି କିଛି ଅନୁମାନ କରି ପାରୁଥିଲା । ତୁମେ ରୂପରେ, ଗୁଣରେ ସବୁଥିରେ ଅତୁଳନୀୟା ।

କୌଣସି ଲୋକ ମୋତେ ବିଭାହୋଇ ସୁଖୀ ହୋଇ ପାରିବ, ନିଜକୁ ଧନ୍ୟ ମନେ କରିବ ?

ଯେକୌଣସି ଲୋକ; କିନ୍ତୁ ଜୋସ୍ନା ତୁମେ ଯେ ବାଗ୍‌ଦତ୍ତା ।

ମୁଁ ବାଗ୍‌ଦତ୍ତା ନ ହୋଇଥିଲେ ଆପଣ ମୋତେ ବାହା ହୋଇଥାନ୍ତେ ?

ସୁଶାନ୍ତ ପ୍ରଶ୍ନରେ ଚୁପ ରହିବାରୁ ଜ୍ୟୋସ୍ନା ଧୀରକଣ୍ଠରେ କହିଲେ—ସୁଶାନ୍ତବାବୁ, ମୁଁ ଆପଣଙ୍କୁ ଭଲ ପାଉଛି । ପ୍ରଥମ ଦେଖାରୁ ଭଲ ପାଉଛି । ମୋତେ ବାହା ହୁଅନ୍ତୁ, ସୁଶାନ୍ତବାବୁ

ଆପଣଙ୍କ ଜୀବନକୁ ସବୁମତେ ସୁଖୀ କରିବ, ମୁଁ ଉଦ୍ଧାର ହୋଇଯିବି । ମୋତେ ଦୁର୍ଭାଗ୍ୟରୁ ରକ୍ଷା କରନ୍ତୁ ।

ଜ୍ୟୋତ୍ସ୍ନାର ଅକପଟ ଆତ୍ମନିବେଦନରେ ସୁଶାନ୍ତ ବିଚଳିତ ହୋଇଗଲା, କଣ କହିବାକୁ ଯାଉଥିଲା କହିପାରିଲାନି । କିଛି ସମୟ ପରେ ରହି ରହି ସେ ଆରମ୍ଭ କଲା—

ତୁମେ ମୋତେ ଭଲ ପାଉଛ ବୋଲି ମୁଁ ଆଜି ଜାଣିଲି । ମୁଁ ଏଡ଼େ ବଡ଼ ଭାଗ୍ୟବାନ୍ ବୋଲି ମୋର ବିଶ୍ୱାସ ହେଉନି; କିନ୍ତୁ ଜ୍ୟୋତ୍ସ୍ନା—ବିବାହ ସାରା ଜୀବନ କଥା । ହଠାତ୍ ପ୍ରେରଣାର ବଶବର୍ତ୍ତୀ ହୋଇ ବିବାହ କରିବା ଅନୁଚିତ । ସବୁଠୁ ବଡ଼ କଥା ହେଲା ମୁଁ ତୁମକୁ ତ ଭଲ ପାଇଛି—କିନ୍ତୁ ପ୍ରେୟସୀ ଦୃଷ୍ଟିରେ ନୁହେଁ, ଭଉଣୀ ଭାବେ । ତୁମକୁ ମୁଁ ମୋ ସ୍ତ୍ରୀ ଦୃଷ୍ଟିରେ କେବେହେଲେ ଦେଖିନି । ମୋତେ ତୁମେ ବଡ଼ ଅଡୁଆରେ ପକାଇଦେଲ ଜ୍ୟୋତ୍ସ୍ନା—

ସୁଶାନ୍ତ ଚେୟାରରୁ ଉଠି ଠିଆହେଲା ।

ଆପଣ କଣ ଚାଲି ଯାଉଛନ୍ତି ?

..........

ହଁ ଆପଣ ମୋ ଭଲ ଅନୁନ୍ଦର, ଅଯୋଗ୍ୟ ଝିଅକୁ କାହିଁକି ବାହା ହେବେ । ଆପଣଙ୍କୁ ତ କେତେ ଯୋଗ୍ୟ ଝିଅ ମିଳିବେ ।

ସୁଶାନ୍ତ ରୁମ୍‌ରୁ ବାହାରିଗଲା । ସୁଶାନ୍ତକୁ ଚୁପଚାପ ବାହାରି ଯିବା ଦେଖି କୁନ୍ତଳା ବାବୁଙ୍କ ରୁମ୍‌ରୁ ଜ୍ୟୋତ୍ସ୍ନା ରୁମ୍‌କୁ ଆସିଲେ । ଜ୍ୟୋତ୍ସ୍ନା କାନ୍ଥଆଡ଼କୁ ମୁହଁ କରି କାନ୍ଦୁଥିଲେ ।

କଣ ହେଲା ଜ୍ୟୋତ୍ସ୍ନା—

ସେ ମୋତେ ଭଲ ପାଆନ୍ତିନି ବୋଉ ।

ରିକ୍ସାରେ ବସି ସ୍ମିତା ସୁଶାନ୍ତର କଥା ଭାବିଲେ । କଣ କହିବାକୁ ସେ ଚାହୁଁଥିଲା ? ସୁଶାନ୍ତର ବ୍ୟବହାର ଅନ୍ୟ ଜନମାନଙ୍କଠୁ ଭିନ୍ନ ଥିଲା । କଣ ଯେପରି ସେ କହିବାକୁ ଇଚ୍ଛା କରୁଥିଲା ସଙ୍କୋଚ ଯୋଗୁଁ କହି ପାରିଲା ନାହିଁ । ତା' ଆଖିରେ ଅଙ୍କିତ କରୁଣା ଓ ସ୍ନେହ ସ୍ମିତା ଦେଖିପାରି ଅନେକ କଥା ବୁଝିଥିଲେ । ତା' ଓଢ଼ଣୀ କାନି ରିକ୍ସାଚକରୁ ଫିଟାଇ ଦେବାବେଳେ ସୁଶାନ୍ତର ମୁହଁ ଆଶଙ୍କା ଓ ଦୁଃଖରେ ପରିପୂର୍ଣ୍ଣ ଥିଲା ।

ରିକ୍ସା ଲଙ୍କାମାର୍କେଟ୍ ଡେଇଁଛୁ ହଠାତ୍ ସ୍ମିତାଙ୍କ ମନକୁ ଆସିଲା—ସୁଶାନ୍ତ ତାକୁ ଭଲ ପାଉନାହାନ୍ତ ତ ?

ସ୍ମିତାଙ୍କ ଛାତି ଜୋରରେ ସ୍ପନ୍ଦିତ ହୋଇଉଠିଲା । ଜୀବନରେ ସାର୍ଥକତା ପାଇଯିବା ପରି ତାଙ୍କର ମନେହେଲା । ଏ ସଂସାର କେଡ଼େ ଭଲ ସେହିଦିନ ସେ ଜାଣି ପାରିଲେ । ଉଚ୍ଛ୍ୱସିତ ହୃଦୟରେ ସେ ଘରେ ପହଞ୍ଚିଲେ ।

ଡ୍ରଇଂରୁମରେ ଡଢ଼ ଦୁଇଜଣ ଭଦ୍ରଲୋକଙ୍କ ସହ କଥାବାର୍ତ୍ତାରେ ବ୍ୟସ୍ତ ଥିଲେ । ସ୍ମିତା ଆଗନ୍ତୁକମାନଙ୍କ ଆଡ଼କୁ ଧ୍ୟାନ ନଦେଇ ରମାନାଥ ବାବୁଙ୍କ ପାଖକୁ ଦୌଡ଼ିଯାଇ କହିଲେ, ଡଢ଼ ପରୀକ୍ଷା ପରେ ଏଥର ଯେପରି ନିଶ୍ଚେ କାଶ୍ମୀର ଯିବା । ସବୁବର୍ଷ ସେ

ପ୍ରୋଗ୍ରାମ୍ ଭାଙ୍ଗୁଛି, ଏଥର ଯେପରି କାମ ବାହାନାରେ ବନ୍ଦକରି ନ ଦିଅ ।

ହ୍ୟାଲୋ ମିସ୍ ବନିତା, ଆଜି କଣ ଖୁବ୍ ଖୁସି ଜଣାପଡୁଛ ?

ଧୂମକେତୁ କଥାରେ ବନିତା ବାସ୍ତବଜଗତକୁ ଫେରିଆସିଲେ । ଆରେ ! ଆପଣ ! ବନିତା ତାଙ୍କର ଅଦମ୍ୟ ଆନନ୍ଦରେ ଅପ୍ରତିଭ ହେଲେ ।

ମା' ତୁ ତ ଅଧା ଓଦା ହୋଇ ଯାଇଛୁ । ବର୍ଷା ହେଉଥିଲା ଯଦି କଲେଜରେ ରହିଗଲୁ ନାହିଁ କାହିଁକି ? ବର୍ଷାରେ ଯଦିଓ କଲେଜରୁ ବାହାରିଲୁ ତାହାହେଲେ ରେନ୍‌କୋଟ୍‌କୁ ନପିନ୍ଧି ହାତରେ ଧରି ଧରି କାହିଁକି ଆସିଲୁ ।

ଉଃ ଡାଡି ! ଇଉନିଅନ୍‌ର ମିଟିଂ ଥିଲା । ଫେରୁ ଫେରୁ... ସବୁ ଭୁଲ ହୋଇଗଲା ।

ଲଯ୍ଯର୍ ସାହେବ କିଛି କହିବା ପୂର୍ବରୁ ବନିତା ଡେଇଁ ଡେଇଁ ଦଶ, ବାରଟି ପାହାଚ ଚଢ଼ି ଯାଇଥିଲେ । ମୁଁ ଆସୁଛି, କ୍ଷମା କରିବେ । ବନିତା ହସିଦେଇ ଷ୍ଟେପ୍‌ସ ଚଢ଼ିବାକୁ ଲାଗିଲେ ।

ଇଉନିଅନ୍ କାର୍ଯ୍ୟକର୍ତ୍ତାମାନଙ୍କର ମିଟିଂ ଥିଲା । ଧୂମକେତୁ ଇଲେକସନ୍‌ରେ ହାରିଯାଇଥିଲା । ବନିତା ଭୋଟ୍‌ରେ ଠିଆ ହୋଇ ନ ଥିଲେ । କିନ୍ତୁ ଲେଖରାଜ ତାଙ୍କର ବିଶେଷ କ୍ଷମତା ବଳରେ ବିଶ୍ୱବିଦ୍ୟାଳୟ ଛାତ୍ରୀମାନଙ୍କ ମଧ୍ୟରୁ ଜଣେ ପ୍ରତିନିଧି ନେବା କଥା । ଲେଖରାଜ ବନିତାକୁ ଭେଟିବେଳେ ଧୂମକେତୁ ସହିତ ବୁଲି ଧୂମକେତୁ ପାଇଁ ପ୍ରଚାର କରୁଥିବା ଦେଖିଥିଲେହେଁ ବନିତାଙ୍କୁ ମନୋନୀତ କଲେ । ବନିତା ଇଉନିଅନ୍‌ର ଖାଲି ସଭ୍ୟ ନୁହେଁ, ଅନ୍ୟାନ୍ୟ ସଭ୍ୟମାନଙ୍କ ପସନ୍ଦରେ ଶିକ୍ଷାମନ୍ତ୍ରୀ ରୂପେ ମଧ୍ୟ ମନୋନୀତ ହୋଇଥିଲେ ।

ବିମଳା ଆସିବାର କିଛି ସମୟ ପୂର୍ବରୁ ଧୂମକେତୁ ରାମନାଥ ବାବୁଙ୍କୁ ତାର ନୂତନ ବନ୍ଧୁଙ୍କ ପରିଚୟ ଦେଉଥିଲା । ବିମଳା ଯିବା ପରେ ଧୂମକେତୁ ଆରମ୍ଭ କଲା—

ସାହେବଙ୍କ ନାମ ହେଉଛି ସର୍ଦ୍ଦାର ସୋହନସିଂହ । ସେଣ୍ଟ୍ ଜର୍ଜ କଲେଜରେ ଏମ୍. ଏ.ର ଛାତ୍ର । କିଛିଦିନ ତଳେ ହଠାତ୍ ଦୁର୍ବଳତା ଅନୁଭବ କରିବାରୁ ଡାକ୍ତରମାନେ ସ୍ୱାସ୍ଥ୍ୟ ପରୀକ୍ଷା କରି ତାଙ୍କୁ ବର୍ଷେ ପଢ଼ାପଢ଼ିରୁ ବିଶ୍ରାମ ନେଇ ବୁଲାବୁଲି କରିବାକୁ ଉପଦେଶ ଦେଇଛନ୍ତି । ଅଳ୍ପଦିନ ତଳେ ସେ ଜଣେ ବନ୍ଧୁଙ୍କ ବିଭାଘର ଉପଲକ୍ଷେ ଏଠାକୁ ଆସିଥିଲେ । ଭୋଜ ପରେ ସେ ଓଡ଼ିଶା, ବଙ୍ଗଳା, ଆସାମ ବୁଲିବାକୁ ଯାଇ ଦୁଇଦିନ ହେଲା ଫେରିଛନ୍ତି । ବନାରସ୍‌ରେ କିଛିଦିନ ରହିବାର ଇଚ୍ଛା ଅଛି । ଦୁଇମାସ ତଳେ ସେ ଭୋଜରେ ଆସିଥିବା ବେଳେ ସାରନାଥଠାରେ ତାଙ୍କ ସହିତ ମୋର ପରିଚୟ ହୋଇଥିଲା । ପରିଚୟ କ୍ରମେ ଆନ୍ତରିକତାରେ ପରିଣତ ହେଲା । ବର୍ତ୍ତମାନ ସେ ମୋର ଜଣେ ଘନିଷ୍ଠ ବନ୍ଧୁ । ମୋର ସବୁ ବନ୍ଧୁମାନଙ୍କ ସହ ତାଙ୍କୁ ପରିଚିତ କରାଇଦେବାକୁ ସେ ଅନୁରୋଧ କରିଥିଲେ । ସର୍ଦ୍ଦାରଜୀଙ୍କ ପିତା ଦିଲ୍ଲୀର ବିଖ୍ୟାତ ଠିକାଦାର ହୁକୁମତ୍ ସିଂ । ଏଠି ଚୌକରେ ସେ ଅଶୋକ ହୋଟେଲରେ ରହୁଛନ୍ତି ।

ମୁଁ ଭାରି ଖୁସିହେଲି ଆପଣଙ୍କୁ ଦେଖି । ବିମଳା ମଧ୍ୟ ଆପଣଙ୍କ ସହିତ ପରିଚିତ ହୋଇ ଭାରି ଖୁସି ହେବ ।

ଆଚ୍ଛା !

ମିସ୍ ବିମଳା ମୋତେ ଚହ୍ନିଛନ୍ତି ?

ତା'ପରେ ଲ୍ୟେର୍ ସାହେବ ପଦେ ଅଧେ କଥା ପଚାରିବା ପରେ ଗଳ୍ପାଳାପ ଧୀରେ ଧୀରେ ଜମି ଉଠିଲା । ସୋହନ ସିଂ

ଝଲ୍ଲୀର ସୋଫାଇଟି ସହିତ ଭଲଭାବେ ପରିଚିତ ଥିବାରୁ ବୈଠକକୁ ଚିତ୍ତାକର୍ଷକ କରିବାକୁ ତାଙ୍କୁ ବହୁତ ସମୟ ଲାଗିଲା ନାହିଁ । କିଛି ସମୟ ପରେ ବନୀତା ଲୁଗା ବଦଳାଇ ମୁହଁରେ ପାଉଡର ଲଗାଇ ଡ୍ରଇଂରୁମ୍‌କୁ ଆସିଲେ ।

ଦୁଇମାସ ତଳେ ହିନ୍ଦୁ କଲେଜ ବାରଣ୍ଡାରେ ମୁଁ ଆପଣଙ୍କୁ ମୋର ପରିଚୟ ଦେଇଥିଲି । ସୋହନ ବନୀତାକୁ ନମସ୍କାର କରୁ କରୁ କହିଲା—

ଓଃ ଆପଣ ! ସୋହନ ସିଂହଙ୍କ ସହିତ ପୁଣିଦେଖା ହେବାରୁ ବନୀତା ଆନନ୍ଦ ପ୍ରକାଶ କଲେ । ବନୀତାଙ୍କ ଆନନ୍ଦ ଦେଖି ସୋହନ ସିଂ ଦ୍ୱିଗୁଣିତ ଉତ୍ସାହରେ ତାର ବନ୍ଦ ହୋଇଯାଇଥିବା ବର୍ଣ୍ଣନା ଜାରୀ ରଖିଲେ । ଭାରତ ବିଭାଜନ ପରେ ପାକସ୍ଥାନରେ ହିନ୍ଦୁମାନଙ୍କର ଦୁଃଖର କାହାଣୀ ସେ କହୁଥିଲା— ମୁଁ ଫୁଟବଲ୍ ଖେଳବାକୁ ଯାଇଥିଲି । ହଠାତ୍ ଫୁଟ୍‌ବଲ ପଡ଼ିଆ ଚାରିକଡ଼େ ଘେରି ଠିଆ ହୋଇଥିବା ଦର୍ଶକମାନଙ୍କ ବନ୍ଧ ଭାଙ୍ଗିଗଲା ଓ ଦଳେ ଲୋକ ଖୁବ୍ ଜୋରରେ ପଡ଼ିଆ ଭିତରକୁ ପଶି ଆସିଲେ । ଆମେ ପ୍ରଥମେ ତ ଭାବିଲୁ ଖେଳ ଦେଖିବା ଉତ୍ସାହରେ ଦର୍ଶକମଣ୍ଡଳୀ ପଡ଼ିଆ ଭିତରକୁ ପଶି ଆସିଛନ୍ତି, ରେଫେରୀ ହ୍ୱିସିଲ ମାରି ଶୃଙ୍ଖଳା ଆଣିବା ପରେ ଖେଳ ପୁଣି ଆରମ୍ଭ ହେବ । ମୁଁ ସେଣ୍ଟର ଫରଓ୍ୱାର୍ଡ଼ ଥିଲି ଓ ଆଉ ଜଣେ ଶିଖଯୁବକ ରାଇଟ୍ ଆଉଟ୍ ଥିଲା । ଦୁହେଁ ଲୋକେ କରଡ଼ନ୍ ଭାଙ୍ଗି ପଶିବାବେଳେ ଏକାଠି ଠିଆହୋଇ ମଜା ଦେଖୁଥିଲୁ । ହଠାତ୍ ସେ ଶିଖ୍ ଯୁବକଜଣକ କଣ ବୁଝିଲା କେଜାଣି ମୋତେ ଝିଙ୍କ ଝିଙ୍କ ଦଉଡ଼ିଲା । ସେତେବେଳେ ସୂର୍ଯ୍ୟାସ୍ତ ପ୍ରାୟ । ଦଳେ ଲୋକଙ୍କ ସହ ସବ୍‌ଜମଣ୍ଡି ଆଡ଼କୁ ଆମେ ଦଉଡ଼ୁଥାଉଁ । ସବ୍‌ଜିମଣ୍ଡିରୁ ନାନକଗଳି ଦେଇ ଆମେ ଦଉଡୁଥିବାବେଳେ ମୁଁ

କ୍ଳାନ୍ତଶ୍ରାନ୍ତ ହୋଇସାରିଥିଲି ଓ ପରିସ୍ଥିତିକୁ କିଛି କିଛି ବୁଝି ଭୟରେ ଥରୁଥିଲି । ସହରରେ ସାମ୍ପ୍ରଦାୟିକ ଗଣ୍ଡଗୋଳ ଲାଗିଯାଇଥିଲା । କିଛିଦିନ ପୂର୍ବରୁ ଭାରତ ସ୍ୱାଧୀନତା ନିକଟ ହୋଇ ଯାଉଥିବାରୁ ମୁସଲମାନମାନେ ଉତ୍ତ୍ୟକ୍ତ ହୋଇ ପଡ଼ୁଥିଲେ । ଘରେ ଦିଲ୍ଲୀ ଚାଲିଯିବାର ପ୍ରସ୍ତାବ ମା ମଧ୍ୟ ଆଣି ସାରିଥିଲେ । ସେ କୌଣସି ଅଜଣା ଆଶଙ୍କାରେ ଥରି ଉଠୁଥିଲେ ଓ ମୋର ତିନି ଭଉଣୀଙ୍କୁ ସନ୍ଧ୍ୟା ହେବାର କିଛି ସମୟ ପୂର୍ବରୁ ଆଉ ବଜାରକୁ କିମ୍ବା କୌଣସି ସାଙ୍ଗସାଥିଙ୍କ ଘରକୁ ଛାଡ଼ୁ ନ ଥିଲେ । ମୋ ଶିଖ୍ ବନ୍ଧୁ ଓ ମୁଁ ନାନକରୋଡ୍‌ରେ ବହୁ ଶବ ପଡ଼ିଥିବାର ଦେଖି ଗଣ୍ଡଗୋଳର ଭୟାବହତାର କିଛି ଅନୁମାନ କରି ଚଞ୍ଚଳ ଚଞ୍ଚଳ ଘରଆଡ଼େ ଚାଲିଲୁ । ଆମ ମହଲ୍ଲାର ପଛଆଡ଼େ ବନ୍ଧୁ ରହୁଥିବା ମହଲ୍ଲା । ଗଳିମୁଣ୍ଡଠାରେ ସେ ଓ ମୁଁ ପରସ୍ପରଠୁ ବିଦାୟ ନେଇ ଚାଲିଗଲୁ ! ମୁଁ ଦଶ ପନ୍ଦର ଖୋଜ ଯାଇଛି ଅନ୍ୟପଟ ରାସ୍ତାରୁ 'ସୋହନ ମରିଗଲି' ବୋଲି ମୋ ବନ୍ଧୁଙ୍କର କରୁଣ ଚିତ୍କାର ଶୁଣିଲି । ତା'ପରେ ତା'ର ଚିତ୍କାର ବା ପାଟି ଆଉ ଶୁଣିବାକୁ ପାଇଲିନି । ଗଳିରେ ଶବ, ଅର୍ଦ୍ଧମୃତମାନଙ୍କୁ ଟପକାଟପକି କରି ଯେତେବେଳେ ମୁଁ ଘରେ ପହଞ୍ଚେ···ସୋହନ ପକେଟରୁ ରୁମାଲ ବାହାର କରି ଆଖି ପୋଛିଲା ।

ଡମାଡା ପଚାରିଲେ—ତା'ପରେ ।

ମୋର ଛୋଟିଯାକ ଭଉଣୀ ପ୍ରାୟ ବିବସ୍ତ୍ର ଥିଲେ ଓ ତିନିଙ୍କ ବକ୍ଷରେ ପେଶାବାରର ଦାଢ଼ୁଆ ଛୁରୀ ଫଳକ ଗଭୀର ଗାତ କରି-ଦେଇଥାଏ । ମୁଁ ପାଗଳ ପ୍ରାୟ ହୋଇ ତିନିଙ୍କୁ ହଲାହଲି କଲି; କିନ୍ତୁ ତିନିହେଁ ଭାରତମାତାର ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇ

ଯାଇଥିଲେ । ସୋହନ ସଜଳ ଆଖିରେ ବନିତାଙ୍କ ଆଡ଼କୁ ଚାହିଁଲା । ସୋହନ କଥା ଦୁଃଖର ବାତାବରଣ ସୃଷ୍ଟି କରିଦେଇଥାଏ । ସେହି ସମୟରେ ସମସ୍ତେ ସୋହନ ଦୁଃଖରେ ଦୁଃଖ ଅନୁଭବ କରୁଥାନ୍ତି । ପୂଜାଙ୍କ ଟ୍ରେରେ ଚା'ର ସାମାନ ଧରି ପହଞ୍ଚିଲା । ବନିତା ସମସ୍ତଙ୍କ ପାଇଁ ଚା' ତିଆରି କରିବାରେ ଲାଗିଗଲେ, ଇତ୍ୟବସରରେ ଧୂମକେତୁ ସିଗାରେଟ୍‌ରେ ନିଆଁ ଲଗାଇ ଶୋଷୁଥାଏ । ଚା' କପ୍ ସୋହନଙ୍କ ଆଡ଼କୁ ବଢ଼ାଇ ବନିତା ପଚାରିଲେ—ତା'ପରେ ?

ତା'ପରେ ସ୍ପେଶାଲ୍ ଟ୍ରେନରେ ଦିଲ୍ଲୀରେ ପହଞ୍ଚିଲି । ସେଇ ଟ୍ରେନରେ ପିତାଜୀ ଓ ମାତାଜୀ ମଧ୍ୟ ଅନ୍ୟ କମ୍ପାର୍ଟମେଣ୍ଟରେ ଆସିଥାନ୍ତି ।

ଆପଣଙ୍କ ଜୀବନ କଥା ପ୍ରକୃତରେ ଭାରି ଦୁଃଖଦ ।

କିଛି ସମୟ ଅବାନ୍ତର କଥା ଚାଲିବା ପରେ ସୋହନ ହାତଘଡ଼ିକୁ ଚାହିଁ 'ବହୁତ ବେଳ ହେଲାଣି, ଆଉ କେବେ ଦେଖା ହେବ' କହି ଧୂମକେତୁକୁ ଯିବାକୁ ଡାକିଲା । ଦୁହେଁ ବନିତା ଓ ଆଡ଼ଭୋକେଟ ସାହେବଙ୍କୁ ଅଭିବାଦନ କରିବା ପରେ ଚାଲିଗଲେ ।

ସେମାନେ ଚାଲିଯିବା ପରେ ଡ୍ରଇଙ୍ଗ୍ ରୁମକୁ ବନିତାଙ୍କ ମମି ଅଳକା ଦେବୀ ଆସିଲେ । କିଛିଦିନ ହେଲା ସେ ବାପଘରୁ ଫେରିଥାଆନ୍ତି । ପୁଣି ତିନିଙ୍କ ପାଇଁ ଚା' ଅର୍ଡ଼ର ଦିଆଗଲା । ଅଳକା ଦେବୀ କଥା ପଡ଼ୁ ପଡ଼ୁ ବନିତାଙ୍କୁ ପଚାରିଲେ—ତୋର ସେ ଯୁବକ ବନ୍ଧୁଙ୍କ ହାଲ୍ କଣ ? ସେହିଦିନର କଜିଆ ଚାଲିଛି ନା ମିଳାମିଶା ହେଲଣି ?

କିଏ ମମି ? କେଉଁ ବନ୍ଧୁ ?

ସନ୍ଧ୍ୟାବେଳେ ଯାହାଙ୍କୁ ଡାକି ଆଣିଥିଲୁ ରାତିରେ ଉତ୍ତର୍ ଦେବା ପାଇଁ, କଣ କଥାହେଲ ସେ ଉଠି ଚାଲିଗଲେ……ସତରେ କିନ୍ତୁ ଭଲପିଲାଟି ପରି ଜଣା ପଡୁଥିଲା, ଶାନ୍ତଶିଷ୍ଟ……

ଓଃ, ସୁଶାନ୍ତବାବୁ ! ହଁ ମମି ମିଳାମିଶା ହୋଇଗଲୁଣି । ବାସ୍ତବରେ ଭୁଲ ତ ମୋର ଥିଲା । ସେଦିନ ସେ ଯାହା କହିଥିଲେ ଯୁକ୍ତିଯୁକ୍ତ କଥା କହିଥିଲେ ।

ସେ କଣ କହୁଥିଲେ ?

ତାଙ୍କ ମତ ଥିଲା ଯେ କୌଣସି ପାର୍ଟିରେ ମିଶିବା ପୂର୍ବରୁ ଅନେକ କଥା ବିଚାରଣୀୟ । ପାର୍ଟିର ସଭ୍ୟମାନଙ୍କ କାର୍ଯ୍ୟକଳାପ ନିନ୍ଦନୀୟ ଥିଲେ ପାର୍ଟିର ମହତ୍ଵ ଉଦ୍ଦେଶ୍ୟ ସତ୍ତ୍ଵେ ସେଥିରେ ମିଶିବା ଅନୁଚିତ ।

ଏଇ କଥାରେ ତୁ ଏତେ ଭାବପ୍ରବଣ ହୋଇ ତାଙ୍କୁ ତଡ଼ିଦେଲୁ ।

ସେ ମୋର ଆଚାରକୁ, କାର୍ଯ୍ୟକଳାପକୁ ସମାଲୋଚନା କଲେ ।

ଓଃ !

କିନ୍ତୁ ମମି, ମୋର ଆଚାର ବିଚାରରେ ଭୁଲ ଅଛି ବୋଲି ମୁଁ ମଧ୍ୟ ବିଚାରୁଛି ।

ଆଚ୍ଛା !

ପାଶ୍ଚାତ୍ୟ ସ୍ତ୍ରୀମାନଙ୍କ ବିଚାର ବ୍ୟବହାରକୁ ଆମେ ଅନ୍ଧ ଭାବରେ ଅନୁକରଣ କରିବା ଛଡ଼ା ଆଉ କଣ କରୁଥାଇଁ । ଆଚାର ବ୍ୟବହାର ଉପରେ ସାମାଜିକ ଶାନ୍ତି ଓ ଶୃଙ୍ଖଳା ପ୍ରତିଷ୍ଠିତ । ସମାଜର ଶାନ୍ତି ଓ ଶୃଙ୍ଖଳା ହିଁ ତତ୍କାଳୀନ ସାମାଜିକ ଆଚାର ବ୍ୟବହାରର ଯୋଗ୍ୟତା ନିରୂପଣ କରେ । ଇଂଲଣ୍ଡ, ଆମେରିକାର ଲୋକମାନଙ୍କ ଆଚାର

ବ୍ୟବହାର ଯଦି ସତ୍ୟ ଦୃଷ୍ଟିରୁ ଯଥାର୍ଥ ହୋଇଥାଆନ୍ତା ତା'ହେଲେ ସେଠା ସମାଜରେ ସବୁଲୋକେ ବା ବେଶି ଲୋକେ ସୁଖରେ ରହିଥାଆନ୍ତେ । ସାମାଜିକ ଅପରାଧ କମ ହୋଇଯାଉଥାନ୍ତା ଓ ସେଠାର ଲୋକେ ସେମାନଙ୍କ ବ୍ୟବହାରରେ ସନ୍ତୁଷ୍ଟ ଥାନ୍ତେ ।

କିନ୍ତୁ ବନୀତା, ତୁ ଏସବୁ ଶିଖିଲୁ କେଉଁଠୁ ।

ଏଥିରେ ଶିଖିବା କଥା କଣ ଅଛି ମମି, ବୁଦ୍ଧି ପ୍ରୟୋଗ କଲେ ସବୁ ଜଣାପଡ଼ିବ । ତେବେ ସୁଶାନ୍ତବାବୁଙ୍କ ପ୍ରବନ୍ଧ ମୋତେ ବିସ୍ତର କରିବା ପାଇଁ ଉତ୍ସାହ ଦିଏ ।

ବନୀତା, ତୋ ଠାରେ ବଡ଼ ପରିବର୍ତ୍ତନ ତ ମୁଁ ଦେଖୁଛି ।

ମମି, ଆଜି ମୁଁ ବହୁତ ଖୁସି ଅଛି ।

ଲୟେର ସାହେବ ଓ ଅଳକା ଦେବୀ ଝିଅର ପ୍ରଗଲ୍‌ଭତା, ଖୁସି ଓ ପରିବର୍ତ୍ତନ ଦେଖି ବିସ୍ମିତ ହେଉଥାନ୍ତି ।

ସେଦିନ ରାତିରେ ବନୀତା କିଛି ପଢ଼ାପଢ଼ି କରିପାରିଲେନି । କାରଣ୍ଡାରେ କିଛିଦିନ ତଳେ ପ୍ରବନ୍ଧ ପ୍ରତିଯୋଗୀତାରେ ସୁଶାନ୍ତର ପ୍ରଥମ ହୋଇଥିବା ପ୍ରବନ୍ଧକୁ ସେ ପୁଣି ପଢ଼ିବସିଲେ । ପଢ଼ୁ ପଢ଼ୁ ସେ ଶୋଇପଡ଼ିଲେ । ନିଦରେ ସେ ସ୍ୱପ୍ନ ଦେଖିଲେ —

ପାହାଡ଼, ବହୁତ ଉଚ୍ଚ, ଗଛ ବୁଦାଲତାଭରା ପାହାଡ଼—ସେ, ଜ୍ୟୋସ୍ନା ଓ ସୁଶାନ୍ତ ତିନିହେଁ ପାହାଡ଼ ଉପତ୍ୟକାରେ ବୁଲୁଛନ୍ତି । ହଠାତ୍ ଜ୍ୟୋସ୍ନା ସୁଶାନ୍ତକୁ କାଠକଟାଳୀମାନେ କାଠ କାଟିବା ପାଇଁ ପାହାଡ଼ ଉପରକୁ ଯାଇ ଯାଇ ଯେଉଁ ରାସ୍ତା କରିଛନ୍ତି ସେ ରାସ୍ତାରେ ଚଢ଼ି ପାହାଡ଼ ଶିଖରକୁ ଯିବାକୁ ଆଗ୍ରହ କଲେ । ବନୀତା ଓ ସୁଶାନ୍ତ ଜ୍ୟୋସ୍ନା ପ୍ରସ୍ତାବକୁ ଆଗ୍ରହ ସହକାରେ ସ୍ୱୀକାର କରିନେଲେ । ଆଗରେ ସୁଶାନ୍ତ, ପଛରେ ବନୀତା ଓ ସବାପଛରେ ଜ୍ୟୋସ୍ନା

ଚଢ଼ିବାକୁ ଲାଗିଲେ । ପ୍ରଥମେ ପ୍ରଥମେ ଛୋଟ କାଙ୍କର ପଥର ଥିଲା ଓ ସେଥିରେ ଗୋଡ଼ଦେବା ବିପଦସଙ୍କୁଳ ଥିବାରୁ ଚଢ଼ିବାରେ ଅତ୍ୟନ୍ତ ସାବଧାନ ହେବାକୁ ପଡ଼ୁଥିଲା । କ୍ରମେ ବଡ଼ ବଡ଼ ପଥର ମିଳିଲା ଓ ସେମାନଙ୍କ ଉପରେ ଗୋଡ଼ଦେଇ ଚଢ଼ିବା ସହଜ ହେଲା । ତିନହେଁ ଦ୍ରୁତଗତିରେ ଚଢ଼ିବାକୁ ଲାଗିଲେ । ରାସ୍ତା ବେଳେ ବେଳେ ସଂକୀର୍ଣ୍ଣ ହୋଇଯାଉଥାଏ, ବେଳେ ବେଳେ ଚଉଡ଼ା । କେଉଁଠି କେଉଁଠି ଗୁଳ୍ମଲତା ରାସ୍ତା ଉପରେ ଡାଳ ଲମ୍ବାଇ ରାସ୍ତାକୁ କଣ୍ଟକାକୀର୍ଣ୍ଣ କରି ପକାଇଥାଆନ୍ତି । ପ୍ରାୟ କୋଡ଼ିଏ ହାତ ଚଢ଼ିବା ପରେ ବିମାତା ଧଇଁସଇଁ ହୋଇଗଲେ । ତାଙ୍କର ଛାତି ତାଙ୍କୁ ଶୁଣା ଯିବାଭଳି ଶବ୍ଦ କଲା, ଝାଳରେ ତାଙ୍କର ଦେହ ଓଦା ହୋଇଗଲା । ସେ ଜ୍ୟୋସ୍ନାକୁ ରହିବା ପାଇଁ ଅନୁରୋଧ କରି ଗୋଟିଏ ବଡ଼ ପଥର ଉପରେ କିଛି ସମୟ ବସିଲେ । ତାଙ୍କଠୁ ପ୍ରାୟ ଦଶ ହାତ ଉପରେ ଜ୍ୟୋସ୍ନା ଓ ସୁଶାନ୍ତ ଗୋଟିଏ ପଥରରେ ବସି ତାଙ୍କ ଆଡ଼କୁ ଚାହିଁ ହସୁଥାଆନ୍ତି । ସୁଶାନ୍ତ ତା' ରୁମାଲ କାଢ଼ି ଜ୍ୟୋସ୍ନାକୁ ବିଞ୍ଚି ଦେଉଥାଏ । ବିମାତା ଭାବିଲେ, ମୁଁ ମଧ୍ୟ ପାଖରେ ଥିଲେ ସୁଶାନ୍ତ ମୋତେ ବିଞ୍ଚି ଦେଉଥାଆନ୍ତେ । କିଛିସମୟ ପରେ ବିମାତା ହାଲିଆମାରି ପୁଣି ଚଢ଼ିବାକୁ ଆରମ୍ଭ କରିବାରୁ ସେମାନେ ମଧ୍ୟ ଉଠି ଚଢ଼ିବାକୁ ଲାଗିଲେ । ଏଥରକ ବିମାତା ଅଳ୍ପଦୂର ଯାଇଛନ୍ତି ପୁଣି ସେହିପରି କ୍ଳାନ୍ତ ଅନୁଭବ କଲେ । ତାଙ୍କ ଛାତି ଜୋରରେ ଧକ୍ ଧକ୍ ହେଲା । ନିଜର ଦୁର୍ବଳତା ଉପରେ ତାଙ୍କର ଅସୀମ ବିରକ୍ତି ଆସିଲା, ସେ ବୁଝି ପାରିଲେନି ଯେ କାହିଁକି ତାଙ୍କର ସାମାନ୍ୟ ପର୍ବତଟା ଚଢ଼ିବାକୁ ବଳ ନାହିଁ । ବାହାରକୁ ତ ସେ ଜ୍ୟୋସ୍ନାଠୁ ଦେଖିବାକୁ କୌଣସି ଅଂଶରେ ଦୁର୍ବଳ ଦିଶନ୍ତିନି, ସ୍ୱାସ୍ଥ୍ୟରେ ଜ୍ୟୋସ୍ନା ତାଙ୍କଠୁ କେବେହେଲେ ଭଲ ହେବନି । ସୁଶାନ୍ତ ଓ ଜ୍ୟୋସ୍ନା ଲତା ଗୁଳ୍ମ

ଯୋଗୁଁ ଆଉ ଦେଖା ଯାଉ ନ ଥାନ୍ତି, ଦୁହିଁଙ୍କର କଥା ପବନରେ ତାଙ୍କ କାନ ପାଖକୁ ଅଳ୍ପ ଅଳ୍ପ ଭସି ଆସୁଥାଏ । ସେ ଦାନ୍ତଚିପି ଜୋରରେ ଚଢ଼ିବାକୁ ଲାଗିଲେ, ମନରେ ସଂକଳ୍ପ ଆସିଲା—ନା, ଆଜି ପାହାଡ଼ ମୁଣ୍ଡକୁ ନ ଯାଇ ଫେରିବିନି । ଗୋଡ଼ ଆଉ କାର୍ଯ୍ୟ କରିବାକୁ ରାଜି ନୁହେଁ । ଶରୀର ହଠାତ୍ ହାଲୁକା ଲାଗିଲା ଓ ମୁଣ୍ଡ ଜୋରରେ ବୁଲାଇ ହେଲା । ସେଇ ଜାଗାରେ ଶୋଇପଡ଼ିବାକୁ ତାଙ୍କ ମନ କହିଲା । ସେ ପଥର ଉପରେ ବସିପଡ଼ିଲେ—ବାହ୍ୟବୁଦ୍ଧି ତାଙ୍କର ଲୋପ ହୋଇଆସୁଛି ବୋଲି ସେ ଅନୁଭବ କରୁଥାନ୍ତି—ହଠାତ୍ ସାରା ଜଙ୍ଗଲ ବନ୍ୟପଶୁ ଚିତ୍କାରରେ କମ୍ପିଉଠିଲା, ସମିତା 'ସୁଶାନ୍ତ' ବୋଲି ଚିତ୍କାର କରି ଖଟ ଉପରୁ ଉଠି ବସିଲେ । ପାଖରେ ଫୋନ୍ ରିଙ୍ଗ୍ କରୁଥିଲା । ସମିତାଙ୍କ ଛାତି ଜୋରରେ ସ୍ପନ୍ଦିତ ହେଉଥାଏ । ସେ ଫୋନ୍ ଧରିଲେ । ହ୍ୟାଲୋ···ହଁ, ମୁଁ ସମିତା କହୁଛି, କିଏ ଜ୍ୟୋତ୍ସ୍ନା—

ହଁ, ମୁଁ ଜ୍ୟୋତ୍ସ୍ନା—ସୁଶାନ୍ତବାବୁ କଣ ଆଜିକାଲି ଭାରି ଜୋରରେ ତୋ ଉପରେ ଟୀକାଟିପ୍ପଣୀ କରୁଛନ୍ତି ।

ଟୀକାଟିପ୍ପଣୀ ? କା ଆଗରେ କରୁଥିଲେ ?

ମୋ ଦେହ ଖରାପ ଶୁଣି ମୋ ପାଖକୁ ଆସିଥିଲେ । ସେନେ ଦୁଇଦିନ ଛୁଟିରେ ପ୍ରାୟ ଘରକୁ ତ ଆସନ୍ତି । ଦୁଇଘଣ୍ଟା କାଳ ପାଖରେ ବସି ଗପିଲେ । ବହୁତ ବିଷୟରେ କଥାହେଲୁ, ଉଚିତ ଆଚାର କଣ, ଜଣେ ହିନ୍ଦୁସ୍ତ୍ରୀର କର୍ତ୍ତବ୍ୟ କଣ, ବହୁତ କଥା । ସତରେ ସମିତା, ତୁ ସୁଶାନ୍ତବାବୁଙ୍କ ଉପରେ ସିନା ଅକାରଣେ ବିରକ୍ତ ହେଉ, ତାଙ୍କ ଭଳି ଜଣେ ଯୁବକ ଦେଖିବା ବିରଳ । କେଡ଼େ ଓଜସ୍ୱୀ, କେଡ଼େ ନିର୍ଭିକ ବକ୍ତା । ତୁମେ ତାଙ୍କର ଯେତେ ପ୍ରିୟ ହୁଅନା କାହିଁକି ସେ ଭୁଲ ଦେଖିଲେ ତୁମ ମୁହଁ ଉପରେ

କହିଦେବେ । ଆଜ ଅନେକ କଥା ମୋତେ ମୁହଁ ଉପରେ କହିଗଲେ ।

ମୋ ବିଷୟରେ କଣ ଟୀକାଟିପ୍ପଣୀ କରୁଥିଲେ—

ତୁ ତୋର ସାଙ୍ଗସାଥିମାନଙ୍କ ସହ ଏତେ ବୁଲିବା ଉଚିତ ନୁହେଁ, ତୋର କାର୍ଯ୍ୟକଳାପ ଠିକ୍ ହେଉନି । ତୁ ପଢ଼ାପଢ଼ିରେ ମନ ଦେବା ଉଚିତ । ଗୁଡ଼୍ ସେ କଥା । ଆଜ୍ କଣ କରୁଥିଲୁ, ମୋତେ ସକାଳୁ ଅଳ୍ପ ଜ୍ୱର ହୋଇଛି । କେତେଦିନ ଶେଯରେ ପଡ଼ିବି ଭଗବାନ ଜାଣନ୍ତି । ପଢ଼ାପଢ଼ି ଗଲା । ତୁ ତ ନଷ୍ଟେ ପଢ଼ାପଢ଼ି ଆରମ୍ଭ କରି ସାରିବୁଣି ।

ହଉ ଜ୍ୟୋତ୍ସ୍ନା, ପରେ କଥାହବା, ମୋତେ ନିଦ ଲାଗୁଛି, ଗୁଡ଼୍ ନାଇଟ୍ !

ବନୀତା ରିସିଭର ଥୋଇଦବା ଶବ୍ଦ ଜ୍ୟୋତ୍ସ୍ନା ଶୁଣି ପାରିଲେ । ରିସିଭର ରଖିଦେଇ ବନୀତା ଚିନ୍ତାକଲେ । ଅସଲଗ୍ନ ହୋଇ ନାନା ବିଚିତ୍ର ବିଷୟ ତାଙ୍କ ମନକୁ ଆସିଲା ଯାହା ଅନ୍ୟ ଅବସ୍ଥାରେ ସେ କଳ୍ପନା ସୁଦ୍ଧା କରି ପାରିନଥାନ୍ତେ । ପ୍ରଥମେ ସେ କିଛିସମୟ ପୂର୍ବରୁ ଦେଖିଥିବା ସ୍ୱପ୍ନକୁ ବିଶ୍ଳେଷଣ କଲେ । ବନ୍ୟ-ପଶୁର ବିକଟ ଚିତ୍କାର ବର୍ତ୍ତମାନ ସୁଦ୍ଧା ପରିଷ୍କାର ମନେ ପଡ଼ୁଯାଉ-ଥାଏ । ବିଶ୍ଳେଷଣ କରୁ କରୁ ସେ ସୁଶାନ୍ତ କଥା ଭାବିଲେ । ସତରେ ସୁଶାନ୍ତବାବୁ ତାଙ୍କୁ ଭଲ ପାନ୍ତି ନା ସବୁ ଝିଅମାନଙ୍କ ପ୍ରତି ସେ ଯେପରି ସଭ୍ୟ ଓ ସଂସ୍କୃତ ତା’ ପାଖରେ ମଧ୍ୟ ସେହିପରି । ନା’ କିଛି ବିଶେଷତା ଅଛି ? ଏପରି ହୋଇପାରେ ଯେ ସେ କେବଳ ସୁଶାନ୍ତଙ୍କୁ ଭଲପାଉଛି, ସୁଶାନ୍ତ ପଟୁ ସେପରି କିଛି ନାହିଁ, ସୁଶାନ୍ତ ତାଙ୍କୁ ଭଲ ପାଇବା ତା’ର ମନଗଢ଼ା କଥା ।

ଚିନ୍ତା ଓ ସନ୍ଦେହରେ ବନୀତାଙ୍କ ମୁଣ୍ଡ ଭାରି ହୋଇଉଠିଲା ।

ସୁଶାନ୍ତ ସକାଳୁ ଅଧ୍ୟୟନରେ ବସିବାମାତ୍ରକେ ଗତକାଲିର ଭାବପ୍ରବଣତା ପ୍ରତି ତା'ର ଧ୍ୟାନଗଲା । ଗତକାଲିର ଘଟଣାକୁ ସେ ମନେ ପକାଇ ଏତେ ଦିନର ସଂଯତଜୀବନରେ ଯେ ଏତେ ଭାବୁକତା ଆସିପାରେ ସେଥିରେ ତା'ର ବିସ୍ମୟ ଆସିଲା । ବନିତା ପ୍ରତି ରକ୍ସା ନିକଟରେ ତା'ର ଭାବୁକତା ଓ ଭାବପ୍ରବଣତା ତାକୁ ହାସ୍ୟାସ୍ପଦ ମନେହେଲା, ବନିତାଙ୍କ ଭବିଷ୍ୟତ ପାଇଁ ସେ ଯେପରି ପ୍ରୟୋଜନଠୁ ବେଶି ବ୍ୟାକୁଳ ଥିଲା । ବନିତା ଯଦି ନିଜେ ଆସି ସୁଶାନ୍ତର ପରାମର୍ଶ ମାଗିଥାନ୍ତେ ତା'ହେଲେ ତାଙ୍କୁ ତାଙ୍କର ବନ୍ଧୁମାନଙ୍କ ବିଷୟରେ ସାବଧାନ ରହିବାକୁ କହିଥିଲେ ଉଚିତ ହୋଇଥାଆନ୍ତା । କେବଳ ଜଣେ ସହାଧ୍ୟାୟୀନୀ ହିସାବରେ ସୁଶାନ୍ତ ସହ ତାଙ୍କର ପରିଚୟ ଥିଲା । ବିଷୟର ବିନିମୟରେ ତ ବନିତା ଭିନ୍ନ ବିଷୟର ବୋଲି ଜଣା ପଡ଼ିଥିଲେ । ଜ୍ୟୋସ୍ନାକୁ ବନିତାଙ୍କ ବନ୍ଧୁମାନଙ୍କ କଥା କହିବା ବା ରକ୍ସା ନିକଟରେ ଅତିରିକ୍ତ ଭାବପ୍ରବଣ ହେବା, ସୁଶାନ୍ତକୁ ଅଶୋଭନୀୟ ବୋଲି ପରିଷ୍କାର ଜଣାପଡ଼ିବାକୁ ଲାଗିଲା । ପିଲାଦିନେ ତା'ର ପିତା ଅନେକ ସମୟରେ ତାକୁ କହିଥିବା କଥା ମନେ ପଡ଼ିଲା—ସୁଶାନ୍ତ, ମଣିଷ ଜଣେ ବୁଦ୍ଧିଶୀଳ ପ୍ରାଣୀ । ବୁଦ୍ଧି ପ୍ରୟୋଗରେ ହିଁ ମାନବକୁ ସୁଖ ମିଳିବ । ବ୍ୟର୍ଥ ଭାବୁକତା ଓ ହୃଦୟର କଥାରେ ପଡ଼ିଗଲେ ଦୁଃଖ ହିଁ ସାର ହେବ । ଯେକୌଣସି କଥା କରିବା ପୂର୍ବରୁ ତୁ ବୁଦ୍ଧି ପ୍ରୟୋଗ କରୁଥିବୁ ।

ଚବିଶି ବର୍ଷ ମଧ୍ୟରେ ସୁଶାନ୍ତ ନିଜେ ତାର ଚରିତ୍ର ସହିତ ଭଲରୂପେ ପରିଚିତ ହୋଇଯାଇଥିଲା । ମନ ମଧ୍ୟରେ ଏତେ ସଂଯମ ଓ ଶୃଙ୍ଖଳା ପରେ ମଧ୍ୟ ବିଭତ୍ସ କଳ୍ପନା, କୁତ୍ସିତ ଭାବନା ଓ ଅନ୍ଧକାରକୁ ସେ ବାରମ୍ବାର ଦେଖିଥିଲା । କିନ୍ତୁ ଅସତ୍ୟରୁ ସତ୍ୟକୁ ଯିବାକୁ, ଅନ୍ଧକାରରୁ ଆଲୋକକୁ ଯିବାକୁ ଚେଷ୍ଟା କରିବା ଯୋଗୁଁ ମଣିଷ ତ ମଣିଷ ।

ସ୍ମିତାଙ୍କୁ ସେ ଭଲ ପାଉଥିବା କଥା ସେ ଧୀରେ ଧୀରେ ବୁଝିଥିଲା; କିନ୍ତୁ ସ୍ମିତା ବିଚାରରେ, ଆଦର୍ଶରେ, ପରମ୍ପରାରେ ତା'ଠୁ ଭିନ୍ନ ଥିଲେ । ସ୍ମିତା ଐଶ୍ୱର୍ଯ୍ୟଶାଳୀ ପିତାର ଅଲିଅଳ ସନ୍ତାନ, ତାର ପତ୍ନୀ ହେଲେ ଦୁହିଁଙ୍କ ଜୀବନ ଦୁଃଖମୟ ହେବାହିଁ ସାର ହେବ । ଜ୍ୟୋତ୍ସ୍ନା ସେ ଦୃଷ୍ଟିରୁ ସ୍ମିତାଙ୍କଠୁ ଢେର୍ ଭଲ; କିନ୍ତୁ ଜ୍ୟୋତ୍ସ୍ନାଙ୍କୁ ପତ୍ନୀରୂପେ ସେ କଳ୍ପନାଇ କରି ପାରୁ ନ ଥିଲା । ଜ୍ୟୋତ୍ସ୍ନାଙ୍କୁ ସେ ସ୍ନେହ କରୁଥିଲା, ଜ୍ୟୋତ୍ସ୍ନାଙ୍କ ସବୁପ୍ରକାର ମଙ୍ଗଳ ସେ ଚାହୁଁଥିଲା । ଜ୍ୟୋତ୍ସ୍ନା ଯେ ଜଣେ ଅଯୋଗ୍ୟ ଲୋକକୁ ବିଭା ହେବାକୁ ଯାଉଛନ୍ତି ତା' ଭାବି ତା' ମନରେ ଗଭୀର ବ୍ୟଥା ହେଉଥିଲା । କିନ୍ତୁ କଣ କରାଯାଇ-ପାରେ । କଣ କରାଯାଇ ପାରେ !!

ନାଃ, ସେ ସ୍ମିତାଙ୍କୁ ଭଲ ପାଇବନି···ସ୍ମିତାଙ୍କ ଭାବନା ମନକୁ ଆସିଲେ ସେ ସାବଧାନ ହେବ । ଯେଉଁ କାର୍ଯ୍ୟରେ ଦୁଃଖହିଁ ପରିଣତି ସେ କାର୍ଯ୍ୟ କରିବା, ଅଧିକ ଅଗ୍ରସର ହେବା ଅନୁଚିତ ।

ସୁଶାନ୍ତ ଏହିପରି ଭାବୁଥିବାବେଳେ ସ୍ମିତା ରୁମ ଭିତରକୁ ପଶିଆସିଲେ । ସୁଶାନ୍ତ ତାଙ୍କର ପଦଶବ୍ଦ ଶୁଣି ପାରିଲାନି । ସୁଶାନ୍ତକୁ ଭାବନାରେ ନିମଗ୍ନଥିବା ଦେଖି ସ୍ମିତା ଭାବନାରେ ବାଧା ନ ଦେବାକୁ ଠିକ୍‌କରି ତାଙ୍କ ପଛଆଡ଼େ ଠିଆହୋଇ ରହିଲେ ।

ଟେବୁଲ ପାଖରେ ଥିବା କାନ୍ଥ ଆଲମିରାରେ ଆଖି ପଡ଼ିଲା । ସାହିତ୍ୟ, ଦର୍ଶନ, ସମାଜତତ୍ତ୍ୱ, ସଂସ୍କୃତ ସବୁପ୍ରକାର ବହି ଖୁନ୍ଦାଖୁନ୍ଦି ହୋଇ ରହିଥିଲା । ଆଲମିରା ଉପର ଥାକରେ ଜଟାଜୁଟଧାରୀ ଶିବଙ୍କ ଫଟୋ, ପାଖରେ ଗୀତା । ବନିତା ଏ ସବୁ ସାଜସରଞ୍ଜାମ ଦେଖି ଆଶ୍ଚର୍ଯ୍ୟ ହେଉଥାନ୍ତି । ଶୀତ ସମ୍ପୂର୍ଣ୍ଣ ଛାଡ଼ି ନ ଥିଲେ ମଧ୍ୟ କମି ଆସୁଥିଲା । ସୁଶାନ୍ତ ଖାଲି ଦେହରେ ବସିଥିଲା । ବନିତା ଆଉ ଧୈର୍ଯ୍ୟ ରଖି ପାରିଲେନି ।

ସୁଶାନ୍ତବାବୁ, ବହୁତ ସମୟ ହେଲା ଠିଆହେଲିଣି, ବସିବାକୁ କହିବେନି । ସୁଶାନ୍ତ ବନିତାଙ୍କୁ କଥା ଶୁଣି ଚମକି ପଡ଼ିଲା ।

ବନିତା ଦେବୀ, ଆପଣ । ବଡ଼ ଭାଗ୍ୟ ମୋର । ବସନ୍ତୁ ବସନ୍ତୁ । ସୁଶାନ୍ତ ଆର୍ମଚେୟାରକୁ ନିର୍ଦ୍ଦେଶ କଲା ।

ଆପଣ ସେଠି ବସନ୍ତୁ । ମୁଁ ମୋ ଜାଗା ବାଛିନେଉଛି ।

ବନିତା ଯାଇ ସୁଶାନ୍ତର ଖଟ ଉପରେ ବସିଲେ । ଜ୍ୟୋତ୍ସ୍ନା ପାଖକୁ ଆସିଥିଲି, କାଲି କହୁଥିଲା ଜର ହୋଇଛି ବୋଲି; କିନ୍ତୁ ଆସି ଦେଖେ ମାଙ୍କ ସଙ୍ଗେ କୁଆଡ଼େ ଯାଇଛି । କିନ୍ତୁ ଆପଣ ଠିଆହୋଇ ରହିଲେ ଯେ, ମୁଁ ବସିବି ଆପଣ ଠିଆହୋଇ ରହିବେ—ବନିତା ଭ୍ୟାନିଟି ବ୍ୟାଗ ଧରି ଠିଆ ହୋଇପଡ଼ିଲେ । ସୁଶାନ୍ତ ବନିତାଙ୍କ ସହ କଥାବାର୍ତ୍ତା ହେଉଥିବା ବେଳେ ବାହାର ଝରକା ପାଖରେ ଓ୍ୟାର୍ଡ଼ର ଚାରି ପାଞ୍ଚ ଜଣଙ୍କୁ ଧାଁରେଇ ହୋଇ ଠିଆହେବାର ଦେଖି ନେଇଥିଲା । ଗୁଣ୍ଡିରୁ ଗୁଣ୍ଡିରୁ କଥା ଯାଇ ଓ୍ୟାର୍ଡ଼ର ସବୁ ପିଲା ଗୁଣ୍ଡ ହୋଇଯିବାର ସମ୍ଭାବନା ଥିଲା । ଜ୍ୟୋତ୍ସ୍ନା ଆସିଥିବା ଦିନର କଥା ମନେପଡ଼ିଲା । ଚାଲନ୍ତୁ ତଳକୁ ଯିବା,

ଆପଣଙ୍କ ସହିତ ମୁଁ ଲଙ୍କାମାର୍କେଟ ଯାଏଁ ଯିବି, ବାଟରେ କଥା-ହୋଇ ଯିବା ।

କିନ୍ତୁ ଏଠି କଣ ହେଲା ? ନା, ମୁଁ ଏଇଠି କଥାହେବି । ଯଦି କହିବେ ଖଟରୁ ଉଠିଯାଉଛି ।

ବନୀତା ଦେବୀ, ଆପଣ ବୁଝି ପାରୁନାହାନ୍ତି । ଆପଣ ଓ୍ୟାର୍ଡରେ ମୋ ରୁମରେ ଥିବା ସମ୍ବାଦ ସାରା ହଷ୍ଟେଲରେ ବିଦ୍ୟୁତ୍-ବେଗରେ ପ୍ରଚାରିତ ହୋଇଯିବ । ସୁଶାନ୍ତ ରୁମ୍‌ରେ ବିଶ୍ୱବିଦ୍ୟାଳୟର 'ସର୍ବଶ୍ରେଷ୍ଠ ସୁନ୍ଦରୀ', ଏ ଅସମ୍ଭବ ଘଟଣାର ଯଥାର୍ଥତା ପରୀକ୍ଷା କରିବା ପାଇଁ ସମସ୍ତେ ଆସିବେ ।

ଆସନ୍ତୁ ଦେଖି ଚାଲିଯିବେ । ସେଥିରେ ବିଚଳିତ ହେବାର କଣ ଅଛି ?

କେବଳ ଦେଖିକି ଚାଲିଯିବେନି, ଅଶ୍ଳୀଳ ରିମାର୍କ ମଧ୍ୟ ପାସ୍ କରିବେ । କେତେ ମଧ୍ୟ ମୋ ସହିତ ପରିଚିତ ହେବାର ସୁଯୋଗ ନେଇ ରୁମ୍ ଭିତରକୁ ପଶିଆସି ଆପଣଙ୍କ ସହିତ କଥାବାର୍ତ୍ତା ଆରମ୍ଭ କରିବେ । ଚାଲନ୍ତୁ ଚାଲନ୍ତୁ ।

ମୋର ଦୁଇପଦ କଥା ଥିଲା । ମୁଁ ଏଇଠି ପଚାରି ଦେଉଛି । ବନୀତା କ୍ରୋଧ ଓ ଅଭିମାନରେ କହିଲେ—ମୋ ଲାଗି ଆପଣ କଷ୍ଟକରି ରାସ୍ତାକୁ ଯିବା ଦରକାର ନାହିଁ ।

ସୁଶାନ୍ତ କିଛି ନ କହି ସାର୍ଟ ପିନ୍ଧି ଚଟି ମାଡ଼ି ରୁମ୍ ବାହାରକୁ ଚାଲି ଆସିଲା । ସୁଶାନ୍ତକୁ ବାହାରକୁ ଆସିବା ଦେଖି ଏକତ୍ରିତ ହୋଇଥିବା ଭିଡ଼ ଭାଙ୍ଗିଗଲା । ସୁଶାନ୍ତ ବାହାର ବାରଣ୍ଡାରେ ବନୀତାଙ୍କୁ ଅପେକ୍ଷା କଲା । ବନୀତା ଗମ୍ଭୀର ହୋଇ ସେଇମିତି ଶେଯ ଉପରେ ବସିଥାନ୍ତି ।

ବନୀତାଦେବୀ, ମୁଁ ତଳକୁ ଯାଉଛି, ଆସନ୍ତୁ । ସୁଶାନ୍ତ ତଳକୁ ଓହ୍ଲାଇଗଲା ।

ସେ ହଷ୍ଟେଲ ଗେଟ ପାଖରେ ପହଞ୍ଚି ବୁଲି ଚାହିଁ, ପଛରେ ବନୀତା ତା' ରୁମ୍‌ର ଚାବିକୁ ହାତରେ ହଲାଇ ହଲାଇ ଆସୁଥିଲେ ।

ରୁମ୍‌କୁ ଚାବି ପକାଇ ଆସିଲେନି ଯେ ।

ଓଃ ! ଧନ୍ୟବାଦ ।

ଏଇଠି ଠିଆହୁଅନ୍ତୁ କଥା ସାରିଦବା, ଲଙ୍କାମାଏଁ ଯିବାକୁ ପଡ଼ିବନି ।

ସୁଶାନ୍ତ ଠିଆହେଲା ।

ଆପଣ ଜ୍ୟୋତ୍ସ୍ନାକୁ ମୋର ଚାଲିଚଳଣି ବିଷୟରେ କଣ କହିଥିଲେ ? କାଲି ସେ ଫୋନ୍ କରିଥିଲା ।

ଓଃ, ଜ୍ୟୋତ୍ସ୍ନା ଫୋନ୍ କରିଥିଲେ ! ତେବେ ଜ୍ୟୋତ୍ସ୍ନା ତ ସବୁ କହିଥିବେ ଆଉ କଣ ବୁଝିବାକୁ ଅଛି ?

ଜ୍ୟୋତ୍ସ୍ନାଠୁ ମୁଁ ପରିଷ୍କାର ବୁଝିପାରିଲିନି । ମୋର ବନ୍ଧୁ-ମାନଙ୍କ ସମ୍ବନ୍ଧରେ ଆପଣ କଣ କହିବାକୁ ଚାହୁଁଛନ୍ତି ମୋତେ ଆଗରେ ନ କହି ଏଣେତେଣେ କାହିଁକି କହି ବୁଲୁଛନ୍ତି ?

ଏଣେତେଣେ ଉପରେ ବୃଥା ଜୋରଦେଇ ଆପଣ ଦୁଃଖିତ ହେଉଛନ୍ତି ବନୀତା ଦେବୀ । ଆପଣଙ୍କର ଓ ମୋର ଉଭୟଙ୍କର ଜଣେ ଘନିଷ୍ଠ ବନ୍ଧୁଙ୍କୁ କୁହାଯାଇଛି, ଆପଣଙ୍କ ହିତଚିନ୍ତକ ଭାବେ ମୁଁ ଯାହା ଭାବିଲି ତାହା ଜ୍ୟୋତ୍ସ୍ନାଙ୍କୁ ଆପଣଙ୍କୁ ଜଣାଇ ଦେବାକୁ କହିଲି । ସିଧା ଆପଣଙ୍କୁ କହିବାକୁ ମୁଁ ରିକ୍‌ସା ପାଖରେ ଚେଷ୍ଟା କରିଥିଲି । କିନ୍ତୁ···।

ଆପଣଙ୍କ ଭଳି ହିତଚିନ୍ତକ ବିମଳା ବନାରସରେ ତା' ଅଧ୍ୟୟନ ଜୀବନ ଆରମ୍ଭ କରିବାଠୁ ବହୁବାର ଦେଖି ଆସିଛି ।

ଆପଣ ଏତେ ବିଚଳିତ ହେଉଛନ୍ତି କାହିଁକି, ଏତେ ଛୋଟ ଛୋଟ କଥାରେ ରାଗିଯିବା ଉଚିତ ନୁହେଁ । ଆପଣଙ୍କ ବନ୍ଧୁମାନଙ୍କ ବିଷୟରେ ମୁଁ ଆଉ କାହାକୁ କହିନି, ଜ୍ୟୋସ୍ନାଙ୍କୁ ମଧ୍ୟ ଆଉ କାହାକୁ ନ କହିବାକୁ କହିବ ।

ଆପଣ ଅନ୍ୟ କଥାରେ ମୁଣ୍ଡ ନ ଖେଳାଇ ନିଜ କଥାରେ ମନଦେଲେ ଭଲ ହୁଅନ୍ତା ।

ବିମଳା ହଠାତ୍ ବୁଲିପଡ଼ି ମାର୍କେଟ ଆଡ଼େ ଚାଲିଲେ, ସୁଶାନ୍ତ ଅବାକ୍ ହୋଇ ଚାହିଁଥାଏ ।

ସ୍ମିତା ଲଙ୍କାମାର୍କେଟରେ ହୋଇଛନ୍ତି, ହଠାତ୍ 'ମଡର୍ଣ୍ଣ ପବ୍ଲିଶର'ଙ୍କ ଦୋକାନରୁ ସୋହନ୍ ଓ ଧୂମକେତୁ ବାହାରିଲେ । ସ୍ମିତା ସେମାନଙ୍କୁ ଦେଖିପାରି ବହିଦୋକାନ ଆଡ଼କୁ ଆସିଲେ ।

ହ୍ୟାଲୋ ମିସ୍ ସ୍ମିତା, ଆମେ ଅକସ୍ମାତ୍ ତୁମକୁ ପାଇ ଖୁସି ହେଲୁ । ସୋହନ ସିଂ ଖୁବ ବଡ଼ପାଟିରେ କହିଲା—ଏଣେ କୁଆଡ଼ୁ ଆସିଲେ ? ଆଜି ତ ଆପଣଙ୍କର କଣ୍ଟି ପିରିୟଡ୍‌ସ୍ ନାହିଁ ବୋଲି ମିଷ୍ଟର ଧୂମକେତୁ କହୁଥିଲେ ।

ପିରିୟଡ୍‌ସ୍ ତ ନ ଥିଲା, ମୁଁ ଜଣେ ବନ୍ଧୁଙ୍କ ପାଖକୁ ଯାଇଥିଲି ।

ସୁଶାନ୍ତ ନିଶ୍ଚୟ ! ଧୂମକେତୁ କହିଲା ।

ସୁଶାନ୍ତକୁ ମୁ ବନ୍ଧୁଭାବେ ନଏନ୍ । ମୁଁ ଜ୍ୟୋସ୍ନା ପାଖକୁ ଯାଇଥିଲି । ସୁଶାନ୍ତ ବୋଲି ଆପଣ କାହିଁକି ଭାବିଲେ ? ସ୍ମିତାଙ୍କ ମୁହଁରେ ଘୃଣା ଓ ବିରକ୍ତିର ଚିହ୍ନ ଫୁଟିଥିଲା ।

ସୁଶାନ୍ତ କଏ ? ସୋହନ୍ କୌତୁହଳ ହୋଇ ପଚାରିଲା ।

ଜଣେ ଓଡ଼ିଆ ଯୁବକ, ଇଂରାଜି ପଞ୍ଚମ ବାର୍ଷିକରେ ପଢ଼ୁଛନ୍ତି ।

ଆଚ୍ଛା, ସେକଥା ଛାଡ଼ନ୍ତୁ, ମିସ୍ ସ୍ମିତା, ପାଖରେ ମାଡ୍ରାସ ହୋଟେଲ, ମୁଁ ଆପଣଙ୍କୁ ଓ ଧୂମକେତୁକୁ କଫି ପାଇଁ ନିମନ୍ତ୍ରଣ ଦେଉଛି ।

ଧନ୍ୟବାଦ ! ଆମେ ସହର୍ଷରେ ସ୍ୱୀକାର କଲୁ ।

ବସ୍ତ୍ର ଦୋକାନକୁ ଲାଗି ମାଡ୍ରାସ କଫିହାଉସ୍ ଥିଲା । ତିନହେଁ ହୋଟେଲ୍ ଭିତରକୁ ଗଲେ । ବାରଣ୍ଡାରେ ପଡ଼ିଥିବା ତିନୋଟି ଚେୟାର ଅଧିକୃତ କରିବା ପରେ ସୋହନ୍ ବୟ୍‌କୁ ଡାକି ତିନ ପ୍ଲେଟ୍ ସ୍ପେଶାଲ୍ ମଶାଲଦୋସା ପାଇଁ ବରାଦ୍ ଦେଲା । ବନୀତା ସୋହନଙ୍କ ଆଡ଼କୁ ଅନ୍ୟମନସ୍କ ହୋଇ ଚାହିଁ ଥିଲେ ।

ମିଷ୍ଟର ସୋହନ୍, ଆପଣ ତ ଥରେ ସାରନାଥ ଦେଖିଛନ୍ତି । ଆଉଥରେ ଦେଖିଲେ କିଣ ଖରାପ ହୁଅନ୍ତା । ମୋର ଆଉଥରେ ଦେଖିବାକୁ ଭାରି ଇଚ୍ଛା ।

ସେଥରକ ମୁଁ ଭଲ କରି ଦେଖି ନ ଥିଲି । କେହି ଗାଇଡ୍ ନ ଥିଲେ, ପୁଣି ବହୁତ କମ୍ ସମୟରେ ବହୁତବେଶି କଥା ଦେଖିବାକୁ ହୋଇଥିଲା । ଆଉଥରେ ଯିବାକୁ ମୋର ମଧ୍ୟ ଇଚ୍ଛା ଅଛି । ବୁଦ୍ଧଙ୍କର ସମସ୍ତ ସ୍ମୃତିକାର୍ତ୍ତି ମୋତେ ଦେଖିବାକୁ ଭଲ ଲାଗେ । ବେଳେ ବେଳେ ଇଚ୍ଛାହୁଏ ମୁଁ ବୌଦ୍ଧ ହୋଇ କାହିଁକି ଜନ୍ମ ହେଲିନି !

ବୌଦ୍ଧଧର୍ମରେ କିଣ ଆପଣଙ୍କୁ ଏତେ ଭଲ ଲାଗେ ?

ବୌଦ୍ଧଧର୍ମର ପ୍ରାୟ ସବୁକଥା ମୋତେ ଭଲ ଲାଗେ । ଉଦାହରଣସ୍ୱରୂପ ଜାତି କଥା ନିଅନ୍ତୁ । ବୌଦ୍ଧଧର୍ମରେ ଜାତିଭେଦ ନାହିଁ, ଯିଏ ଯାହାକୁ ଇଚ୍ଛାକଲା ତାକୁ ବାହା ହୋଇପାରିଲା, କେଡ଼େ ଭଲ କଥା, ଭଲ ପାଇବା ପାଇଁ କେଡ଼େ ପ୍ରଶସ୍ତକ୍ଷେତ୍ର ରଖାଯାଇଛି । ତା' ଛଡ଼ା ବୌଦ୍ଧଧର୍ମରେ ପେଶାଦାରି ପୁରୋହିତ ସମ୍ପ୍ରଦାୟ ନାହିଁ, ପ୍ରତିମା ପୂଜା ନାହିଁ, ତୀର୍ଥଯାତ୍ରା ନାହିଁ ।

ମୁଁ ମଧ୍ୟ ବର୍ଣ୍ଣାଶ୍ରମ ମାନେନି । ଟୁମକେଲୁ ବନୀତାଙ୍କ ଆଡ଼କୁ ଚାହିଁ ଆଗ୍ରହରେ କହିଲା ।

କିନ୍ତୁ ସେଥିପାଇଁ ବୌଦ୍ଧଧର୍ମକୁ କାହିଁକି ଟାଣି ଆଣୁଛନ୍ତି, ସେସବୁ କଥା ତ ପ୍ରୋଗ୍ରେସିଭ ଭ୍ୟୁଜ୍ ଭିତରେ ଯାଉଛି । ବରଂ ବୌଦ୍ଧଧର୍ମରେ ପାଦଚିହ୍ନକୁ, ଦାନ୍ତକୁ, ଅଶ୍ୱତ୍ଥ ଗଛକୁ ବୁଦ୍ଧଙ୍କ ପ୍ରତିମାକୁ ସବୁକୁ ଧୂପ ଦୀପ ନୈବେଦ୍ୟ ଦେଇ ପୂଜା କରାଯାଏ, ଏହା କଣ ପ୍ରତିମା ପୂଜା ନୁହେଁ ? ବୌଦ୍ଧଧର୍ମରେ ପେଶାଦାରୀ ପୁରୋହିତ ସମ୍ପ୍ରଦାୟ ନାହାନ୍ତି ତ ସାରନାଥ ମନ୍ଦିରରେ ବୁଦ୍ଧଗୟାଠି ଆପଣଙ୍କଠୁ ଦାନଦକ୍ଷିଣା କେଉଁମାନେ ନିଅନ୍ତି, କେଉଁମାନଙ୍କ ଆଶୀର୍ବାଦ ପାଇଁ ଆପଣ ମୁଣ୍ଡ ନୁଆଁଇ ଦିଅନ୍ତି ? ଲୁମ୍ବିନୀ, ବୁଦ୍ଧଗୟା, ସାରନାଥ କଣ ତୀର୍ଥ ନୁହେଁ ? ବରଂ କୁହନ୍ତୁ ଆପଣ ପ୍ରୋଗ୍ରେସିଭ୍ ବୋଲି···

ବାବା ! ଦେଖୁଛି ଆପଣଙ୍କ ଅଧ୍ୟୟନ ତ ବଡ଼ ବ୍ୟାପକ ! ମୁଁ ଶୁଣିଥିଲି ଆପଣ ଭଲ ସ୍କଲାର ବୋଲି, ଆଜି ତାର ପରିଚୟ ପାଇଲି—ସୋହନ କହିଲା ।

ଏତେ ବେଳର କଣ କଲଣି କଫି ଆଣିବାକୁ—ଧୂମକେତୁ ଚିତ୍କାର କଲା—ବୟ୍, ଜଲ୍ଦି ଲାଓ ।

ବୟ୍ ମସାଲ୍ ଦୋସା ଆଣି ଦେଇଗଲା ।

ତା'ହେଲେ ସାରନାଥ କେବେ ଯିବା ? କିନ୍ତୁ ରାତିଟା ରହିବା ପ୍ରୋଗ୍ରାମ୍ ଯେପରି ହୁଏ—ବନୀତା କହିଲେ ।

କାଲିତ ପୂର୍ଣ୍ଣମୀ !

ଆମେ ଆପଣଙ୍କ ପାଖକୁ ସକାଳେ ଦଶଟା ବେଳେ ଆସିବୁ । ଆପଣ ଯେପରି ରେଡ଼ି ହୋଇଥିବେ । ଆଉ ଯେପରି ଡେରି ନ ହୁଏ ।

ଆଚ୍ଛା, ବନୀତା ପାଟିରେ ମସାଲଦୋସାରୁ ଖଣ୍ଡେ ପୁରାଇ ପୁରାଇ କହିଲେ ।

ପ୍ରଫେସର ଟି. ଏନ୍. ପି. ମହାଦେବାନ୍ 'ଭାରତୀୟ କୃଷ୍ଟି' ଉପରେ ଇଣ୍ଡୋଲଜି କଲେଜରେ ଭାଷଣ ଦେବେ ବୋଲି ଦୁଇଦିନ ଆଗରୁ ସବୁ ହଷ୍ଟେଲରେ, କଲେଜରେ ନୋଟିସ୍ ମରାହୋଇଥିଲା । ହଲ୍‌ରେ ବେଶ୍ ଭିଡ଼ ହୋଇଥିଲା । ଆଗ ତିନି ଧାଡ଼ି ବେଞ୍ଚରେ ଛାତ୍ରୀମାନେ ବସିଥିଲେ । ଜାଗା ନ ହେବାରୁ କେତେଜଣ ଛାତ୍ରୀ ମଧ୍ୟ ଛାତ୍ରମାନଙ୍କ ସହ ଅନ୍ୟ ବେଞ୍ଚରେ ବସିଥିଲେ । ପଞ୍ଚମ ବେଞ୍ଚରେ ଝିମାତା ଧୂମକେତୁ ଓ ମୋହନଙ୍କ ମଝିରେ ବସି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଥାନ୍ତି । ସୁଶାନ୍ତ ପଛବେଞ୍ଚରେ ଅନ୍ୟାନ୍ୟ ଓଡ଼ିଆ ଛାତ୍ରମାନଙ୍କ ସହ ବସିଥିଲା । କୁମାର କିଶୋର ସୁଶାନ୍ତକୁ ପଚାରିଲା—

ଆପଣଙ୍କ ଓ୍ୟାଡ଼ିନଙ୍କ ଝିଅ ଆଗବେଞ୍ଚରେ ବସିଛନ୍ତି ନା ?

ହଁ ।

ବାରଣ୍ଡାରେ କଣ ଡାକକି କହୁଥିଲେ ?

କିଛି ନୁହେଁ ।

ଆଜିର ବାଜି ଜ୍ୟୋତ୍ସ୍ନା ଦେବୀ ମାରିନେଲେ । ଅନ୍ୟ ଝିଅମାନେ ତାଙ୍କ ତୁଳନାରେ ନିଷ୍ପ୍ରଭ ଓ ମ୍ଳାନ ଜଣା ପଡ଼ୁଛନ୍ତି ।

ସତରେ ଜ୍ୟୋତ୍ସ୍ନା ଦେବୀ ଏତେ ସୁନ୍ଦର ବୋଲି ମୋର ଧାରଣା ନ ଥିଲା—ପ୍ରବୀର କହିଲା ।

ଜ୍ୟୋତ୍ସ୍ନାଙ୍କୁ ଏତେ ସୁନ୍ଦର କରି ବେଶଭୂଷା ହେବା ସୁଶାନ୍ତ କେବେ ଦେଖି ନ ଥିଲା । ବିମାତା ଜ୍ୟୋତ୍ସ୍ନାର ସୌନ୍ଦର୍ଯ୍ୟ ଆଗରେ ଝାଉଁଳି ପଡୁଥାନ୍ତି, ଅନ୍ୟ ଝିଅମାନଙ୍କ ପ୍ରଶ୍ନ ଉଠୁ ନ ଥାଏ । ସେଦିନ ରାତିର ଘଟଣା ପରେ ସୁଶାନ୍ତ ଜ୍ୟୋତ୍ସ୍ନା ପାଖକୁ ଆଉ ଯାଇ ନ ଥିଲା । ଅନେକ ଥର ପାଣ୍ଡେ ଦିଦି ଡାକୁଛନ୍ତି ବୋଲି କହି ଯାଇଥିବା-ସତ୍ତ୍ୱେ ସେ 'ପଢ଼ାପଢ଼ି ବହୁତ ଅଛି ପରେ ସୁବିଧା ହେଲେ' ଯିବି କହି ପ୍ରସଙ୍ଗକୁ ଏଡ଼ି ଦେଉଥିଲା । ହଷ୍ଟେଲରେ ଜୋରସୋରରେ ପ୍ରଚାର ଚାଲିଥାଏ ଯେ ଓ୍ୟାର୍ଡ଼ନ ସାହେବଙ୍କ ଝିଅର ବିବାହ ପରୀକ୍ଷା ସରିବା ପରେ ପରେ ହେଉଛି । ବିବାହକୁ କେନ୍ଦ୍ରକରି ଜ୍ୟୋତ୍ସ୍ନା ଉପରେ ଅନେକ ଟୀକାଟିପ୍ପଣି ମଧ୍ୟ ଛାତ୍ରମାନେ ବସି ବସି କରୁଥିଲେ । ସୁଶାନ୍ତ ଜ୍ୟୋତ୍ସ୍ନା ଦେଇଥିବା ସମସ୍ୟା ସମାଧାନ କରି ପାରି ନ ଥିଲା । କ୍ଲାସରେ ସେ ଜ୍ୟୋତ୍ସ୍ନାଠୁ ଦୂରେଇ ଦୂରେଇ ରହୁ-ଥିଲା, ଜ୍ୟୋତ୍ସ୍ନା ମଧ୍ୟ ତା' ନିକଟକୁ ଅନ୍ୟମାନଙ୍କ ଆଗରେ ଆସିବାକୁ ଚେଷ୍ଟା କରୁନଥିଲେ । ପାଣ୍ଡେ ଚାରି ପାଞ୍ଚ ଥର ଦିଦି ଡାକୁଛନ୍ତି କହି ସୁଶାନ୍ତକୁ ଡାକଥିଲା; କିନ୍ତୁ ସୁଶାନ୍ତ ଯାଇ ନ ଥିଲା । ଏହିପରି ଅନେକ ଦିନ ଯିବା ପରେ ଆଜି ଦୁହେଁ ଇଣ୍ଟ୍ରୋଲଜି କଲେଜ ବାରଣ୍ଡାରେ ମୁହାଁମୁହିଁ ହୋଇ ଯାଇଥିଲେ । ଜ୍ୟୋତ୍ସ୍ନା ସୁଶାନ୍ତକୁ ତା' ସାଙ୍ଗମେଳରୁ ଡାକିନେଇ ଲେକ୍‌ଚର ସରିବା ପରେ ତାଙ୍କ ପାଇଁ ବାରଣ୍ଡା ଶେଷରେ ଅପେକ୍ଷା କରିବାକୁ କହିଲେ । ସୁଶାନ୍ତ ମୁଣ୍ଡ ଟୁଙ୍ଗାରି ଦେଇ ଫେରିଆସିଲା ।

ସୁଶାନ୍ତବାବୁ ମହାଦେବାନ୍ ଆସିଗଲେ । କୁମାର କଣ୍ଠର ଚିନ୍ତାଜଗତରୁ ସୁଶାନ୍ତକୁ ଟାଣି ଆଣିଲା ।

କିଛିସମୟ ପରେ ଭାଷଣ ଆରମ୍ଭ ହେଲା । ବକ୍ତା ଭାରତୀୟ କୃଷ୍ଟିର ଦାର୍ଶନିକ ମହତ୍ତ୍ୱ ପ୍ରତିପାଦନ କରିବାକୁ ଆରମ୍ଭ କଲେ ।

ଓଜସ୍ୱୀ ଓ ଭାବଗର୍ଭକ କଣ୍ଠ ଶ୍ରୋତୃବର୍ଗଙ୍କୁ ମୁଗ୍ଧ କରି ରଖିଥାଏ । ସୁଶାନ୍ତ ଲକ୍ଷ୍ୟ କରୁଥାଏ ଜ୍ୟୋତ୍ସ୍ନା ଛଡ଼ା ସମସ୍ତେ ମନଧ୍ୟାନ ଦେଇ ଶୁଣୁଥାନ୍ତି । ଜ୍ୟୋତ୍ସ୍ନାଙ୍କର ଏକଡ଼ ସେକଡ଼ ହେବା, ବସିବା ଭଙ୍ଗୀ ମୁହୂର୍ତ୍ତ ମୁହୂର୍ତ୍ତ ବଦଳାଇବା ଓ ପଡ଼ିଆର ଅନ୍ଧକାର ଆଡ଼କୁ ନିର୍ନିମେଷ ହୋଇ ଚାହିଁବା ସବୁ ତାଙ୍କର ମାନସିକ ଅସ୍ଥିରତାର ପରିଚୟ ଦେଉଥାଏ । ବକ୍ତୃତା ଶେଷହେବାକୁ କିଛି ସମୟ ଅଛି ହଠାତ୍ ଜ୍ୟୋତ୍ସ୍ନା ଉଠି ହଲ୍ ବାହାରକୁ ଚାଲିଗଲେ । ତାଙ୍କୁ ବାଟ ଦବାକୁ ଆଗବେଞ୍ଚର ଛାତ୍ରୀମାନଙ୍କୁ ଠିଆହେବାକୁ ପଡ଼ିଥିଲା । ଜ୍ୟୋତ୍ସ୍ନା ଉଠିବା ଦେଖି ସମସ୍ତଙ୍କ ଦୃଷ୍ଟି ତାଙ୍କ ଆଡ଼କୁ ଆକର୍ଷିତ ହୋଇଥିଲା । କିନ୍ତୁ ଜ୍ୟୋତ୍ସ୍ନା କୌଣସି ଆଡ଼େ ଧ୍ୟାନ ନ ଦେଇ ନିଜ ଚିନ୍ତାରେ ତଲ୍ଲୀନ ରହି ହଲ୍ ବାହାରକୁ ଚାଲିଗଲେ । ସୁଶାନ୍ତ ଜ୍ୟୋତ୍ସ୍ନାଙ୍କ ଉଦ୍‌ବେଗ ଦେଖି ଆଶ୍ଚର୍ଯ୍ୟ ହେଉଥାଏ । ବକ୍ତା ଆଉ ପନ୍ଦର ମିନିଟ କହିବା ପରେ ଘନ ଘନ କରତାଳି ମଧ୍ୟ ଦେଇ ତାଙ୍କର ଭାଷଣ ସମାପ୍ତ କଲେ । ଛାତ୍ରମାନେ ପ୍ରଫେସର ମହାଦେବାନ, ଭାଇସ୍-ଚାନ୍‌ସେଲେର ଓ ଅନ୍ୟାନ୍ୟ ମୁଖ୍ୟ ବ୍ୟକ୍ତିମାନେ ଯିବା ପରେ ଦୁଇ ତିନି ଚାରି ହୋଇ ବକ୍ତୃତା ବିଷୟରେ କଥା ହୋଇ ହୋଇ ହଲ୍ ବାହାରକୁ ଆସିଲେ ।

ସୁଶାନ୍ତ ପ୍ରଥମେ ଗହଳରେ ବନ୍ଧୁମାନଙ୍କ ସହିତ କିଛି ବାଟ ଯିବା ପରେ ନ ଜାଣିଲା ଭଳି ବାଟଭାଙ୍ଗି ପୁଣି ଇଣ୍ଡୋଲଜି କଲେଜର ବାରଣ୍ଡାରେ ପହଞ୍ଚିଲା । ବାରଣ୍ଡା ଅନ୍ଧକାର ଥିଲା । ବାରଣ୍ଡା ଶେଷରେ ପହଞ୍ଚି ଲନ୍ ଉପରକୁ ଗୋଡ଼ ବଢ଼ାଇଥିବା ବେଳେ ସେ ଶୁଣିଲା—ସୁଶାନ୍ତବାବୁ, ମୁଁ ଏଇଠି; ଆପଣଙ୍କୁ ବହୁତ ବେଳୁ ଅପେକ୍ଷା କଲିଣି ।

ଜ୍ୟୋସ୍ନା !

ଯାହାହେଉ ଆସିଲେ, ମୁଁ ଭାବି ନଥିଲି ଆପଣ ଆସିବେ ବୋଲି ।

ଅନ୍ଧକାରରୁ ଜ୍ୟୋସ୍ନା ବାହାରି ଆସି ସୁଶାନ୍ତ ପାଖରେ ଠିଆହେଲେ ।

ଜ୍ୟୋସ୍ନା ! ଇଏ କି ଫାର୍ସ କରୁଛ ଶୁଣେ, ମୋତେ ତ ଘରକୁ ଡାକିଥିଲେ ଯାଇଥାନ୍ତି, ଅନ୍ଧାରରେ ଏ ନିକାଞ୍ଚନ ଜାଗାକୁ କାହିଁକି ଡାକି ଆଣିଲ, ଏମିତି କଣ ଜରୁରୀ କଥା ଅଛି ? ଚାଲ, ଘରକୁ ଚାଲ, କିଏ ଦେଖିଲେ କଣ କହିବ ?

କେହି ଦେଖିବେନି ସୁଶାନ୍ତବାବୁ, ଆପଣ ଧୀରେ ଧୀରେ କୁହନ୍ତୁ, ନ ହେଲେ ମାଳୀର ଘର ପାଖରେ, ଶୁଣି ନେଇପାରେ ।

ସୁଶାନ୍ତ ନୀରବ ରହିଲ । ଜ୍ୟୋସ୍ନାଙ୍କ ରୂପରେଖ ସେତେବେଳକୁ ସୁଶାନ୍ତକୁ କିଛି କିଛି ଦିଶୁଥିଲା ।

ପାଣ୍ଡେ ହାତରେ ତ ଦଶଥର ଆପଣଙ୍କୁ ଡକାଇ ପଠାଇଲି, ଘରକୁ ଆସିଲେନି, ଆଜି କଣ କରନ୍ତି । ଆପଣଙ୍କ ରୁମ୍‌କୁ ତ ଯାଇ ସବୁ କହିପାରନ୍ତିନି ।

କିନ୍ତୁ ଜ୍ୟୋସ୍ନା, ତୁମେ ପରିସ୍ଥିତିକୁ ବୁଝୁନ, ଚାଲ ମୁଁ ବାଟରେ ବୁଝାଇ ଦେବି ।

ନା, ସୁଶାନ୍ତବାବୁ ଏଇଠି ।

ରହି ରହି ସେଣ୍ଟ୍ ବାସ୍ନା ସୁଶାନ୍ତକୁ ବ୍ୟାକୁଳ କରି ଦେଉଥାଏ ।

ତୁମେ ଆଜି କି ସେଣ୍ଟ ଲଗାଇଛ ଜ୍ୟୋସ୍ନା, ମୋ ବିଚାର-ଶକ୍ତି ଧୀରେ ଧୀରେ ଲୋପ ହୋଇ ଯିବାପରି ଲାଗୁଛି ।

ଆମ୍ବାରଗ୍ରିସ୍ ! ସୁଶାନ୍ତବାବୁ, ମୋ ସମସ୍ୟାର କଣ ସମାଧାନ କଲେ ଆଗ କୁହନ୍ତୁ । ଆପଣ ଯିବା ପରେ ସେହିଦିନଠୁ ମୁଁ

ଆପଣଙ୍କ କଥା ଉପରେ ବସ୍ତୁରୁଛି । ସମାଧାନ କରିବାକୁ ଚେଷ୍ଟା କରୁଛି ।

ହଠାତ୍ ଜ୍ୟୋସ୍ନା ସୁଶାନ୍ତର ହାତକୁ ଧରି ପକାଇ କହିଲେ—ମୋତେ ଲାଗୁଛି ଆପଣ ହିଁ ମୋର ତ୍ରାଣକର୍ତ୍ତା । ଈଶ୍ୱର ମୋ ପାଇଁ ଆପଣଙ୍କୁ ବନାରସ୍ ପଠାଇଛନ୍ତି । ବାହାଘର ନିକଟ ହୋଇ ଆସୁଅଛି, ମୋ ଜୀବନ ନଷ୍ଟ ହୋଇଯିବ ସୁଶାନ୍ତବାବୁ ମୋତେ ବାହା ହୁଅନ୍ତୁ । ମୁଁ ଆପଣଙ୍କୁ ଭଲ ପାଏ, ଜୀବନଠୁ ବି ବେଶି ଭଲପାଏ । ଆପଣ ଯେପରି ଚାହିଁବେ ସେହିପରି ସ୍ତ୍ରୀ ମୁଁ ହେବି, ଆପଣଙ୍କର ସେବା କରିବି, ସବୁ କାମ କରିବି, ସବୁ······ ! ଜ୍ୟୋସ୍ନା ଆଉ କିଛି କହି ନ ପାରି ସୁଶାନ୍ତର ଦୁଇ ହାତକୁ ଜାବୋଡ଼ି ଧରି ସେଥିରେ ମୁହଁ ଗୁଞ୍ଜି ଦେଲେ । ସୁଶାନ୍ତ ଜ୍ୟୋସ୍ନାଙ୍କର ଦୁଇ ଗଣ୍ଡଦେଶ ଖୁବ୍ ତାତିଥିବା ଅନୁଭବ କଲା ।

ତୁମ ଦେହ ଏତେ ତାତିଛି କାହିଁକି ଜ୍ୟୋସ୍ନା, ଜ୍ୱର ହୋଇନି ତ ? ସୁଶାନ୍ତ ଜ୍ୟୋସ୍ନାଙ୍କର କପାଳରେ ହାତ ମାଇଲା, ତାତିରେ ଖଇ ଫୁଟୁଥିଲା ।

ସୁଶାନ୍ତବାବୁ, ମୋତେ ଆଉ ଠକ ହଅନ୍ତୁନା । ମୁଁ କଣ ଅସୁନ୍ଦରୀ, ମୁଁ କଣ ଆପଣଙ୍କର ଅଯୋଗ୍ୟା !

ବନ୍ଦକର ଜ୍ୟୋସ୍ନା, ଭଗବାନଙ୍କ ନାଁରେ ବନ୍ଦ କର । ମୁଁ ତ ସେଦିନ ସବୁ ତୁମକୁ ବୁଝାଇ ଦେଇଥିଲି । ତୁମକୁ ମୁଁ କପରି ବିବାହ କରିବି ? ସୁଶାନ୍ତ ଜୋରରେ ତାର ହାତ ଛଡ଼ାଇ ନେଇ ଫୁଟବଲ୍ ପଡ଼ିଆ ଉପରେ ହଷ୍ଟେଲ ଆଡ଼କୁ ଚାଲିବାକୁ ଲାଗିଲା ।

ସୁଶାନ୍ତ ପାଞ୍ଚ ଛ ପାଦ ଯାଇଛି ଜ୍ୟୋସ୍ନା ଦଉଡ଼ି ଆସି ଆଗରେ ଠିଆହୋଇଗଲେ । ବକ୍ଷରୁ ସ୍ରସ୍ତ ଲୁଗା ତଳେ ଲୋଟୁଥିଲା,

ଜୋରରେ ନିଃଶ୍ୱାସ ନେବା ଯୋଗୁ ବକ୍ଷ ଉଠୁଥିଲା ପଡ଼ୁଥିଲା, ଦୁଇ ହାତକୁ ପ୍ରସାରିତ କରି ଜ୍ୟୋତ୍ସ୍ନା ସୁଶାନ୍ତର ବାଟ ରୋକି ଠିଆ-ହେଲେ ।

ଆପଣ ଯାଇପାରିବେନି ସୁଶାନ୍ତବାବୁ, ମୋତେ ଭଲ ପାଇବାକୁ ହେବ, ମୋତେ ଆପଣ ନିଶ୍ଚୟ ବିବାହ କରିବେ, ନିଶ୍ଚୟ, ଭଲପାଇବେ । ନିଶ୍ଚୟ ନିଶ୍ଚୟ······ସୁଶାନ୍ତ କିଛି ବୁଝିବା ପୂର୍ବରୁ ଜ୍ୟୋତ୍ସ୍ନା ସୁଶାନ୍ତକୁ ଆଲିଙ୍ଗନ କରି ଘନଘନ ଚୁମ୍ବନ ଦେବାକୁ ଲାଗିଲେ ।

ହଠାତ୍ ଜ୍ୟୋତ୍ସ୍ନାଙ୍କର ଯେପରି ମନେହେଲା, ସୁଶାନ୍ତ ତାଙ୍କ କାର୍ଯ୍ୟର କିଛି ପ୍ରତିବାଦ କରୁନି, ସୁଶାନ୍ତ ମୃତ, ଜଡ଼ । ଜ୍ୟୋତ୍ସ୍ନା ଦୁରେଇ ଗଲେ ।

ଆପଣ କାନ୍ଦୁଛନ୍ତି !!

ଇଚ୍ଛା ପୂର୍ଣ୍ଣ କରିନିଅ ଜ୍ୟୋତ୍ସ୍ନା, ଯେପରି ଏକମାତ୍ର ତୁମରି ବାସନା ଅଛି, ଆଜି କାହାରି ନାହିଁ, ଆଜି ସମସ୍ତେ ପଥର, ସ୍ଥାଣୁ । ମୋର ତୃଷ୍ଣା ନାହିଁ, ମୋର ଶରୀରର କ୍ଷୁଧା ହୁଏନି । ମୋର ପ୍ରବୃତ୍ତି ନାହିଁ, ମୁଁ ସିଦ୍ଧ, ବୁଦ୍ଧ, ସ୍ଥିତପ୍ରଜ୍ଞ । ହେ ଭଗବାନ୍, ଏପରି ପରୀକ୍ଷା କାହିଁକି କରୁଛ, ମୁଁ କେତେ ଅପୂର୍ଣ୍ଣ, କେତେ ଦୁର୍ବଳ ତା କଣ ତୁମକୁ ଅଜଣା ! ଏତେ ପରୀକ୍ଷା ! ! ପ୍ରେମ ନିବେଦନ ପାଇ ତାକୁ ପ୍ରତ୍ୟାଖ୍ୟାନ କରିବା କଣ ମୋର ସାଧ୍ୟ । ରକ୍ତମାଂସର ଶରୀରରେ ଏହା ଅସମ୍ଭବ ଭଗବାନ୍—ମୁଁ ଆଜି ସହିପାରିବିନି । ଆସ ଜ୍ୟୋତ୍ସ୍ନା ! ଯାଉ ସବୁ ଆଦର୍ଶ, ଶୃଙ୍ଖଳା, ସଂଯମ, ଅନୁଶାସନ, ଗୁରୁ-ଆଜ୍ଞା । ତୁମରି ଶରୀର ଭୋଗପାଇଁ ମୁଁ ସବୁ କିଛି ଛାଡ଼ି ପାରେ, ତୁମେ ସୁନ୍ଦରୀ, ତୁମରି ଆଖି ଅତି ଲମ୍ବା, ଶରୀର ଅତି କୋମଳ, ଆସ—

ସୁଶାନ୍ତର ପ୍ରଗଲ୍‌ଭତା ବନ୍ଦ ହୋଇଗଲା । ଜୋରରେ ଓଠରେ ଓଠକୁ ଚପି ଦେବା ଦ୍ୱାରା ତଳ ଓଠରେ ଦାନ୍ତ ବାଜ ରକ୍ତସ୍ରାବ ହୋଇ ତାର ପ୍ରଗଲ୍‌ଭତାକୁ ଭାଙ୍ଗିଦେଲା । କିଛି ଦୂରରେ ଜ୍ୟୋତ୍ସ୍ନା ହସ୍ତାହରଣୀ ପରି ଭୟରେ ଥରୁଥିଲେ । ତାଙ୍କର ବର୍ତ୍ତରଶକ୍ତି ସୁଶାନ୍ତର କ୍ଷିପ୍ରତାରେ କ୍ରମେ କ୍ରମେ ଫେରି ଆସୁଥିଲା ।

ଦୁଇ କୁଦାରେ ସୁଶାନ୍ତ ଜ୍ୟୋତ୍ସ୍ନା ପାଖରେ ପହଞ୍ଚି ବଜ୍ର ଆଲିଙ୍ଗନରେ ଜ୍ୟୋତ୍ସ୍ନାଙ୍କୁ ବାନ୍ଧି ପକାଇଲା । ଜ୍ୟୋତ୍ସ୍ନା ଅଶନିସ୍ପର୍ଶି ବୋଧ କରୁଥାନ୍ତି । ସୁଶାନ୍ତର ବକ୍ଷ ଉତ୍ତାଳ ହୋଇ ଉଠୁଥାଏ, ପଡ଼ୁଥାଏ, ନାସିକାପୁଟ ଫୁଲି ଫୁଲି ଉଠୁଥାଏ । ଜ୍ୟୋତ୍ସ୍ନା ଅବରଳ ଭୟରେ ଥରି ଥରି ଡାକଦେଲେ—

ସୁଶାନ୍ତବାବୁ, ମୋତେ ଘରେ ନେଇ ଛାଡ଼ି ଦିଅନ୍ତୁ ।

ସୁଶାନ୍ତର ଭୁଜବନ୍ଧନ ଶିଥିଳ ହୋଇଗଲା, ସଞ୍ଜ୍ଞା ଫେରି ଆସିଲା, ଛାତିର ଉତ୍ତାଳଗତି ଶାନ୍ତ ହୋଇଗଲା ।

ସୁଶାନ୍ତର ଗୋଡ଼ରେ ମୁଣ୍ଡରଖି ଜ୍ୟୋତ୍ସ୍ନା କାନ୍ଦୁଥିଲେ ।

ଚାଲ, ଘରକୁ ଚାଲ ।

ସୁଶାନ୍ତ ଜ୍ୟୋସ୍ନାଙ୍କୁ ଘରେ ଛାଡ଼ିଦେଇ ରୁମ୍‌କୁ ଆସି ନିଘୋଡ଼ ନିଦରେ ଶୋଇଲା । ତା' ପର ଦିନଠୁ ପଢ଼ାପଢ଼ିରେ ଏକାଗ୍ରତା ରଖିବାରେ ତାକୁ ବିଶେଷ ଅସୁବିଧା ହେଲାନି । ବିମଳାଙ୍କ ବିଷୟରେ ସେ କ୍ୱଚିତ୍ ଭାବୁଥିଲା । ସେ ଜାଣୁଥିଲା ବିମଳାଙ୍କୁ ସହ-ଧର୍ମିଣୀ କରି ପାଇବା ବହୁ ଦିଗରୁ ଦୁଷ୍କର ଓ ଅନିଶ୍ଚିତ । ବିବାହ ଛଡ଼ା ଭଲ ପାଇବାର ଅନ୍ୟ କୌଣସି ପରିଣତିକୁ ସେ ଆଦର ଦୃଷ୍ଟିରେ ଦେଖୁ ନ ଥିଲା । ବିମଳାଙ୍କର ମଧ୍ୟ ସୁଶାନ୍ତ ସହିତ ସମ୍ପର୍କ ରଖିବା ପାଇଁ ବ୍ୟଗ୍ରତା ଧୀରେ ଧୀରେ କମିଆସିଲା । ମିଟିଂଦିନ ଜ୍ୟୋସ୍ନା ସାଜସଜ୍ଜାହୋଇ ଆସିବା, ମିଟିଂ ଆରମ୍ଭ ହେବା ପୂର୍ବରୁ ବିମଳା ଶୁଣିବା ଭଳି ଦୂରତାରେ ଥିବାବେଳେ ସୁଶାନ୍ତକୁ ମିଟିଂ ପରେ କଥାବାର୍ତ୍ତା ହେବାପାଇଁ ଅପେକ୍ଷା କରିବାକୁ କହିବା, ବକ୍ତୃତା ମଝିରେ ଉଠି ଚାଲିଯିବା ଓ ସଭାଭଙ୍ଗ ପରେ ସୁଶାନ୍ତ ମେନ୍‌ରୋଡ଼ରୁ ରାସ୍ତାଢଙ୍ଗି ଅନ୍ଧକାରରେ ବିଲୀନ ହୋଇଯିବା ଏହି ସବୁକଥା ବିମଳାଙ୍କ ମନରେ ନାନାପ୍ରକାର ସନ୍ଦେହକୁ ଦୃଢ଼ କରିଥିଲା । ସେ ଭାବିଲେ ସୁଶାନ୍ତକୁ ପାଇବାରେ ଜ୍ୟୋସ୍ନା ଓ ତାଙ୍କ ମଝିରେ ବର୍ଷ ଆରମ୍ଭରୁ ଯେଉଁ ପ୍ରତିଦ୍ୱନ୍ଦ୍ୱୀତା ଚାଲିଥିଲା ସେଥିରେ ଜ୍ୟୋସ୍ନା ବିଜୟିନୀ ହୋଇଛି । ସୁଶାନ୍ତକୁ ପାଇଥିଲେ ଯେ ତାଙ୍କ ଜୀବନ ସୁଖମୟ ହୋଇଥାନ୍ତା ସେଥିରେ ତାଙ୍କର ସନ୍ଦେହ ଥିଲା । ସୁଶାନ୍ତଠୁ ବିଚ୍ଛିନ୍ନ ହୋଇଯିବା ପରେ ସୋହନ ସିଂ, ଧୂମକେତୁ ପ୍ରଭୃତିଙ୍କ ସହ ତାଙ୍କର

ବଲୁଡା ସମସ୍ତ ହେବାରେ ଲଗିଲ । ନଡ ସିନେମା, କ୍ଲବ୍, ଗ୍ରୀନ୍ ହୋଟେଲ କମ୍ପା ପାର୍କକୁ ଯାଇ ବୁଲବାରେ ବମୀତାଙ୍କ ବନ୍ଧୁଗୋଷ୍ଠୀ ବନାରସ ସହରରେ ବଖ୍ୟାତ ହୋଇଗଲେ । ଡ୍ରାମାଟିକ୍ କ୍ଲବ୍‌ର ସଭ୍ୟସଂଖ୍ୟା ବଢ଼ିବାରେ ଲଗିଥାଆନ୍ତି ଓ ଟୁଏଲ୍ଭ୍ ଥ ନାଇଟ୍ ପରିବର୍ତ୍ତେ କୌଣସି ଏକ ହିନ୍ଦୀ ନାଟକ କରିବାକୁ କମିଟି ସ୍ଥିର କରି ଗ୍ରୁହସମିତିର ଜଣେ ଯୁବକ ଲେଖକଙ୍କୁ ଡ୍ରାମାଟିଏ ଗ୍ରୀଷ୍ମାବକାଶରେ ଲେଖିଦେବାକୁ ଅର୍ଡ଼ର ଦେଇ ଦୁଇଶହ ଟଙ୍କା ଅଗ୍ରୀମ ପାରିଶ୍ରମିକ ମଧ୍ୟ ଦେଇଥାଆନ୍ତି । ବମୀତାଙ୍କ ଘରେ ଡ୍ରଇଂରୁମ୍‌ରେ ପ୍ରତିଦିନ ସନ୍ଧ୍ୟା ପାଞ୍ଚଟାରୁ ଆଠଟାଯାଏଁ ବନ୍ଧୁମହଲର ଆଡ୍ଡା ବସୁଥାଏ, ନାନା ବିଷୟରେ ବାଦ ବିବାଦ ଚାଲୁଥାଏ । ବମୀତା ତାଙ୍କ ଜୀବନରେ ବେଶ୍ ତୃପ୍ତି ଅନୁଭବ କରୁଥାଆନ୍ତି ।

ପରୀକ୍ଷା ନିକଟ ହୋଇ ଆସିଲଣି, ଦିନେ ହଠାତ୍ ଆଲୋଚନା ମଝିରେ ସର୍ଦ୍ଦାର ସୋହନ କହିଲେ—

ମୁଁ ମୋର ବନ୍ଧୁମାନଙ୍କଠୁ କାଲି ବିଦାୟ ନେବାକୁ ଚାହୁଁଛି । ପିତାଜୀଙ୍କର ଟେଲିଗ୍ରାମ ଆସିଛି ଯେ ମୋର ଉପସ୍ଥିତି ଦିଲ୍ଲୀରେ କୌଣସି ଘରୋଇ ବ୍ୟାପାର ନେଇ ଅତ୍ୟନ୍ତ ପ୍ରୟୋଜନୀୟ । ବନ୍ଧୁମାନଙ୍କ ଓ ଶ୍ରୀମତୀ ବମୀତା ଦେବୀଙ୍କ ସାନ୍ନିଧ୍ୟ ଛାଡ଼ିବାକୁ ପଡୁଥିବାରୁ ଅତ୍ୟନ୍ତ ଦୁଃଖ ଲାଗୁଛି । କିନ୍ତୁ ଆଶା କରୁଛି ଯେ ଏପ୍ରିଲ୍ ସତାଇଶ୍ ପରେ ଆପଣ ସମସ୍ତେ ଦିଲ୍ଲୀରେ ଉପସ୍ଥିତ ହୋଇ ମୋ ଘରେ ଅତିଥିହୋଇ ମୋ ଭାଗ୍ୟ ବଢ଼ାଇବେ । ବମୀତା ଦେବୀ ! ମୋ ଅନୁରୋଧ ରକ୍ଷା ହେବ ତ ? ନିଶ୍ଚୟ, ନିଶ୍ଚୟ— ବମୀତା ହସି ହସି କହିଲେ । କିନ୍ତୁ ଆପଣ ଏତେ ଜଲ୍‌ଦି ଚାଲିଯିବେ ବୋଲି ଆମେ ଭାବି ନ ଥିଲୁ ।

ଯିବାକୁ କଣ ଇଚ୍ଛା ଥିଲି !! ସୋହନ ଦୀର୍ଘନିଃଶ୍ୱାସ ନେଇ କହିଲି—ଆପଣମାନେ ଦିଲ୍ଲୀ ଆସନ୍ତୁ, ତେବେ ଯାଇ ମୁଁ ସିଟି ଲାଇଫ୍‌ରେ କି କି ପ୍ରକାର ମଜା ଅଛି ତା' ଆପଣମାନଙ୍କୁ ଜଣାଇ ଦେବାକୁ ସକ୍ଷମ ହେବି । ବନାରସ୍ ତ ଦିଲ୍ଲୀ ତୁଳନାରେ ମଫସଲ ମାତ୍ର । ଆଉ ମିଷ୍ଟର ଧୂମକେତୁ, ଆପଣ ତ ନିଶ୍ଚୟ ଦିଲ୍ଲୀ ଆସିବେ । ସେଣ୍ଟଜର୍ଜ କଲେଜର ଛାତ୍ରନେତାମାନଙ୍କ ସହ ଚିହ୍ନାପରିଚୟ କରାଇଦେବି, ଦିଲ୍ଲୀର ରାଜନୈତିକଜୀବନ ଦେଖିବେ, ବଡ଼ ବଡ଼ ନେତାମାନଙ୍କର ଭାଷଣ ଶୁଣିବେ, ମୋର ତ ମତ ଦିଲ୍ଲୀରେ ଆପଣ ପଢ଼ିବା ଉଚିତ ଥିଲା । ଆପଣଙ୍କ ଉଚ୍ଚାକାଂକ୍ଷା ପାଇଁ ଦିଲ୍ଲୀ ହିଁ ପ୍ରଶସ୍ତ ଜାଗା ।

ମୁଁ ଦିଲ୍ଲୀରେ ଏମ୍. ଏ. ପରେ ଲ' ପଢ଼ିବାକୁ ଯିବି ।

ମୀନକେତନବାବୁ, ଆପଣ ମଧ୍ୟ ଆସିବେ । ମୀନକେତନ ମୁଣ୍ଡ ଟୁଙ୍ଗାର ଠିଆହୋଇଗଲା—

ସୋହନବାବୁ ଆପଣ ବନାରସ୍‌ରେ ଥିବାତକ ଆମକୁ ସାନ୍ନିଧ୍ୟ ବଗୁର ଇତ୍ୟାଦି ଦ୍ୱାରା ଚରମ ସୁଖ ଦେଇଥିବାରୁ ମୁଁ ଆପଣଙ୍କ ବନାରସ୍ ରହଣିର ଶେଷଦିନରେ ଆପଣଙ୍କ ବନ୍ଧୁମାନଙ୍କ ସହ ଆପଣଙ୍କୁ ସାମାନ୍ୟ ଜଳଯୋଗ ପାଇଁ ବର୍ତ୍ତମାନ ଗ୍ରୀନ୍‌ହୋଟେଲକୁ ନିମନ୍ତ୍ରଣ କରୁଛି ।

ବିଶେଷ ଧନ୍ୟବାଦ ମିଷ୍ଟର ମୀନକେତନ !

ସଙ୍ଗେ ସଙ୍ଗେ ସମସ୍ତେ ଗ୍ରୀନ୍ ହୋଟେଲକୁ ଯିବା ପାଇଁ ଉଠିଲେ । ଆଗରେ ଧୂମକେତୁ, ପଛରେ ସୋହନ ଓ ତା'ପରେ ମୀନକେତନ । ଗ୍ୟାରେଜ୍‌ରୁ ବିମାତା ତାଙ୍କର ଇଟାଲିୟାନ୍ ଫିଆଟ କାର ବାହାର କରିବା ନିମନ୍ତେ ଅନ୍ୟ ଦ୍ୱାର ଦେଇ ଡ୍ରଇଙ୍ଗ୍ ରୁମ୍‌ରୁ ବାହାରି ଗଲେ ।

ପଢ଼ାପଢ଼ିରେ ବ୍ୟସ୍ତ ରହିବାରୁ ଦିନଗୁଡ଼ିକ କିପରି ଜଲଦି ଚାଲିଗଲା ତା' ଜାଣି ହେଲାନି । ସକାଳଓଳି ସୁଶାନ୍ତ ରୁମ୍‌ରେ ପଢ଼ୁଥାଏ, ଦୁଇଟା ବାଜିଲେ ବିଶ୍ୱବିଦ୍ୟାଳୟ ଲାଇବ୍ରେରୀକୁ ଯାଇ ରାତି ଆଠଟା ଯାଏଁ ରହୁଥାଏ । ଦେଖୁଁ ଦେଖୁଁ ଫେବ୍ରୁୟାରୀ ମାସ ଯାଇ ମାର୍ଚ୍ଚ ମାସ ଆସିଲା । ମାର୍ଚ୍ଚ ଉଣେଇଶିରୁ ପରୀକ୍ଷା । ସୁଶାନ୍ତ ପାଇଁ ବ୍ୟସ୍ତ ହେବାର କିଛି ନ ଥିଲା ସେ ପଢ଼ାପଢ଼ିରେ ନିୟମିତ ଥିଲା । ପରୀକ୍ଷା ସରିଗଲା । ପରୀକ୍ଷା ହଲ୍‌କୁ ଜ୍ୟୋତ୍ସ୍ନା ଆସି ନ ଥିଲେ । ପରୀକ୍ଷା ସରିବା ପରେ ଘରୁ ବୋଉ ଚିଠି ଲେଖିଥିଲେ ମଧ୍ୟ ସେ ଘରକୁ ନ ଯାଇ ବନାରସରେ ହିଁ ରହିବ ବୋଲି ସ୍ଥିର କଲା । ବାହାର ବହି ପଢ଼ିବାର ଅଦମ୍ୟ ଇଚ୍ଛା କେବଳ ଖରାଛୁଟିରେ ହିଁ ମେଣ୍ଟାଯାଇପାରେ । ଅସୁବିଧା ଦୃଷ୍ଟିରୁ କୌଣସି ବନ୍ଧୁ ହଷ୍ଟେଲରେ ରହୁ ନ ଥିଲେ ।

ସୋମେରସେଟ୍ ମମ୍‌ଙ୍କ ଗ୍ରନ୍ଥାବଳୀ କିଣିବା ପାଇଁ ସୁଶାନ୍ତ ବଜାରକୁ ଯାଇଛି ବନାରସ୍ ବୁକ୍ ଡିପୋରେ ଧୂମକେତୁ ଓ ବିମାତାଙ୍କୁ ବହି କିଣୁଥିବା ଦେଖି ସେ ଦୋକାନ ଉପରକୁ ଚଢ଼ିଗଲା । ବିମାତା ପକେଟ ବୁକ୍‌ସିରିଜ୍‌ରୁ ବହି ବାଛୁଥିଲେ । ସୁଶାନ୍ତ ଧୂମକେତୁଙ୍କୁ ପଚାରିଲା—

ଧୂମ ପରୀକ୍ଷାରେ କିପରି କରିଛୁ ?

ପରୀକ୍ଷା ! ପରୀକ୍ଷା ପାଇଁ ମୁଁ ତ କେବେ ବେଶି ଚିନ୍ତିତ ନ ଥିଲି, ଏକପ୍ରକାର ହୋଇଛି ।

ମିସ୍ ବନୀତାଙ୍କର—

ସୁଶାନ୍ତ ଧୂମକୁ ପ୍ରଶ୍ନ ପଚାରିବା ଠୁ ବନୀତା ସୁଶାନ୍ତ ଆସିବା ଜାଣିପାରି ବେଶି ଗମ୍ଭୀର ହୋଇଯାଇ ଦୋକାନୀକୁ ଆଲବର୍ଟ୍ ମୋରବ୍ୟାଙ୍କ ବହି ମାଗୁଥିଲେ ।

ହଁ, ତାଙ୍କର ମଧ୍ୟ ହୋଇଛି ଗୋଟେ ରକମର ।

ଦୋକାନୀ ଆଲବର୍ଟ୍‌ମୋରବ୍ୟାଙ୍କ ବହି ନ ଥିବା କଥା କହିବାରୁ ବନୀତା ବହି ଆଲମିରାକୁ ଚାହିଁଲେ । କାଚ ଆଲମିରାରେ ତାଙ୍କର ପ୍ରତିବିମ୍ବ ପଡୁଥାଏ ସୁଶାନ୍ତର ମଧ୍ୟ ।

କଟକ କେବେ ଯାଉଛୁ ?

ମୁଁ ତ ଦିଲ୍ଲୀ ଯିବି, ମୀନ ମଧ୍ୟ ଯାଉଛି ।

ଆଉ ?

ବନୀତା ଦେବୀ ମଧ୍ୟ ଯାଉଛନ୍ତି ।

କଣ ବୁଲି ! କେତେଦିନ ରହିବ, ବଡ଼ ଗରମ କରିବ ତ !

ସୋହନ ସିଂ ବୋଲି ଜଣେ ବନ୍ଧୁ ନିମନ୍ତ୍ରଣ କରିଛନ୍ତି—

ସୋହନସିଂ !! ବନୀତା ସୁଶାନ୍ତ ଚମକପଡ଼ିବାରେ ବୁଲିପଡ଼ିଲେ ।

ଓଃ ! ସୁଶାନ୍ତ ହଠାତ୍ ବନୀତାଙ୍କ ମୁହଁକୁ ଚାହିଁଲା—ଆପଣ ମିଷ୍ଟର ସୋହନ ସିଂଙ୍କର ଅତିଥି ହୋଇ ଯାଉଛନ୍ତି !

ସୁଶାନ୍ତ ପ୍ରଶ୍ନର ଉତ୍ତର ନ ଦେଇ ବନୀତା ଧୂମକେତୁକୁ କହିଲେ—ଚାଲ ଯିବା, ବହି ମିଳିଲା ନ ।

ଧୂମକେତୁ ବନୀତାଙ୍କ ସହ ଚାଲିଗଲା । ସୁଶାନ୍ତ ଦୀର୍ଘନିଶ୍ବାସ ଛାଡି ଦୋକାନୀକୁ କହିଲା—ସୋମେର୍ ସେଟ୍‌ଙ୍କ ଗ୍ରନ୍ଥାବଳୀ ଦେଖାଇବେ ?

ତହିଁଆରଦିନ ବନୀତା ତାଙ୍କର ବନ୍ଧୁମାନଙ୍କ ସହ ଦିଲ୍ଲୀ ଚାଲିଗଲେ । ସୁଶାନ୍ତ ଆସି ତାଙ୍କୁ ଦିଲ୍ଲୀ ଯିବାକୁ ମନା କରିବ ବୋଲି ବନୀତାଙ୍କର ଥରେ ଦୁଇଥର ମନକୁ ଆସିଥିଲା; କିନ୍ତୁ ସୁଶାନ୍ତ ଆସିଲାନି ।

ସୋହନ କାର୍ ଧରି ଷ୍ଟେସନକୁ ଆସିଥିଲା, କିଛି ଅସୁବିଧା ହେଲାନି । ଦିଲ୍ଲୀରେ ସୋହନ ଗୋଟିଏ ରୁମ୍ ଧୃମକେତୁ ଓ ମୀନ-କେତନ ପାଇଁ ଓ ଅନ୍ୟ ଗୋଟିଏ ରୁମ୍ ବନୀତାଙ୍କ ପାଇଁ ଛାଡ଼ି ଦେଇଥାଏ । ରୁମ୍‌ଗୁଡ଼ିକ ବେଶ୍ ସୁସଜ୍ଜିତ ଓ ଆଧୁନିକ ରୁଚିସମ୍ପନ୍ନ ହୋଇଥିଲା । ଦୁଇଜଣ ଚାକର ମଧ୍ୟ ସେମାନଙ୍କର ସୁଖସ୍ୱାଚ୍ଛନ୍ଦ୍ୟକୁ ଦେଖିବା ପାଇଁ ନିଯୁକ୍ତ ହୋଇଥାନ୍ତି । ସୋହନ୍ ପଢ଼ାପଢ଼ି ଛାଡ଼ିଦେଇ କଣ୍ଟ୍ରାକ୍ଟରରେ ପଶି ସାରିଥିଲା, ଅତୁଳ ଧନ ସମ୍ପତ୍ତି ଯୋଗୁଁ ନୂଆ ନୂଆ ଠିକା ପାଇବା ତାକୁ ବେଶି ଅସୁବିଧା ହେଉ ନ ଥିଲା । ପିତାଙ୍କର ଦେହାନ୍ତ ହୋଇସାରିଥିଲା । ବିରାଟ କୋଠାଘରେ ସେ ଓ ମାତାଜୀ ରହୁଥିଲେ । ଘର ଏକୁଟିଆ ଏକୁଟିଆ ଲାଗୁଥିଲା । ତେଣୁ ବନୀତା ଆସୁଛନ୍ତି ବୋଲି ଯେଉଁଦିନ ସେ ଚିଠି ପାଇଲା ସେଦିନ ସେ ଘର ଦୁଇଟିକୁ ସଜାଇ ଦେଇଥିଲା, ମାତାଜୀଙ୍କୁ ସେମାନଙ୍କ ଆସିବା କଥା ମଧ୍ୟ କହି ଦେଇଥିଲା ।

ଟ୍ରେନ୍‌ରୁ ଆସି ନିତ୍ୟକର୍ମ ସାରି ବିଶ୍ରାମ ନେବା ପରେ ବିମୀତାଙ୍କ ରୁମ୍‌ରେ ବୈଠକ ହେଲା । ଧୂମକେତୁ ପଚାରିଲା—ଯାହା ଯାହା କରିବା ସେ ବିଷୟରେ ପ୍ରୋଗ୍ରାମ୍ କରି ଦିଆଯାଉ । ସୋହନ କଥାରେ ପ୍ରତିବାଦ କଲା । ତା'ର ମତ ଥିଲା ଦିଲ୍ଲୀରେ ପ୍ରୋଗ୍ରାମ କରି କିଛି ଦେଖି ହବନି । ଯେତେବେଳେ ଯାହା ଇଚ୍ଛା ସେଇଆ କରିବା । ସୋହନ ମତକୁ ଉତ୍ସାହ ସହିତ ବିମୀତା ଓ ମୀନ ଗ୍ରହଣ କରିନେଲେ ।

କିନ୍ତୁ, ଦିଲ୍ଲୀର ରାଜନେତାମାନଙ୍କ ସହିତ ପରିଚୟ···

ଓଃ, ମୁଁ ଭୁଲି ଯାଇଥିଲି, ସେକଥା ମଧ୍ୟ ହୋଇଯିବ ।

ଆଜି ତା'ହେଲେ ଆମେ କନନ୍ଟ୍‌ପ୍ଲେସକୁ ଯାଉଛେ ଡିନର୍ ପାଇଁ ।

କେଉଁ ହୋଟେଲକୁ ?

ଗନ୍‌ଗା । ସମସ୍ତେ ପ୍ରସ୍ତୁତ ହୋଇଯାଅ, ବର୍ତ୍ତମାନ ଚାରିଟା ବାଜିଲା, ପାଞ୍ଚଟା ବେଳକୁ ବାହାରିବା ।

ଦିଲ୍ଲୀର ଫେସନ୍, ଆଧୁନିକ ଜୀବନ, ଗତି ଓ ବୈଭବ ତିନିଙ୍କୁ ବିସ୍ମିତ କରିଦେଲା । କନ୍‌ନଟ୍ ପ୍ଲେସ୍‌ରେ ବୁଲିବା ବେଳେ ଧୂମକେତୁ ଓ ମୀନକେତନ ଜଗତର ସବୁ କଥା ଭୁଲିଗଲେ । ଧୀରେ ଧୀରେ ଦିଲ୍ଲୀ ଲାଇଫ୍‌ର ସବୁ ପ୍ରକାର ମଜା ସୋହନ ସେମାନଙ୍କୁ ଚଖାଇବାକୁ ଲାଗିଲା । କ୍ଲବ, ବଲ୍‌ଡ୍ୟାନ୍‌ସ, ମିଲ୍‌କ-ବାର୍, ସବୁଠି ସେମାନେ ଆତ୍ମବିହ୍ୱଳ ହୋଇଯାଇଥିଲେ ଦିଲ୍ଲୀରେ ମହିଳାମାନେ ସାଧାରଣତଃ କଟୀଠୁ ଉପରେ ବସ୍ତ୍ର ବାଲୁ ଭଲ ପାନ୍ତିନି । କିନ୍ତୁ ସଭ୍ୟତା ଯୋଗୁଁ ରଖିବାକୁ ପଡ଼ୁଥିଲା ବୋଲି ଯେତେ କମ୍ ଜାଗାରେ ରଖା ଯା

ଜାଗାରେ ରଖନ୍ତି । ପୁଣି ଏମାନେ ଦିଲ୍ଲୀରେ ପହଞ୍ଚିଲେ ଭୀଷଣ ଖରାଦିନେ ! ଦିଲ୍ଲୀରେ ସବୁଆଡ଼େ ସୌନ୍ଦର୍ଯ୍ୟର ପସରା ମେଲା ହୋଇ ଥିଲା । ପ୍ରଥମ କେତେ ଦିନ ସ୍ମିତା ବନାରସ୍ ଷ୍ଟାଇଲ୍‌ରେ ଶାଢ଼ୀ ପିନ୍ଧି ବୁଲିବାରୁ ଲୋକଙ୍କ ଦୃଷ୍ଟି ଆକର୍ଷଣ କଲେ । ସୋହନ ବନ୍ଧୁ ଭାବରେ ଦିନେ ସ୍ମିତାଙ୍କୁ କହିଲା—ଦିଲ୍ଲୀରେ ଶାଢ଼ୀ ଏପରି ପିନ୍ଧା ଯାଏନି । ଶିଖିନେଉନ କାହିଁକି ? ଦିଲ୍ଲୀ ଫେସନ କଣ ମନ୍ଦ ! ପ୍ରଥମେ ସ୍ମିତାଙ୍କୁ ଲାଜ ଲାଗିଲା; କିନ୍ତୁ ପରେ ସବୁ ସେ ଶିଖିନେଲେ ।

ସ୍ମିତା ଦେଖ, ଆଜି ସେ ଗାଢ଼ ନାଲିରଙ୍ଗର ନାଇଲନ୍ ଶାଢ଼ୀଟା ପିନ୍ଧିବ । ସୋହନ ସ୍ମିତାଙ୍କୁ ଅନୁରୋଧ କଲା । ଏପରି ଦିନେ ଦିନେ ସେ କରେ, ସ୍ମିତାଙ୍କୁ ସୋହନ୍‌ଙ୍କ ବ୍ୟବହାରରେ ଖୁସି ଲାଗେ, ଅନୁରୋଧ ଅନୁଯାୟୀ ସେ ଶାଢ଼ୀ ପିନ୍ଧନ୍ତି । ବେଳେ ବେଳେ ସୋହନ୍ ଶାଢ଼ୀ ଆଣି ସ୍ମିତାଙ୍କୁ ଦେଇ କହେ—ଉପହାର ! କୋଡ଼ିଏ ଦିନ ଭିତରେ ଚାରି ପାଞ୍ଚୋଟି ଶାଢ଼ୀ, ଗୋଟିଏ ଲକେଟ୍ ସୋହନ ସ୍ମିତାଙ୍କୁ ଦେଇ ସାରିଥିଲା । ସ୍ମିତା ପ୍ରତିବାଦ କଲେ ତା'ର ଉତ୍ତର ଥିଲା—ଏତେ ଟଙ୍କା ମୋର କଣ ହବ । ବନ୍ଧୁମାନଙ୍କ ପଛରେ ଟଙ୍କା ଖର୍ଚ୍ଚ କରିବା କଣ ବୃଥା, ଅନ୍ୟାୟ ?

ଆଜି କୁଆଡ଼େ ଯିବା ? ଧୂମକେତୁ ଓ ମୀନକେତନ ତିନଟା ବେଳକୁ କୁଆଡ଼େ ଯାଇଛନ୍ତି ।

ଦୁହିଁଙ୍କୁ କାର୍‌ରେ ଗୁହନେତା ଶିବଲାଲ୍ ବକ୍‌ସିଙ୍କ ପାଖକୁ ସେ [illegible]ର ଦେଇଛି । ଗତକାଲି ମିଲିକବାର୍‌ରେ ମିଷ୍ଟର୍ ବକ୍‌ସିଙ୍କ ଆସିବା ଦେଖା ହୋଇଯାଇଥିଲା ।

ଚହ୍ଲେନ, ମୁଁ ଯାଇଥାନ୍ତି ।

ତୁମେ ପରା ଜଣେ ନେସୀ ! ମୁଁ ଶୁଣିଥିଲି, କିନ୍ତୁ ଭୁଲି ଯାଇଥିଲି । ତୁମକୁ ଦେଖିଲେ ଜଣେ ନେସୀଙ୍କ ପରି କିନ୍ତୁ ଜଣା ପଡ଼ିନ ।

ନେସୀମାନେ କିପରି ଦିଶନ୍ତି କି ?

ଜାଣିନ ! ଚଉଡ଼ା ନାକ, ଶୁଖିଲା ଓଠ, ଖିଷଣ ମୋଟା କମ୍ବା ଅତି ପାତଳ, ଇତ୍ୟାଦି ଇତ୍ୟାଦି !

ମୁଁ କିପରି ଦିଶୁଛି ?

ତୁମେ ! ସୁନ୍ଦର ସ୍ତ୍ରୀଟିଏ···ପ୍ରତି ଇଞ୍ଚରେ ସୁନ୍ଦର ଓ ପ୍ରତି ଇଞ୍ଚରେ ସ୍ତ୍ରୀ !

ହେଉ ଥାଉ, ଆଜି କୁଆଡ଼େ ଯିବା !

ରିଗାଲ ସିନେମା ହାଉସ୍‌କୁ ଫାଷ୍ଟ ସୋ, ସେଠୁ ଗନ୍‌ଗା ହୋଟେଲକୁ ଡିନର୍ ଓ ନାଚ ପାଇଁ ।

ହଉ ।

ବମାଟା ନାଲି ନାଇଲନ୍ ଶାଢ଼ୀ ସହିତ ନାଲି ନାଇଲନ୍ କନାର ବ୍ଲାଉଜ ଓ ନାଲି କନାର ସାୟା ପିନ୍ଧି ବାହାରିଲେ । ବେଣୀରେ ନାଲି ଫିତା, ପାଦରେ ନାଲି ଚପଲ ଦେଖି ସୋହନ୍ ହସି କହିଲା—ତୁମକୁ ଏ ବେଶରେ ଦେଖି ମୋର ସଂସାରର ସବୁ ଦର୍ପଣକୁ ଭାଙ୍ଗିଦବାକୁ ଇଚ୍ଛା ହେଉଛି ।

କାହିଁକି ?

ଦର୍ପଣରେ ତୁମେ ନିଜକୁ ଦେଖିଲେ ତୁମର ଗର୍ବ ନାହିଁ ନଥିବା ବଢ଼ିଯିବ ।

ହଉ ଚାଲନ୍ତୁ ।

ବର୍ତ୍ତମାନ କେତେଟା ବାଜିଲା ଘଡ଼ି ଦେଖିଲ ! ମୋ ଘଣ୍ଟାଟା ବନ୍ଦ ହୋଇଯାଇଛି ।

ପାଞ୍ଚଟା ପନ୍ଦର ।

ଟାଇମ୍ ଅଛି ।

ସୋହନ ଓ ବନୀତା ନାଚରୁ ଫେରୁ ଫେରୁ ରାତି ସାଢ଼େ ଦୁଇଟା ହୋଇଯାଇଥିଲା । ଧୂମକେତୁ ଓ ମୀନକେତନ ରୁମ୍‌କୁ ଆସି ଶୋଇ ଯାଇଥିଲେ । ବନୀତା ତାଙ୍କ ରୁମ୍‌କୁ ଯିବାପୂର୍ବରୁ ସିଢ଼ି ପାଖରେ କହିଲେ—

ଗୁଡ୍ ନାଇଟ୍ ମିଷ୍ଟର ବଲବୀର !

ଗୁଡ୍ ନାଇଟ୍ ମିସ୍ ବନୀତା !

ସୋହନ୍ ଗୁଣୁ ଗୁଣୁ ହୋଇ ଗୀତଟିଏ ଗାଇ ଗାଇ ତା' ରୁମ୍‌କୁ ଚାଲିଗଲା, ବନୀତା ତାଙ୍କ ରୁମ୍‌କୁ ।

ସ୍ୱିଚ୍ ଟିପିବା ମାତ୍ରକେ ଉଜ୍ଜ୍ୱଳ ଆଲୋକ ରୁମ୍ ଭିତରେ ଖେଳିଗଲା । ଦୁଆରପାଖକୁ ଲାଗି ସ୍ୱିଚବୋର୍ଡ୍, ଦୁଆରବନ୍ଧଠୁ ବନୀତା ଲଫାପାଟିଏ ଗୋଟାଇ ନେଇ ଆଗ ଦେଖିନେଲେ ଚିଠିଟି କେଉଁଠୁ ଆସିଛି । ଚିଠିଟି ଆସିଥିଲା ଜୟପୁରରୁ, ଜ୍ୟୋତ୍ସ୍ନା ଦେଇଥିଲେ ତା' ପାଖକୁ ବନାରସ ଠିକଣାରେ । ରିଡ଼ାଇରେକଟେଡ୍ ହୋଇ ଚିଠିଟି ଦିଲ୍ଲୀ ଆସିଥିଲା । ବନୀତା ଚିଠିଟିକୁ ଖଟ ଉପରେ ରଖିବା ପରେ ଫ୍ୟାନ୍ ସୁଇଚ୍ ଟିପିଦେଇ ଲୁଗା ବଦଳାଇବାରେ ଲାଗିଲେ ।

ମିସ୍ ବନୀତା ! ବାସ୍ତବିକ ତୁମେ ଅତି ସୁନ୍ଦର !

ସୋହନଙ୍କ କଣ୍ଠସ୍ୱର ଶୁଣି ବନୀତା ଖିପ୍ରଭାବେ ଚମକି ପଡ଼ିଲେ । ଦୁଆର ବନ୍ଦକରିବାକୁ ତାଙ୍କର ମନେ ନ ଥିଲା । ଦୁଆର ବନ୍ଦ ହୋଇଛି ଭାବି ସେ ଅଯତ୍ନଭାବେ ଶାଢ଼ୀ ବଦଳାଉ ଥିଲେ । ବ୍ଲାଉଜ୍ ଅଧାଖୋଲିବା ଅବସ୍ଥାରେ ସୋହନ କଥା ଶୁଣି ସେ ସଙ୍ଗେ ସଙ୍ଗେ ଲୁଗା ସଜାଡ଼ି ନେଇ କହିଲେ—ବସନ୍ତ, ବସନ୍ତ,

ଆପଣ ହଠାତ୍ ଆସିଯିବେ ବୋଲି ମୁଁ ଭାବି ନଥିଲି । କିପରି ଆସିଗଲେ ?

ସୋହନ ମୁହଁ ଲାଲ୍ ପଡ଼ିଯାଇଥିଲା । ସେ କିଛି କହିବା ପୂର୍ବରୁ ବନୀତା 'ବସନ୍ତୁ, ମୁଁ ଆସୁଛି କହି' ବାଥ୍‌ରୁମ୍ ଭିତରକୁ ଚାଲିଗଲେ । ବନୀତା ବାଥ୍‌ରୁମ୍ ଭିତରେ ପଶିବା ମାତ୍ରକେ ସୋହନ୍ ଉଠିଯାଇ ଦୁଆରକୁ ଓ ଝରକାଗୁଡ଼ିକୁ ଭିତରୁ ବନ୍ଦ କରିଦେଲା । ପାଞ୍ଚ ମିନିଟ ପରେ ବନୀତା ବାଥ୍ ରୁମ୍‌ରୁ ସୁସଜ୍ଜିତା ହୋଇ ବାହାରିଲେ ।

ବହୁତ ଡେରି କରିଦେଲେ ?

ଡେରି ? ମୋଟେ ପାଞ୍ଚ ମିନିଟ ତ ହୋଇନି !

ଓଃ, ଟେବୁଲରେ ଥୁଆ ହୋଇଥିବା 'ଜାଜ୍' ଘଡ଼ିକୁ ଚାହିଁ ସୋହନ କହିଲା—ମୋତେ ଲାଗିଲା ଯେପରି ବହୁତ ଡେରି ହୋଇଗଲା । ସୋହନ୍ ବନୀତାକୁ ଚାହିଁଲା । ସେ ଘର ମଝିରେ ଠିଆ-ହୋଇ ତା' ଆଡ଼କୁ ଚାହୁଁଥିଲେ । ହଠାତ୍ କିଛି ସମୟ ପାଇଁ ଦୁହେଁ ଚୁପ ହୋଇଗଲେ । ଅଜ୍ଞାତ ଆଶଙ୍କା ଦୁହିଁଙ୍କୁ ଦୁର୍ବଳ କରି ପକାଉ-ଥାଏ । ବନୀତା ଭିତରେ ଭୟରେ ଥରୁଥିଲେ ମଧ୍ୟ ଦମ୍ଭ ଧରି ଠିଆହୋଇଥାନ୍ତି । ସୋହନ କଥାକୁ କିପରି ଆରମ୍ଭ କରିବ ସେ କଥା ମନେ ମନେ ଠିକ କରୁଥାଏ ।

ଆପଣ ଯାନ୍ତୁ ଶୋଇବେ, ରାତି ବହୁତ ହେଲାଣି, ମୋତେ ନିଦ ବି ଲାଗୁଛି । ବନୀତା, ନିଦ ଲାଗିବାର ବାହାନା ଦେଖାଇ ହାଇ ମାରିଲେ । ସୋହନ ହାତରୁ ସୁଯୋଗ ଚାଲିଯାଉଥିବା ଦେଖି ସବୁତକ ସାହସ ଖଟାଇ କହିଲା—

ବନୀତା, ମୁଁ ଜରେଶ୍ର କଥା ନେଇ ଆସିଛି । ମୁଁ ତୁମକୁ ଭଲ ପାଏ ବନୀତା । ଚାଲ ଆମେ ଆମ ବନ୍ଧୁତାକୁ ଆଜ ସାର୍ଥକ କରିବା । ସୋହନ୍ କହୁ କହୁ ଠିଆହୋଇ ପଡ଼ିଲା ।

ପରିଷ୍କାର କରି କୁହନ୍ତୁ······ବନୀତା ସବୁ ବୁଝି ଥିଲେ ମଧ୍ୟ କିଛି ନବୁଝିଲା ପରି ପଚାରିଲେ । ତାଙ୍କର ମୁହଁ ଆଶଙ୍କାରେ କଳା ପଡ଼ି ଆସୁଥାଏ ।

ସୋହନ୍ ବନୀତାଙ୍କ ଆଡ଼କୁ ଆଗେଇ ଆସିବାରୁ ବନୀତା ଦି'ପାଦ ପଛକୁ ଘୁଞ୍ଚିଯାଇ ବଡ଼ପାଟିରେ କହିଲେ—କଣ ଚାହାଁନ୍ତି ଆପଣ ? ଏ ଦୁଆର ଝରକା ସବୁ କିଏ ବନ୍ଦ କଲା ?

ବନୀତା ଏକଥା କହୁ କହୁ ସୋହନ୍ ଲାଇଟ୍ ଲିଭାଇଦେଇ ଜିରୋପାଓ୍ୱାରର୍ ବ୍ଲୁ ଲାଇଟ୍ ଲଗାଇ ଦେଲା । ଘରସାରା ମୃଦୁ ନୀଳ ଆଲୋକ ଖେଳିଯାଇଥାଏ । ରେଡ଼ିଓଗ୍ରାମ୍ ଚାଲୁଛି ?

ବନୀତା ସ୍ତମ୍ଭୀଭୂତହୋଇ ଠିଆ ହୋଇଥାନ୍ତି । ରେଡ଼ିଓଗ୍ରାମ୍‌ରୁ ମିସ୍-ମୁଖର୍ଜିଙ୍କର ଧୀର ମୃଦୁଳ କଣ୍ଠସ୍ୱର ଭାସିଆସିଲା ।

ନା ସୋହନ୍ ବାବୁ ଏସବୁ ହୋଇ ପାରିବନି, ଆପଣ···

ସୋହନ୍ ବନୀତା ଦୁଆର ଆଡ଼େ ଯାଉଥିବା ଦେଖି ତାଙ୍କର ବାଟ ଓଗାଳି ଠିଆହୋଇଗଲା ।

ନା ମୋତେ ଛାଡ଼ନ୍ତୁ, ମୁଁ ଚାଲିଯିବି, ମୋତେ···

ହ୍ୟାଲୋ, ମିସ୍ ବନୀତା, କାଲି ରାତି କିପରି କଟିଲା ।

ତହିଁ ଆରଦିନ ସକାଳୁ ସୋହନ୍ ବନୀତାଙ୍କ ରୁମ୍‌ରେ ପଶୁ ପଶୁ ପଚାରିଲା, ପଛେ ପଛେ ଧୂମକେତୁ ଓ ମୀନକେତନ ।

କାଲି ଆମେ ବକ୍ସିଙ୍କ ଘରୁ ଫେରିବା ବେଳକୁ ତୁମେ ଦୁହେଁ ନ ଥିଲ । କୁଆଡ଼େ ଚାଲି ଯାଇଥିଲ ? ଧୂମକେତୁ ପଚାରିଲା ।

ରିଗାଲ୍ ତାପରେ ଗନ୍‌ଗା ।

ବନୀତା ସୋଫାରେ କପାଳରେ ହାତଦେଇ ବସିଥାନ୍ତି । ସୋହନ ସେହି ସୋଫା ଉପରେ ବନୀତାଙ୍କୁ ଅଳ୍ପ ଛୁଇଁ ବସିଗଲା ।

କଣ ଲକ୍ଷେଟଙ୍କାର ଜିନଷ ହଜାଇଦେବା ପରି ତୁମେ ମୁହଁ କରିଛ, କୁହ ଆଜିର ପ୍ରୋଗ୍ରାମ୍ କଣ ।

ସୋହନର ଅତ୍ୟଧିକ ଆନନ୍ଦ ଧୂମକେତୁ ଓ ମୀନକେତନ ଉଭୟେ ବାରି ପାରିଲେ ।

ମୋ ଦେହ ଭଲ ଲାଗୁନି, ମୁଁ ଆଜି କୌଣସି ଆଡ଼େ ଯାଇ ପାରିବିନି । ବନୀତା ଦୁଃଖ ଓ ବିରକ୍ତିରେ କହିଲେ । ଧୂମକେତୁ ବନୀତାଙ୍କ ମୋଟା ସ୍ୱର ଶୁଣି ତାଙ୍କ ଆଡ଼କୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲା । ବନୀତାଙ୍କ ଆଖି ଓ ବେକ ଫୁଲି ଯାଇଥିବା ପରି ତାର ମନେ ହେଲା ।

ସତରେ ତୁମ ଦେହ ଖରାପ ହୋଇଛି ନା କଣ ! ଧୂମକେତୁ ପଚାରିଲା ।

ବୋଧହୁଏ କାଲି ରାଜି ଅନନ୍ତା ଯୋଗୁ ସେପରି ଦିଶୁଛନ୍ତି । ମିସ୍ ବନୀତା, ଆଜ ତୁମକୁ ଛୁଟି ଦିଆଯାଉଛି । ଯେତେ ଇଚ୍ଛା ସେତେ ଶୁଅ । କାଲି ରାତିଗାଡ଼ିରେ କିନ୍ତୁ ଆମେ ବମ୍ବେ ଯାଉଛେ ।

ସୋହନ୍ ଉଠି ଚାଲିଗଲା । ମୀନକେତନ ତାକୁ ଅନୁସରଣ କଲା । ଧୂମକେତୁ ବନୀତାଙ୍କ ଆଡ଼କୁ ବାରମ୍ବାର ଚାହିଁ କଣ ଭାବୁଥାଏ । ହଠାତ୍ ତା' ମନକୁ ଆସିଲା—ବନୀତା ଭ୍ରଷ୍ଟା···ବନୀତାଙ୍କର ନାରୀତ୍ୱ ଆଉ ନାହିଁ ।

ଆପଣ ଯାନ୍ତୁ, ମୁଁ ଶୋଇବି ।

ଧୂମକେତୁ ଉଠି ଚାଲିଗଲା । ବନୀତା ଚିନ୍ତିତ ହୋଇ ରୁମ୍‌ରେ ବସି ରହିଲେ । ହଠାତ୍ ତାଙ୍କର ଗତରାତିର ଚିଠି କଥା ମନେ ପଡ଼ିଗଲା । ସେ ଲଫାପାଟିକୁ ଖୋଲି ପଢ଼ିଲେ—

ସିଆଦପୁର, ରାଜସ୍ଥାନ

ତା·············

ସ୍ନେହର ବନୀତା,

ତୁ ତ ରାଜପ୍ରେମୀ ହେଲୁ । ବର୍ତ୍ତମାନ ମହା ଆନନ୍ଦରେ ଥିବୁ । ମୁଁ ମୋ ଭାଗ୍ୟ ଆଦରି ଅଛି । ତୋତେ ସୁଶାନ୍ତବାବୁ ଭଲ ନ ପାଉଥିଲେ ମୋ ଭାଗ୍ୟ ଆଜ ଭିନ୍ନ ହୋଇଥାନ୍ତା ।

ସୁଶାନ୍ତବାବୁ ଭଲରେ ରୁହନ୍ତୁ । ତାଙ୍କୁ ମୋ ପ୍ରଣାମ ଜଣାଇ ଦେବୁ । ସୁଶାନ୍ତବାବୁ ପ୍ରତିଦିନ ତୋ ପାଖକୁ ଆସୁଥିବେ । ଭଗବାନଙ୍କୁ ଡାକିବୁ, ଭୁଲିଯିବୁନି । ମୋ ପାଇଁ ସିନା ସେ ମୃଗତୃଷ୍ଣା, ଆକାଶ କୁସୁମ ହୋଇ ରହିଗଲେ, ତୋପାଇଁ···

ହଠାତ୍ ଦୁଆରେ କରାଘାତ ହେବାରୁ ବନୀତା ଚିଠିଟିକୁ ତକିଆ ତଳେ ରଖିଦେଇ ଦୁଆର ଖୋଲିବାକୁ ଚାଲିଗଲେ ।

ବନିତାଙ୍କୁ ଶୋଇବାକୁ ଛାଡ଼ିଦେଇ ଧୂମକେତୁ ତା ରୁମ୍‌କୁ ଚାଲିଆସିଲା । ମୀନକେତନ ଶୋଇଶୋଇ ଖବର କାଗଜ ପଢ଼ୁଥାଏ । ଧୂମକେତୁ ଆସି ସୋଫାରେ ବସି ବନିତାଙ୍କ କଥା ଭାବିବାରେ ଲାଗିଲା । ବନିତାଙ୍କ ବ୍ୟବହାର, କ୍ଷଣକୋପ ଓ ମଳିନ ମୁଖ ତା' ମନରେ କିଛି ସମୟ ପୂର୍ବେ ଉଠିଥିବା ଧାରଣାକୁ ବଳବତ୍ତର କରୁଥିଲେ । ବନିତା ତାଙ୍କର ନାରୀତ୍ୱକୁ ହରାଇ ସାରିଛନ୍ତି । ଏ ଭାବନା ମନରେ ଦୃଢ଼ୀଭୂତ ହେବା ସଙ୍ଗେ ସଙ୍ଗେ ଧୂମକେତୁ ନିଜର ଅସଫଳତା ଯୋଗୁ ଗ୍ଲାନି ମଧ୍ୟ ଅନୁଭବ କରୁଥାଏ; କିନ୍ତୁ ରାଜନୈତିକ ସଫଳତା ତୁଳନାରେ ନାରୀର ଶରୀର ଭୋଗ କେତେ ତୁଚ୍ଛ ! ଦୁଇଟିଯାକ ମିଳିପାରିଲେ ଜନ୍ମ ସାର୍ଥକ ହୁଏ । କିନ୍ତୁ ଜଣେ ବିଷୟୀ ଲୋଲୁପ ଠିକାଦାର ସହିତ ଜଣେ ନେତାର ତୁଳନା କରାଯାଇ ପାରେ ନା । ଠିକାଦାର ଦିନରେ ଚବିଶି ଘଣ୍ଟାରୁ ସବୁ ସମୟ ନାରୀର ମନ ତୋଷଣ ପାଇଁ ଦେଇପାରେ; କିନ୍ତୁ ଜଣେ ନେତା ପାଇଁ ସେସବୁ ସାଧାରଣ କଥା ପାଇଁ ଏତେ ସମୟ କାହିଁ ? ହଠାତ୍ ଧୂମକେତୁ ଭାବନା ବନ୍ଦକରି ଠିଆ ହୋଇପଡ଼ିଲା । କଣ ଯେପରି ନିଷ୍ପତ୍ତି କରୁଥାଏ । କିଛିସମୟ ଠିଆହୋଇ ଭାବିବା ପରେ ସେ ବନିତାଙ୍କ ରୁମ୍ ଆଡ଼କୁ ଚାଲିଲା ।

ବନିତା ଦୁଆର ଖୋଲିଲେ । ଧୂମକେତୁ ଦୁଆର ବାଡ଼ଉଥିଲା, ଦୁଆର ଅଧମେଲା ରଖି ବନିତା 'କଣ' ବୋଲି ପଚାରୁ ପଚାରୁ ଧୂମକେତୁ ରୁମ୍ ଭିତରକୁ ପଶି ଆସି ବନିତାଙ୍କୁ କହିଲା—

ମିସ୍ ବନିତା, ତୁମର ଦେହ ହଠାତ୍ ଖରାପ ହୋଇଯିବାରୁ ମୁଁ ଦୁଃଖିତ । ମନି ବନାରସରୁ ଆସିବା ବେଳେ ତୁମର ଦାୟିତ୍ୱ

ମୋ ଉପରେ ଲଦି ଦେଇଥିଲେ । ଏତେ ରାତି ଯାଏଁ ବୁଲିବା ବା ଅନିଦ୍ରା ରହିବା ଅନୁଚିତ । ପୁଣି ସୋହନ ସହିତ ଏତେ ଘନିଷ୍ଠତା କଣ ମମି ଶୁଣିଲେ ଭଲ କହିବେ ?

ବିମାତା ଧୀରେ ଧୀରେ ଧୈର୍ଯ୍ୟ ହରାଉଥାନ୍ତି । ଧୂମକେତୁର ସ୍ୱର କମୁଥାଏ, ମୁହଁ ଅସ୍ୱାଭାବିକ ରୂପେ ଲାଲ ପଡ଼ୁଥାଏ ।

ମୁଁ ତୁମ ପାଇଁ ଓ ମୋ ପାଇଁ ଦୁଇଟି ଟିକଟ 'ତାରକା' ସିନେମାରେ କାଲଠୁ କରିଦେଇଛି । ଆଜି ଦୁଇଟା ବେଳେ ଯିବା । ସିନେମା ଘରକୁ ଲାଗି ହୋଟେଲ । କିଛି ଅସୁବିଧା ହେବନି ।

ଗେଟ୍ ଆଉଟ୍, ଗେଟ୍ ଆଉଟ୍, ଗେଟ୍ ଆଉଟ୍ । ବିମାତା ଦେବୀଙ୍କ ଧୈର୍ଯ୍ୟ ବନ୍ଧ ଭାଙ୍ଗିଗଲା । ଧୂମକେତୁକୁ ସେ ଧକାମାରି ରୁମ୍‌ରୁ ବାହାର କରିଦେଲେ ।

ସୁଶାନ୍ତ ଶାନ୍ତିରେ ଦୁଇଟି ମାସ ବହିପଢ଼ି ଓ ଲେଖାଲେଖି କରି କଟାଇଦେବ ବୋଲି ଭାବିଥିଲା । ବିମାତା ବନାରସ୍‌ରେ ନ ଥିଲେ । ମିସ୍ ଜ୍ୟୋସ୍ନା ଓ ତାଙ୍କର ପରିବାରର ସମସ୍ତେ ରାଜସ୍ଥାନ ଚାଲିଯାଇଥିଲେ ଜ୍ୟୋସ୍ନାଙ୍କ ବାହାଘର ପାଇଁ । ବାହାଘରକୁ ତା' ପାଖକୁ ନିମନ୍ତ୍ରଣ ଆସି ନ ଥିଲା, କିନ୍ତୁ ସେ ଜଣେ ଅଧ୍ୟାପକଙ୍କ ପାଖକୁ ଆସିଥିବା ନିମନ୍ତ୍ରଣପତ୍ରରୁ ବିଭାଘରର ତାରିଖ ଜାଣି ଜ୍ୟୋସ୍ନାଙ୍କ ପାଖକୁ ବନାରସୀ ଶାଢ଼ିଟିଏ ଓ ହାତୀଦାନ୍ତର ଫରୁଆଟିଏ ପଠାଇ ଦେଇଥିଲା । ଉପହାର ସହ ଦେଇଥିବା ଚିଠିରେ ସେ ଲେଖିଥିଲା—

ଜ୍ୟୋସ୍ନା,

ତୁମର ଆଜି ବିଭାଘର ବୋଲି ମୋ ହୃଦୟ ଆନନ୍ଦରେ ନାଚିଉଠୁଛି । ବିଶ୍ୱନାଥଙ୍କ ପାଖକୁ ତୁମ ପାଇଁ ଯାଇଥିଲି । ସଦା ସୌଭାଗ୍ୟବତୀ ହୁଅ । ଦଶଟି ପୁଅ ହେଉ । ଜଣକର ନାଁ ସୁଶାନ୍ତ ଦେବ । ଇତି ।

ତୁମର ସହାଧ୍ୟାୟୀ
ସୁଶାନ୍ତ

ଏକୁଟିଆ ବେଳେ ବିମାତା ମନେ ପଡୁଥିଲେ, ଟିକିଏ ସମୟ ନ ରହିଲେ ମନ ତାଙ୍କୁ କେନ୍ଦ୍ରକରି ଅନେକ ଜିନିଷ କଳ୍ପନା କରି ଯାଉଥିଲା । ବେଳେ ବେଳେ ତାଙ୍କୁ ଦେଖିବା ପାଇଁ, ତାଙ୍କ ସହିତ କଥାବାର୍ତ୍ତା ହେବାପାଇଁ ପ୍ରବଳ ଇଚ୍ଛା ହେଉଥିଲା । ଜ୍ୟୋସ୍ନା ମଧ୍ୟ

ମନେ ପଡୁଥିଲେ । ସୁଶାନ୍ତ ହଷ୍ଟେଲରେ କେହି ସାଥି ନ ଥିବାରୁ ଏପରି ଭାବନା ଆସୁଛି ବୋଲି ବିଗୃରୁଥିଲା । ବେଳେ ବେଳେ ସେ ଭାବୁଥିଲା ଏ ଭଲ ପାଇବା ଜିନଷ କଣ ? ବିଶ୍ଳେଷଣ କଲେ ଯୌନ, ପ୍ରଜନନ, ବାତ୍ସଲ୍ୟ ଏହି ସବୁ ଉପାଦାନ ନେଇ ଭଲ ପାଇବା ତ ହୋଇଛି ! ପୁଣି ବିମାତା ତ ତା'ପାଇଁ ଏତେ ଅବାନ୍ତର, ତାକୁ ଭଲ ପାଇବା, ତା ଭଲ ପାଇବାରେ କଣ ମୂଲ୍ୟ, କଣ ପରିଣତି ?

ଦିନପରେ ଓ ଲେଖା ଗୃଲିଥାଏ । ହଠାତ୍ ଦିନେ ଧୂମକେତୁ ଓ ମୀନକେତନ ଦିଲ୍ଲୀରୁ ଫେରିଆସିଲେ । ଦିଲ୍ଲୀରୁ ଫେରିବା ପରେ ଦୁହିଙ୍କ ବ୍ୟବହାରରେ ସୁଶାନ୍ତ ବହୁତ ପରିବର୍ତ୍ତନ ଦେଖିଲା । ଦୁହେଁ ଅନାବଶ୍ୟକ ଭାବେ ଗମ୍ଭୀର ରହୁଥିଲେ । ବିଶେଷ କରି ଧୂମକେତୁ । ସେମାନଙ୍କୁ ବିମାତାଙ୍କ କଥା ପଗ୍ଭରିଲେ କିଛି ନକହି ସେମାନେ ଗୃଲି ଯାଉଥିଲେ, ବା ଟାଳିଦେଇ ଦେଉଥିଲେ । ଦିଲ୍ଲୀରୁ ହଠାତ୍ ଗୃଲିଆସିବା କାରଣ ମଧ୍ୟ କେହି କହୁ ନ ଥିଲେ ।

ଦିନେ ସୁଶାନ୍ତ କଫି ହୋଟେଲରେ ବସି ଚା' ପିଉଛି କେତେଜଣ ଗୁପ୍ତ କଥାହେଉଥିବା ଶୁଣିଲା ।

ଭାଇ, ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ସୁନ୍ଦରୀଙ୍କ କଥା ଶୁଣିଲୁଣି ?

ଆଉ ଦୁଇଜଣ ଉତ୍ସୁକ ହୋଇ ଶୁଣୁଥାନ୍ତି ।

ଆମେ ଭାବିଥିଲେ କେଡ଼େ ଭଲ ବୋଲି, କିନ୍ତୁ ବଡ଼ ଚୁପ ସଇତାନ ବୋଲି ଶେଷରେ ଜଣା ପଡିଲା । ଦିଲ୍ଲୀରେ ଜଣେ ଶିଖ ଯୁବକର ପ୍ରେମିକା ହୋଇ ରହିଛନ୍ତି । ମୁଁ ତ ଶୁଣୁଛି ବିମାତା ଦେବୀ ବିବାହ କରିବା ପାଇଁ ସେ ଯୁବକକୁ ବାଧ୍ୟ କରୁଛନ୍ତି; କିନ୍ତୁ ଦିଲ୍ଲୀ ଟୋକା ସେ, ସହଜରେ କି ଧରାଦିଏ ।

ବାଃ, ସେ ଯାହାହେଉ ଶିଖଚୋକା ବଡ଼ ଗୁଲକ ପଡ଼ିଲା ତ ! ବନାରସରେ ଏତେ ଗୁଣସରୁ ଯାହା କେହି କରିପାରି ନ ଥିଲେ ତା' ସେ କରିଦେଲା । ବିମାତାଙ୍କ ଭଳି ସୁନ୍ଦରୀ, ଦେବୀଙ୍କୁ ନିଜର ପ୍ରେମିକା କରିଦେଇ ପାରିଲା । ଆମେ ତ ତାଙ୍କୁ ଦୁର୍ଦ୍ଦମମାୟା ବୋଲି ଭାବିଥିଲୁ । ଯେତେ ହେଲେ ସ୍ତ୍ରୀ !

ସୁଶାନ୍ତ ଆଉ ଶୁଣିବାକୁ ଅପେକ୍ଷା କଲାନି, ଉଠି ଚାଲି ଆସିଲା । ତାହେଲେ ତାର ଭୟ, ଆଶଙ୍କା ସତ୍ୟ ହେଲା, ବିମାତା ଦେବୀ ଚରିତ୍ରଭ୍ରଷ୍ଟା ହେଲେ । ନା, ନା, ଏ କଥା କଦାପି ସତ୍ୟ ହୋଇ ନ ପାରେ ।

କିନ୍ତୁ ଅପବାଦ ଦିନକୁ ଦିନ ବଢ଼ିବାକୁ ଯିବା ଲାଗିଲା, କମିଲାନି । ଗ୍ରୀଷ୍ମାବକାଶ ଯାକ ଏହିପରି କିଛି ନା କିଛି ସେ ବିମାତାଙ୍କ ବିଷୟରେ ଶୁଣିବାକୁ ପାଇଲା । ସତ କଥା ଜାଣିବାକୁ ମନ ଉଚ୍ଚାଟ ହେଉଥାଏ; କିନ୍ତୁ ଜନରବ ଶୁଣିବା ଛଡ଼ା ଆଉ କିଛି ଜାଣିବାକୁ ଉପାୟ ନଥିଲା । ବେଳେ ବେଳେ ସେ ଭାବେ ଏ ସବୁ ଘଟଣା ମିଛ ହୋଇଥିବ । ବିମାତାଙ୍କ ଭଳି ଝିଅ ନାରୀତ୍ୱକୁ ଏପରି କେବେହେଲେ ଦଳିଦେବେନି । ନିଜ ଉପରେ ବିରକ୍ତ ଲାଗେ, ସେ ଭାବେ ବିମାତାଙ୍କ ଭଳି ଉଚ୍ଚଶିକ୍ଷିତା ଓ ବୁଦ୍ଧିମତୀ ଝିଅ ନିଜର ମାନ ସମ୍ଭ୍ରମ କିପରି ରଖିବାକୁ ହୁଏ ତା ଜାଣନ୍ତି । ସେ ବୃଥାରେ ଚିନ୍ତା କରୁଛି; କିନ୍ତୁ ମନକୁ ଯେତେ ବୋଧ ଦେଲେ ମଧ୍ୟ ମନ ମାନେନି । ସୁଶାନ୍ତ ଦୁଃଖିତ ହୋଇପଡ଼େ ।

କଲେଜ ଖୋଲିବା ପରେ ବିମାତାଙ୍କ ବିଷୟରେ ଚର୍ଚ୍ଚା ବଢ଼ିଗଲା ଓ ନାନା ଉଦ୍ଭଟ କଥା ଶୁଣାଗଲା ।

କଥାର ସତ୍ୟାସତ୍ୟ ଜାଣିବାପାଇଁ ଦିନେ ସୁଶାନ୍ତ ଧୂମକେତୁ ପାଖକୁ ଗଲା । ରୁମ୍ ଖୋଲା ଥିଲା । ଧୂମକେତୁ ବସି ପଢୁଥିଲା ।

ମୁଁ ଭିତରକୁ ଆସିପାରେ କି ?

ହଁ, ଆସ୍ ।

ସୁଶାନ୍ତ ରୁମ୍ ଭିତରକୁ ଯାଇ ଚେୟାରରେ ବସିଲା । ଧୂମକେତୁ ଦିଲ୍ଲୀରୁ ଫେରିବା ପରେ ଦ୍ୱିତୀୟଥର ପାଇଁ ଦୁହିଁଙ୍କ ଦେଖା ହୋଇଥିଲା ।

ଧୂମ, ତୋଠି ମୁଁ ଅନେକ ପରିବର୍ତ୍ତନ ଦେଖୁଛି । ତୁ ଆଜି-କାଲି ବେଶି କଥାବାର୍ତ୍ତା ହେଉନୁ । ସବୁବେଳେ କଣ ଭାବୁଛୁ ।

ଦିଲ୍ଲୀରେ କେତେଜଣ ଯୁବନେତାଙ୍କ ସହ କଥାବାର୍ତ୍ତା ହୋଇ-ଥିଲି । ଅନେକ ବିଷୟରେ ଆଲୋଚନା ହେଲା, ଭାରତରେ ବର୍ତ୍ତମାନ ଅବସ୍ଥା, ପାର୍ଟି ପ୍ରଥା, ଗଣତାନ୍ତ୍ରିକ ଶାସନ...ସେମାନଙ୍କ ସହ ଆଲୋଚନା ପରେ ମୁଁ କିଛି କିଛି ଉପଲବ୍ଧି କଲି ଆମେ କୁଆଡ଼େ ଗତି କରୁଛେ । ଭାରତର ରାଜନୈତିକ ଅବସ୍ଥା ଯାହା, ଯଦି କେତେଜଣ ସଚ୍ଚୋଟଲୋକ ରାଜନୀତିରେ ନ ମିଶନ୍ତି ତାହେଲେ ପ୍ରତିକ୍ରିୟାଶୀଳ ଲୋକଙ୍କ ସାର୍ବଭୌମତ୍ୱ ଅଚିରେ ସ୍ଥାପିତ ହୋଇଯିବ ।

ସେଇଥିପାଇଁ ଏତେ ଚିନ୍ତିତ ?

ଚିନ୍ତିତ ମୁଁ କାହିଁକି ହେବି । ସେଇ କଥାଗୁଡ଼ିକୁ ଭାବି ମୁଁ ମୋ କର୍ତ୍ତବ୍ୟ ନିରୂପଣ କରୁଛି ।

ସେଇଟା କି ବହି ପଢ଼ୁଛୁ ।

ଭାରତରେ କମ୍ୟୁନିଜମ୍, ଫିଲପ୍ସ୍ପ୍ରାଟ ଲେଖିଛନ୍ତି ।

ଧୂମ, ମିସ୍ ବନୀତାଙ୍କ ନାଁରେ ମୁଁ କଣ ଶୁଣୁଛି । ସତକଥା···

ମୁଁ କିଛି ଜାଣେନା । ମିଛ ବା ସତ ହୋଇଥାଏ, ଖବର କଣ !

କିନ୍ତୁ ମୁଁ ପ୍ରକୃତ ଘଟଣା ଜାଣିବାକୁ ଇଚ୍ଛା କରୁଛି । ଆଜି ମଧ୍ୟ ମୁଁ ଜାଣିବାକୁ ଚାହୁଁଛି ଏପରି ଅପପ୍ରଚାର କିଏ କରୁଛି ।

ସୁଶାନ୍ତ, ତୁ କାହିଁକି ବନୀତାଙ୍କ ବିଷୟରେ ଏତେ ଆଗ୍ରହୀ ଶୁଣେ ! ମୀନା ମଧ୍ୟ କହୁଥିଲା, ତୁ ତାକୁ ଦୁଇ ତିନଥର ବନୀତାଙ୍କ ବିଷୟରେ ଜେରା କରି ସାରିଲୁଣି ।

ମିସ୍ ବନୀତା ମୋର ବନ୍ଧୁ ।

ଆଚ୍ଛା ! !

ଧୂମ, ତୁ ଅନେକ କଥା ଜାଣିଛୁ, କିନ୍ତୁ ବାଁରଉଛୁ ।

ବେଶ୍ ଭଲ ହେଲା ।

ବନୀତାଙ୍କ ନାଁରେ ଅପପ୍ରଚାରଟା ମଧ୍ୟ ତୁ କରୁଛୁ । ତୁ ବନାରସକୁ ଫେରିବାଦିନଠୁ ତାଙ୍କ ନାଁରେ ଅପପ୍ରଚାର ଆରମ୍ଭ ହୋଇଛି ।

ଧୂମକେତୁ ରାଗରେ ସୁଶାନ୍ତକୁ ଚାହିଁଲା ।

ଅନୁଗ୍ରହକରି, ମୋ ପଢ଼ାପଢ଼ିରେ ବାଧା ହେଉଛି, ତୁ ଯା ।

ଆଜି କେତେଦିନ ପରେ ସୁଶାନ୍ତ ଶୁଣିଲା ବନୀତା ଅପରେସନ୍‌ରେ ମରୁ ମରୁ ବଞ୍ଚିଗଲେ । ସେ ଜଲ୍‌ଦି ବନାରସ ଫେରି ଆସୁଛନ୍ତି ।

ଅକ୍ଟୋବର ଅଠର ତାରିଖ । ସୁଶାନ୍ତ ଗ୍ରୀଷ୍ମାବକାଶରେ ଘରକୁ ଯାଇ ନ ଥିବାରୁ ଦଶହରା ଛୁଟିରେ ଘରକୁ ଯିବି ବୋଲି ଠିକ୍ କରି ରେଲୱେ କନ୍‌ସେସନ୍ ଇତ୍ୟାଦି କରିବାରେ ଲାଗିଥାଏ । ଘରକୁ ପାନମସଲା, କାଚ ଇତ୍ୟାଦି ନେବାକୁ ବୋଉ ଲେଖିଥାନ୍ତି ବିଶ୍ୱନାଥ ଲେନ୍‌ରେ କାଚ, ପାନମସଲା ଇତ୍ୟାଦି ଦୂରଦେଶରୁ ଲୋକ ଆସି ନେଉଥିବା ଅନେକ ଜିନିଷ ମିଳେ । ବିଶ୍ୱନାଥ ଦର୍ଶନ ଓ ମାର୍କେଟିଂ ଉଭୟ ଗୋଟିଏ ଜାଗାରେ ହୋଇପିବାର ସୁବିଧା ଥିବା ହେତୁ ବିଶ୍ୱନାଥ ଲେନ୍‌ରେ ଭିଡ଼ ମଧ୍ୟ ହୋଇଥାଏ । ସୁଶାନ୍ତ ଷ୍ଟେସନ ଅଫିସରେ କନ୍‌ସେସନ୍ କାମ ସାରି ଫେରିବା ବାଟରେ ବିଶ୍ୱନାଥ ମନ୍ଦିରକୁ ବୁଲିଲା । ମନ୍ଦିରରେ ଲୋକଙ୍କ ଭିଡ଼ ଲାଗିଥାଏ । ସୁଶାନ୍ତ ବେଢ଼ା ବୁଲୁଛି, ବନୀତାଙ୍କ ମାଙ୍କୁ ଦେଖିଲା । ନମସ୍କାର କରିବ ବୋଲି ସେ ଆଗକୁ ବଢ଼ିଗଲା । କଣ ଦେଖୁଛି ସେ ! ନିଜ ଆଖିକୁ ବିଶ୍ୱାସ କରି ପାରିଲାନି । ବନୀତା ଦେବୀ ! ବନୀତା ! ! କିଛିଦୂରରେ ଠିଆହୋଇ ମାଙ୍କୁ ଅପେକ୍ଷା କରୁଥିବା ବନୀତାଙ୍କୁ ଦେଖି ସେ ଆଶ୍ଚର୍ଯ୍ୟରେ ଅଭିଭୂତ ହୋଇଗଲା । ବନୀତାଙ୍କ ପୂର୍ବ ରୂପ ଓ ସୌନ୍ଦର୍ଯ୍ୟ ନ ଥିଲା । ସେ ହତଶ୍ରୀ ହୋଇ ଯାଇଥିଲେ । ପୂର୍ବର ସେ

ଘାଘରା ଓ ଓଢ଼ଣୀ ନ ଥିଲା, ସାଧାରଣ ଢଙ୍ଗରେ ସେ ଶାଢ଼ୀଟିଏ ପିନ୍ଧିଥିଲେ । ସୁଶାନ୍ତକୁ ହଠାତ୍ ଦେଖି ବନିତା କ୍ଷଣକ ପାଇଁ ପଥର ହୋଇଗଲେ । ଦୁହେଁ ଦୁହିଁଙ୍କୁ ଚାହୁଁଥିଲେ । ହଠାତ୍ ବନିତା ଦେବୀ ମାଙ୍କୁ ଅପେକ୍ଷା ନ କରି କ୍ଷିପ୍ରଗତିରେ ମନ୍ଦିରରୁ ବାହାରିଗଲେ । ସୁଶାନ୍ତ ପଛରୁ ଡାକିବ ବୋଲି ହେଉ ହେଉ ଡାକି ପାରିଲାନି । ଏଇ ତା ହେଲେ ପୂର୍ବର ବନିତା !! ବେଢ଼ା ପ୍ରଦକ୍ଷିଣ କରି ସେ ଶିବଙ୍କ ଆଗରେ ଠିଆ ହୋଇଥିଲା । ଆଖିରେ ଅଶ୍ରୁ ପୂରିଯିବା ହେତୁ ତାକୁ ସ୍ପଷ୍ଟ କିଛି ଦେଖାଗଲାନି । ବନିତାଙ୍କୁ ଦେଖିବାଠୁ ତା' ହୃଦୟରେ ଦୁଃଖ, ଆନନ୍ଦ, ଉଦ୍‌ବିଗ୍ନତା ସବୁ ମିଶି ତାକୁ ବ୍ୟଥା ଦେଉଥିଲେ । ଶେଷରେ ବନିତା ବନାରସ ଫେରି-ଆସିଲେ !

ଗଙ୍ଗାତରଙ୍ଗରମଣୀୟଜଟାକଲାପଂ
ଗୌରୀନିରନ୍ତରବିଭୂଷିତବାମଭାଗମ୍
ନାରାୟଣପ୍ରିୟମନଙ୍ଗମଦାପହାରଂ
ବାରାଣସୀ ପୁରପତି ଭଜ ବିଶ୍ୱନାଥମ୍ ।

ଗମ୍ଭୀର ସ୍ୱର ଲହରୀ ପାଖରୁ ଆସି ସୁଶାନ୍ତର ଧ୍ୟାନ ଭାଙ୍ଗି-ଦେଲା । ଜଣେ ସନ୍ନ୍ୟାସୀ ସ୍ତୁତି କରୁଥିଲେ । ଗାଲରୁ ଅଶ୍ରୁ ପୋଛି ପୋଛି ସେ ମନ୍ଦିରରୁ ବାହାରିକି ଆସିଲା ।

ବନିତାଙ୍କୁ କାହିଁକି ଏତେ ସେ ଭଲ ପାଉଛି ? ଭଲ ପାଇବା ମାନେ କଣ ? ବନିତାଙ୍କୁ ପାଇଲେ କଣ ନୂତନ କଥା ତା ଜୀବନରେ ଘଟିଯିବ ? ଏ ଭଲ ପାଇବା ପଛରେ ଯୌନକ୍ଷୁଧା କଣ କାମ କରୁ ନ ଥିବ । ଯଦି ଯୌନକ୍ଷୁଧାଇ ଭଲପାଇବାର ମୂଳପ୍ରେରକ

ତାହେଲେ ମୋହନ ସିଂଙ୍କୁ କାହିଁକି ନିନ୍ଦା କରାଯିବ । ତା' ଭଲପାଇବା ମୋହନର କାର୍ଯ୍ୟଠୁ କେଉଁ ଗୁଣରେ ଶ୍ରେୟସ୍କର । ବନୀତାଙ୍କୁ ଦେଖିଲେ, ବନୀତାଙ୍କ କଥା ଭାବିଲେ କାହିଁକି ଏତେ ଭଲ ଲାଗେ ? କାହିଁକି ଲାଗୁଛି ଯେ ତାଙ୍କୁ କୋଳରେ ନ ପାଇଲେ ଜୀବନ ବ୍ୟର୍ଥ ହୋଇଯିବ । ବନୀତା, ମୁଁ ତୁମକୁ ଭଲପାଏ ବନୀତା, ତୁମକୁ ଛାଡ଼ି ମୁଁ ବଞ୍ଚି ପାରିବିନି । ମୋ ପାଖକୁ ଆସ । ଅଭିମାନିନୀ ନିଜ ଲୋକ ଉପରେ ରାଗି କେତେ ବଡ଼ କଥା କହି ପକାଇଲ । ଟିକିଏ ମନେପଡ଼ିଲାନି ଯେ ସୁଶାନ୍ତ ତୁମକୁ ଭଲପାଏ, ଜଣକ ରାଜ୍ୟରେ ତୁମେ ସାମ୍ରାଜ୍ଞୀ । ଏତେ ଶିକ୍ଷିତା ହୋଇ, ଏତେ ବୁଦ୍ଧିମତୀ ହୋଇ ଲୋକ ମଧ୍ୟ ଚିହ୍ନିପାରିଲନି, ତୁମ ହୃଦୟ କହୁଛି କହିଲନି···

ଘାଏଁ ଶବ୍ଦ କରି ମଟର ବ୍ରେକ୍ ପଡ଼ିବାରୁ ସୁଶାନ୍ତର କଳ୍ପନା ଭାଙ୍ଗିଗଲା । ରାସ୍ତାରେ ତାକୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହୁଁଥିଲେ । ଠିକ୍ ରାସ୍ତା ମଝିରେ ସେ ଯାନବାହନକୁ ଭ୍ରୂକ୍ଷେପ ନ କରି ଚାଲୁ-ଥିଲା । ମଟର, ରିକ୍‌ସା, ସାଇକେଲ ସବୁର ଗନ୍ତବ୍ୟପଥ ସେ ରାସ୍ତା ମଝିରେ ଚାଲୁଥିବା ଯୋଗୁ ଇତସ୍ତତଃ ହୋଇଯାଉଥିଲା । ମଟର ଶବ୍ଦ ଲୋକଗହଳି, ସାଇକେଲ ଟିଣିଟିଣି ତାକୁ କିଛି ଶୁଣା ଯାଉ ନଥିଲା । ରାସ୍ତା ମଝିରେ ମଝିରେ ସମସ୍ତ ଟ୍ରାଫିକ୍‌କୁ ଗଣ୍ଡଗୋଳରେ ପକାଇ ସେ ବହୁଦୂର ଆସି ଯାଇଥିଲା । ହଠାତ୍ ମଟର ବ୍ରେକ୍ ଶବ୍ଦ ଶୁଣି ତା ତନ୍ଦ୍ରା ଭାଙ୍ଗିଲା । ମଟର ଡ୍ରାଇଭର ଗାଳି ଦଉଥାଏ । ସୁଶାନ୍ତ ନିଜର ଅନ୍ୟମନସ୍କତାରେ ଅପ୍ରସ୍ତୁତ ହୋଇ ଓ ଲୋକମାନେ ତାକୁ ଚାହୁଁଥିବା ଦେଖି ସାଇକେଲରିକ୍‌ସାଟିଏ କରି ରିକ୍‌ସାବାଲାକୁ ବଙ୍ଗାଳୀପଡ଼ା ଯିବାକୁ କହିଲା ।

ବଙ୍ଗାଳୀପଡ଼ାଠି ସେ ଟକ୍ସୀକୁ ବିଦା କରିଦେଇ ବନିତାଙ୍କ ଘରକୁ ଗଲା । ଗେଟ୍ ପାଖରେ ଦରଓ୍ୱାନ ଠିଆ ହୋଇଥିଲା ।

ବନିତା ଦେବୀ ଅଛନ୍ତି ?

ହଁ ବାବୁ, ବର୍ତ୍ତମାନ ତ ଆସିଲେ ।

ଘରେ ଆଉ କିଏ ଅଛନ୍ତି ?

ଆଉ କେହି ନାହାନ୍ତି, ବାବୁ ପ୍ରୟାଗ ଯାଇଛନ୍ତି ଆଜ ରାତିରେ ଫେରିବେ । ମାତାଜୀ ଦିଦିଙ୍କ ସହ ମନ୍ଦିର ଯାଇଥିଲେ, ମନ୍ଦିରରେ ରହିଯାଇଛନ୍ତି ।

'ହଉ' କହି ସୁଶାନ୍ତ ଲନ୍ ଭିତରକୁ ପଶି ଯାଉଥିବାବେଳେ ଦରଓ୍ୱାନ ବାଟ ଅଟକାଇ କହିଲା—

ବାବୁ, ଆପଣଙ୍କ ନାଁ କୁହନ୍ତୁ, ମୁଁ ଦିଦିଙ୍କୁ ପଚାରି ଆସେ ।

ପଚାରିବା ପ୍ରୟୋଜନ ନାହିଁ, ସେ ମୋତେ ଅପେକ୍ଷା କରିଛନ୍ତି ।

ସୁଶାନ୍ତର ଓଜସ୍ୱୀ ଓ ଗମ୍ଭୀର ମୁଖକୁ ଚାହିଁ ଦରଓ୍ୱାନ ଶଙ୍କିଯାଇ ରାସ୍ତା ଛାଡ଼ିଦେଲା । ସୁଶାନ୍ତ ବଡ଼ ବଡ଼ ପାଦ ପକାଇ ଲନ୍‌କୁ ଅତିକ୍ରମ କରି ଡ୍ରଇଁରୁମ୍‌ରେ ପ୍ରବେଶ କଲା । ଡ୍ରଇଁ ରୁମ୍‌ରେ କେହି ନ ଥିଲେ । ଉପରେ ବନିତାଙ୍କ ଷ୍ଟଡ଼ିରୁମ୍ ଓ ବେଡରୁମ୍ ଉଭୟ ଖୋଲାଥିଲା । ଷ୍ଟଡ଼ିରୁମ୍‌ରେ ବନିତାଙ୍କୁ ନ ଦେଖି ସୁଶାନ୍ତ ବେଡ୍‌ରୁମ୍‌କୁ ଗଲା । ଶେଯରେ ବନିତା ବସି କାନ୍ଦୁଥିଲେ । ସୁଶାନ୍ତ ପର୍ଦ୍ଦାକୁ ଆଡ଼େଇବା ମାତ୍ରକେ ବନିତା ଶେଯରୁ ଉଠି ଠିଆ ହୋଇଗଲେ । ସୁଶାନ୍ତ ପର୍ଦ୍ଦାକୁ ଗୋଟେ ହାତରେ ଧରି ଦୁଆର ବନ୍ଧଠି ଠିଆହୋଇ ବନିତାଙ୍କୁ ଚାହିଁ ରହିଲା । ଦୁହେଁ ଦୁହିଁଙ୍କୁ ଚାହୁଁଥିଲେ । ବାଷ୍ପରୁଦ୍ଧ କଣ୍ଠରେ ସୁଶାନ୍ତ କହିଲା—

ଜ୍ୟୋତି, ଦିଲ୍ଲୀରୁ କେବେ ଫେରିଲ !

ଜ୍ୟୋତି ନିଜକୁ ସମ୍ଭାଳିନେଇ କହିଲେ—

ନମସ୍କାର ସୁଶାନ୍ତ ବାବୁ, ଆଜି କିପରି ବାଟ ଭୁଲିଗଲେ ।

ତୁମ ଘରକୁ ଆସିବା କିଣ ବାଟ ଭୁଲିଯିବା ଜ୍ୟୋତି !

ବସନ୍ତୁ, ଠିଆ ହୋଇ ରହିଲେ ।

ଜ୍ୟୋତି ସୁଶାନ୍ତକୁ ରୁମ୍‌ରେ ବସାଇଦେଇ ଆସୁଛି କହି ବାହାରକୁ ଆସିଲେ । ଆଖିର ଅଶ୍ରୁ ସୁଶାନ୍ତ ଦେଖି ପାରୁ ନ ଥାଏ । ଜ୍ୟୋତି ପଣତକାନିରେ ଲୁହ ପୋଛୁ ପୋଛୁ ତଳକୁ ଗଲେ ।

ସୁଶାନ୍ତ ତଳକୁ ମୁହଁ ପୋତି ବହୁକ୍ଷଣ ବସିବା ପରେ ଜ୍ୟୋତିଙ୍କର କଥାରେ ତାର ଧ୍ୟାନ ଭଙ୍ଗ ହେଲା—

କିଣ ଭାବୁଛନ୍ତି ମୋତେ କହିବେନି ସୁଶାନ୍ତ ବାବୁ—

ହାତରେ ତାଙ୍କର ଚା' ଓ ଜଳଖିଆର ଟ୍ରେ ଥିଲା ।

ମୋ ମୁହଁକୁ କିଣ କେବେ ନ ଦେଖିଲା ପରି ଚାହିଁଛନ୍ତି, ଏତକ ଖାଇଦିଅନ୍ତୁ ।

ଖାଇବି ଜ୍ୟୋତି, ନଖାଇକି ଦିନେ ଚାଲିଯାଇଥିଲି ବୋଲି ତ ଏତେ କଷ୍ଟ ପାଇଲି । ସୁଶାନ୍ତ ଖାଇବାକୁ ଲାଗିଲା । ଜ୍ୟୋତି ଅନ୍ୟ ଗୋଟିଏ ଚେୟାରରେ ବସିଥାନ୍ତି ।

କିଣ ଭାବୁଥିଲେ କହିଲେନି !

ଆଜି ନୁହେଁ, ଆଉଦିନେ କହିବି ।

ସୁଶାନ୍ତ ଖାଇ ସାରିବା ପରେ ହାତ ଧୋଇ ଆସି ଜ୍ୟୋତିଙ୍କ ପାଖରେ ବସିଲା ।

କୁହ, ଦିଲ୍ଲୀରେ କିପରି ଲାଇଫ୍ କଟିଲା । ମୁଁ ଜାଣେ ଖୁବ୍ ଭଲରେ କଟିଥିବ । ସୁଶାନ୍ତ ନିଜର ହାତପାପୁଲିକୁ ଚାହିଁ କହୁଥାଏ— ଦିଲ୍ଲୀ ପରି ଜାଗା, ମୀନକେତନ, ଧୂମକେତୁ— । ସୁଶାନ୍ତ

ରହିଗଲା । ଧୂମକେତୁ ପରି ବନ୍ଧୁ ମାନଙ୍କ ସଙ୍ଗ । ତୁମେ ଜଣେ ଅତି ଭାଗ୍ୟବତୀ ସ୍ତ୍ରୀ ମିସ୍ ସ୍ମିତା, ତୁମେ ଯାହା ଚାହିଁଛ ସବୁ ପାଇଛ । ବନ୍ଧୁ, ଯଶ, ଐଶ୍ୱର୍ଯ୍ୟ, ସୁଖ, ବିଦ୍ୟା ସବୁ ! ତୁମର କୌଣସି କଥା ଖୁଣି ଦବାକୁ ନାହିଁ । ଭଗବାନ ତୁମକୁ ବୁଦ୍ଧି, ଜ୍ଞାନ, ହୃଦୟ ସବୁ ଦେଇଛନ୍ତି—

ସୁଶାନ୍ତ ମୁହଁ ଉଠାଇ ସ୍ମିତାଙ୍କୁ ଚାହିଁଦେଲା । ସ୍ମିତା ତା ଆଡ଼କୁ ଚାହିଁ ଥିଲେ । ଆଖିରୁ ଧାର ଧାର ଲୁହ ବହି ଚାଲିଥିଲା ।

ସ୍ମିତା ! ମୋତେ କ୍ଷମାକର ସ୍ମିତା, ମୁଁ ନିଷ୍ଠୁର, ମୁଁ ପାପୀ !!

କ୍ଷଣକଭିତରେ ଦୁହେଁ ଦୁହିଁଙ୍କ ବାହୁ ପାଶରେ ଆବଦ୍ଧ ହୋଇଗଲେ । ମୁଁ ତୁମକୁ ଦୁଃଖ ଦେଲି, ନୁହେଁ ? ସୁଶାନ୍ତ ସ୍ମିତାଙ୍କୁ ଭିଡ଼ିଧରି କହିଲା । ସୁଶାନ୍ତ ଛାତିରେ ମୁହଁକୁ ଗୁଞ୍ଜି ସ୍ମିତା କାନ୍ଦୁଥାନ୍ତି ।

ମୋତେ ନ ପଚାରି ଦିଲ୍ଲୀ ଯିବାକୁ ତୁମକୁ କିଏ କହିଲା ? ପାଗଳୀ ! ଦୁଷ୍ଟ !! ଅଭିମାନିନୀ !!! ମୋତେ ଡାକିଥିଲେ ମୁଁ କଣ ଯାଇ ନ ଥାନ୍ତି । ଭାବିଥିଲି ଭାରି ଭଲ ଛାତ୍ରୀ ବୋଲି···ରାଗରେ ଅଭିମାନରେ ନିଜର ମାନସମ୍ମାନକୁ ମଧ୍ୟ ପୋଡ଼ିଦେଲ, ପରୀକ୍ଷାରେ ହେଲେ ଭଲ କରିଥାନ୍ତି ! ଏତେ ରାଗ !! ଦୁଷ୍ଟ, ରୁହ ତୁମକୁ ମୁଁ ଉଚିତ ଦଣ୍ଡ ଦେଉଛି । ଭଲ ତ ପାଉଥିଲ, କହୁ ନ ଥିଲ କାହିଁକି ? ଭଲ ପାଉଛି ବୋଲି କହିଦେଇଥିଲେ କଣ ସମ୍ମାନହାନି ହୋଇଯାଇଥାନ୍ତା । ଏବେ କିଏ ଜିତିଲା । ମୁଁ ତୁମକୁ ଭଲ ପାଏ ବୋଲି କଣ ଜାଣି ନ ଥିଲ ।

ସ୍ମିତା କଇଁ କଇଁ ହୋଇ କାନ୍ଦୁଥାନ୍ତି । ହଉ ହଉ କାନ୍ଦନି, ମମି ଆସିବା ବେଳ ହେଲାଣି । କାନ୍ଦନି, ଦେଖ, ଲୁହପୋଛି ଦିଏ ।

ସୁଶାନ୍ତ ବର୍ମାତାଙ୍କ ପାଖକୁ ଯିବ ବୋଲି ପ୍ରସ୍ତୁତ ହେଉଛି, ମୀନକେତନ ରୁମ୍ ଭିତରକୁ ପଶିଆସିଲା । ଦିଲ୍ଲୀରୁ ଫେରିବା ପରେ ଧୂମକେତୁ କ ମୀନକେତନ କେହି ହେଲେ ତା ରୁମକୁ ଆସି ନଥିଲେ । ଆଜ ପ୍ରଥମକରି ବହୁଚଦନ ପରେ ମୀନକେତନ ତା' ରୁମ୍‌କୁ ଆସିଥିଲା । ବସ୍ , ମୀନ ବସ୍ ।

ସୁଶାନ୍ତର ସ୍ୱରରେ ଆନନ୍ଦର ଅପରିସୀମତା ମୀନକେତନ ଚାଇଲା ।

ଦଶହରାକୁ ଘରକୁ ଯିବୁ ?

ନା, ମୁଁ ଏଇଠି ରହିବି । ତୁ ? ମୀନ ପଚାରିଲା ।

ମୁଁ ରେଲୱେ କନସେସନ କରି ସାରିଲେଣି । ଖରା ଛୁଟିରେ ଯାଇ ନ ଥିଲି, ବୋଉ ବ୍ୟସ୍ତ ହେଉଛି । ଯିବାକୁ ହେବ ।

କଣ ଯେ ଘରେ ରଖାହୋଇଛି, ତୁ ଯାଉଛୁ, ମୁଁ ବୁଝି ପାରୁନ । ମୋର ଯଦି ସୁବିଧା ଥାନ୍ତା ତା'ହେଲେ ମୁଁ ଆଦୌ ଘରକୁ ଯାନ୍ତିନ । ଭାଇ ଭଉଣୀଙ୍କ ଗୋଳମାଳ, ଖାଇବାରେ ବେନିୟମ, କଟକର ଜଳବାୟୁ, ସେଇ ପୁରୁଣା ପିକ୍‌ଚର···ଓଡ଼ିଶାକୁ ଯିବାକୁ ମୋର ଇଚ୍ଛା ହୁଏନ ।

ସୁଶାନ୍ତ ଡଷ୍ଟୋଏଭସ୍କିଙ୍କ ବଦର୍ସ କାରାମଜୋଭ ବହିଧରି ବାହାରିବାରୁ ମୀନ ପଚାରିଲା—

ବାକ୍ସଟା ଧରି କୁଆଡ଼େ ଯାଉଛୁ ?

ବିମାତା ଦେବୀ ପଠିବେ ।

ବିମାତା ଦେବୀଙ୍କ ନା ଶୁଣି ମୀନ ବିସ୍ମୟବିସ୍ଫାରିତ ନେତ୍ରରେ ସୁଶାନ୍ତକୁ ଚାହିଁ ପଚାରିଲା—ସତରେ କଣ ବିମାତା ଦେବୀ ଦିଲ୍ଲୀରୁ ଫେରି ଆସିଲେଣି ।

ହଁ, ପନ୍ଦର କୋଡ଼ିଏ ଦିନ ହେଲା ଆସିଲେଣି ।

ମତେ ଧୂମ କହୁଥିଲା, ଫେରି ଆସିଲେଣି ବୋଲି, ମୁଁ କିନ୍ତୁ ବିଶ୍ୱାସ କରି ପାରୁ ନ ଥିଲି ।

କାହିଁକି ?

ଦିଲ୍ଲୀରେ ଜଣକର ରକ୍ଷିତା ପରି ଚାରି ପାଞ୍ଚ ମାସ ରହିବାପରେ, ସ୍ତ୍ରୀର ଯାହା ସର୍ବସ୍ୱ ତାକୁ ନଷ୍ଟକରି ବିମାତା ଦେବୀ ଯେ ଫେରି ଆସିବେ ତା ମୁଁ କଳ୍ପନା କରି ପାରୁ ନ ଥିଲି । ପୁଣି ବନାରସରେ ତାଙ୍କ ନାଁ, ତାଙ୍କ ଅପକୃତ ଏତେ ବିଖ୍ୟାତ ହୋଇସାରିବା ପରେ ସେ ବାଟରେ କିପରି ଚାଲି ପାରୁଛନ୍ତି ମୁଁ ଭାବିପାରୁନି ।

ବୁଝିଲୁ ମୀନ, କେତେଜଣ ମଣିଷ ଚେଷ୍ଟାକରି କହି ବୋଲି ଜଣକୁ ହୀନ, ନଷ୍ଟ କରିଦେଇ ପାରିବେନି । ନିଜର କର୍ମଫଳ ସମସ୍ତଙ୍କୁ ଭୋଗ କରିବାକୁ ପଡ଼ିବ । ବିମାତାଙ୍କ ଭ୍ରଷ୍ଟତା ପାଇଁ ସେ ଯେତେ ଦାୟୀ ନୁହନ୍ତି ତାଠୁ ବେଶି ଦାୟୀ ତୁମର ସମାଜ, ଶିକ୍ଷା ଓ ତଥାକଥିତ ପ୍ରଗତିଶୀଳ ମନୋବୃତ୍ତି । ବିଶେଷ-କରି ତାଙ୍କର ମନ୍ଦଭାଗ୍ୟ । ନଚେତ୍ ସୋହନ୍ ପରି ଯୁବକ ସହ ତାଙ୍କର ପରିଚୟ ସୃଷ୍ଟି ହୋଇ ନ ଥାନ୍ତା । ଅବଶ୍ୟ ତାଙ୍କର ଚରିତ୍ରଗତ ଦୁର୍ବଳତା ସୋହନକୁ କୃତକାର୍ଯ୍ୟ ହେବାରେ ସାହାଯ୍ୟ

କରି ପାରିଥାଏ । ବ୍ୟମିତା ନିର୍ଦ୍ଦୋଷ, ମୁଁ ବ୍ୟମିତାଙ୍କୁ ବାହାହବାକୁ ଯାଉଛି, ଜାଣୁ ?

କଣ !! ବ୍ୟମିତାଙ୍କୁ ତୁ ବାହା ହେବାକୁ ଯାଉଛୁ ?

ହଁ, ହଁ, ଏଥିରେ ତୁ ଏଡ଼େ ଆଶ୍ଚର୍ଯ୍ୟାନ୍ୱିତ ହେବାର କାରଣ କଣ ?

ତାଙ୍କର ଏସବୁ କାର୍ଯ୍ୟ ପରେ ?

ମୁଁ ତାଙ୍କୁ ଭଲପାଏ ମୀନ, ସବୁବେଳେ ତାଙ୍କୁ ଭଲ ପାଇ-ଆସିଛି ।

ମୀନକେତନ କିଛି ନ କହି ଉଠି ଚାଲିଗଲା ।

ମମି ନମସ୍କାର, ବନୀତା ଅଛନ୍ତି !

ହଁ, ଉପରେ ତୁମକୁ ଅପେକ୍ଷା କରୁଛି ।

ସୁଶାନ୍ତ, ଅଳକା ଦେବୀ ଓ ରମନାଥବାବୁଙ୍କ ସହିତ ଏଇ କେତେଦିନ ଭିତରେ ଘନିଷ୍ଠ ହୋଇ ସାରିଥିଲା । ଦୁହେଁ ସୁଶାନ୍ତର ବ୍ୟବହାର, ବିଚାର ଓ ଓଜପୂର୍ଣ୍ଣ ବ୍ୟକ୍ତିତ୍ୱ ଦ୍ୱାରା ବେଶ୍ ପ୍ରଭାବାନ୍ୱିତ ହୋଇଥିଲେ । ଅଳକା ଦେବୀ ତ ସୁଶାନ୍ତ ସହିତ ବନୀତାର ବିବାହକୁ ବେଳେବେଳେ କଳ୍ପନା କରି ପୁଲକିତ ହୋଇ ଉଠୁଥିଲେ । ସେ ଜାଣିଥିଲେ ସୁଶାନ୍ତ ଭଲ ପାଇଲେ ତାର ପରିଣାମ କେବେହେଲେ ଅଶୁଭ ବା ଅମଙ୍ଗଳ ହେବନି । ଈଶ୍ୱରଙ୍କୁ ସେ ପ୍ରାର୍ଥନା କରୁଥିଲେ ଦୁହେଁ ଦୁହିଁଙ୍କୁ ଭଲପାନ୍ତୁ ଓ ବିବାହ କରନ୍ତୁ ।

ସୁଶାନ୍ତ ଡଷ୍ଟୋଏଭସ୍କିଙ୍କ ବହି ଖଣ୍ଡେ ଧରିଥିବା ହାତକୁ ବନୀତା ଦେଖି ନ ପାରିବା ଭଳି ପଛକୁ କରି ଷ୍ଟଡିରୁମ୍‌ରେ ପ୍ରବେଶ କଲା ।

କୁହତ ବନୀତା, ମୁଁ ତୁମ ପାଇଁ କଣ ଆଣିଛି । ନ କହିଲେ ମିଳିବ ନାହିଁ ।

ବନୀତା ସୁଶାନ୍ତ ଆସିବାବେଳେ କଣ ଭାବୁଥିଲେ । ସୁଶାନ୍ତକୁ ଦେଖି ଚିନ୍ତା ଭୁଲିଯାଇ ତାଙ୍କର ମୁହଁ ପ୍ରଫୁଲ୍ଲ ହୋଇ ଉଠିଲା—

ଯେପରି ସୂର୍ଯ୍ୟମୁଖୀ ସୂର୍ଯ୍ୟ ଦର୍ଶନରେ, କୁମୁଦ ଚନ୍ଦ୍ର ଦର୍ଶନରେ, ଚାତକ ମେଘ ଦର୍ଶନରେ ।

ମୋତେ ଜ୍ୟୋତିଷ ବିଦ୍ୟା ଶିଖାଇ ଦିଅନ୍ତୁ, କହିଦେବି ।

ତା'ହେଲେ ଜ୍ୟୋତିଷ ବିଦ୍ୟା ଶିଖିଲେ କହି ପାରିବ ।

କହି ! କହି ଆଣିଛନ୍ତି ! ! ବିମାତା ସୋଫା ଉପରୁ ନିଜର ସବାଙ୍ଗତାରେ ଖୁସି ହୋଇ ଡେଇଁପଡ଼ିଲେ ।

ହଁ, ହଁ, ମୁଁ କହିଦେଲି ବୋଲି ଜାଣିଦେଲି ।

ସୁଶାନ୍ତ ଟେବୁଲ ଉପରେ କହିଟା ରଖିଦେଇ ବିମାତାଙ୍କୁ କହିଲି—ବିମାତା, ମୋର ଆଜି ତୁମକୁ କିଛି କହିବାର ଅଛି ।

କୁହନ୍ତୁ ।

ନା, ମୁଁ କହିବା ପୂର୍ବରୁ ତମକୁ କଥା ଦେବାକୁ ହେବ ଯେ ତୁମେ ମୁଁ ଯାହା ମାଗିବି ତା ଦେବ ।

ରୁହ, ରୁହ, ମୁଁ ଭାବେ ।

ସୁଶାନ୍ତ ଗମ୍ଭୀର ହୋଇ ଯାଇଥିଲି । ବିମାତା କିଛି ସମୟ ଭାବିବା ପରେ କହିଲେ—ମାଗନ୍ତୁ, କିନ୍ତୁ ଏପରି ଜିନିଷ ମାଗନ୍ତୁନା ଯେଉଁଥିରେ ଆପଣଙ୍କର କିଛି କ୍ଷତି ହେବ ।

ମୋତେ ଡର ଲାଗୁଛି ବିମାତା, କାଳେ ତୁମେ ରକ୍ଷା କରିବନି ।

ମୋ ଉପରେ ଆପଣଙ୍କର ବିଶ୍ୱାସ ନାହିଁ ?

ସୁଶାନ୍ତ କିଛି ସମୟ ରହି ଆରମ୍ଭ କଲି—

ମୁଁ କାଲି କଟକ ଯାଉଚି । ବୋଉ ଭାରି ବ୍ୟସ୍ତ ହେଉଛି । ତୁମକୁ ସାଙ୍ଗରେ ନେଇକି ଯିବାକୁ ଇଚ୍ଛା ।

ମାନେ ?

ସେଇଠ ବିଭାଘର ହେବ । ସୁଶାନ୍ତ କଥାରେ ବନୀତା ଆଶ୍ଚର୍ଯ୍ୟ ହେଲେନି, କିନ୍ତୁ ବହୁତ ସମୟ ଯାଏଁ ଚୁପ ରହିଲେ ।

ନା, କଦାପି ନୁହେଁ । ଆପଣ ଏପରି କଥା ମୁହଁକୁ ଆଣନ୍ତୁ ନା । ବନୀତା କାନ୍ଦ କାନ୍ଦ ହୋଇ ଆସୁଥିଲେ ।

ବନୀତା ! ମୁଁ ତୁମକୁ ଭଲ ପାଉଛି ବନୀତା, ମୋ ଜୀବନଠୁ ବେଶି ତୁମକୁ ଭଲ ପାଉଛି, ତୁମକୁ ଛାଡ଼ିଦେଲେ ମୋ ଜୀବନ ବ୍ୟର୍ଥ ହୋଇଯିବ । ମୁଁ ସଂସାରରେ କିଛି କରି ପାରିବିନି । ବନୀତା ତୁମେ କାହିଁକି ଜିଦ ଧରୁଛ, ତୁମେ ମୋତେ ଭଲ ପାଉଛ, ମୋ ବିନା ତୁମେ ମଧ୍ୟ ସୁଖୀ ହୋଇ ପାରିବନି, ମୁଁ ଜାଣେ, ମୁଁ ଜାଣେ, ତୁମେ ମଧ୍ୟ ଜାଣ । ବୃଥା ଅଭିମାନ ଜିଦ୍‌କୁ ଆଜି ଆମ ଭଲପାଇବା ଭିତରକୁ ଟିକି ଆଣନି ମୋ ରାଣୀ, ଦୁହିଙ୍କ ଜୀବନ ନଷ୍ଟ ହୋଇଯିବ, ବିନା କାରଣରେ ଦୁହେଁ ଦୁଃଖ ପାଇବା, ଏବେ ତ ଏତେ ଦୁଃଖ ପାଇଲେ, ମୋତେ କଣ ଆହୁରି ଦୁଃଖ ଦେବାକୁ ଇଚ୍ଛା ! ନା, ତୁମେ ନାହିଁ କଲେ ମଧ୍ୟ ମୁଁ ଜବରଦସ୍ତି ତୁମକୁ ବିଭା ହେବି । ତୁମ କଥା ମୁଁ ଜାଣେ । ନିଜ ମନକଥା ନିଜେ ଜାଣିପାରୁନ । ମୁଁ ତୁମକୁ କାଲି କଟକ ନେଇଗଲେ ରକ୍ଷା । କାଲି ଜୁନ୍ ବେଲପାଇଁ ରେଡି ହୋଇଥିବ । ମମି ଓ ଡାଡିଙ୍କୁ ମୁଁ ଯାହା କହିଲି ତା କହିବ । ଦେଖିବ ସେମାନେ ନିଶ୍ଚେ ଖୁସିରେ ରାଜି ହେବେ । ଆମେ ଆଗରୁ କଟକ ଚାଲିଯିବା । ସେମାନେ ପରେ ଆସିବେ । ଆମ ଗାଁରେ ବିଭାଘର ହେବ । ମୋର ଆଉ ପଢ଼ାପଢ଼ି କରିବାକୁ ମନ ନାହିଁ । ମୁଁ ଗାଁରେ ରହି କିଛି ଲୋକ ସେବା କରିବି । ଯାଉଛି, କାଲି ଚଞ୍ଚଳ ଆସିବ···କାନ୍ଦୁଛ, କାହିଁକି ?

ସୁଶାନ୍ତ ଉଠିବାକ୍ଷଣି ବନୀତା ସୁଶାନ୍ତକୁ ଜୋରରେ ଭିଡ଼ି ଧରିଲେ । ପାଗଳୀଙ୍କ ଭଳି କଣ ହେଉଛ, କିଏ ଦେଖିଲେ କଣ

କହିବ ? ଦେଖେ ମୁହଁ ଦେଖେ, ସୁଶାନ୍ତ ବନୀତାଙ୍କ ମୁହଁକୁ ଉଠାଇ ଲୁହ ପୋଛିଦେଲା । ସେ ଲୁହ ପୋଛୁଥାଏ, ବନୀତାଙ୍କ ଆଖିରୁ ଲୁହ ପୁଣି ବୋହି ଆସୁଥାଏ ।

ମୁଁ ଆସିବି, କାଲି ଅପେକ୍ଷା କରିଥିବଟି ?

ବନୀତା ସ୍ୱୀକୃତିସୂଚକ ମୁଣ୍ଡ ଲଡ଼ିଲେ ।

ଆଉ କାନ୍ଦିବନି, ମୁହଁ ଧୋଇଦିଅ, ମୁଁ ଯାଉଛି ।

ସୁଶାନ୍ତ ଚାଲିଗଲା । ତା ଯିବା ପଥକୁ ବନୀତା ନିର୍ନିମେଷ ଦୃଷ୍ଟିରେ ଚାହିଁ ରହିଥାନ୍ତି । ପରଦିନ ସୁଶାନ୍ତ ବେଡ଼ିଂପତ୍ର ବନ୍ଧାବନ୍ଧି କରିବାବେଳେ ପାଖପଡ଼ୋଶୀ ବନ୍ଧୁମାନେ ରୁମକୁ ଆସି ତାକୁ ତା କାମରେ ସାହାଯ୍ୟ କରିବାକୁ ଲାଗିଲେ । ଛୁଟି ଆରମ୍ଭ ହେବାକୁ ଆଉରି ଦୁଇ ତିନି ଦିନ ଡେରିଥିଲା ।

ପାଖରେ ପାଣ୍ଡେ ଥାଇ ଟ୍ରଙ୍କରେ ବହିପତ୍ର ପୂରାଉଥାଏ ।

ପାଣ୍ଡେ ପଚାରିଲା—ବାବୁଜୀ, ସବୁ ବହି କଣ ଟ୍ରଙ୍କରେ ପୂରାଇବ !

ସବୁ, କିଛି ଛାଡ଼ିକି ମୁଁ ଯିବନି ।

ପଡ଼ୋଶୀ ବନ୍ଧୁ ଦିଗ୍‌ବିଜୟ ସୁଶାନ୍ତ କଥାରେ ଆଶ୍ଚର୍ଯ୍ୟ ହୋଇ କହିଲା—ସବୁ ? ତୁମେ ତ ଦଶହରାଛୁଟି ପରେ ଆସିବ, ଛୁଟାଟାରେ ସବୁ ବହି କାହିଁକି ବୋହିବ ।

ନା, ସବୁ ନବାକୁ ହବ, କେତେଗୁଡ଼ିଏ ବହି ଘରେ ରଖିଦେଇ ଆସିବି ।

ସାଢ଼େ ତିନିଟାରେ ସୁଶାନ୍ତ ଷ୍ଟେସନକୁ ବାହାରିଲା । ବନ୍ଧୁମାନଙ୍କ ପ୍ରୀତିନମସ୍କାର, ପାଣ୍ଡେର ସଜଳନେତ୍ର ତାକୁ ଉଦାସ କରି ପକାଇଲା । କେଜାଣି କେବେ ଦେଖାହେବ କହି ସେ ସମସ୍ତଙ୍କୁ

ନମସ୍କାର କରି ରିକସାରେ ବସିଲା । ଅନ୍ୟମାନେ ଭାବୁଥିଲେ ସେ କୋଡ଼ିଏ ଦିନ ପାଇଁ ବନାରସରୁ ଯାଉଛି । ସେ ଜାଣୁଥିଲା ସେ ସବୁଦିନ ପାଇଁ ବନାରସରୁ ଯାଉଛି । ବିଶାଳ ଲଜ୍‌ପତ୍ ହଷ୍ଟେଲକୁ ଥରେ ସେ ଏପଟ ସେପଟୁ ଚାହିଁଦେଲା । ଭବ୍ୟ ! ସୁନ୍ଦର !! ଭାରତୀୟ ଶିଳ୍ପ ସ୍ଥାପତ୍ୟ ଗୌରବର ମୂର୍ତ୍ତି ପ୍ରକାଶ ।

କେତେଦିନ ଏଇଠି କଟିଯାଇଛି, କେତେ ଆଶା, ଆକାଂକ୍ଷା ଏଇଠି ଥିବାବେଳେ ହୃଦୟକୁ ଆସିଛି । ସୁଶାନ୍ତ ହଷ୍ଟେଲ ଓ ବିଶ୍ୱବିଦ୍ୟାଳୟକୁ ମନେ ମନେ ନମସ୍କାର କଲା । ହଠାତ୍ ତା' ଆଖି ଓ୍ୟାଡ଼େନଙ୍କ କୋଠରି ଆଡ଼କୁ ଚାଲିଗଲା । ଶୁଭ୍ରସୁନ୍ଦର ଶାଢ଼ୀ ପିନ୍ଧି ଜ୍ୟୋସ୍ନା ପାରାପେଟକୁ ଆଉଜି ତା' ଆଡ଼କୁ ଚାହୁଁଥିଲେ ।

ଜ୍ୟୋସ୍ନା ! ସୁଶାନ୍ତ ଭଲ କରି ଚାହିଁଲା, କେହି ନ ଥିଲେ, ଆଖିର ଭ୍ରମ ଥିଲା ।

ପ୍ରଥମେ ବଙ୍ଗାଳୀପଡ଼ା ଚାଲ । ରିକ୍‌ସା କିଛି ବାଟ ଆଗି ସାରିଥିଲା, ବନ୍ଧୁମାନେ ପଛରେ ରହିଯାଇଥିଲେ । ତାର ଜୀବନ ସାର୍ଥକ ହେବାକୁ ଯାଉଥିଲା, ଯାହାକୁ ସେ ଭଲ ପାଉଥିଲା ତାକୁ ପାଇଛି । ଓଡ଼ିଶାରେ କଟକ ଜିଲ୍ଲାର କୌଣସି ନିଭୃତ ପଲ୍ଲୀରେ ସେ ବନିତାଙ୍କୁ ନେଇ ରହିବ । ସୁନ୍ଦର ଘରଟିଏ କରିବ, ବାପାଙ୍କଠୁ ଟଙ୍କା ନେଇ କିଛି ଜମି କିଣିବ, ଗାଁବାଲାଙ୍କ ସହିତ ଭଲ ସମ୍ବନ୍ଧ ରଖିବ; ବନିତା, ସାହିତ୍ୟ ଓ ଦର୍ଶନ ବହି, ଖାଇବାକୁ ଗଣ୍ଡେ... କେବଳ୍ ଆଉ କିଛି ତାର ଦରକାର ନାହିଁ । କ୍ଷମତା, ଯଶ, ବିପୁଳ ଐଶ୍ୱର୍ଯ୍ୟ ଅନ୍ୟମାନେ ଭୋଗ କରନ୍ତୁ ।

ବାବୁ, ବଙ୍ଗାଳୀପଡ଼ା ହୋଇଗଲା ।

ସେ ବଡ଼ ଫାଟକ ପାଖକୁ ନେ ।

ସୁଶାନ୍ତ ରିକ୍ସାରୁ ଓହ୍ଲାଇଁ ଫାଟକ ପାଖରେ ପହଞ୍ଚିଲା । ଦରଓ୍ୟାନ ସୁଶାନ୍ତଙ୍କୁ ଦେଖି ସଲାମ କଲା ।

ବିମାତା ଦେବୀ ଅଛନ୍ତି ।

ନା, ବାବୁଜୀ ।

ନା ?

ଆଜି ସକାଳୁ ବାବୁ, ମା, ବିମାତା ଦିଦି କାଠମାଣ୍ଡୁ ଚାଲିଗଲେ ।

କାଠମାଣ୍ଡୁ !

ଆପଣଙ୍କ ପାଇଁ ଦିଦି ଏ ଚିଠି ଦେଇଛନ୍ତି । ସୁଶାନ୍ତ ଚିଠି ନେଇ ଖୋଲିଲା । ଦୃଷ୍ଟି ତାର ଧୂମିଳ ହୋଇ ଯାଉଥାଏ ।

ସୁଶାନ୍ତବାବୁ,

ନମସ୍କାର । ଆପଣ ଯିବା ପରେ ମୁଁ ବହୁତ ଭାବିଲି । ଡାଡ଼ି, ମମି ବିବାହ ସପକ୍ଷରେ ଥିଲେ । କିନ୍ତୁ ମୁଁ ସ୍ୱାର୍ଥପର ନୁହେଁ, ଯିଏ ଯାହାକୁ ଭଲପାଏ ତା ପାଖରେ ସେ ସ୍ୱାର୍ଥପର ହୋଇପାରେନା । ମୁଁ ଆପଣଙ୍କୁ ଯାହା ଉତ୍ସର୍ଗ କରିବା କଥା ତା' ମୋଠି ନାହିଁ । ମୁଁ ଅଯୋଗ୍ୟା, ମୁଁ ସବୁଦିଗରୁ ଆପଣଙ୍କ ଅନୁପଯୁକ୍ତା । ମୁଁ ଜାଣୁଛି ମୁଁ ଯେଉଁ ବାଟରେ ଯିବାକୁ ଠିକ୍ କରିଛି ତାହା ଅଶ୍ରୁ ଓ କଣ୍ଟାରେ ପୂର୍ଣ୍ଣ···କିନ୍ତୁ ବିନା ତପସ୍ୟାରେ ଆପଣଙ୍କୁ ମୁଁ ପାଇବାକୁ ଚାହେଁନି । ବିଶ୍ୱାସ କରନ୍ତୁ ସୁଶାନ୍ତ ବାବୁ ମୁଁ ଆପଣଙ୍କୁ ଭଲପାଏ । ପୁଣି ଦେଖା ହେବ···କିନ୍ତୁ ଏ ଜନ୍ମରେ ନୁହେଁ, ଆର ଜନ୍ମରେ । ନେପାଳର କୌଣସି ନିଭୃତ ଜାଗାରେ ଆପଣଙ୍କୁ, ମୋର ପ୍ରିୟଙ୍କୁ ମୁଁ ପାଇବା ପାଇଁ ତପସ୍ୟା କରିବି । ଆପଣଙ୍କୁ ଧ୍ୟାନ କରି କରି ଜୀବନ ଛାଡ଼ିଦେଲେ କଣ ଆରଜନ୍ମରେ ଆପଣଙ୍କୁ ପାଇବିନି ?

ଆପଣଙ୍କୁ ବହୁତ ଦୁଃଖ ଦେଲି । ମୋ ଉପରେ ରାଗିବେନି । ମୋ ରାଣ ଖୁସିରେ ରହିବେ; ମୋତେ ଖୋଜିବାକୁ ଚେଷ୍ଟା କରିବେନି । ଇତି ।

ଆପଣଙ୍କର ସବୁଜନ୍ମର ଦାସୀ
ସ୍ମିତା

ବାବୁ, ଡେରି ହୋଇଯାଉଛି ।

ଡେରି ହୋଇଯାଉଛି ? ହଁ ତ···ସୁଶାନ୍ତ ଫିକ୍‌କିନା ହସି-ଦେଲା । ବହୁତ ଡେରି ହୋଇଗଲା···ଫେରିଚାଲିଲା ବିଶ୍ୱବିଦ୍ୟାଳୟକୁ । ଆକାଶ ଧୀରେ ଧୀରେ ମେଘାଚ୍ଛନ୍ନ ହୋଇ ଆସୁଥିଲା ।

---

ମୁଦ୍ରାକର—ଶ୍ରୀ ରଘୁନାଥ ପ୍ରସାଦ ମିଶ୍ର, ପ୍ରସାଦ ପ୍ରେସ, କଟକ-୨